R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୬୫
ତିଥି : ପଞ୍ଚମୀ
୦୯ ଡିସେମ୍ବର ୨୦୨୫, ମଙ୍ଗଳବାର
ସମ୍ବଲପୁର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ
SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 65
09 December 2025, Tuesday
Sambalpur
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## ସଂସଦରେ ବନ୍ଦେ ମାତରମ୍‌ର ୧୫୦ବର୍ଷ ପୂର୍ତ୍ତି ବିତର୍କ

# କଂଗ୍ରେସ, ନେହରୁଙ୍କୁ ମୋଦୀଙ୍କ ଟାର୍ଗେଟ୍

ନୂଆଦିଲ୍ଲୀ, ୮ ।୧୨ : ବନ୍ଦେ ମାତରମକୁ କଂଗ୍ରେସ ଖଣ୍ଡ ବିଖଣ୍ଡିତ କରିଥିଲା । ମୁସ୍‌ଲିମ୍ ଲିଗ୍ ଚାପରେ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହର ଲାଲ୍ ନେହରୁ ବନ୍ଦେ ମାତରମକୁ ଏଭଳି ଅବହେଳା ପ୍ରଦର୍ଶନ କରିଥିଲେ । ୧୯୩୭ରେ ନେହରୁ ଜିନାଙ୍କ କଥାକୁ ମାନିଥିଲେ ଓ ଏହା ମୁସ୍‌ଲିମ୍ ମାନଙ୍କୁ ଉତ୍ତେଜିତ କରିବ ବୋଲି ଗ୍ରହଣ କରିନେଇଥିଲେ । କେବଳ ଏତିକି ନୁହେଁ, କଂଗ୍ରେସର ଜରୁରୀକାଳିନ ପରିସ୍ଥିତି ଆଦି ପ୍ରସଙ୍ଗକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବର୍ଷିଥିଲେ । ତେବେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧି ଏହାର ଜବାବ ଦେଇ କହିଥିଲେ ଯେ ୧୨ ବର୍ଷ ଧରି ଆପଣ ପ୍ରଧାନମନ୍ତ୍ରୀ ଅଛନ୍ତି, ମାତ୍ର



ଏତିକି ବର୍ଷ ଦେଶର ସ୍ୱାଧୀନତା ପାଇଁ ପଣ୍ଡିତ ନେହରୁ ଜେଲ୍‌ରେ କଟାଇଥିଲେ । ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଲୋକଙ୍କ ଧ୍ୟାନକୁ ବିଭ୍ରାନ୍ତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଉଛି ବୋଲି ସେ କହିଥିଲେ ।

ଆଜି ସଂସଦରେ ବନ୍ଦେ ମାତରମର ୧୫୦ତମ ବର୍ଷ ପୂର୍ତ୍ତି ଅବସରରେ ଏକ ୧୦ ଘଣ୍ଟିଆ ବିତର୍କ ଆରମ୍ଭ ହୋଇଛି । ଏଥିରେ ଆଲୋଚନା ଆଲୋଚନା ଆରମ୍ଭ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ୧୯୪୭ରେ ଦେଶ ବିଭାଜିତ ହୋଇଥିଲା । କଂଗ୍ରେସ ବନ୍ଦେ ମାତରମକୁ ନେଇ ବୁଝାମଣା କରିଥିଲେ । କିଛି ତତ୍ୱ ଜାତୀୟ ଗୀତ ସହ ଗତ ଶତାବ୍ଦୀରେ ବିଶ୍ୱାସଘାତକତା କରିଥିଲେ । ଏହା କିଏ କରିଥିଲେ ସେ କଥା ଆମର ପରବର୍ତ୍ତି ପିଢ଼ୀକୁ ଅବଗତ

### ଜବାବ ରଖିଲେ ପ୍ରିୟଙ୍କା

କରାଇବା ଆମର ଦାୟିତ୍ୱ । ମହମ୍ମଦ ଅଲ୍ଲୀ ଜିନା ୧୯୩୭ରେ ବନ୍ଦେ ମାତରମ ବିରୋଧରେ ଗୋଟିଏ ଅଭିଯାନ ଆରମ୍ଭ କରିଥିଲେ । କଂଗ୍ରେସ ଓ ଜବାହର ଲାଲ ନେହରୁ ବିରୋଧ କରିବା ବଦଳରେ ବନ୍ଦେ ମାତରମକୁ (୯ ପୃଷ୍ଠାରେ)

## ବାରବାଟୀରୁ ବିଶ୍ୱକପ୍ ଅଭିଯାନ

# ଆଜି ଭାରତ-ଦ.ଆଫ୍ରିକା ପ୍ରଥମ ଟି-୨୦

ଭୁବନେଶ୍ୱର, ୮ ।୧୨ (ସବ୍ୟୁ) : ଅପେକ୍ଷା, ଉତ୍କଣ୍ଠା, ଆବେଗ, ଅନିଶ୍ଚିତତା ଏସବୁରେ ପୂର୍ଣ୍ଣଚ୍ଛେଦ ପଡିଛି । ପୁଣିଥରେ ବାରବାଟୀକୁ ଫେରିଛି ଅନ୍ତର୍ଜାତୀୟ କ୍ରିକେଟ୍ । ବିଗତ କିଛି ଦିନ ହେବ ଓଡ଼ିଶା କ୍ରିକେଟ୍ ଆସୋସିଏସନ, ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ଭାରତ-ଦ. ଆଫ୍ରିକା ମ୍ୟାଚ ଆୟୋଜନ ପାଇଁ ଲାଗି ପଡିଛନ୍ତି । ବାରବାଟୀ ଚୂଡାନ୍ତ ସ୍ୱର୍ଣ୍ଣ ପାଇଥିବା ବେଳେ ଆଉ କେହି ଘଣ୍ଟାର ଅପେକ୍ଷା ପରେ ଭାରତ-ଦ.ଆଫ୍ରିକା ମ୍ୟାଚ ଆରମ୍ଭ ହୋଇଯିବ । ଆକଳନ, ଅନୁମାନ, ଅନୁଶୀଳନ, ପରିସଂଖ୍ୟାନ ଦୃଷ୍ଟିରୁ ବାରବାଟରେ ଦ.ଆଫ୍ରିକା ଟି-୨୦ରେ ଭାରତକୁ ଦୁଇଥର ମାତ ଦେଇଛି । ଉଭୟ ଦଳ ତୃତୀୟ ଥର ପାଇଁ ବାରବାଟୀରେ ମୁହାଁମୁହିଁ ହେବାକୁଯାଉଛନ୍ତି । ସୂର୍ଯ୍ୟ କୁମାର ଯାଦବ ଭାରତୀୟ ଦଳର ମଙ୍ଗ ଧରି ଥିବା ବେଳେ ଦକ୍ଷିଣ ଆଫ୍ରିକାର ମାର୍ଗଦର୍ଶକ ସାଜିବେ ଆଦିନ ମାକ୍ରାମ । ତେଣୁ ମଙ୍ଗଳବାର ଲଢ଼େଇ ଅତ୍ୟନ୍ତ ରୋମାଞ୍ଚକର ହେବ ବୋଲି ଆଶା କରାଯାଉଛି । ଭାରତୀୟ ସମୟ ରାତି ୭.୧୫ରେ ମ୍ୟାଚ ଆରମ୍ଭ ହେବ । ଏହା ପୂର୍ବରୁ ଆତସବାଜି ସହ ଲଜେର ଲାଇଟ୍ ଶୋ'ର କାର୍ଯ୍ୟକ୍ରମ ରହିଛି ।

ବାରବାଟୀ ଟି- ୨୦ ପାଇଁ ସିଟ ସଂଖ୍ୟା କମିଛି । ସେହି ଅନୁପାତରେ ସାଧାରଣ ଦର୍ଶକଙ୍କୁ (୯ ପୃଷ୍ଠାରେ)

# ବଜେଟ୍ ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାନ୍ୱୟନ

ଭୁବନେଶ୍ୱର, ୮ ।୧୨ (ସବ୍ୟୁ) : ୧୮ ମାସରେ ଆମ ସରକାର ବଜେଟରେ ଥିବା ପ୍ରାବଧାନ ଅନୁଯାୟୀ ବିଭିନ୍ନ କାର୍ଯ୍ୟକ୍ରମକୁ କାର୍ଯ୍ୟାନ୍ୱୟନ କରିଛନ୍ତି । ଆମ ବଜେଟ୍ ମୁଖ୍ୟତଃ ଜୀବନ

### ବ୍ୟୟମଞ୍ଜୁରୀ ବିଲ୍ ପାରିତ

ଜୀବିକାରେ ଉନ୍ନତି, ଭିତ୍ତିଭୂମିରେ ବିକାଶ, ସାମାଜିକ ସୁରକ୍ଷା ଓ ସମାଜ ମଙ୍ଗଳ ଓ ଓଡ଼ିଶା ଅସ୍ମିତା ଉପରେ ପର୍ଯ୍ୟବେଶିତ । ସବୁ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ଆବଶ୍ୟକ ପଡୁଥିବାରୁ ଅତିରିକ୍ତ ବ୍ୟୟ ପାଇଁ ଏହି ବ୍ୟୟ ମଞ୍ଜୁର ବିଲ୍ ଉପସ୍ଥାପନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ



ଚରଣ ମାଝୀ କହିଛନ୍ତି ।

ଆଜି ବିଧାନସଭାରେ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ସମୟରେ ଗୃହକୁ ବିରୋଧୀ ଦଳ ନେତା ଆସୁନଥିବା ନେଇ ପ୍ରଶ୍ନ ଉଠାଇଥିଲେ । ଦୁଇ ମିନିଟ୍ ବସିବାକୁ ଧୈର୍ଯ୍ୟ ନାହିଁ କିନ୍ତୁ ନୂଆପଡାରେ ୬ ଘଣ୍ଟା ପ୍ରଚାରକୁ ଗଲେ । ଗୃହ ୯ ଦିନ ଚାଲିଲାଣି । ବିରୋଧୀ (୯ ପୃଷ୍ଠାରେ)

# ମାଲକାନଗିରି ଗୋଷ୍ଠୀ ସଂଘର୍ଷ ତେଜୁଛି

ମାଲକାନଗିରି, ୮ ।୧୨ (ସବ୍ୟୁ): କିଛି ଦିନ ପୂର୍ବେ ଜଣେ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ନଦୀରୁ ଉଦ୍ଧାର ହେବା ଓ ଦୀର୍ଘ ତିନି ଦିନ ବିତିଗଲା ପରେ ମଧ୍ୟ ମୁଣ୍ଡ ନ ମିଳିବା ଘଟଣାକୁ ନେଇ ଆଦିବାସୀ ଗ୍ରାମ ରାଖେଲଗୁଡା ଓ ଏମଭି -୨୬ ଦୁଇ ଗ୍ରାମ ମଧ୍ୟରେ ଗଣ୍ଡଗୋଳ ସୃଷ୍ଟି ହୋଇଥିଲା ।

ରବିବାର ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଆଦିବାସୀ ମାନେ ଅନ୍ୟ ସମ୍ପ୍ରଦାୟର ଲୋକ ରହୁଥିବା ଗ୍ରାମରେ ପଶି ଅନେକ

### ଇଣ୍ଟରନେଟ ବନ୍ଦ, ଘଟଣାସ୍ଥଳରେ ଡ଼ିଜିପି

ଘର ଭଙ୍ଗାରୁଜା କରିବା ସହ ଘରେ ଘରେ ନିଆଁ ଲଗାଇ ଥିବା ଦେଇଥିବା ଅଭିଯୋଗ ହୋଇଥିଲା । ଦୁଇ ଗାଁ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଥିଲା । ଘଟଣା ଘଟିଥିବା ଏମଭି -୨୬ ଗ୍ରାମରେ ଜିଲ୍ଲାପାଳ, ଏସପି ଓ ପୁଲିସ ଟିମ୍ ପହଁଞ୍ଚି ପରିସ୍ଥିତିକୁ ଅନୁଧ୍ୟାନ କରି ଫେରିଥିବା ବେଳେ ପୁନଶ୍ଚ ସୋମବାର ମଧ୍ୟ ସେହି ଗ୍ରାମରେ ଆଦିବାସୀ ମାନେ ପହଞ୍ଚି ନିଆଁ ଲଗାଇ ଛାରଖାର (୯ ପୃଷ୍ଠାରେ)

# ଇଣ୍ଡିଗୋ ମାମଲାରେ ହସ୍ତକ୍ଷେପ କଲେନି ସୁପ୍ରିମ୍‌କୋର୍ଟ

ନୂଆଦିଲ୍ଲୀ, ୮ ।୧୨ : ଇଣ୍ଡିଗୋ ବିମାନ ସେବା ସଙ୍କଟ ଏବେବି ବଳବତ୍ତର ରହିଛି । ଆଜି ମଧ୍ୟ ଶତାଧିକ ବିମାନ ଉଡାଣକୁ ବାତିଲ କରାଯାଇଥିବାରୁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ତେବେ ଏହି ପରିପ୍ରେକ୍ଷୀରେ (୯ ପୃଷ୍ଠାରେ)





(୧୮୮୮-୧୯୫୩)

# ଆଜି ଜନ୍ମଦିନ
# କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର

ପ୍ର- ଆଧୁନିକ ଓଡ଼ିଆ ସାହିତ୍ୟ ବିଷୟରେ ଆପଣଙ୍କର ମତ କ'ଣ ?

ଉ- କେଉଁ କେଉଁ ବିଷୟରେ ଆଗେଇଛୁଁ ଓ କେଉଁଥିରେ ପଛେଇଛୁଁ- ଆଧୁନିକ ଓଡ଼ିଆ ସାହିତ୍ୟ ଯେ ପ୍ରଗତିଶୀଳ ଏହା ମୋର ଦୃଢ଼ ମତ । କିନ୍ତୁ ଦୁଃଖ ଲାଗେ ଏତିକି ଯେ, ଗୋଟାଏ ନିଛକ ବାଟ ଖୋଲିଦେବା ଭଳି ଶକ୍ତିଶାଳୀ ସାହିତ୍ୟିକ ଏହା ଭିତରେ ବାହାରି ନାହାନ୍ତି । ଯେଉଁ ଦୁଇ ତିନି ଜଣଙ୍କଠାରେ ମୌଳିକତା ବା ପ୍ରତିଭାର ସୁରାକ ମିଳିଥିଲା-ପାଣିପାଗ ଦୋଷରୁ ବା ଅନ୍ୟ କୌଣସି କାରଣରୁ ତାଙ୍କର ଗଜାମରୁଡ଼ି ହୋଇଗଲା । ଓଡ଼ିଶାର ଆବହାଭୟା ବର୍ତ୍ତମାନ ସାହିତ୍ୟ ବିକାଶର ଅନୁକୂଳ ନୁହେଁ ବୋଲି ଦେଖାଯାଉଛି । ତିରିଶ ଚାଳିଶ ବର୍ଷ ପୂର୍ବରେ ପ୍ରକାଶିତ ସାହିତ୍ୟ ପତ୍ରପତ୍ରିକା ସହିତ ଆଜିକାଲିର ପତ୍ରପତ୍ରିକାର ତୁଳନା କଲେ ଏକଥା ବେଶ୍ ଜଣାପଡ଼େ । ଆବର୍ଜନାର ମାତ୍ରା ଏତେ ବଢ଼ାଯାଇଛି ଯେ ତାକୁ ପରିଷ୍କାର କରିବା ପାଇଁ ଜଣେ Hercules ଲୋଡ଼ା । କିନ୍ତୁ ଆବର୍ଜନାର ମଧ୍ୟ ପ୍ରୟୋଜନ ଅଛି ସାହିତ୍ୟ ଗନ୍ତାଘରେ । ଏହାରି ଭିତରୁ ବେଳେ ବେଳେ ଖଣ୍ଡେ ଦୁଇ ଖଣ୍ଡ ମୋତିମାଣିକ୍ୟ ବାହାରିପଡ଼େ । ଆଉରି, ନକଲି ମାଲ ଥିଲେ ତୁଳନା ଦ୍ୱାରା ଅସିଲ, ଖାଣ୍ଟି ମାଲ୍ ଚିହ୍ନାପଡ଼େ ଓ ତା'ର ମୂଲ୍ୟ ବଢ଼େ । ଆବର୍ଜନା ସାହିତ୍ୟ ରାଜ୍ୟରେ କିଞ୍ଚିତ୍ ବିଭ୍ରାଟ ସୃଷ୍ଟି କରିଦେଇପାରେ ସତ୍ୟ, ମାତ୍ର ଲୋକଙ୍କ ଚିତ୍ତ ଆକର୍ଷଣ କରିପାରେ ନାହିଁ । ଉପରର ଚକଚିକଣ କେତେ ଦିନ ? କୌଣସି ସାହିତ୍ୟରେ ଖରାପ ଜିନିଷ ବେଶିଦିନ ଟେକି ରହେ ନାହିଁ । ଫକିରମୋହନଙ୍କ କଥାରେ- ସାହିତ୍ୟରେ ଯେତକ ଭେଲ ବା ବେଙ୍ଗି ପିତଳ ଥିବ ତାକୁ କାଳାଗ୍ନି ପୋଡ଼ି ଭସ୍ମ କରିଦେବ - ଯାହା ରହିଯିବ, ସେ ଖାଣ୍ଟି, ସଇ ସୁନା । ବେଳେବେଳେ ଡର ମାଡ଼େ, ଆମ ସାହିତ୍ୟର ସବୁତକ ଏହିପରି କାଳାଗ୍ନି ଭସ୍ମ କରି ନ ଦେଉ !

ମୋ ମତରେ ଆମେ ଗଦ୍ୟ ଲେଖା (ଉପନ୍ୟାସ)ରେ ଆଗେଇଛୁଁ ଓ କବିତାରେ ପଛେଇଛୁଁ । ବଡ଼ କବିତା ବା କାବ୍ୟ ପ୍ରାୟ ନାହିଁ କହିଲେ ଚଳେ । ବୋଧହୁଏ ତାହା ଲୋକରୁଚିର ପ୍ରତିକୂଳ ହୋଇପଡ଼ିଛି । କ୍ଷୁଦ୍ର ବା ଖଣ୍ଡ କବିତା ଦିଗରେ ଅନେକ ନୂତନ ରୀତି ଓ ପଦ୍ଧତିର ପ୍ରସାର ହେଲାଣି, ମାତ୍ର ସେସବୁରେ ଶବ୍ଦାଡ଼ମ୍ବର ଛଡ଼ା ପ୍ରକୃତ କବିତ୍ୱର ଅଭାବ ଅଧିକ । କବିତାରେ ରସାଭାବ ଘଟୁଛି । ଅଧିକାଂଶ କବିତା ସାମୟିକ ସାହିତ୍ୟ ସୃଷ୍ଟି ପରି ଜଣାପଡୁଛି ।

(୧୯୫୨ ମସିହା ଅଗଷ୍ଟ ମାସରେ ପ୍ରାୟ ୭୩ ବର୍ଷ ତଳେ ବିଶିଷ୍ଟ ହାସ୍ୟରସିକ ଓ ଲେଖକ ସ୍ୱର୍ଗୀୟ ଫତୁରାନନ୍ଦ ଖଣ୍ଡିଏ କାଗଜରେ ଲେଖି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କୁ ଯେଉଁ କେତୋଟି ପ୍ରଶ୍ନ ପଚାରି ଥିଲେ, ମୃତ୍ୟୁର ଛଅ ମାସ ପୂର୍ବରୁ ଅସୁସ୍ଥ କାନ୍ତକବି ତରବରରେ ତାହାର ଉତ୍ତର ସଂକ୍ଷେପରେ ଦେଇଥିଲେ । ସେଥି ମଧ୍ୟରୁ ଗୋଟିଏ ପ୍ରଶ୍ନୋତ୍ତର ଏଠାରେ ଉଦ୍ଧୃତ : ସୌଜନ୍ୟ କାନ୍ତକବି ଲକ୍ଷ୍ମୀକାନ୍ତ ସ୍ମରଣିକା, ସମ୍ପାଦନା -ରବିନାରାୟଣ ସେନାପତି )



ବିଗ୍‌ବସ୍ ବିଜେତା ଗୌରବ ଖାନା



# ସମୟାନୁବର୍ତ୍ତିତା ହେଲା କାଳ

ସାଧାରଣତଃ ଚାକିରି କରିବାବେଳେ ଅଫିସ ଆସିବାର ସମୟକୁ ଖୁବ ଅଧିକ ଧ୍ୟାନ ଦିଆଯାଇଥାଏ । ତେବେ ସ୍ପେନର ଏକ ଘଟଣା ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି । ଜଣେ ମହିଳା ଟାଇମ୍ ଆଗରୁ ଅଫିସରେ ପହଞ୍ଚିବାରୁ ନିଜ ଚାକିରି ହରାଇଛନ୍ତି । କମ୍ପାନୀର ଏହି ନିଷ୍ପତ୍ତି ଉପରେ ମହିଳାଜଣଙ୍କ କୋର୍ଟର ଦ୍ୱାରସ୍ଥ ହୋଇଥିଲେ, ଯେଉଁଥିରେ ମଧ କୋର୍ଟ କମ୍ପାନୀ ସପକ୍ଷରେ ହିଁ ରାୟ ଦେଇଥିଲେ । ସୂଚନା ଅନୁସାରେ ମହିଳାଜଣଙ୍କ ଏକ ଡେଲିଭରୀ କମ୍ପାନୀରେ କାର୍ଯ୍ୟ କରୁଥିଲେ । ତାଙ୍କର ଅଫିସ ଟାଇମ ୭.୩୦ ଥିଲା ହେଲେ ମହିଳାଜଣଙ୍କ ସବୁବେଳେ ୬.୪୫ ରୁ ୭ ଟା ଭିତରେ ଅଫିସ୍‌ରେ ପହଞ୍ଚି ଯାଇଥାଆନ୍ତି । ଯାହାକୁ ନେଇ ତାଙ୍କ ମ୍ୟାନେଜର ଓ ଅନ୍ୟ ଅଫିସ କର୍ମଚାରୀ ବ୍ୟସ୍ତ ହେଉଥିଲେ । ଏ ସମ୍ପର୍କରେ ତାଙ୍କୁ କମ୍ପାନୀ ପକ୍ଷରୁ ଲିଖିତ ଭାବେ ମଧ ନୋଟିସ ଦିଆଯାଇଥିଲା କି ସେ ନିଜର ଏହି ଅଭ୍ୟାସ ବଦଳାନ୍ତୁ । ହେଲେ ସେ ନିଜ ଅଭ୍ୟାସରେ ପରିବର୍ତ୍ତନ କରିନଥିଲେ ତେଣୁ ତାଙ୍କ ବିରୋଧରେ କମ୍ପାନୀ ପକ୍ଷରୁ ଏହି କାର୍ଯ୍ୟାନୁଷ୍ଠାନ ନିଆଯାଇଥିଲା । କୋର୍ଟ ମଧ କମ୍ପାନୀର ଏହି କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରିଥିଲେ ।

## ସୋସିଆଲ କୋଟ୍ସ

“ ଧର୍ମେନ୍ଦ୍ରଙ୍କ ଦେହାନ୍ତ ବଲିଉଡ ପାଇଁ ଏକ ଗମ୍ଭୀର କ୍ଷତି । ଏହା ମୋର ଏକ ବଡ ବ୍ୟକ୍ତିଗତ କ୍ଷତି । ତାଙ୍କ ଦେହାନ୍ତ ମୋ ବାପାଙ୍କ ଜନ୍ମଦିନରେ ହୋଇଛି, ଯାହା ମୋତେ ବେଶି ବ୍ୟଥିତ କରିଛି ।

ସଲମାନ ଖାନ, ଅଭିନେତା





“ ଭାଇରାଲ ଭିଡିଓ ସତ ନୁହେଁ । ମୁଁ ପ୍ଲେଟ ଡଷ୍ଟବିନରେ ହିଁ ପକାଇଛି । ଏହା ପତ୍ରକାରିତା ନୁହେଁ ବରଂ ପ୍ରୋପାଗେଣ୍ଡା ।

କଙ୍ଗନା ରାଣାୱତ, ଅଭିନେତ୍ରୀ

“ ମନରେ ଖୁବ ଭୟ ରହିଛି । ତେବେ ମୁଁ ମୋ ପାଇଁ ଚିନ୍ତିତ ନୁହେଁ । କେବଳ ମୋ ପୁଅ ପାଇଁ ଭଲ ହୋଇ ଘରକୁ ଫେରିବାକୁ ଚାହୁଁଛି । ସେ ମୋ ପାଇଁ ସବୁକିଛି ।

ଦୀପିକା କକର, ଅଭିନେତ୍ରୀ



## ଇତିହାସ

୧୬୨୫ – ହଲାଣ୍ଡ୍ ଓ ଇଂଲଣ୍ଡ ମଧ୍ୟରେ ସୈନ୍ୟ ଚୁକ୍ତି ସ୍ୱାକ୍ଷର ।

୧୮୯୮ – ବେଲୁର ମଠର ସ୍ଥାପନା କରାଗଲା ।

୧୯୧୩ – ଭାରତର ପ୍ରଥମ ମହିଳା ଫଟୋ ସାମ୍ବାଦିକ ହୋମାଇ ବ୍ୟାରାବାଲାଙ୍କ ଜନ୍ମ ।

୧୯୨୪ – ହଲାଣ୍ଡ ଓ ହଙ୍ଗେରୀ ମଧ୍ୟରେ ବ୍ୟବସାୟିକ ଚୁକ୍ତି ସ୍ୱାକ୍ଷରିତ ।

୧୯୪୬ – ନୂଆଦିଲ୍ଲୀ ସାମ୍ବିଧାନିକ ହଲ୍‌ରେ ସମ୍ବିଧାନ ସଭାର ପ୍ରଥମ ବୈଠକ ଆୟୋଜିତ ।

୨୦୦୭ – ପାକିସ୍ତାନର ପୂର୍ବତନ ପ୍ରଧାନମନ୍ତ୍ରୀ ବେନେଜୀର ଭୁଟ୍ଟୋ ପାକିସ୍ତାନୀ ସରକାରଙ୍କ ସହିତ ସମସ୍ତ ସମ୍ବନ୍ଧ ଛିନ୍ନ କରିବା ଲାଗି ଘୋଷଣା କଲେ ।

୨୦୦୮ – ୟୁରୋପରେ ପ୍ରସିଦ୍ଧ ଉପଗ୍ରହ ପ୍ରଣାଳୀ ବିଶେଷଜ୍ଞ ଇଏଡିଏମ୍ ଆଷ୍ଟ୍ରିଅସ୍‌ଙ୍କ ପାଇଁ ଇସ୍ରୋ ସାଟେଲାଇଟ୍ ନିର୍ମାଣ କଲା ।

## ହାହାଃ.. ହାହାଃ..

ରୋଗୀ- ଡାକ୍ତର୍ ସାର୍- ମୋର ଡାହାଣ ଗୋଡ ବହୁତ ପୀଡା ହେଉଛି, ଡାକ୍ତର- ଏହା ତ ବୟସର ଯୋଗୁଁ ହେଉଛି, ରୋଗୀ- କିନ୍ତୁ ମୋର ବାଁ ଗୋଡ ତ ବୟସ ସେତିକି ଅଛି, ତାହାଲେ ଡାହାଣ ଗୋଡରେ କ'ଣ ପାଇଁ ?

ଡାକ୍ତର୍- ଏବେ ବେହୋସ୍ ।



# ଶୀତଦିନେ ଆସିଥାଏ ଅଧିକ ନିଦ

ଶୀତଦିନେ ସାଧାରଣତଃ ଅଧିକ ନିଦ ଆସେ, ତେବେ ଏହାପଛରେ ବୈଜ୍ଞାନିକ କାରଣ ମଧ୍ୟ ରହିଛି । ଶୀତଦିନେ ସାଧାରଣତଃ ଖରା କମ ହେବା ସହିତ ଦିନ ଛୋଟ ହୋଇଥାଏ । ଯେଉଁକାରଣରୁ ଶରୀରକୁ କମ ଖରା ମିଳିଥାଏ, ଯାହାଫଳରେ ଶରୀର ଧୀମା ହୋଇଯାଇଥାଏ । ତେବେ ଏହି କାରଣରୁ ମେଲାଟୋନିନ ହର୍ମୋନ ବଢିବାରେ ଲାଗିଥାଏ ଏବଂ ନିଦ ଅଧିକ ଆସିଥାଏ । ତେଣୁ ଶୀତଦିନେ ଶେଯ ଛାଡିବାକୁ ଇଚ୍ଛା ହୋଇନଥାଏ, ଏହା ଶରୀରର ଏକ ପ୍ରାକୃତିକ ପ୍ରକ୍ରିୟା ଅଟେ । ସେହିଭଳି ଏହି ଦିନେ ରକ୍ତସଞ୍ଚାଳନ ପ୍ରକ୍ରିୟା ମଧ୍ୟ ଧୀର ହୋଇଥାଏ । ତେବେ ଏହି ଦିନେ ବଢୁଥିବା ମେଲାଟୋନିନ ପଛରେ ମଧ୍ୟ ଅନେକ କାରଣ ରହିଛି । ଏହା ଏକ ପ୍ରାକୃତିକ ହର୍ମୋନ ଯାହା ଆମର ମସ୍ତିଷ୍କର ପେନିଅଲ ଗ୍ରନ୍ଥୀରୁ କ୍ଷରଣ ହୋଇଥାଏ । ଏହା ରାତିର ଅନ୍ଧାରରେ ତିଆରି ହୋଇଥାଏ, ଏବଂ ମସ୍ତିଷ୍କକୁ ଶୋଇବାକୁ ସଙ୍କେତ ଦେଇଥାଏ । ଏହି କାରଣରୁ ଶରୀରକୁ ଅଧିକ ଆରାମର ଆବଶ୍ୟକତା ହୋଇଥାଏ । ଏହି କାରଣରୁ ଶୀତଦିନେ ଲୋକମାନେ ଅଧିକ ଶୋଇଥାଆନ୍ତି ।



ଅନେକ ସମୟରେ ଲୋକମାନେ ଏହାକୁ ଅଳସ ବୋଲି କହିଥାଆନ୍ତି ହେଲେ ଏହା ଅଳସ ନୁହେଁ ବରଂ ବାଓଲୋଜିକାଲ ସମସ୍ୟା । ଶରୀରରେ ହେଉଥିବା ହର୍ମୋନାଲ ପରିବର୍ତ୍ତନ କାରଣରୁ ଏହା ହୋଇଥାଏ ।



ନିକଟରେ ହିନ୍ଦି ଫିଲ୍ମ ତାର ହିମ୍ୟାନ ବି ଧର୍ମେନ୍ଦ୍ରଙ୍କୁ ହରାଇଛି । ସମଗ୍ର ସିନେ ପ୍ରେମୀଙ୍କ ପାଇଁ ଜଣେ କଳାକାରଙ୍କର ବିୟୋଗ ହେଲେ ପରିବାର ପାଇଁ ଏହା ଏକ ଗମ୍ଭୀର ସମୟ । ଏହାରି ଭିତରେ ଧର୍ମେନ୍ଦ୍ରଙ୍କ ଝିଅ ଈଶା ଦେଓ୍ୱଲଙ୍କର ଏକ ଭାବବିହ୍ୱଳ ପୋଷ୍ଟ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଈଶା ନିଜ ପୋଷ୍ଟରେ ଧର୍ମେନ୍ଦ୍ରଙ୍କର ତାଙ୍କ ଜୀବନରେ କଣ ଭୂମିକା ସେ ସମ୍ପର୍କରେ ଲେଖିଛନ୍ତି । ସେ ପ୍ରତିଟି ଜନ୍ମରେ ଧର୍ମେନ୍ଦ୍ରଙ୍କୁ ବାପା ଭଳି ଚାହାନ୍ତି ବୋଲି ଉଲ୍ଲେଖ କରିଛନ୍ତି । ସବୁବେଳେ ସେ ବାପାଙ୍କ ସହିତ ଏକାଠି ରହିବେ ବୋଲି ମତ ଦେଇଛନ୍ତି । ସବୁବେଳେ ବାପାଙ୍କର ଶିକ୍ଷାକୁ ପାଥେୟ କରି ଜୀବନରେ ଆଗକୁ ବଢିବେ । ଧର୍ମେନ୍ଦ୍ର ତାଙ୍କୁ ଦେଇଥିବା ଶିକ୍ଷା, ମାର୍ଗ ଦର୍ଶନ, ମର୍ଯ୍ୟାଦା ସବୁବେଳେ ତାଙ୍କର ଜୀବନରେ ଦରକାର ପଡିବ ବୋଲି ଈଶା ଲେଖିଛନ୍ତି । ସୋସିଆଲ ମିଡିଆରେ ଏହି ପୋଷ୍ଟଟି ଖୁବ ଭାଇରାଲ ହେବାରେ ଲାଗିଛି । ୟୁଜର୍ସ ଦିବଙ୍ଗତ ଅଭିନେତା ଧର୍ମେନ୍ଦ୍ରଙ୍କୁ ମନେ ପକାଉଥିବା ଦେଖିବାକୁ ମିଳୁଛି ।

# ଭାବବିହ୍ୱଳ ହେଲେ ଈଶା

# ୧୦ ବର୍ଷ ପରେ ମିଳିଲା ପାର୍ସଲ

ସାଧାରଣତଃ ଅନ୍‌ଲାଇନରେ ପାର୍ସଲ ଅର୍ଡର କଲେ ସପ୍ତାହେ କିମ୍ବା ଅତିବେଶୀରେ ଏକ ମାସ ଭିତରେ ମିଳିଯାଇଥାଏ । ହେଲେ ନିକଟରେ ଏକ ଅନଲାଇନ ପାର୍ସଲ ଡେଲିଭରୀର ଖୁବ ଚର୍ଚ୍ଚା ହେଉଥିବା ଦେଖିବାକୁ ମିଳୁଛି । ଦୀର୍ଘ ୧୦ ବର୍ଷ ପରେ ଏକ ପାର୍ସଲ ଡେଲିଭରୀ ହୋଇଛି । ଚୀନର ଜଣେ ମହିଳାଙ୍କୁ ତାଙ୍କ ପାର୍ସଲ ୧୦ ବର୍ଷ ପରେ ମିଳିଛି । ସୂଚନା ଅନୁସାରେ ୨୦୧୫ ମସିହାରେ ମହିଳା ଜଣଙ୍କ ଏକ ପାର୍ସଲର ଅର୍ଡର କରିଥିଲେ । ଏହା ଟିକେ ସ୍ୱତନ୍ତ୍ର ସାମଗ୍ରୀ ଥିଲା ତେଣୁ ଏହା ଡେଲିଭରୀ ହେବାପାଇଁ ୨ବର୍ଷରୁ ଅଧିକ ସମୟ ଲାଗିବବୋଲି ତାଙ୍କୁ ଏହା ପ୍ରଥମରୁ ସୂଚନା ଦିଆଯାଇଥିଲା । ପରେ ସେ ମଧ ଏହି ପାର୍ସଲ ସମ୍ପର୍କରେ ଭୁଲି ଯାଇଥିଲେ । ବର୍ତ୍ତମାନ ଅର୍ଥାତ ଏହାର ୧୦ ବର୍ଷପରେ ତାଙ୍କର ପାର୍ସଲ ଆସି ପହଞ୍ଚିଛି । ତେବେ ଏହି ପାର୍ସଲ ପଠାଇଥିବା ସେଲର ମହିଳାଙ୍କୁ ଏହି ଡେରି ପାଇଁ କ୍ଷମା ମାଗିବା ସହିତ ଆଉ ଏକ ଯୋଡି ଆଖି ମାଗଣା ମଧ ପଠାଇଥିଲେ ।



# ବଜେଟ ଅର୍ଥ ଖର୍ଚ୍ଚକୁ ନହେବା ନେଇ ବର୍ଷିଲେ ବିରୋଧୀ

- ରଣ କରି ବଜେଟ୍ ଆକାରକୁ ବଢାଉଛନ୍ତି : ବିଜେଡି
- ବଜେଟ ବରାଦ ଅର୍ଥ ଖର୍ଚ୍ଚ ହୋଇପାରୁନାହିଁ : କଂଗ୍ରେସ
- ସରକାର ଆସିବା ପରେ ନିଯୁକ୍ତି ବଢ଼ିଛି : ବିଜେପି

ଭୁବନେଶ୍ୱର, (ସବ୍ୟୁ) : ଆର୍ଥିକ ପରିଚାଳନା ଏ ସରକାରଙ୍କୁ ଜଣା ନାହିଁ । ରଣ କରି ବଜେଟ୍ ଆକାରକୁ ବଢାଉଛନ୍ତି । ଚଳିତ ବଜେଟ୍ ଅର୍ଥ ଏପର୍ଯ୍ୟନ୍ତ ଖର୍ଚ୍ଚ ହୋଇପାରିନି । ସରକାର ଉତ୍ତରରେ ଏ ସମ୍ପର୍କରେ ନିଜେ ସ୍ୱୀକାର କରିଛନ୍ତି । ରାଜ୍ୟର ବିକାଶରେ ସରକାର କାହିଁକି ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିଛନ୍ତି । ସେପଟେ ବିରୋଧୀଙ୍କୁ କଡା ଜବାବ୍ ଦେଇଛନ୍ତି ଶାସକ ସଭ୍ୟ । ମୋହନ ସରକାର ଆସିବା ପରେ ୨୨ ହଜାର ପ୍ରାଥମିକ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଶିଶୁ ବାଟିକା ଯୋଜନା ମଧ୍ୟ ଆରମ୍ଭ ହୋଇଛି ବୋଲି ବିଜେପି ସଭ୍ୟ କହିଛନ୍ତି ।

ଅତିରିକ୍ତ ବ୍ୟୟ ମଞ୍ଜୁରୀ ବିଲ୍ ଆଲୋଚନା ଆରମ୍ଭ କରି ବିଜେଡି ବିଧାୟକ ଅରୁଣ ସାହୁ କହିଛନ୍ତି, ରାଜ୍ୟରେ ନାରୀ ନିର୍ଯାତନା ଓ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଛି । ସୌମ୍ୟଶ୍ରୀ ଆତ୍ମହତ୍ୟାଠୁ ଆରମ୍ଭ କରି ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ଏବଂ ସୁନ୍ଦରଗଡରେ ମାନବ ଚାଲଣ ପ୍ରସଙ୍ଗ ଉଠାଇ ସରକାରୀ ଦଳ ଉପରେ ବର୍ଷିଛନ୍ତି । କେବଳ ସେତିକି ନୁହେଁ ରାଜ୍ୟରେ ପୋଲିସ ହେପାଜତରୁ ୩୯ ଜଣ ଅଭିଯୁକ୍ତ ମଧ୍ୟ ଫେରାର ହୋଇଛନ୍ତି । କଟକ ଦୁର୍ଗାପୂଜାରେ ଦଙ୍ଗା ସହ ଭଦ୍ରକରେ ମଧ୍ୟ ଦଙ୍ଗା ହୋଇଛି । ଆୟୁଷମାନ ଯୋଜନା ଏବେ ଆୟୁ କ୍ଷୟ ଯୋଜନାରେ ପରିଣତ । ନୂଆ ରାସନକାର୍ଡ ଧାରୀଙ୍କୁ ଆୟୁଷମାନ ଯୋଜନାରେ କେବେ ସଂଯୋଗ କରାଯିବ ? ବିଶ୍ୱବିଦ୍ୟାଳୟ ବିଲ୍ ଏକ ଧୋକା । ୧୮ ମାସ ମଧ୍ୟରେ ୧୯ ଥର ପ୍ରଶ୍ନପତ୍ର ଲିକ୍ ହୋଇଛି । ଓଟିଇଟି, ଓଏସ୍ଏସ୍ସି, ଅମିନ, ଏସ୍ଆଇ ଏବଂ ଏଏନ୍ଏମ୍ ପରୀକ୍ଷାର ପ୍ରଶ୍ନପତ୍ର ଲିକ୍ ହୋଇଛି । ଉଚ୍ଚ ଶିକ୍ଷାରେ ଶିକ୍ଷକ ପଦବୀ ଖାଲି ପଡିଛି । ବହୁ ପ୍ରାଥମିକ ସ୍କୁଲରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଛନ୍ତି । ଏମବିକେ, ସିଆରପି ଆଠମାସର ଦରମା କାହିଁକି ପାଇନାହାଁନ୍ତି ? ପେସା ଆଇନ କେବେ ଚାଲୁ ହେବ ? ଏପର୍ଯ୍ୟନ୍ତ ୬ ମନ୍ତ୍ରୀ ପଦ ଏବଂ ୧୦୦ ରୁ ଉର୍ଦ୍ଧ୍ୱର୍ ସମବାୟ ଓ ନିଗମ ଅଧ୍ୟକ୍ଷ ପଦ କାହିଁକି ଖାଲି ପଡିଛି ବୋଲି ସେ ପ୍ରଶ୍ନ କରିଥିଲେ ।

କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡାମ୍ କହିଥିଲେ ସରକାରଙ୍କ ମାନସିକତା ଉଚ୍ଚତର ରହିବା ଆବଶ୍ୟକ । ଓଡିଶାର ସ୍ୱାସ୍ଥ୍ୟ ସେବା ଭୁଡୁଡିଛି । ଡାକ୍ତର ଓ ପାରାମେଡିକାଲ୍ ଅଭାବ । ଏପର୍ଯ୍ୟନ୍ତ ଚଳିତ ବଜେଟ୍ ଅର୍ଥ ଖର୍ଚ୍ଚ ହୋଇନି । ରାଜ୍ୟରେ ବିକାଶରେ ସରକାର କାହିଁକି ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି । ରାଜଧାନୀରେ ଡାକ୍ତର ଅଭାବ ଥିବା ବେଳେ ଆଦିବାସୀ ଅଞ୍ଚଳ କଥା ନକହିବା ଭଲ । ଆଦିବାସୀଙ୍କୁ ସରକାର ଅଧିକାର ଦେଇପାରିନାହାଁନ୍ତି । ମହାନଦୀ ସୁରକ୍ଷା ଲାଗି ସରକାର ଆଗେଇ ଆସିବା ଆବଶ୍ୟକ । ସ୍ୱଚ୍ଛ ପାଣି ଦେବାରେ ସରକାର ବିଫଳ ହୋଇଛନ୍ତି ।

ବିଜେପି ସଭ୍ୟ ଟଙ୍କଧର ତ୍ରିପାଠୀ କହିଥିଲେ, ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ହେବା ପରେ ଗୃହକୁ ଆସୁନାହାଁନ୍ତି । ଓଡିଶାବାସୀ ଭୋଟ ମାଧ୍ୟମରେ ଦ୍ୱିତୀୟ ସ୍ଥାନକୁ ଆଣିଲେ ଏବଂ ନୂଆପଡାବାସୀ ତୃତୀୟ ସ୍ଥାନରେ ରଖିଲେ ବୋଲି ବିଜେଡି କଟାକ୍ଷ କରିଥିଲେ । ସେହିପରି ଆଗାମୀ ୫୦ ବର୍ଷ ପର୍ଯ୍ୟନ୍ତ ଆଉ ଆସିବା ସମ୍ଭାବନା ନାହିଁ ବୋଲି ସେ କହିଥିଲେ । ପୂର୍ବ ସରକାରରେ ଦେଇଥିବା ପ୍ରତିଶ୍ରୁତି ଗୁଡିକୁ କାହିଁକି ପୂରଣ କରିନଥିଲେ ବୋଲି ସେ ପ୍ରଶ୍ନ କରିଥିଲେ । ସେଥିପାଇଁ ଓଡିଶାବାସୀ ସେମାନଙ୍କୁ ପ୍ରତ୍ୟାଖାନ କରିଛନ୍ତି । ପରି ଅପହରଣ ଘଟଣାଠାରୁ ମମିତା ମେହେର ହତ୍ୟାକାଣ୍ଡ ଓ ଗୋବିନ୍ଦ ଜେଲରେ ମୃତ୍ୟୁ ଘଟଣା ଭଳି ପ୍ରସଙ୍ଗ ଉଠାଇଥିଲେ । ତତ୍କାଳୀନ ମୁଖ୍ୟମନ୍ତ୍ରୀ୨୦୦୮ ରୁ ଲୋକଙ୍କ ଅଭିଯୋଗ ଶୁଣିନଥିଲେ । ବିଜେପି ସରକାର ଆସିବା ପରେ ରାଜ୍ୟରେ ନିଯୁକ୍ତି ଦିଆଯିବା ସହ ବିଭିନ୍ନ ଯୋଜନାରେ ଲୋକ ଲାଭାନ୍ୱିତ ହେଉଛନ୍ତି । ବିଜେଡି ସଭ୍ୟ ପ୍ରସନ୍ନ ଆଚାର୍ଯ୍ୟ କହିଥିଲେ, ନୀତି ଆୟୋଗ୨୪ ବର୍ଷ ସରକାରର ଅର୍ଥନୀତି ପରିଚାଳନାକୁ ପ୍ରଶଂସା କରିଥିଲେ । ୨୦୦୦ ମସିହାରେ ବିଜେଡି ସରକାର ଆସିବା ପରେ କର୍ମଚାରୀଙ୍କୁ ଦରମା ଦେବା ପାଇଁ ଅର୍ଥ ନଥିଲା । ରଣଗ୍ରସ୍ତ ରାଜ୍ୟକୁ ଉଦ୍ଧାର କରିଥିଲେ ତତ୍କାଳୀନ ସରକାର । କଂଗ୍ରେସ ସଭ୍ୟ ଅଶୋକ ଦାଶ କହିଥିଲେ , ପୂର୍ବ ସରକାର ଯାହା ଭୁଲ କଲେ ଏବର ସରକାର ୧୮ ମାସର ସରକାର କହି ଖସିଯାଆନ୍ତୁ ନାହିଁ । ରାଜ୍ୟରେ ଧାନର ଅଭାବୀ ବିକ୍ରୀ ଓ ଦରଦାମ୍ ବୃଦ୍ଧି ଯୋଗୁଁ ଖାଉଟି ହନ୍ତସନ୍ତ ହେଉଛନ୍ତି । ବିଜେପି ସଭ୍ୟା ଉପସେନା ମହାପାତ୍ର ଅତିରିକ୍ତ ବଜେଟରେ ବିକଶିତ ଓଡିଶାର ରୋଡମ୍ୟାପକୁ ଦର୍ଶାଉଛି ବୋଲି କହିଥିଲେ । ବିଜେଡି ସଭ୍ୟ ଅରବିନ୍ଦ ମହାପାତ୍ର ବିଭିନ୍ନ ବିଭାଗରେ ଅର୍ଥ ଖର୍ଚ୍ଚ ହୋଇନଥିବା ପ୍ରସଙ୍ଗ ଉଠାଇବା ସହ ସରକାର ଏହି ଦିଗରେ ସଚେତନ ହୁଅନ୍ତୁ ବୋଲି କହିଥିଲେ । ବିଧାୟକ ଲକ୍ଷ୍ମଣ ବାଗ, ନିରଞ୍ଜନ ପୂଜାରୀ, ସୁଧିର ରଞ୍ଜନ ପଟଯୋଶୀ, ସୋଫିଆ ଫିରଦୋସ, ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

# ପଛୁଆବର୍ଗଙ୍କ ପାଇଁ ବାଚସ୍ପତିଙ୍କୁ ସ୍ମାରକପତ୍ର



ଭୁବନେଶ୍ୱର(ସବ୍ୟୁ): ରାଜ୍ୟରେ ପଛୁଆବର୍ଗଙ୍କ ସଂରକ୍ଷଣକୁ ନେଇ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ନେତୃତ୍ୱରେ ବରିଷ୍ଠ କଂଗ୍ରେସ ନେତୃବୃନ୍ଦ ବାଚସ୍ପତି ସୁରମା ପାଢ଼ୀଙ୍କୁ ବିଧାନସଭାରେ ତାଙ୍କ କକ୍ଷରେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଓଡ଼ିଶାର ସମୁଦାୟ ଜନସଂଖ୍ୟାର ପ୍ରାୟ ୯୪ ପ୍ରତିଶତ ପଛୁଆବର୍ଗ (ଓବିସି ଓ ଏସ୍ଇବିସି ୫୪ ପ୍ରତିଶତ, ଅନୁସୂଚିତ ଜାତି ଓ ଜନଜାତି ୪୦ ପ୍ରତିଶତ) । ସମ୍ବିଧାନର ୧୬୪(୧) ଧାରା ଅନୁଯାୟୀ ଓଡ଼ିଶାର ଉକ୍ତ ବର୍ଗଙ୍କୁ ବିଶେଷ ସଂରକ୍ଷଣ ସୁବିଧା ଦେବା ପାଇଁ ବ୍ୟବସ୍ଥା ଥିବା ସତ୍ତ୍ୱେ ଏହି ବର୍ଗ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହୋଇ ଆସିଛନ୍ତି । ଏ ବିଷୟକୁ ଅତ୍ୟନ୍ତ ଗୁରୁତର ସହ ବିଚାରକୁ ନେଇ ଓଡ଼ିଶା ବିଧାନସଭା, ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ତ୍ୱରିତ ପଦକ୍ଷେପ ନେବା ପାଇଁ ପ୍ରସ୍ତାବ ଗ୍ରହଣ କରିବାକୁ ସ୍ମାରକପତ୍ରରେ ଅନୁରୋଧ କରିଛନ୍ତି ।

ରାଜ୍ୟର ଓବିସି/ଏସଇବିସି ଏବଂ ଅନୁସୂଚିତ ଜାତି ଓ ଜାତି ବର୍ଗର ସଂଖ୍ୟାନୁପାତିକ ଆଧାରରେ ସମସ୍ତ ପ୍ରକାର ଉଚ୍ଚଶିକ୍ଷା (ବୈଷୟିକ/ ମେଡିକାଲ / ବୃତ୍ତିଗତ) ଏବଂ ସରକାରୀ ନିଯୁକ୍ତିରେ ସଂରକ୍ଷଣ ତୁରନ୍ତ ଲାଗୁ କରିବା ସଙ୍ଗେ ସଙ୍ଗେ ଏହି ସଂଖ୍ୟାନୁପାତିକ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ବିଧାନର ନବମ ସୂଚୀରେ ସାମିଲ କରିବାପାଇଁ ଆବଶ୍ୟକୀୟ ପଦକ୍ଷେପ ତୁରନ୍ତ ଗ୍ରହଣ କରନ୍ତୁ ।

ଏଥିନିମନ୍ତେ ରାଜ୍ୟ ସରକାର ବିଧାନସଭାରେ ଏକ ସରକାରୀ ପ୍ରସ୍ତାବ ଆଗତ କରିବା ସହ ତାକୁ ସର୍ବଦଳୀୟ ସମର୍ଥନରେ ଗୃହୀତ କରି କେନ୍ଦ୍ର ସରକାରଙ୍କ ନିକଟକୁ କାର୍ଯ୍ୟାନୁଷ୍ଠାନ ପାଇଁ ବିଧାନସଭାର ଚଳିତ ଅଧିବେଶନରେ ଗୃହୀତ କରାଇବାକୁ ସ୍ମାରକପତ୍ରରେ ଅନୁରୋଧ କରାଯାଇଛି । ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସମେତ ବରିଷ୍ଠ ନେତୃମଣ୍ଡଳୀରେ କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବିଧାୟକ ଅଶୋକ ଦାସ, ବିଧାୟକ ସିଏସ ରାଜନ ଏକ୍କା, ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା, ପିସିସି ଉପସଭାପତି ଡ. ଲଲାଟେନ୍ଦୁ ମହାପାତ୍ର, ପୂର୍ବତନ ବିଧାୟକ କୃଷ୍ଣଚନ୍ଦ୍ର ସଗରିଆ, ପିସିସି ଗଣମାଧ୍ୟମ ଅଧ୍ୟକ୍ଷ ଅରବିନ୍ଦ ଦାସ ସାମିଲ ହୋଇ ବାଚସ୍ପତିଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିଲେ ।

# ଗୃହରେ ଉଠିଲା ଆନ୍ଦୋଳନରତ ଶିକ୍ଷକଙ୍କ ପ୍ରସଙ୍ଗ

ଭୁବନେଶ୍ୱର, (ସବ୍ୟୁ) : ବିଧାନସଭାରେ ବିଭିନ୍ନ ବର୍ଗର ଶିକ୍ଷକମାନେ ଆନ୍ଦୋଳନ କରୁଛନ୍ତି । ସେମାନଙ୍କ ଦାବିକୁ ସରକାର ତୁରନ୍ତ ପୂରଣ କରନ୍ତୁ ବୋଲି ଶୂନ୍ୟକାଳରେ ଏହି ପ୍ରସଙ୍ଗ ଉଠାଇଛନ୍ତି ବିଜେଡି ସଭ୍ୟ ଗୌତମ ବୁଦ୍ଧ ଦାସ । ସେ କହିଛନ୍ତି, ବିଗତ କିଛି ଦିନ ହେଲା ଗାନ୍ଧି ମାର୍ଗରେ ହଜାର ହଜାର ଶିକ୍ଷକ ଓ ଅଧ୍ୟାପକମାନେ ଆନ୍ଦୋଳନ କରୁଛନ୍ତି । ରାଜ୍ୟରେ ଦେଢ ଲକ୍ଷ ପ୍ରାଥମିକ ଶିକ୍ଷକ ଥିବା ବେଳେ ସେଥିରୁ ୪୦ ହଜାର ଶିକ୍ଷକ ଏବେ ଆନ୍ଦୋଳନରେ ବସିଛନ୍ତି । ସେମାନେ ଗ୍ରେଡ ପେ ୨୭୦୦ ଟଙ୍କାରୁ ୪୨୦୦ ଟଙ୍କାରୁ ବୃଦ୍ଧି ଲାଗି ଦାବି କରିଛନ୍ତି । ଏହା ସହ ଠିକା ନିଯୁକ୍ତି ଉଚ୍ଛେଦ କରି ମୂଳ ଚାକିରିରେ ଥଇଥାନ ଲାଗି ଦାବି କରିଛନ୍ତି । ସେହିପରି ଆଦର୍ଶ ବିଦ୍ୟାଳୟରେ ହଜାର ହଜାର ଶିକ୍ଷକ ଆନ୍ଦୋଳନରତ ଅଛନ୍ତି । ୩୧୪ ଲାଇବେରିୟାନ ପୋଷ୍ଟକୁ ଉଚ୍ଛେଦ କରାଯାଇଛି । ଏହାସହ ସିଲିକନ୍ କମ୍ପାନୀ ଆଦର୍ଶ ବିଦ୍ୟାଳୟ ପୋର୍ଟାଲକୁ ପରିଚାଳନା କରୁଛି ଏହି କମ୍ପାନୀ ଏସଆଇ ପରୀକ୍ଷା ଦୁର୍ନୀତିରେ ସମ୍ପୃକ୍ତି ଥିବା ବେଳେ କାହିଁ ପରିଚାଳନା ଦାୟିତ୍ୱ ଦିଆଯିବ ବୋଲି ସେ ପ୍ରଶ୍ନ କରିଥିଲେ । ସେହିପରି କଂଗ୍ରେସ ବିଧାୟକ ପବିତ୍ର ସାଉଁନ୍ତା ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ । ବିଜେପି ବିରୋଧୀ ଦଳରେ ଥିବା ବେଳେ ଯେଉଁ ଦାବିକୁ ସମର୍ଥନ କରୁଥିଲା, ସରକାରକୁ ଆସିବା ପରେ କାହିଁକି ପୂରଣ କରୁନାହିଁ ବୋଲି ପ୍ରଶ୍ନ କରିଛନ୍ତି । ସେ କହିଛନ୍ତି, ଶିକ୍ଷକମାନେ ରାଜରାସ୍ତାରେ ବସିଛନ୍ତି । ସେମାନଙ୍କ ଦାବି ପୂରଣ ହେଉନାହିଁ । ୨୨ଟି ରାଜ୍ୟରେ ପ୍ରାଥମିକ ଶିକ୍ଷକଙ୍କ ଠିକା ବ୍ୟବସ୍ଥା ହଟି ସାରିଛି । ଓଡ଼ିଶା ଆଦର୍ଶ ବିଦ୍ୟାଳୟର ମଧ୍ୟ ୫୦ ହଜାର ଶିକ୍ଷକ ରାସ୍ତାରେ ବସିଛନ୍ତି । ଆଗକୁ ପରୀକ୍ଷା ଅଛି । ଏହି ସମୟରେ ସ୍କୁଲ ବନ୍ଦ ରହିଛି । ତେଣୁ ସରକାର ତୁରନ୍ତ ଏହି ଦାବି ଉପରେ ପଦକ୍ଷେପ ନିଅନ୍ତୁ ବୋଲି ଶ୍ରୀ ସାଉଁନ୍ତା ଶୂନ୍ୟକାଳରେ ଦାବି କରିଛନ୍ତି ।

# ଗୋଆ ଅଗ୍ନିକାଣ୍ଡ ପରେ ଆକ୍ସନ ମୋଡରେ ଅଗ୍ନିଶମ ବାହିନୀ

ଭୁବନେଶ୍ୱର, (ସବ୍ୟୁ) : ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡ ପରେ ଆକ୍ସନ ମୋଡରେ ଓଡ଼ିଶା ଅଗ୍ନିଶମ ବାହିନୀ । ରାଜଧାନୀ ସମେତ ରାଜ୍ୟର ବିଭିନ୍ନ ସହରରେ ଥିବା କ୍ଲବ୍, ପବ୍‌ବାର୍, ରେଷ୍ଟୁରାଣ୍ଟ ଓ ବାର୍ ପ୍ରଭୃତିରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରାଯିବ । ୧୦ଦିନ ମଧ୍ୟରେ ଏହି ଯାଞ୍ଚ ପ୍ରକ୍ରିୟା ଶେଷ କରିବା ପାଇଁ ଧାର୍ଯ୍ୟ ହୋଇଛି । ଯେଉଁମାନଙ୍କ ଅଗ୍ନି ନିରାପତ୍ତା ବ୍ୟବସ୍ଥା ନଥିବ ସେମାନଙ୍କ ଲାଇସେନ୍ସ ରଦ୍ଦ କରାଯିବା ପାଇଁ ଅଗ୍ନିଶମ ବାହିନୀ ସୁପାରିସ କରିବ । ଗୋଆ ନାଇଟ୍ କ୍ଲବ୍ ଅଗ୍ନିକାଣ୍ଡରେ ୪ ପର୍ଯ୍ୟଟକଙ୍କ ସମେତ ୨୫ଜଣଙ୍କ ମୃତ୍ୟୁ ହେବା ପରେ ଓଡ଼ିଶା ଅଗ୍ନିଶମ ବାହିନୀ ତତ୍ପର ହୋଇଛି । କାରଣ ଆଗକୁ ଜିରୋ ନାଇଟ୍ ଓ ନୂଆବର୍ଷ ସେଲିବ୍ରେସନ ଥିବାରୁ ହୋଟେଲ, କ୍ଲବ୍, ପପ୍, ବାର୍, ରେଷ୍ଟୁରାଣ୍ଟ ପ୍ରଭୃତିର ତାଲିକା ପ୍ରସ୍ତୁତ କରିଛି ଅଗ୍ନିଶମ ବାହିନୀ । ରାଜଧାନୀରେ ଶତାଧିକ ନାଇଟ୍ କ୍ଲବ୍ ପ୍ରଭୃତିର ତାଲିକା ପ୍ରସ୍ତୁତ କରାଯାଇଛି । ୧୦ଦିନ ମଧ୍ୟରେ ଏସବୁର ଯାଞ୍ଚ ପ୍ରକ୍ରିୟା ଶେଷ ହେବ । କେବଳ ରାଜଧାନୀ ନୁହେଁ, ଅନୁରୂପ ଭାବେ କଟକ, ବ୍ରହ୍ମପୁର, ପୁରୀ, ନୟାଗଡ, ବାଲେଶ୍ୱର, ସମ୍ବଲପୁର, ରାଉରକେଲା, ବଲାଙ୍ଗୀର, ବାରିପଦା ପ୍ରଭୃତି ବଡ ବଡ ସହରରେ ମଧ୍ୟ ଏହି ନିୟମ ପାଳନ କରାଯିବ । ଅଗ୍ନିଶମ ବାହିନୀ ନିରାପତ୍ତା ବ୍ୟବସ୍ଥା ଯାଞ୍ଚ କରିବା ପରେ ଯେଉଁମାନଙ୍କ ବ୍ୟବସ୍ଥା ଓ ସାର୍ଟିଫିକେଟ୍ ନଥିବ ସେଗୁଡିକର ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ କରାଯିବା ସହ ମାଲିକଙ୍କୁ ନୋଟିସ୍ ଜାରି କରାଯିବ । ଗୋଆ ନାଇଟ୍ କ୍ଲବ୍‌ରେ ଯେଉଁ ଘଟଣା ଘଟିଲା ସେଥିରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଦୁଃଖପ୍ରକାଶ କଲେ । ଯେପରି ଗୋଆ ଭଳି ନୂଆ ବର୍ଷରେ ଓଡ଼ିଶାରେ ଘଟଣା ନଘଟେ ସେଥିପାଇଁ ଆକ୍ସନ ମୋଡ୍‌ରେ ଅଗ୍ନିଶମ ବାହିନୀ ।

# ରାଜ୍ୟରେ ଭୁଷୁଡ଼ିଛି ଆଇନଶୃଙ୍ଖଳା

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟରେ ଆଇନ ଶୃଙ୍ଖଳା ନେଇ ସରକାର ଘୋର ନିଦରେଅଛନ୍ତି । ମାଲକାନଗିରି ଜିଲ୍ଲାର ଏମଭି ୨୬ ଅଞ୍ଚଳରେ ୫୦ରୁ ଅଧିକ ଘର ପୋଡି ଦିଆଗଲା । ଗୃହ ବିଭାଗ ଓ ଗୋଇନ୍ଦା କ'ଣ ଶୋଇଥିଲେ ? ମାଲକାନଗିରି ଜିଲ୍ଲା ଏକ ମାଓ ଅଞ୍ଚଳ ହୋଇଥିବାରୁ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ । ପୋଲିସ ଆଇନ ଶୃଙ୍ଖଳା ପରିଚାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି । ଏହି ଦିଗରେ ସରକାର ସଚେତନ ନାହାଁନ୍ତି । ଏହି ଘଟଣା ଦୁଇଦିନ ପୁରୁଣା ହୋଇଥିଲେ ମଧ୍ୟ ରାଜ୍ୟ ସରକାରଙ୍କ ଡିଣ୍ଡିମ ପିଟୁଛନ୍ତି । ଡିଜିଙ୍କୁ ଦାୟିତ୍ୱ ଦିଆଯାଉ ଓ ସେ ତଦନ୍ତ କରନ୍ତୁ ବୋଲି ଶୂନ୍ୟକାଳରେ ବିଜେଡି ସଭ୍ୟ ପ୍ରତାପ କେଶରୀ ଦେବ ଦାବି କରିଛନ୍ତି । ସେହିଭଳି କଂଗ୍ରେସ ସଭ୍ୟ ମଙ୍ଗୁ ଖିଲ କହିଥିଲେ, ଆଦିବାସୀ ମହିଳା ଧାନକାଟିବାକୁ ଯାଉଥିବା ବେଳେ ୪ ଜଣ ବଙ୍ଗାଳି ଧର୍ଷଣ କରି ହତ୍ୟା କରିଥିଲେ । ଗୋଡହାତ କାଟି ନଦୀରେ ଫିଙ୍ଗି ଦେଇଥିଲେ । ମାଲକାନଗିରିରେ ଆଇନ ଶୃଙ୍ଖଳା କୁଆଡେ ଗଲା ବୋଲି ସେ ପ୍ରଶ୍ନ କରିଥିଲେ । ଏଠାରେ ମା' ଛାତ୍ରୀ ସୁରକ୍ଷିତ ନୁହଁନ୍ତି ବୋଲି ସେ କହିଥିଲେ ।

# ଓଡ଼ିଆ ଭାଷାର ସୁରକ୍ଷା ଦାୟିତ୍ୱ ସବୁ ଓଡ଼ିଆଙ୍କର : ଡଃ ପାଟ୍ଟଶାଣୀ

ଭୁବନେଶ୍ୱର, (ସବ୍ୟୁ): ୩ ଲକ୍ଷ ଶବ୍ଦ ଭଣ୍ଡାରରେ ଓଡ଼ିଆ ଭାଷା ସମୃଦ୍ଧ ହୋଇଥିବା ସ୍ଥଳେ ଏହାର ସୁରକ୍ଷା ଦାୟିତ୍ୱ ସବୁ ଓଡ଼ିଆଙ୍କର ବୋଲି ବିଶିଷ୍ଟ କବି ତଥା ଜନନେତା ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ କହିଛନ୍ତି । ସୋମବାର ସ୍ଥାନୀୟ ଭୁବନେଶ୍ୱର ଜୟଦେବ ଭବନଠାରେ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ରୌପ୍ୟଜୟନ୍ତୀ ମହାସମାରୋହରେ ପାଳିତ ହେଉଥିବା ସ୍ଥଳେ ଏହାର ସମ୍ବର୍ଦ୍ଧନା ଉତ୍ସବକୁ ଉଦ୍‌ଘାଟନ କରି ଡଃ ପାଟ୍ଟଶାଣୀ କହିଛନ୍ତି ଯେ, ସାହିତ୍ୟ ସଭା ସଂଖ୍ୟା ଗଣନାର କ୍ଷେତ୍ର ନୁହେଁ, ଏଠାରେ ଚିନ୍ତାଶୀଳ କବି ଓ ଦିଗ୍‌ଦର୍ଶକ ସାହିତ୍ୟିକଙ୍କ ଉପସ୍ଥିତି ସଭାର ଗୁରୁତ୍ୱ ବଢାଏ । ଇଂରାଜୀ ଭାଷାରେ ମାତ୍ର ୨୦ ହଜାର ଶବ୍ଦ ଥିବା ସ୍ଥଳେ ୩ ଲକ୍ଷ ଶବ୍ଦ ସମ୍ଭାରରେ ଓଡ଼ିଆ ଭାଷା ଏହାଠାରୁ ଶ୍ରେଷ୍ଠ ବୋଲି ସେ କହିଥିଲେ । ପୂର୍ବତନ ମନ୍ତ୍ରୀ ସୁରେଶ କୁମାର ରାଉତରାୟ ସାହିତ୍ୟ ସଭାର ଆଲୋଚନା ସହିତ ସାହିତ୍ୟ ବଞ୍ଚିବାକୁ ଅର୍ଥ ମଧ୍ୟ ଆବଶ୍ୟକ ବୋଲି ଦର୍ଶାଇଥିଲେ । ଆଲୋଚନାରେ ସଭାପତିତ୍ୱ କରିଥିଲେ । ପ୍ରଗତିଶୀଳ ଲେଖକ ମହାସଂଘର ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ । ମହାସଂଘର ପ୍ରତିଷ୍ଠାତା କବି କସ୍ତୁରୀ ଚରଣ ଦାସ ମହାସଂଘ ଆରମ୍ଭରୁ ଏ ପର୍ଯ୍ୟନ୍ତ ଘଟିଥିବା ଉଲ୍ଲେଖନୀୟ ଘଟଣାର ଅବତାରଣା କରିଥିଲେ । କବି ଡ. ରକ୍ଷକ ନାୟକ ଏହି ସଂଗଠନ ସହ ଯୁବଗୋଷ୍ଠୀଙ୍କୁ ସମ୍ପୃକ୍ତ କରାଇବାକୁ ପରାମର୍ଶ ଦେଇଥିଲେ । ଜାତୀୟ ସାମ୍ବାଦିକ କଲ୍ୟାଣ ବୋର୍ଡର୍‌ର ସାଧାରଣ ସମ୍ପାଦକ ସନତ ମିଶ୍ର ସଭାର ପ୍ରାକ୍ ସୂଚନା ଦେଇଥିଲେ । ଉଦ୍‌ଘାଟକ ଡଃ ପ୍ରସନ୍ନ କୁମାର ପାଟ୍ଟଶାଣୀ ଏହି ଅବସରରେ ନିଖିଳ ଓଡ଼ିଶା ପ୍ରଗତିଶୀଳ ଲେଖକ ମହାସଂଘ ଟ୍ରଷ୍ଟର ସ୍ମରଣିକା-୨୦୨୫ ଏବଂ ପ୍ରଗତିଶୀଳ ସମ୍ବାଦପତ୍ର 'ଓଡ଼ିଶା ସ୍ୱର' ଉନ୍ମୋଚନ କରିଥିଲେ । ମହାସଂଘର ୨୫ବର୍ଷର ପୂର୍ତ୍ତି ଉପଲକ୍ଷେ ୨୫ଜଣ ବିଶିଷ୍ଟ ସାରସ୍ୱତ ସାଧକଙ୍କୁ ଉଦ୍‌ଘାଟକ ଏବଂ ଅତିଥିଗଣ ସମ୍ମାନିତ କରିଥିଲେ । ସମ୍ବର୍ଦ୍ଧନା ଉତ୍ସବ ପୂର୍ବରୁ ଅଧ୍ୟାପିକା ସୌଦାମିନୀ ବେହେରାଙ୍କ ସଂଯୋଜନାରେ ହେମଚନ୍ଦ୍ର ମହାପାତ୍ର ଓ ଗୋଲକ ବିହାରୀ ନାୟକଙ୍କ ସହଯୋଗରେ ଏକ କବିତା ପାଠୋତ୍ସବର ଆୟୋଜନ କରାଯାଇଥିଲା । ଏହ କାର୍ଯ୍ୟକ୍ରମରେ ଗୌରଚନ୍ଦ୍ର ମହାପାତ୍ର, ପ୍ରଭାସ ରଞ୍ଜନ ଦାସ, ବିଶ୍ୱରଞ୍ଜନ ସାହୁ ଓ ସୁଧାଂଶୁ ଶେଖର ମହାନ୍ତି ପ୍ରମୁଖ ସହାୟତା କରିଥିଲେ ।

# ବାର୍ ନିକଟରେ ଗୋଷ୍ଠୀସଂଘର୍ଷ : ୪ ଗିରଫ, ୨ ଖଣ୍ଡା ଜବତ

ଭୁବନେଶ୍ୱର, (ସବ୍ୟୁ) : ସହିଦନଗର ଏକ ବାର୍ ନିକଟରେ ରବିବାର ବିଳମ୍ବିତ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଦୁଇଗୋଷ୍ଠୀ ପରସ୍ପରକୁ ଖଣ୍ଡାରେ ଆକ୍ରମଣ ପ୍ରତିଆକ୍ରମଣ କରିଥିଲେ । ଏଥିରେ ବହୁ ଆହତ ହୋଇଥିବା ବେଳେ ପୋଲିସ ଉଭୟ ପକ୍ଷରୁ ୪ଜଣଙ୍କୁ ଗିରଫ କରିଛି । ଗୋଟିଏ ପକ୍ଷରୁ ୩ଜଣ ଗିରଫ ହୋଇଥିବାବେଳେ ଅନ୍ୟ ପକ୍ଷରୁ ଜଣେ ଗିରଫ ହୋଇଛି ।

ରବିବାର ବିଳମ୍ବିତ ରାତିରେ ଅଭିଯୋଗକାରୀ ଗୁରୁଦେବ ମିଶ୍ର ଏବଂ ତାଙ୍କ ସହଯୋଗୀମାନେ ସହିଦନଗର ଡାଏନକ୍ସ ବାର୍ ନିକଟରେ ଥିବାବେଳେ ଅଭିଯୁକ୍ତମାନେ ସେଠାରେ ପହଞ୍ଚିଥିଲେ । ପୂର୍ବ ବିବାଦକୁ ନେଇ ସେମାନଙ୍କ ମଧ୍ୟରେ ପ୍ରଥମେ ହଟ୍ଟଗୋଳ ହୋଇଥିଲା । ସେ ହଟ୍ଟଗୋଳ ଉଗ୍ରରୂପ ଧାରଣ କରିବାରୁ କେତେକ ଅଭିଯୁକ୍ତ ଅଭିଯୋଗକାରୀ ଗୁରୁଦେବଙ୍କୁ ପେଭରବ୍ଲକ୍, ବାଉଁଶ ଓ ଖଣ୍ଡାରେ ଆକ୍ରମଣ କରିଥିଲେ । ଆକ୍ରମଣରେ ତାଙ୍କ ମୁଣ୍ଡ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା । ଅଭିଯୋଗ ଅନୁଯାୟୀ ସହିଦନଗର ଥାନା ପୋଲିସ ୩ଜଣଙ୍କୁ ଗିରଫ କରିଥିବା ବେଳେ ଅଭିଯୁକ୍ତ ଜି.ଲିଟୁ ପ୍ରଧାନଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଗୋଟିଏ ଗାଡି ଜବତ କରିଥିବା ବେଳେ ଅଭିଯୁକ୍ତ ଦୁର୍ଯ୍ୟୋଧନ ବାରିକ ନିକଟରୁ ଖଣ୍ଡା ଜବତ କରାଯାଇଥିବା ପୋଲିସ କହିଛି । ଗିରଫ ୩ ଅଭିଯୁକ୍ତ ହେଲେ ଦୁର୍ଯ୍ୟୋଧନ, ଲିଟୁ ଓ ଅତନୁ ସବ୍ୟସାଚୀ ବିଶ୍ୱାଳ ।

ଅନ୍ୟ ପକ୍ଷରେ ଅତନୁ ସବ୍ୟସାଚୀ ବିଶ୍ୱାଳଙ୍କ ଅଭିଯୋଗ ଆଧାରରେ ପୋଲିସ ଗୁରୁପଦ ମିଶ୍ରଙ୍କୁ ଗିରଫ କରିଛି । ପୂର୍ବ ବିବାଦକୁ ନେଇ ଦୁଇପକ୍ଷଙ୍କ ମଧ୍ୟରେ ବାକ୍‌ବୁତଣ୍ଡା ହେବାରୁ ଅଭିଯୁକ୍ତ ଗୁରୁତର ଅଭିଯୋଗକାରୀ ସବ୍ୟସାଚୀଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା । ଯାହା ଫଳରେ ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ହୋଇଛି । ପ୍ରତିଶୋଧ ନେବାକୁ ଯାଇ ଅଭିଯୋଗକାରୀ ଓ ତାଙ୍କ ସହଯୋଗୀମାନେ ଗୁରୁଦେବ ଓ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ କରିଥିଲେ । ଯାହାଦ୍ୱାରା ଆକ୍ରମଣ, ପ୍ରତିଆକ୍ରମଣରେ ଉଭୟ ପକ୍ଷରୁ ବହୁ ଆହତ ହୋଇଛନ୍ତି । ପୋଲିସ ଗିରଫ କରିଥିବା ଦୁଇପକ୍ଷର ୪ ଅଭିଯୁକ୍ତଙ୍କୁ ସୋମବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ସମସ୍ତଙ୍କୁ ଜେଲ୍ ହାଜତ ପଠାଇ ଦିଆଯାଇଛି । ଏହି ଗୋଷ୍ଠୀସଂଘର୍ଷରେ ସମ୍ପୃକ୍ତ ଅନ୍ୟମାନଙ୍କୁ ଗିରଫ କରିବା ପାଇଁ ତଦନ୍ତ ଜାରି ରହିଛି ।




### କଟକ ରେଳ ଷ୍ଟେସନରୁ ଧରାପଡ଼ିଲେ ଲୁଟେରା

## ଜଣେ ମହିଳାଙ୍କ ସହ ପଶ୍ଚିମବଙ୍ଗର ୩ ଗିରଫ

କଟକ, (ସବ୍ୟୁ): କଟକ ରେଳ ଷ୍ଟେସନରେ ଏକ ସ୍ୱତନ୍ତ୍ର ଅଭିଯାନରେ ରେଳବାଇ ପୁଲିସ ଓ ରେଳବାଇ ସୁରକ୍ଷା ବଳର ମିଳିତ ଟିମ୍ ଚଳନ୍ତା ଟ୍ରେନରୁ ଚୋରି ହୋଇଥିବା ପ୍ରାୟ ୨.୫ ଲକ୍ଷ ଟଙ୍କା ମୂଲ୍ୟର ଏକ ସୁନା ରାଣୀ ହାର ଉଦ୍ଧାର କରିବା ସହ ଜଣେ ମହିଳାଙ୍କ ସମେତ ତିନି ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛନ୍ତି । ମିଳିଥିବା ସୂଚନା ଅନୁଯାୟୀ, ୪.୧୨.୨୦୨୫ ରିଖରେ ପୀଡ଼ିତାଙ୍କ ସ୍ୱାମୀଙ୍କ ଏକ ଲିଖିତ ଅଭିଯୋଗ ଆଧାରରେ କଟକ ଜିଆରପିଏସ୍ ଥାନାରେ ମାମଲା କେସ୍ ନଂ ୨୪୯/୨୦୨୫, ଧାରା ୩୦୫(ମ) ବିଏନ୍‌ଏସ୍ ରୁଜୁ କରାଯାଇଥିଲା । ଅଭିଯୋଗ ଅନୁସାରେ, ତାଙ୍କ ପତ୍ନୀ ଟ୍ରେନ୍ ନଂ ୧୨୮୮୦ ମୁମ୍ବାଇ-ଏଲ୍‌ଟିଟି ସୁପରଫାଷ୍ଟ ଏକ୍ସପ୍ରେସ୍‌ର ବି/୨ କୋଚରେ ଯାତ୍ରା କରୁଥିବା ବେଳେ ସେହି ଦିନ ସକାଳ ୭ଟା ୧୦ରୁ ୮ଟା ୧୦ ମଧ୍ୟରେ ତାଙ୍କ ଭ୍ୟାନିଟି ବ୍ୟାଗରୁ ଉକ୍ତ ସୁନା ହାରଟି ଚୋରି ହୋଇଯାଇଥିଲା । କଟକ ରେଳ ଷ୍ଟେସନରୁ ଟ୍ରେନ୍ ଛାଡିବା ପରେ ଏହି ଚୋରି ବିଷୟରେ ଯାତ୍ରୀ ଜାଣିବାକୁ ପାଇଥିଲେ । ଏହି ଘଟଣାର ତଦନ୍ତ ସମୟରେ, ଗତ ୬ ତାରିଖ ଦିନ ଆରପିଏଫ୍, ସିଆଇବି ଏବଂ ଜିଆରପିଏସ୍ କଟକର ଏକ ମିଳିତ ଟିମ୍ କଟକ ରେଳ ଷ୍ଟେସନର ପ୍ଲାଟଫର୍ମ ନମ୍ବର ୧ (ବିଏର୍‌ସି ପଟ) ରେ ତିନି ଜଣ ବ୍ୟକ୍ତିଙ୍କୁ ସନ୍ଦେହରେ ଅଟକ ରଖି ଖାନତଲାସ କରାଯାଇଥିଲା । ତଲାସ ସମୟରେ ଅଭିଯୁକ୍ତ ସାବିତ୍ରୀ ଦେବୀ (୪୦)ଙ୍କ ଠାରୁ ଚୋରି ହୋଇଥିବା ସୁନା ରାଣୀ ହାରକୁ ଜବତ କରାଯାଇଥିଲା । ଅନ୍ୟ ଗିରଫ ଅଭିଯୁକ୍ତମାନେ ହେଲେ ସୁଦାମ ସିଂହ (୩୩) ଏବଂ ରାଜେଶ ସିଂହ (୨୦) । ଏହି ତିନି ଜଣ ଅଭିଯୁକ୍ତ ପଶ୍ଚିମବଙ୍ଗର ବର୍ଦ୍ଧମାନ ଜିଲ୍ଲା, ପାଣ୍ଡବେଶ୍ୱରର ବାସିନ୍ଦା ବୋଲି ଜଣାପଡ଼ିଛି । ସେମାନଙ୍କ ନିକଟରୁ ମୋବାଇଲ୍ ଫୋନ୍, ପରିଚୟପତ୍ର, ନଗଦ ଟଙ୍କା ଏବଂ ଯାତ୍ରା ସମ୍ବନ୍ଧୀୟ କାଗଜପତ୍ର ମଧ୍ୟ ଜବତ ହୋଇଛି । ନିବିଡ଼ ଜେରା ବେଳେ ଅଭିଯୁକ୍ତମାନେ ସେମାନେ ଏକ ସଂଗଠିତ ଗୋଷ୍ଠୀ ଭାବରେ ଚଳନ୍ତା ଟ୍ରେନରେ ଯାତ୍ରୀମାନଙ୍କୁ ଟାର୍ଗେଟ୍ କରୁଥିବା ସ୍ୱୀକାର କରିଥିଲେ । ଫଳସ୍ୱରୂପ, ସମସ୍ତ ତିନି ଜଣ ଅଭିଯୁକ୍ତଙ୍କୁ ଧାରା ୩୦୫(ମ)/୩(୫) ବିଏନ୍‌ଏସ୍ ଅନୁଯାୟୀ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା ଏବଂ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି ।

## ୨ ବଖରା ଭସ୍ମୀଭୂତ

ନାଉଗାଁ,(ସବ୍ୟୁ):ନାଉଗାଁ ବ୍ଲକ ଅନ୍ତର୍ଗତ ଘୋଡାନ୍ଦ ପଞ୍ଚାୟତର ଚନ୍ଦ୍ର ପୁର ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ଗତକାଲି ସନ୍ଧ୍ୟା ସମୟରେ ଚନ୍ଦ୍ରପୁର ଗ୍ରାମର ସୁରେଶ ଚନ୍ଦ୍ର ଦାସଙ୍କ ଗୁହାଳ ଘର ଜଳୁଥିବା ତାଙ୍କ ସ୍ତ୍ରୀ ଦେଖିବାକୁ ପାଇଥିଲେ। ସେ ସଙ୍ଗେସଙ୍ଗେ ଗ୍ରାମବାସୀମାନଙ୍କୁ ଡାକିବା ସହିତ ନାଉଗାଁ ଅଗ୍ନିଶମ ବିଭାଗକୁ ସୁଚନା ଦେଇଥିଲେ। ଅଗ୍ନିଶମ ବାହିନୀ ଏବଂ ଗ୍ରାମବାସୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ତାଙ୍କର ୨ବଖରା ଘର ସମେତ ସମସ୍ତ ଆସବାବପତ୍ର ପୋଡି ପାଉଁଶ ହୋଇଯାଇଥିଲା

### ତୃତୀୟ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକ ସଫଳ

## ଅଷ୍ଟ୍ରେଲିଆର 'ନ୍ୟୁ ସାଉଥ୍ ୱେଲ୍ସ ବିଶ୍ୱବିଦ୍ୟାଳୟ' ଭାରତରେ ଖୋଲିବ କ୍ୟାମ୍ପସ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ଜେସନ କ୍ଲେର୍‌ଙ୍କ ଉପସ୍ଥିତିରେ ସୋମବାର ନୂଆଦିଲ୍ଲୀ ଠାରେ 'ତୃତୀୟ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ' (ଏଆଇଇଏସସି) ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଅଷ୍ଟ୍ରେଲିଆର ଦକ୍ଷତା ଓ ତାଲିମ ମନ୍ତ୍ରୀ ଆଣ୍ଡ୍ରୁ ଗିଲ୍ସ ଏବଂ ଆନ୍ତର୍ଜାତୀୟ ଶିକ୍ଷା ସହାୟକ ମନ୍ତ୍ରୀ ଜୁଲିଆନ ହିଲ୍ ଏବଂଅଷ୍ଟ୍ରେଲିଆର ପ୍ରତିନିଧିମଣ୍ଡଳୀର ସଦସ୍ୟମାନେ ଯୋଗ ଦେଇଥିଲେ । ଏଆଇଇଏସସି ବୈଠକ ଦୁଇ ଦେଶର ପ୍ରଗତିକୁ ଆଗକୁ ବଢାଇବା ତଥା ଭାରତ-ଅଷ୍ଟ୍ରେଲିଆ ମଧ୍ୟରେ ଶିକ୍ଷା, ଦକ୍ଷତା ଏବଂ ଗବେଷଣା ଭାଗୀଦାରୀରେ ନୂତନ ଦିଗନ୍ତ ସୃଷ୍ଟି ପାଇଁ ଏକ ମହାନ ସୁଯୋଗ ଭାବେ କାର୍ଯ୍ୟ କରିଛି । ଏହା ଭାରତୀୟ ଯୁବକମାନଙ୍କ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିବା ସହିତ ଶିକ୍ଷା ଏବଂ ଦକ୍ଷତା ବିକାଶର ସମସ୍ତ କ୍ଷେତ୍ରରେ ଦ୍ୱିପାକ୍ଷିକ ସମ୍ପର୍କକୁ ଅଧିକ ଦୃଢ଼ କରିଛି । ଶ୍ରୀ ପ୍ରଧାନ ମନ୍ତ୍ରୀମଣ୍ଡଳ ଏବଂ ଅଷ୍ଟ୍ରେଲୀୟ ପ୍ରତିନିଧିମଣ୍ଡଳଙ୍କୁ ସ୍କୁଲ ଶିକ୍ଷା, ଉଚ୍ଚଶିକ୍ଷା ଏବଂ ଗବେଷଣା ତଥା ଦକ୍ଷତା ବିକାଶ ଭଳି କ୍ଷେତ୍ର ଉପରେ ହୋଇଥିବା



ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପାଇଁ ସାଧୁବାଦ ଜଣାଇବା ସହ ଭାରତ-ଅଷ୍ଟ୍ରେଲିଆ ଶିକ୍ଷା ଏବଂ ଦକ୍ଷତା ପରିଷଦ ମଞ୍ଚକୁ ଏକ ଉଚ୍ଚସ୍ତରକୁ ନେଇଯିବା ପାଇଁ ସେମାନଙ୍କର ଉଲ୍ଲେଖନୀୟ ପ୍ରୟାସକୁ ପ୍ରଶଂସା କରିଛନ୍ତି ।

ଅପରପକ୍ଷରେ ଥିବା ତୃତୀୟ ଅଷ୍ଟ୍ରେଲିଆ-ଭାରତ ଶିକ୍ଷା ଏବଂ ଦକ୍ଷତା ପରିଷଦ ବୈଠକରେ ଏକ ବଡ଼ ଘୋଷଣା କରାଯାଇଛି । କ୍ୟୁଏସ୍ ୱାର୍ଲ୍ଡ ୟୁନିଭର୍ସିଟି ରାଙ୍କିଙ୍ଗରେ ବିଶ୍ୱର ଶ୍ରେଷ୍ଠ-୨୦ ମଧ୍ୟରେ ସ୍ଥାନ ପାଇଥିବା ଅଷ୍ଟ୍ରେଲିଆର ଏକ ପ୍ରମୁଖ ବିଶ୍ୱବିଦ୍ୟାଳୟ 'ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ' ଭାରତରେ ଏକ ଶାଖା କ୍ୟାମ୍ପସ୍ ସ୍ଥାପନ କରିବାକୁ ଯାଉଛି । ଏହି ମର୍ମରେ ଶ୍ରୀ ପ୍ରଧାନ ଓ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀ ମିଳିତ ଭାବରେ 'ୟୁନିଭର୍ସିଟି ଅଫ୍ ନ୍ୟୁ ସାଉଥ୍ ୱେଲ୍ସ' କୁ ଲେଟର୍ ଅଫ୍ ଇଣ୍ଟେଣ୍ଟ(ଏଲଓଆଇ) ପ୍ରଦାନ କରିଛନ୍ତି । ଏହି ପଦକ୍ଷେପ ଭାରତ-ଅଷ୍ଟ୍ରେଲିଆ ଜ୍ଞାନ ଭାଗୀଦାରୀକୁ ଆହୁରି ମଜବୁତ କରିବ। ସେ ୟୁଏନଏସଡବ୍ଲ୍ୟୁକୁ ଅଭିନନ୍ଦନ ଜଣାଇବା ସହ ଭାରତକୁ ସ୍ୱାଗତ କରିଛନ୍ତି ।

ଶ୍ରୀ ପ୍ରଧାନ କହିଛନ୍ତି ଶିକ୍ଷା, ଦକ୍ଷତା ଏବଂ ଗବେଷଣା ଭାରତ-ଅଷ୍ଟ୍ରେଲିଆ ରଣନୀତିକ ଭାଗିଦାରୀର ମୁଖ୍ୟ ସ୍ତମ୍ଭ । ଉଭୟ ଭାରତ ଏବଂ ଅଷ୍ଟ୍ରେଲିଆ ନିମ୍ନଲିଖିତ କ୍ଷେତ୍ରଗୁଡ଼ିକରେ ମିଳିତ ଭାବେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧତା ଦୋହରାଇଛନ୍ତି ଯଥା ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷାରେ ସହଯୋଗ, ପ୍ରଯୁକ୍ତିବିଦ୍ୟା ଆପଣାଇବା, ଅନୁଷ୍ଠାନଗତ କ୍ଷମତା ନିର୍ମାଣ ଏବଂ ଶିକ୍ଷକମାନଙ୍କୁ ସଶକ୍ତ କରିବା, ଏଆଇ, ଅତ୍ୟାଧୁନିକ ଟେକ୍ନୋଲୋଜି ମ୍ୟାଟେରିଆଲ, ସେମିକଣ୍ଡକ୍ଟର, ମେଡଟେକ୍, ଶକ୍ତି ଏବଂ ସ୍ଥାୟୀତ୍ୱ ଭଳି ଗୁରୁତ୍ୱପୂର୍ଣ୍ଣ ତଥା ଉଦୀୟମାନ କ୍ଷେତ୍ରଗୁଡ଼ିକ ପାଇଁ ଯୁବକମାନଙ୍କୁ ପ୍ରସ୍ତୁତ କରିବା । ଖେଳ ଶିକ୍ଷା ଏବଂ ନୂତନ ଦକ୍ଷତା ଭାଗିଦାରୀ କାର୍ଯ୍ୟକ୍ରମ ଆରମ୍ଭ କରିବା ଉପରେ ବୈଠକରେ ଆଲୋଚନା ହୋଇଛି । ଏହି ସହଯୋଗ ବିଦ୍ୟାଳୟ, ଉଚ୍ଚ ଶିକ୍ଷା ଏବଂ ଦକ୍ଷତା ଶିକ୍ଷା କ୍ଷେତ୍ରରେ ହୋଇଥିବା ଆଲୋଚନା ଗୁଡ଼ିକୁ ସଫଳତାର ସହ କାର୍ଯ୍ୟକାରୀ କରିବାକୁ ନିଷ୍ପତ୍ତି ନିଆଯାଇଛି, ଯାହା ଭବିଷ୍ୟତରେ ଆମ ଦୁଇ ଦେଶ ମଧ୍ୟରେ ସମ୍ପର୍କର ସେତୁକୁ ଆହୁରି ଦୃଢ଼ କରିବ । ଏହା ପୂର୍ବରୁ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ପ୍ରଧାନ ଅଷ୍ଟ୍ରେଲିଆର ଶିକ୍ଷା ମନ୍ତ୍ରୀଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ଉଭୟ ମନ୍ତ୍ରୀ ଏକ ଯୁଗ୍ମ ସାମ୍ବାଦିକ ସମ୍ମିଳନୀକୁ ମଧ୍ୟ ସମ୍ବୋଧିତ କରିଥିଲେ । ଏହି ଅବସରରେ ଶିକ୍ଷା, ଇନୋଭେସନ ଏବଂ ଗବେଷଣା କ୍ଷେତ୍ରରେ ଦୁଇ ଦେଶ ମଧ୍ୟରେ ଥିବା ସହଯୋଗକୁ ସମୀକ୍ଷା କରାଯିବା ସହ 'ପ୍ରି-ସ୍କୁଲରୁ ପିଏଚ୍‌ଡି' ପର୍ଯ୍ୟନ୍ତ ସମ୍ପର୍କକୁ ଅଧିକ ଦୃଢ଼ କରିବା ଉପରେ ସୁଚିନ୍ତିତ ଆଲୋଚନା ହୋଇଥିଲା ।

## କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ସେନ୍ ଗ୍ଲୋବ୍‌ର ପ୍ରତିଷ୍ଠା ଦିବସ

ଭୁବନେଶ୍ୱର, (ସବ୍ୟୁ): କିଟ୍ ଇଣ୍ଟରନ୍ୟାସନାଲ ସ୍କୁଲରେ ସ୍ୱତନ୍ତ୍ର ଛାତ୍ରଛାତ୍ରୀଙ୍କ ପାଇଁ ଥିବା ସ୍ପେଶାଲ୍



ଏଜୁକେସନାଲ୍ ନିଡ୍‌ସ (ସେନ୍) ଗ୍ଲୋବର ୧୧ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୋବେଲ ପୁରସ୍କାର ବିଜେତା ପ୍ରଫେସର ଅଭିଜିତ ବିନାୟକ ବାନାର୍ଜୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି କହିଲେ, ଆମେ ସମସ୍ତେ ଭିନ୍ନ । ଆମେ ନିରନ୍ତର ସ୍ଥିର ଉପାୟରେ ନିଜର ସଫଳତାକୁ ଶ୍ରେୟ ଦେବାକୁ ଚେଷ୍ଟା କରୁ । ସେ କହିଲେ, ଶିକ୍ଷକ ଶିକ୍ଷୟିତ୍ରୀ କିମ୍ବା ଅଭିଭାବ ସେମାନଙ୍କ ପିଲାଙ୍କ ଚିନ୍ତାଧାରା, ସର୍ଜନା ଓ ଦୃଷ୍ଟିକୋଣକୁ ଗୁରୁତ୍ୱଦେବା ଉଚିତ । ଅଭିଭାବକମାନେ ସେମାନଙ୍କ ଚିନ୍ତାଧାରା ପିଲାଙ୍କ ଉପରେ ଲଦିଦେବା ଉଚିତ ନୁହେଁ । ପିଲାମାନଙ୍କୁ ସେମାନଙ୍କ ଅନ୍ତର୍ନିହିତ ଦକ୍ଷତା ପରିପ୍ରକାଶ ନିମନ୍ତେ ଅଭିଭାବକ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସୁଯୋଗ ଦେବା ଉଚିତ ।

ଏହି ଅବସରରେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କିଟ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍ ସେନ୍ ଗ୍ଲୋବ ଜରିଆରେ ମାନସିକ ଓ ଶାରୀରିକ ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କୁ ସାଧାରଣ ଛାତ୍ରଛାତ୍ରୀଙ୍କ ସମକକ୍ଷ କରାଇବା ପାଇଁ ଯେଉଁ ପ୍ରୟାସ ଜାରି ରଖିଛି ତାହା ଭାରତରେ ବିରଳ । ଫଳରେ ଏଠାରେ ପଢୁଥିବା ଏହି ଛାତ୍ରଛାତ୍ରୀମାନେ ସାଧାରଣ ଛାତ୍ରଛାତ୍ରୀଙ୍କ ଭଳି ଶିକ୍ଷା ତଥା ବିଭିନ୍ନ କ୍ଷେତ୍ରରେ ଆତ୍ମବିଶ୍ୱାସ ସହ ପାରଦର୍ଶିତା ଲାଭ କରୁଛନ୍ତି । ଏଥିପାଇଁ ସେ କିଟ୍ ସେନ୍ ଗ୍ଲୋର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହା ସହ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଚେୟାର ପର୍ସନ ଡ. ମୋନାଲିସା ବଳ, ଅଧ୍ୟକ୍ଷ ଡ ସଞ୍ଜୟ ସୁଆରଙ୍କ ସେମାନଙ୍କ ପ୍ରୟାସ ପାଇଁ ଅଭିନନ୍ଦନ ଜଣାଇଥିଲେ ।

ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦିନ ତମାମ ବିଭିନ୍ନ ପ୍ରତିଯୋଗିତା ଓ ସାଂସ୍କୃତିକ କାର୍ଯ୍ୟକ୍ରମର ଝଲକ ଦେଖିବାକୁ ମିଳିଥିଲା । ଏହା ସହ ବାଲ୍ ଶକ୍ତି ପୁରସ୍କାର ବିଜେତା କୋରୋକ୍ ବିଶ୍ୱାସଙ୍କ ଏକ ସୁନ୍ଦର ଶାସ୍ତ୍ରୀୟ କାର୍ଯ୍ୟକ୍ରମ ପ୍ରଦର୍ଶନ ଦର୍ଶକଙ୍କୁ ବିଶେଷ ଭାବରେ ଆକର୍ଷିତ କରିଥିଲା । ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଡ. ମୋନାଲିସା ବଳ, ଡ. ସଞ୍ଜୟ ସୁଆର ଓ ଇଂଟରନ୍ୟାସ୍‌ନାଲ୍ କରିକୁଲମ୍‌ର ମୁଖ୍ୟ ଡ. ମାର୍କ କୋଲେମନ ପ୍ରମୁଖ ଉପସ୍ଥିତ ଥିଲେ ।

### ଜଳି ପାଉଁଶ ହୋଇଗଲା ଫଳ ମାର୍କେଟ

## ସହାୟତା ଘୋଷଣା କଲେ ବିଧାୟକ କଳିକେଶ, ପୌର ପରିଷଦ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସରକାରୀ ବସଷ୍ଟାଣ୍ଡ ନିକଟସ୍ଥ ଫଳ ମାର୍କେଟ ହୁତୁ ହୁତୁ ହୋଇ ଜଳିଗଲା । ଖୁବ୍ କମ୍ ସମୟ ଭିତରେ ଲକ୍ଷାଧିକ ଟଙ୍କାର ଫଳ ଓ ଦୋକାନ ପୋଡ଼ି ପାଉଁଶ ହୋଇଗଲା । ଘଟଣାଟି ସୋମବାର ଅପରାହ୍ନ ପ୍ରାୟ ୩.୩୦ ମିନିଟ ସମୟରେ ଫଳ ମାର୍କେଟରେ ଭୟାବହ ଅଗ୍ନିକାଣ୍ଡ ଘଟିଥିଲା । ଦମକଳ ବାହିନୀ ଘଟଣା ସ୍ଥଳରେ ପହଞ୍ଚିବା ପୂର୍ବରୁ ସମସ୍ତ ଫଳ ଦୋକାନ ଜଳିଗଲା । ଠିକ୍ ସମୟରେ ଦମକଳ ପହଞ୍ଚିଥିଲେ ଅଗ୍ନି ପ୍ରକୋପରୁ କିଛିଟା ରକ୍ଷା କରାଯାଇ ପାରିଥାନ୍ତା ବୋଲି ଦୋକାନୀ ମାନେ ଅଭିଯୋଗ କରିଛନ୍ତି । କେଉଁ କାରଣରୁ ନିଆଁ ଲାଗିଲା ସ୍ପଷ୍ଟ ହୋଇନଥିଲେ ମଧ୍ୟ ବିଦ୍ୟୁତ ସଟସର୍କିଟ ଯୋଗୁ ନିଆଁ ଲାଗି ଥିବା କୁହାଯାଉଛିଦୋକାନୀ ମାନଙ୍କ କହିବା ଅନୁଯାୟୀ ଏହି ଫଳ ମାର୍କେଟ ରେ ୮୧ ଗୋଟି ଷ୍ଟଲ ଥିଲା ।

ଏଠି ପ୍ରଶ୍ନ ଉଠେ ଏକାଧିକ ଷ୍ଟଲ ରେ ଏତେ ଶୀଘ୍ର ନିଆଁ ବ୍ୟାପିଲା କିପରି । ଏହାର ଉଚ୍ଚସ୍ତରୀୟ ତଦନ୍ତ ହେବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି । ଏହା ପୂର୍ବରୁ ମଧ୍ୟ ଏହି ଫଳ ମାର୍କେଟରେ ଅଗ୍ନିକାଣ୍ଡ ହୋଇ ଜଣେ ଜୀବନ୍ତ ଦଗ୍ଧ ହୋଇଥିବା ଫଳ ଦୋକାନୀ ମାନେ ପ୍ରକାଶ କରିଥିଲେ । ଫଳ ଦୋକାନ ଗୁଡ଼ିକ ଦୀର୍ଘ ବର୍ଷ ହେବ ବାଉଁଶ ତାଟି ଆଭରଣରେ ଅବସ୍ଥିତ । ଏଣୁ ଦୋକାନ ଗୁଡ଼ିକର ବୀମା କରିଥିଲେ କି



ବୋଲି ପ୍ରଶ୍ନ ହୁଏ ।

ଖବର ପାଇ ଏସପି ଅଭିଳାଷ ଜି, ଜିଲାପାଳ ଗୌରବ ଶିବାଜୀ ଇସଲୱାର, ଅତିରିକ୍ତ ଜିଲାପାଳ ପବିତ୍ର ବେହେରା, ପୌରାଧକ୍ଷା ଲିକା ସାହୁ,ତହସିଲଦାର, ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀ ସନ୍ତୋଷ ବେହେରା ଘଟଣାସ୍ଥଳରେ ପହଞ୍ଚିଥିଲେ । ଏସଡିପିଓ ସରୋଜ ଉପାଧ୍ୟାୟ,ଟାଉନ ଥାନା ଅଧିକାରୀ ଅବନୀ ସାହୁ ଘଟଣାସ୍ଥଳକୁ ଆସି ଫଳ ଦୋକାନୀଙ୍କ ସହ ଆଲୋଚନା କରିଥିଲେ । କ୍ଷତିପୂରଣ ଦାବିରେ ଫଳ ଦୋକାନୀମାନେ ଦୀର୍ଘ ସମୟଧରି ରାସ୍ତାରୋକୋ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ । ପରେ ତହସିଲଦାର ଆସି ଫଳ ବେପାରୀଙ୍କ ସହିତ କ୍ଷତିପୂରଣ ଦାବି ନେଇ ଆଲୋଚନା କରିଥିଲେ । ଅଗ୍ନିଶମ ବିଭାଗ ପକ୍ଷରୁ ତିନିଟି ଦମକଳ ଲାଗିଥିଲେ ମଧ୍ୟ ଆଖି ପିଛୁଳାକେ ଫଳ ଦୋକାନ ଜଳିପୋଡି ଛାରଖାର ହୋଇଯାଇଥିଲା । ତେବେ ସ୍ୱଷ୍ଟ ଦିବାଲୋକ ରେ କିପରି ନିଆଁ ଲାଗିଲା ତାର ଉଚ୍ଚ ସ୍ତରୀୟ ତଦନ୍ତ ହେଲେ ପ୍ରକୃତ ରହସ୍ୟ ଲୋକଲୋଚନକୁ ଆସିବ । ଅନ୍ୟ ପକ୍ଷରେ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଫଳ ବଜାର ଜଳିପୋଡ଼ି ଛାରଖାରର ହୋଇଯିବାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି । ନିଜ ବିଧାୟକ ପାଣ୍ଠିରୁ ସମସ୍ତ କ୍ଷତିଗ୍ରସ୍ତ ଦୋକାନୀଙ୍କୁ ସହାୟତା ରାଶି ପ୍ରଦାନ କରିବେ ବୋଲି ଘୋଷଣା କରିବା ସହିତ ଏହି ଅସମୟରେ ସେମାନଙ୍କ ସହ ଛିଡ଼ା ହୋଇ ରହିବେ ବୋଲି ବିଧାୟକ ଶ୍ରୀ ସିଂହଦେଓ କହିଛନ୍ତି । ସେହିପରି ବଲାଙ୍ଗିର ପୌର ପରିଷଦ ପକ୍ଷରୁ ପୌରାଧକ୍ଷା ଲିକା ସାହୁ ଦୁଃଖଦ ଘଟଣାକୁ ନିନ୍ଦା କରିବା ସହ ଉଜୁଡ଼ି ଯାଇଥିବା ଦୋକାନୀ ମାନଙ୍କ ପାଇଁ ପୌର ପରିଷଦ ପକ୍କା ଦୋକାନ ଘରର ବ୍ୟବସ୍ଥା କରିବ ବୋଲି କହିଛନ୍ତି । ଏହା ସହିତ ପ୍ରତିକ୍ଷତିଗ୍ରସ୍ତ ଦୋକାନୀଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସହାୟତା ରାଶି ପ୍ରଦାନ କରିବ ବୋ ଶ୍ରୀମତୀ ସାହୁ ଘେଷଣା କରିଛନ୍ତି । ଏଭଳି ଦୁଃଖଦ ସମୟରେ ସବୁବେଳେ ପୌର ପରିଷଦ ଆପଣ ମାନଙ୍କ ସହ ରହିଛି ବୋଲି କ୍ଷତିଗସ୍ତ ଦୋକାନୀ ମାନଙ୍କୁ ପୌରାଧକ୍ଷା ଶ୍ରମତୀ ସାହୁ ଭରଷା ଦେଇଛନ୍ତି ।

### ନୋଟାରୀ ଅଟୋମେସନ୍ ପୋର୍ଟାଲ ଉଦ୍‌ଘାଟିତ

## ସମୀକ୍ଷା କଲେ ସହକାରୀ ନିର୍ଦ୍ଦେଶକ

ଭୁବନେଶ୍ୱର, (ସବ୍ୟୁ): ବିଭିନ୍ନ ନ୍ୟାୟିକ ଦସ୍ତାବିଜକୁ ପ୍ରମାଣିକୃତ ଓ ବୈଧ କରିବା କ୍ଷେତ୍ରରେ ନୋଟାରୀମାନେ ପ୍ରମୁଖ ଭୂମିକା ଗ୍ରହଣ କରିଆସୁଛନ୍ତି । ତେଣୁ ନୋଟାରୀ ମ୍ୟାନେଜ୍‌ମେଣ୍ଟ ସିଷ୍ଟମକୁ ସହଜ ଓ ସରଳ କରିବା କ୍ଷେତ୍ରରେ ନୋଟାରୀ ଅଟୋମେସନ୍ ପୋର୍ଟାଲ ବେଶ୍ ଉପଯୋଗୀ ସାବ୍ୟସ୍ତ ହେବ ବୋଲି ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମତବ୍ୟକ୍ତ କରିଛନ୍ତି । ଆଇନ ବିଭାଗ ପକ୍ଷରୁ ଲୋକସେବା ଭବନସ୍ଥିତ କନ୍‌ଭେନ୍‌ସନ୍ ହଲ ପରିସରରେ ନୋଟାରୀ ଅଟୋମେସନ୍ ପୋର୍ଟାଲକୁ ଉଦ୍‌ଘାଟନ କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ଏହି ପୋର୍ଟାଲରେ ନୋଟାରୀମାନଙ୍କର ନୂତନ ନିଯୁକ୍ତି, ପଞ୍ଜିକରଣ, ଦୈନିକ ଡକୁମେଣ୍ଟ ଅପ୍‌ଲୋଡ୍, କାର୍ଯ୍ୟ ବିବରଣୀ ଭଳି କାର୍ଯ୍ୟ ଅନ୍‌ଲାଇନ୍‌ରେ ସମ୍ଭବ ହୋଇପାରିବ । ଫଳରେ ସମୟ ବଞ୍ଚିବା ସହିତ ଆଇନ ପ୍ରକ୍ରିୟାରେ ସ୍ୱଚ୍ଛତା ଆସିପାରିବ ।



ଏହି ଅବସରରେ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସହକାରୀ ନିର୍ଦ୍ଦେଶକ, ଆଇନଙ୍କ ବିଭାଗୱାରୀ କାର୍ଯ୍ୟର ସମୀକ୍ଷା କରି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ ରାଜ୍ୟ ସରକାରଙ୍କୁ ଆଇନଗତ ପରାମର୍ଶ ଦେବା ଏବଂ ଚାଲିଥିବା ମାମଲା ପରିଚାଳନା କ୍ଷେତ୍ରରେ ସହକାରୀ ନିର୍ଦ୍ଦେଶକମାନେ ନିଜର ଦାୟିତ୍ୱ ନିର୍ବାହ କରିଆସୁଛନ୍ତି । ଏହି ଅଧିକାରୀମାନେ ହେଲେ ରାଜ୍ୟ ସରକାରଙ୍କ ପ୍ରମୁଖ ଅଙ୍ଗ ସଦୃଶ । ତେଣୁ ଏହି ଅଙ୍ଗଗୁଡ଼ିକର ସକ୍ରିୟତା ସରକାର ଓ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବ । ତେଣୁ, କାର୍ଯ୍ୟରତ ସହକାରୀ ନିର୍ଦ୍ଦେଶକ, ଆଇନ ମାନେ ବିଭିନ୍ନ ମାମଲା, ବିଶେଷ କରି ପୁରୁଣା ମାମଲାଗୁଡ଼ିକର ଭଲ ଭାବେ ତର୍ଜମା କରି ବିଭାଗକୁ ସଠିକ୍ ପରାମର୍ଶ ଦେବା ଉପରେ ମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥି ସହିତ ଅଧିକାରୀମାନଙ୍କ ନିୟମିତ ତାଲିମ ଓ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଗୁରୁତ୍ୱ ଦେଇଥିଲେ । ସେହିପରି ବିଭାଗୀୟ ପ୍ରମୁଖ ଶାସନ ସଚିବ ପବିତ୍ର ମୋହନ ସାମଲ ସବୁ ବିଭାଗରେ ପଡ଼ିଥିବା ମାମଲା ଏବଂ ଏହାର ସ୍ଥିତି ବାବଦରେ ସହକାରୀ ନିର୍ଦ୍ଦେଶକ ମାନଙ୍କ ଠାରୁ ତଥ୍ୟ ମାଗିବା ସହ ମଧ୍ୟସ୍ଥତା ଆଇନର ବ୍ୟବହାର ଏବଂ କାର୍ଯ୍ୟଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଶାସନ ସଚିବ ପ୍ରଣବ କୁମାର ପାତ୍ର ଓ ଭଗବାନ ପ୍ରସାଦ ସାହୁ, ଅତିରିକ୍ତ ଶାସନ ସଚିବ ଶିବପ୍ରସାଦ ମହାପାତ୍ର ଓ ଅରୁଣ କୁମାର ସାହୁଙ୍କ ସମେତ ବିଭିନ୍ନ ବିଭାଗରେ କାର୍ଯ୍ୟରତ ସହକାରୀ ନିର୍ଦ୍ଦେଶକ, ଆଇନ ଓ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହା ଦ୍ୱାରା ଆଇନଜୀବୀମାନେ ଅନ୍‌ଲାଇନ୍ ଜରିଆରେ ନୋଟାରୀ ନିଯୁକ୍ତି ପାଇଁ ଅନ୍‌ଲାଇନ୍‌ରେ ଆବେଦନ କରିପାରିବେ । ଏଥି ସହିତ ନୋଟାରୀମାନେ ନିଜ ସାର୍ଟିଫିକେଟ୍‌ର ନବୀକରଣ, ବିବରଣୀ ସଂଶୋଧନ ଓ ଅନ୍ୟାନ୍ୟ ସେବାଗୁଡ଼ିକୁ ଡିଜିଟାଲ୍ ଫର୍ମାଟ୍‌ରେ ପାଇପାରିବେ । ଏହା ସୁବିଧାଜନକ ହେବା ସହ ସ୍ୱଚ୍ଛ ଓ ଦ୍ରୁତ ସେବା ପ୍ରଦାନ ସୁନିଶ୍ଚିତ ହୋଇପାରିବ । ଏହି ପୋର୍ଟାଲ ନୋଟାରୀ ଆବେଦନ ପ୍ରକ୍ରିୟା, ରେକର୍ଡ ରକ୍ଷଣାବେକ୍ଷଣରେ କାର୍ଯ୍ୟ କୁଶଳତା ବଢ଼ାଇବ । ଏହି ପୋର୍ଟାଲରେ ନୋଟାରୀମାନେ ନିୟମିତ ଭାବେ ନିଜ କାର୍ଯ୍ୟ ସମ୍ପର୍କିତ ତଥ୍ୟ ଅପ୍‌ଲୋଡ୍ କରିବେ ଏବଂ ଏହା ପ୍ରକ୍ରିୟାଗତ ସ୍ୱଚ୍ଛତାକୁ ସୁନିଶ୍ଚିତ କରିବା ସହ ଦୁର୍ନୀତି ଓ ଠକାମିର ସମ୍ଭାବନା ହ୍ରାସ କରିବ ।

## ଫମ୍ପା ମାଠିଆର ଶବଦ ବେଶି : ନବୀନ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟ ସରକାର ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି । ଏକଥା ସେ କହୁନାହାନ୍ତି ବରଂ ରାଜ୍ୟର ବହୁ ଲୋକ କହୁଛନ୍ତି । ଯାହା ଅତ୍ୟନ୍ତ ଦୁଃଖଦାୟକ । ଫମ୍ପା ମାଠିଆର ଶବ୍ଦ ବେଶି ବୋଲି କହି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ସରକାରଙ୍କୁ କଟାକ୍ଷ କରିଛନ୍ତି । ବିଧାନସଭା ବାହାରେ ଗଣମାଧ୍ୟମକୁ ନବୀନ କହିଛନ୍ତି ଯେ ରାଜ୍ୟରେ ବଜେଟ୍ ବରାଦ ଅର୍ଥ ଖର୍ଚ୍ଚ ହେଉନାହିଁ । ବାରମ୍ବାର ସରକାରଙ୍କୁ କହିବାସତ୍ତ୍ୱେ ଏହା ହୋଇପାରୁନାହିଁ । ଫଳରେ ବିକାଶମୂଳକ କାର୍ଯ୍ୟ ବନ୍ଦ ହୋଇଯାଇଛି । ଏଥିଲାଗି ସାଧାରଣ ଲୋକମାନେ ଅନେକ ହଇରାଣ ହରକତ ହେଉଛନ୍ତି । ସରକାର ଅଧିକ ଖର୍ଚ୍ଚ କରି ଜନସାଧାରଣଙ୍କ କଲ୍ୟାଣ କରନ୍ତୁ ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ ।

## ଏକତା ପଦଯାତ୍ରା

ସାକ୍ଷୀଗୋପାଳ ,(ସବ୍ୟୁ): ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ୧୫୦ ତମ ଜୟନ୍ତୀ ଉପଲକ୍ଷେ ସତ୍ୟବାଦୀରେ ଏକତା ପଦଯାତ୍ରା ଓ ସ୍ୱଦେଶୀ ସଙ୍କଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି । ସାକ୍ଷୀଗୋପାଳ ବସଷ୍ଟାଣ୍ଡ ଠାରୁ ଜାତୀୟ ପତାକାଧରି ବିଧାୟକ ଓମ ପ୍ରକାଶ ମିଶ୍ର ବିଜେପି କର୍ମୀମାନଙ୍କ ଗହଣରେ ସାକ୍ଷୀଗୋପାଳ ବଜାର ପରିକ୍ରମା କରି ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ଏକତା ପଦଯାତ୍ରାରେ ସାମିଲ ହୋଇଥିଲେ । ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖରେ ଉତ୍କଳ ମଣି ପଣ୍ଡିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରିବାପରେ ପଥପ୍ରାନ୍ତ ସଭା ଅନୁଷ୍ଠିତ ହୋଇଥିଲା । ଉପସ୍ଥିତ କର୍ମୀମାନେ ସମୁହ ଜାତୀୟ ସଙ୍ଗୀତ ଗାନ, ସଙ୍କଳ୍ପପତ୍ର ପାଠକରିବା ସହିତ ଯୁବଶକ୍ତି ବିକାଶ ଆଦି ସରକାର ଙ୍କ ବିଭିନ୍ନ ଜନ କଲ୍ୟାଣ କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିବାକୁ ଶପଥ ଗ୍ରହଣ କରିଥିଲେ ।

## ପ୍ରଭାତ, ବିରଞ୍ଚି ପାଇବେ ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର

କଟକ, (ସବ୍ୟୁ):ଚଳିତ ବର୍ଷ ପାଇଁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକ ପୁରସ୍କାର ଭୁବନେଶ୍ୱର ନିବାସୀ ପ୍ରଭାତ ରଞ୍ଜନ ବେହୁରା ଓ ରାଉରକେଲା ନିବାସୀ ବିରଞ୍ଚି ନାରାୟଣ ମିଶ୍ରଙ୍କୁ ମିଳିତ ଭାବେ ଦିଆଯିବ ବୋଲି ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ପକ୍ଷରୁ ଘୋଷଣା କରାଯାଇଛି । ନ୍ୟାସର ଆବାହକ ଦୀପକ କୁମାର ମହାନ୍ତ ଆଜି ଏଠାରେ ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି ଯେ, ଆସନ୍ତା ୧୪ ତାରିଖ ସନ୍ଧ୍ୟାରେ ସ୍ଥାନୀୟ ଗାନ୍ଧି ଭବନଠାରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଏହି ପୁରସ୍କାର ପ୍ରଦାନ କରାଯିବ । ଏଥିରେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡକ୍ଟର କମଳ ପ୍ରସାଦ ମହାନ୍ତି ମୁଖ ଅତିଥି ଓ ସ୍ୱନାମଧନ୍ୟ ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ମୁଖ୍ୟବକ୍ତା ରୂପେ ଯୋଗଦେବେ । ପ୍ରୁଫ୍-ସଂଶୋଧନର ଗୁରୁତ୍ୱକୁ ସମାଜ ଆଗରେ ଉପସ୍ଥାପନ କରିବା ସଙ୍ଗେସଙ୍ଗେ ପ୍ରୁଫ୍-ସଂଶୋଧକମାନଙ୍କୁ ଉତ୍ସାହିତ କରିବା ଲକ୍ଷ୍ୟ ନେଇ ଅଧ୍ୟାପିକା ନୀହାରିକା ଦାସ ସ୍ମୃତି ନ୍ୟାସ ତରଫରୁ ଗତ ବର୍ଷଠାରୁ ଓଡ଼ିଆ ଭାଷାର ଶ୍ରେଷ୍ଠ ପ୍ରୁଫ୍-ସଂଶୋଧକଙ୍କୁ ଅର୍ଥରାଶି ସହ ପୁରସ୍କୃତ କରାଯାଇଆସୁଛି ।

## ରାଜ୍ୟ ଦିବ୍ୟାଙ୍ଗ ମହୋତ୍ସବକୁ ତିରୁପତି ପାଣିଗ୍ରାହୀଙ୍କ ସହଯୋଗ




ଭୁବନେଶ୍ୱର (ସବ୍ୟୁ): ରାଜ୍ୟସ୍ତରୀୟ ଦିବ୍ୟାଙ୍ଗ ମହୋତ୍ସବ-୨୦୨୫ 'ନନ୍ଦିନୀ' ଅନୁଷ୍ଠାନ ତରଫରୁ ବିପିନ ବିହାରୀ ଚୌଧୁରୀ ସ୍କୁଲ ଡେଫ୍ ଖେଳପଡିଆଠାରେ ଆୟୋଜିତ ହୋଇଯାଇଛି । ଏହି ଉତ୍ସବରେ ଓଡିଶାର ବିଭିନ୍ନ ବିଦ୍ୟାଳୟର ପିଲାମାନଙ୍କ ସହ ସେମାନଙ୍କ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସମାଜସେବୀ ପ୍ରଭାସ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡଃ ତିରୁପତି ପାଣିଗ୍ରାହୀ, ସମାଜସେବୀ କରୁଣାକର ନାୟକ, ପୁରୀ ଗୋବର୍ଦ୍ଧନ ପୀଠର ମହାସଚିବ ପ୍ରଶାନ୍ତ ଆଚାର୍ଯ୍ୟ, ବ୍ରିଙ୍ଗସ୍ମାଇଲ୍ ଅଧ୍ୟକ୍ଷା ସୁଚରିତା ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ । ଆଗାମୀ ଦିନରେ ଦିବ୍ୟାଙ୍ଗମାନଙ୍କ ପାଇଁ ସମସ୍ତ ସାହାଯ୍ୟ ସହଯୋଗର ହାତ ବଢାଇ ଦେବେ ବୋଲି ହାଇଟେକ୍ ଗ୍ରୁପ୍‌ର ଅଧ୍ୟକ୍ଷ ଡଃ ତିରୁପତି ପାଣି ଗ୍ରାହୀକ ହିଛନ୍ତି । ଏହି ଅବସରରେ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ତରଫରୁ ଏକ ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା ।

# ଇନ୍‌ଷ୍ଟାଗ୍ରାମରୁ ପ୍ରେମ ଆରମ୍ଭ ଦୁଷ୍କର୍ମରେ ଶେଷ : ଯୁବକ ଗିରଫ

ଗୋଳନ୍ଥରା, (ସବ୍ୟୁ): ପ୍ରଥମେ ସୋସିଆଲ ମିଡିଆରେରେ ପରିଚୟ ଆରମ୍ଭ ଆଉ ସମ୍ପର୍କରେ ନିବିଡ଼ତା ଆସିବା ପରେ ବିବାହର ପ୍ରତିଶ୍ରୁତି ଦେଇ ଦୁଷ୍କର୍ମ କରିଥିବା ଅଭିଯୋଗରେ ଆଜି ଗୋଳନ୍ଥରା ପୋଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଅଭିଯୁକ୍ତ ବ୍ରହ୍ମପୁର ମହାନଗର ଆସ୍କା ରୋଡ଼ ସିତା ରାମ ସାହି ଦିଲ୍ଲୀପ କୁମାର ମାହାଙ୍କୁଡ (୨୮) ବୋଲି ଡ଼ିଏସ.ପି ବିବେକାନନ୍ଦ ସ୍ୱାଇଁ ସୂଚନା ଦେଇଛନ୍ତି । ସୂଚନା ଅନୁସାରେ ଏହି ଥାନା ଅଧିନସ୍ଥ ଏକ ଗ୍ରାମର ଜଣେ ଯୁବତୀ ସହ ବ୍ରହ୍ମପୁର ମହାନଗର ସୀତାରାମ




ସାହି ଦିଲ୍ଲୀପ ଗତ ଏକ ବର୍ଷ ତଳେ ଇନ୍‌ଷଫଗ୍ରାମରେ ପରିଚୟ ଆରମ୍ଭ ହୋଇ ସମ୍ପର୍କ ଆସିଥିଲେ । ପରେ ଉଭୟଙ୍କ ମଧ୍ୟରେ ନିବିଡ ସମ୍ପର୍କ ହୋଇଥିଲା । ଦିଲ୍ଲୀପ ଯୁବତୀକୁ ବିବାହ ପ୍ରତିଶ୍ରୁତି ଦେଇଥିଲେ । ପରେ ଯୁବତୀଙ୍କ ଠାରୁ ପର୍ଯ୍ୟାୟ କ୍ରମେ ୬ ଲକ୍ଷ ୭୫ ହଜାର ଟଙ୍କା ଅନଲାଇନରେ ଦିଲ୍ଲୀପ ନେଇଥିଲେ ଓ ୬ ତୁଳା ସୁନା ମଧ୍ୟ ନେଇଥିଲେ । ହଳଦିଆପଦର ଥିବା ଏକ ଲଜକୁ ବିଭିନ୍ନ ସମୟରେ ଦିଲ୍ଲୀପ ଯୁବତୀକୁ ନେଇ ଶାରୀରିକ ସମ୍ପର୍କ ରଖୁଥିଲେ । ପରବର୍ତୀ ସମୟରେ ଦିଲ୍ଲୀପ ଯୁବତୀଙ୍କୁ ବିବାହ ପାଇଁ ମନା କରି ଦେଇଥିଲେ । ପରେ ଯୁବତୀ ଦିଲ୍ଲୀପକୁ ଦେଇଥିବା ୬ ଲକ୍ଷ ୭୫ ହଜାର ଟଙ୍କା ଓ ସୁନା ମାଗିଥିଲେ । ହେଲେ ସେ ଏହା ଫେରେଇ ନଥିଲେ । ଯୁବତୀଙ୍କୁ ଦିଲ୍ଲୀପ ଧମକ ଚମକ ଦେଉଥିଲେ । ଶେଷରେ ଯୁବତୀ ଜଣଙ୍କ ଗୋଳନ୍ଥରା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏନେଇ ଥାନା କେଶ ନଂ ୫୪୯/୨୫ ପ୍ରକାରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ପୋଲିସ । ବ୍ରହ୍ମପୁର ଅଞ୍ଚଳରୁ ଦିଲ୍ଲୀପକୁ ଉଠେଇ ନେଇ ଥାନା ଅଟକ ରଖି ପଚାର ଉଚରା କରିବା ପରେ ନେଇଥିବା ଟଙ୍କା ଓ ସୁନା ଅନଲାଇନ ଖେଳି ଦେଇଥିବା ପୋଲିସ ନିକଟରେ କହିଥିଲେ । ରବିବାର ପୋଲିସ ଦିଲ୍ଲୀପ ନିକଟରୁ ମୋବାଇଲ ଫୋନ ଜବତ କରିବା ସହ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି ।

## ବାଇଗଣବାଡିଆ ବିବି କଲେଜରେ ଅଘଟଣ

# ଛାତ୍ରଙ୍କୁ ଛୁରୀ ଭୁସୀ ଲହୁଲୁହାଣ କଲେ ଛାତ୍ର

ବାରିପଦା/କୁଳିଅଣା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଥାନା ଅନ୍ତର୍ଗତ ବାଇଗଣବାଡିଆ ସ୍ଥିତ ବାବା ବଳିଆ ମହାବିଦ୍ୟାଳୟରେ ସୋମବାର ଦୁଇଛାତ୍ରଙ୍କ ମଧ୍ୟରେ କଥା କଟାକଟିରୁ ଜଣେ ଛାତ୍ରଙ୍କୁ କ୍ଲାସ ରୁମ୍ ମଧ୍ୟରେ ଛୁରାମାଡ କରି ଲହୁଲୁହାଣ କରିବା ପରି ଅଭାବନୀୟ ଘଟଣା ଘଟିଯାଇଛି। ଏହି ଛୁରାମାଡରେ ଗୁରୁତର ଆହତ ହୋଇ ଚାନ୍ଦୁଆ ଥାନା ତିଳଗଡିଆ ଗ୍ରାମର ପ୍ରହ୍ଲାଦ ବିନ୍ଧାଣୀଙ୍କୁ ବାରିପଦା ଜିଲ୍ଲା ମୁଖ୍ୟ ଚିକିସିାଳୟ ଓ ପରେ ପରିସ୍ଥିତି ସଙ୍କଟାପନ୍ନ ହେବାରୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା । ସୂଚନାଯୋଗ୍ୟ ଯେ ସୋମବାର ଅପରାହ୍ନ ସମୟରେ ଶ୍ରେଣୀ କକ୍ଷରେ ଦ୍ୱିତୀୟ ବର୍ଷ କଳା ଛାତ୍ର ପ୍ରହ୍ଲାଦ ବିନ୍ଧାଣୀ (୧୭) ରୁମ ନଂ ୧୧ରେ ବସିଥିବାବେଳେ ଦ୍ୱିତୀୟ ବର୍ଷ ବାଣିଜ୍ୟ ବିଭାଗ ଛାତ୍ର ଅକ୍ଷୟ ବିଶ୍ୱାଳ, ପ୍ରହ୍ଲାଦକୁ ବେଞ୍ଚରୁ ଟାଣି ଆଣି ପେଟରେ ଛୁରୀ ଭୁସି ଦେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ଆହତ ଛାତ୍ରଙ୍କୁ କେତେକ ପୁରାତନ ଛାତ୍ର ନିଜସ୍ୱ ଗାଡିରେ ନେଇ ପିଆରଏମ ମେଡିକାଲ କଲେଜରେ ଭର୍ତ୍ତି କରିଥିଲେ। ଅନ୍ୟ ଏକ ପ୍ରକୋଷ୍ଠ ରେ ବାଣିଜ୍ୟ ବିଭାଗର ପାଠପଢା ଚାଲିଥିବାବେଳେ ଏହି ଅଭାବନୀୟ ଘଟଣା ଘଟିଲା ବୋଲି ଅଧ୍ୟାପକ ସାଲାରାମ ମାରାଣ୍ଡି ପୋଲିସ ଆଗରେ ପ୍ରକାଶ କରିଛନ୍ତି। ଖବରପାଇ କୁଳିଅଣା ପୁଲିସ ଘଟଣାସ୍ଥଳରେ ସଦଳବଳେ ପହଞ୍ଚି ପୂର୍ବରୁ ଅଟକ ରଖିଥିବା ଅଭିଯୁକ୍ତ ବାରିପଦା ସଦର ଥାନା ଅଧିନ ଦାମୋଦରପୁର ଗ୍ରାମର ଅକ୍ଷୟ ବିଶ୍ୱାଳଙ୍କୁ ଗିରଫ କରି ଥାନାକୁ ଆଣିଥିଲେ। ଏନେଇ କୁଳିଅଣା ଥାନା ୨୦୮/୨୫ରେ ଏକ ମାମଲା ରୁଜୁ ହୋଇ ଘଟଣାର ପଙ୍ଖାନୁପୁଙ୍ଖ ତଦନ୍ତ ଚାଲିଛି। ଅନ୍ୟପକ୍ଷରେ ଏହି ସର୍ବପୁରାତନ ମହାବିଦ୍ୟାଳୟର ପରିସରରେ ଛାତ୍ରଙ୍କୁ ଛୁରାମାଡ କରିବା ଘଟଣା ତଥା କଲେଜ ପରିସରକୁ ଛୁରୀ କିପରି ଆସିଲା ତାହା ତଦନ୍ତ ସାପେକ୍ଷ ହୋଇଥିବାବେଳେ କଲେଜ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କୁ ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

## ଗୋପାଳପୁର ଗଣ ଦୁଷ୍କର୍ମ ମାମଲା

# ଏଡିଜେ-୨ କୋର୍ଟରେ ୫ ଅଭିଯୁକ୍ତଙ୍କ ଚାର୍ଜ ଫ୍ରେମ୍

ବ୍ରହ୍ମପୁର, (ସବ୍ୟୁ): ଗୋପାଳପୁର ବେଳାଭୂମିରେ ଗତ ଜୁନ ୧୫ ତାରିଖରେ ଜଣେ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଗଣ ଦୁଷ୍କର୍ମ ହୋଇଥିଲା । ସୋମବାର ଅତିରିକ୍ତ ଜିଲା ଦୌରା ଜଜ( ଏଡିଜେ) -୨ ଅୟୁଷମାନ ମହନ୍ତଙ୍କ କୋର୍ଟରେ ବିଚାରଣା ଚାଲିଥିବା ବେଳେ ଆଜି ଉକ୍ତ କୋର୍ଟରେ ୫ଜଣ ସାବାଳକ ଅଭିଯୁକ୍ତଙ୍କ ଚାର୍ଜ ଫ୍ରେମ୍ ହୋଇଛି । ସେମାନେ ହେଲେ ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ । ଗତଜୁନ ୧୫ ତାରିଖରେ ଜଣେ ଯୁକ୍ତ ତିନି ଶେଷବର୍ଷ ଛାତ୍ରୀଙ୍କୁ ଗଣ ଦୁଷ୍କର୍ମ ହୋଇଥିଲା । ଏହି ମାମଲାରେ ପୁଲିସ ଜୁନ ୧୬ ତାରିଖ ୬ଜଣ ସାବାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ୪ଜଣ ନାବାଳକଙ୍କୁ ଜେଜେବିରେ ହାଜର କରିଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ କ୍ରାଇମବ୍ରାଞ୍ଚ ଜୁନ ୧୭ରେ ଉକ୍ତ ମାମଲାର ତଦନ୍ତ ଭାର ନେଇଥିଲା । ୪୪ ଦିନରେ କ୍ରାଇମବ୍ରାଞ୍ଚ ବ୍ରହ୍ମପୁର ଜେଏମଏଫସି (ଗ୍ରାମାଞ୍ଚଳ) ରିତିକା ଜେନା କୋର୍ଟରେ ୫୭୪ ପୃଷ୍ଠାର ଚାର୍ଜସିଟ ଦାଖଲ କରିଥିଲେ । ସେଥିରେ ୫ଜଣ ସାବାଳକ ଯଥା ପ୍ରମୋଦ ନାୟକ, କୁନାଲ ପ୍ରଧାନ, ବାବୁରାମ ଦଳାଇ, ଲକ୍ଷ୍ମଣ ପ୍ରଧାନ, ଦୀପକ ତରାଇ ଓ ୪ଜଣ ନାବାଳକଙ୍କୁ ଅଭିଯୁକ୍ତ ଦର୍ଶାଯାଇଥିଲା । ଏଥିରେ ଅନ୍ୟତମ ସାବାଳକ ଓଁମ ପ୍ରଧାନଙ୍କୁ ଚାର୍ଜସିଟରୁ ବାଦ ଦିଆଯାଇଛି । ପରେ ଓମ୍‌ଙ୍କ ପକ୍ଷରୁ ତାଙ୍କ ଓକିଲ ଓମ୍‌ଙ୍କୁ ମାମଲାରୁ ଡିସ ଚାର୍ଜ କରିବାକୁ ତଳ କୋର୍ଟ, ଜିଲ୍ଲା କୋର୍ଟରେ ପିଟିସନ ଦାଖଲ କରିଥିଲେ । ଏଠାରେ ଖାରଜ ପରେ ପରେ ହାଇକୋର୍ଟକୁ ଯାଇଥିବା ଜଣାପଡିଛି । ସେଠାରେ ମାମଲା ବିଚାରାଧୀନ ଥିବାରୁ ତାଙ୍କ ମାମଲା ପାର୍ଟ ଫାଇଲ ହୋଇଛି । ଆଜି ଏହି ମାମଲାର ଅନ୍ୟ ଉପରୋକ୍ତ ୫ଜଣ ଅଭିଯୁକ୍ତଙ୍କ ଚାର୍ଜଫ୍ରେମ ହୋଇଛି । ଆସନ୍ତା ୧୯ ତାରିଖରୁ ସାକ୍ଷ୍ୟ ବିଚରଣ ଆରମ୍ଭ ହେବ ବୋଲି ତଦନ୍ତକାରୀ ଅଧିକାରୀ ସରିତା ମହାପାତ୍ର ସୂଚନା ଦେଇଛନ୍ତି । ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି କାଳୀ ଚରଣ ମିଶ୍ର ମାମଲା ପରିଚାଳନା କରୁଛନ୍ତି । ସୂଚନାଯୋଗ୍ୟ ଯେ, ଜିଲ୍ଲା ଗୋପାଳପୁର ବେଳାଭୂମିରେ ଗତ ଜୁନ୍ ୧୫ ତାରିଖ ସନ୍ଧ୍ୟାରେ ଜଣେ ଯୁକ୍ତତିନି ଶେଷବର୍ଷ ଛାତ୍ରୀଙ୍କୁ ତାଙ୍କ ପୁରୁଷ ବନ୍ଧୁଙ୍କ ଉପସ୍ଥିତିରେ ଗଣ ଦୁଷ୍କର୍ମ ହୋଇଥିଲା । ଏହି ଘଟଣାରେ ଗୋପାଳପୁର ଥାନା ପୁଲିସ କେସ୍ ନମ୍ବର ୧୮୬/୨୫ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରି ୪ଜଣ ନାବାଳକ ଓ ୬ଜଣ ସାବାଳକଙ୍କ ସମେତ ମୋଟ ୧୦ଜଣଙ୍କୁ କାବୁ କରିଥିଲା ।

# ବାରିପଦାରେ "ଆରୋଗ୍ୟ ମିତ୍ର ତାଲିମ ଶିବିର

ବାରିପଦା, (ସବ୍ୟୁ) : ସ୍ଥାନୀୟ "ସାଗର ପ୍ୟାଲେସ ସମ୍ମିଳନୀ କକ୍ଷରେ ସୋମବାର ଦିନ ଭାରତ ସରକାରଙ୍କ ଜନସ୍ୱାସ୍ଥ୍ୟରକ୍ଷାକାରୀ "ଆରୋଗ୍ୟ ଭାରତ ଯୋଜନା ଅନ୍ତର୍ଗତ କାର୍ଯ୍ୟରତ "ଆରୋଗ୍ୟ ମିତ୍ର ମାନଙ୍କ ଲାଗି ଉଦ୍ଦିଷ୍ଟ ଏକ ଜିଲ୍ଲା ସ୍ତରୀୟ "ଆରୋଗ୍ୟ ମିତ୍ର ତାଲିମ ଶିବିରର ଉଦ୍‌ଘାଟନ ଉତ୍ସବ ଆୟୋଜିତ ହୋଇଯାଇଛି । ଏଥିରେ ଜିଲ୍ଲାର ବିଭିନ୍ନ ଭାଗରୁ ଆଗତ ବହୁ ସଂଖ୍ୟକ ଶିବିରାର୍ଥୀ ଅଂଶଗ୍ରହଣ କରିଛନ୍ତି । "ଜଳବାୟୁ ସୁରକ୍ଷା ପରିଷଦ ଓ "ଜଗନ୍ନାଥ ଶିକ୍ଷା ଟ୍ରଷ୍ଟଙ୍କ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ବାରିପଦା ବିଧାୟକ ପ୍ରକାଶ ଚନ୍ଦ୍ର ସୋରେନ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବରିଷ୍ଠ ନେତା ଓ ଲେଖକ କବିବିଷ୍ଣୁ ଶତପଥୀ ମୁଖ୍ୟବକ୍ତା ଏବଂ ପଦ୍ମଶ୍ରୀ ସାହିତ୍ୟିକା ଦମୟନ୍ତୀ ବେସ୍ରା ସମ୍ମାନିତ ଅତିଥି ଭାବେ ଉଦବୋଧନ ଦେଇଥିଲେ । ଏଥିରେ ଜଗନ୍ନାଥ ଟ୍ରଷ୍ଟ ଅଧ୍ୟକ୍ଷ ପ୍ରତାପ ଚନ୍ଦ୍ର ମହାକୁଡ଼ ସ୍ୱାଗତ ଭାଷଣ ଦେଇଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବେଳେ ଜଳବାୟୁ ସୁରକ୍ଷା ପରିଷଦର ଶଶୀ ଭୂଷଣ ସେଠୀ, ଆରୋଗ୍ୟ ମିତ୍ର ଶିବିର ଅଧିକାରୀ ଉକିଳ ରାଉତ, ସମାଜସେବୀ ରସିକାନନ୍ଦ ମିଶ୍ର ଓ ସୁବ୍ରତ ମୁଖୀ ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ ।

# କ୍ରିକେଟ ବ୍ୟାଟରେ ଗଞ୍ଜେଇ ଚାଲାଣ, ଦୁଇ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଖୋର୍ଦ୍ଧା ଡିଭିଜନ ରେଲସୁରକ୍ଷା ବଳ (ଆରପିଏଫ)ର ସ୍ପେଶାଲ ଟାସ୍କ ଫୋର୍ସ ଖୁପିଆ ଖବର ଆଧାରରେ ସନ୍ଦେହ ଜନକଭାବେ ବ୍ରହ୍ମପୁର ରେଲଷ୍ଟେସନ ଭାବେ ଓଭର ବ୍ରିଜରେ ଛିଡା ହୋଇଥିବା ଦୁଇଜଣ ଯୁବକଙ୍କୁ କାବୁ କରିଥିଲେ । ସେମାନେ ଧରିଥିବା ଅଖା ବସ୍ତା ଗୁଡିକ ଯାଞ୍ଚ ବେଳେ ସେଥିରେ ଥିବା ୧୦ ଟି କ୍ରିକେଟ ବ୍ୟାଟ, ୧୩ ଟି ଏୟାର ବ୍ୟାଗ ରହିଥିଲା । କ୍ରିକେଟ ବ୍ୟାଟଗୁଡିକ କାଟିବାବେଳେ ସେଥି ଭିତରେ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ସେହିପରି ବ୍ୟାଗ ଗୁଡିକ ଭିତରେ ମଧ୍ୟ ଗଂଜେଇ ରହିଥିଲା । ମୋଟ ୧୭କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ ହୋଇଛି । ପରେ ଉକ୍ତ ଟିମ ଜିଆରପି ଥାନାରେ ଗଞ୍ଜେଇ ସହ ଦୁଇ ଅଭିଯୁକ୍ତଙ୍କୁ ଜିମାରେ ଦେଇଥିଲା । ଗିରଫ ଦୁଇ ଯୁବକ ହେଲେ ପଶ୍ଚିମବଙ୍ଗ ମୁର୍ଶୀଦାବାଦର ଅଲ୍ଲୀ ହୁସେନ (୨୨) ରୋନି ଶେଖ (୨୦) । ଅଧିକ ଜେରା ବେଳେ ସେମାନେ ଉକ୍ତ ଗଞ୍ଜେଇ କନ୍ଧମାଳରୁ ଆଣି କେରଳ ଚାଲାଣ କରୁଥିଲେ ବୋଲି ଜଣାପଡିଛି । ଉଭୟ ଅଭିଯୁକ୍ତ ଟ୍ରେନକୁ ଅପେକ୍ଷା କରିଥିଲେ ବୋଲି ପୋଲିସ କହିଛି । ମାମଲା ନଂ ୧୫୩/୨୫ରେ ଉକ୍ତ ଉଭୟ ଦ୍ୱୟଙ୍କୁ କୋର୍ଟ ଚାଲାଣ କରାଯାଇଛି । ସ୍ପେଶାଲ ଟାସ୍କ ଫୋର୍ସର ଏକ ଟିମ ଗୁଇନ୍ଦା ସୂଚନା ଆଧାରରେ ୍ରଏପରି କରିଥିବା ଜଣାପଡିଛି ।

# ଷ୍ଟେସନ ସମସ୍ୟାର ସମାଧାନ ଦାବି କଲା ରେଳ ଉପଭୋକ୍ତା କଲ୍ୟାଣ ସଂଘ

ଛତ୍ରପୁର, (ସବ୍ୟୁ): ଗଞ୍ଜାମ ଜିଲାର ସଦର ମହକୁମା ଛତ୍ରପୁର ଜିଲା ସଦର ମହକୁମାରେ ବ୍ରିଟିଶ ଅମଳର ଛତ୍ରପୁର ବଡରେଳ ଷ୍ଟେସନ ଅବସ୍ଥିତ । ଏକଦା କେବଳ ଯାତ୍ରି ପରିବହନ ପାଇଁ ଉଦ୍ଦିଷ୍ଟ ଥିବା ଏହି ଷ୍ଟେସନ ବର୍ତମାନ ଯୋଡି ହୋଇଯାଇଛି ଗଞ୍ଜାମ ଜିଲାର ଅର୍ଥନୈତିକ ବିକାଶ । କିନ୍ତୁ ଛତ୍ରପୁର ଷ୍ଟେସନର ବିକାଶ କିମ୍ବା ଯାତ୍ରୀଙ୍କ ପାଇଁ ସୁବିଧା ମିଳିପାରୁନାହିଁ । ଏନେଇ ରେଳ ଉପଭୋକ୍ତା କଲ୍ୟାଣ ସଂଘ ପକ୍ଷରୁ ଏହାର ବିକାଶ ଓ ଯାତ୍ରୀମାନଙ୍କ ଅସୁବିଧାର ସମସ୍ୟାର ସମାଧାନ ନେଇ ଦାବୀ କରିବା ସହ ଏକ ସମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସଂଘ ପକ୍ଷରୁ ରେଳ ବିଭାଗକୁ ବହୁବାର ଦାବୀ କରିଆସୁଥିଲେ ବି ରେଳ ବିଭାଗ ଏହାକୁ ଅଣଦେଖା କରିଆସୁଛନ୍ତି । ଛତ୍ରପୁରରକୁ ଯେଉଁ ସବୁ ଏକ୍ସପ୍ରେସ ଟ୍ରେନ ଗୁଡିକ ପ୍ଲାଟଫର୍ମ ୧ ଓ ୨ ରେ ଆସୁଛି ତାହା ଛୋଟ ହୋଇଥିବାରୁ ରେଳ ସମ୍ପ୍ରସାରଣ କାର୍ଯ୍ୟ ଶେଷ ହେବା ପର୍ଯ୍ୟନ୍ତ ୩ ଓ ୪ ରେ ପ୍ଲାଟଫର୍ମରେ ପ୍ରବେଶ କରାଯାଉ । ଯେହେତୁ ଛୋଟ ପ୍ଲାଟଫର୍ମ ହୋଇଥିବାରୁ ବହୁ ଟ୍ରେନର ବଗି ସବୁ ପ୍ଲାଟଫର୍ମ ପଛରେ ରହୁଛି । ଫଳରେ ଯାତ୍ରୀମାନେ ଚଢିବା ଓ ଓହ୍ଲାଇବାରେ ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ରିକ୍ସାପଲ୍ଲୀ ଗେଟ ନିକଟରେ ଓଭର ବ୍ରିଜ ନିର୍ମାଣ କରାଯାଉ, ବାଲି ଗେଟ ଉଚ୍ଚତା କରି ସର୍ଭେ କରାଯାଉ, ବାଲି ବଗଡ ଠାରେ ଓଭର ବ୍ରିଜ କିମ୍ବା ଫ୍ଲାଏ ଓଭର ବ୍ରିଜ କରାଯାଉ, କୋର୍ଟ ଷ୍ଟେସନରେ ଅଚଳ ଦୁଇ ନଳକୂପ ମରାମତି ଏବଂ ସେଠାରେ ସଫେଇ କରାଯାଉ, ବଡ ଷ୍ଟେସନ ଠାରୁ ବାଲି ଗେଟ ଯାଏଁ ପକ୍କା ରାସ୍ତା କରାଯାଉ, ପୂର୍ବରୁ ବରି ନାଗରିକ ମାନଙ୍କୁ ରେଳଯାତ୍ରା ସମୟରେ ରିହାତି ମିଳୁଥିଲା ତାହା କୋଭିଡ ସମୟରେ ବନ୍ଦ ହୋଇ ରହିଛି, ପୁଣି ରିହାତି ବ୍ୟବସ୍ଥା କରାଯାଉ, ବ୍ରହ୍ମପୁର ଠାରୁ ବିଶାଖାପାଟନମ ଟ୍ରେନ ନଂ ୧୮୫୨୫ ଯାଉଛି କିନ୍ତୁ ଛତ୍ରପୁର ଏହି ଟ୍ରେନ ରହୁଛି ଏହା ଛତ୍ରପୁରରୁ ଯିବା ବ୍ୟବସ୍ଥା କରାଯାଉ, ବଡ ଷ୍ଟେସନରୁ ଯାତ୍ରୀଙ୍କ ସୁବିଧା ପାଇଁ ତୁରନ୍ତ ଫୁଟ ଓଭର ବ୍ରିଜ କରାଯାଉ, ବିଶେଷ କରି ଦିବ୍ୟାଙ୍ଗ ଓ ବରି ନାଗରିକ ମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ମେମୁ ଟ୍ରେନ ଗୁଡିକ ସଠିକ ସମୟରେ ଯାଆଯତ କରିବା, ଆଲୋକୀ କରଣ ସମେତ ଛତ୍ରପୁରରେ ଆହୁରି ଅନେକ ଟ୍ରେନ ରହଣି ଦାବୀ କରାଯାଇଛି । ଆଗାମୀ ୩ ମାସ ମଧ୍ୟରେ ଯଦି ରେଳବିଭାଗ ଏଥିପ୍ରତି ଧ୍ୟାନ ନଦେବେ ତେବେ ଏହି ସଂଘ ପକ୍ଷରୁ ରେଳ ଧାରଣା କରାଯିବ ବୋଲି ସଂଘର କାର୍ଯ୍ୟକାରୀ ସଭାପତି ସିଏଚ୍. ମହେଶ୍ୱର ରାଓ ସୂଚନା ଦେଇଛନ୍ତି । ଏପରିକି ଛତ୍ରପୁର ଷ୍ଟେସନର ସମ୍ୟା ନେଇ ସେମାନେ ଜିଲାପାଳ ଓ ବିଧାୟକଙ୍କୁ ମଧ୍ୟ ଅବଗତ କରାଇଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ସଂପାଦକ ପି.ଭେଙ୍କେଟ ପ୍ରସାଦ, କେ. ଏସ. ରାଜୁ, ଜଗନ୍ନାଥ ଘଡେଇ, ସୁନିଲ କୁମାର ସିଂଙ୍ଗ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଷ୍ଟେସନ ଉପରେ ଛତ୍ରପୁର ବ୍ଲକ, ଗଞ୍ଜାମ ବ୍ଲକ, ଖଲ୍ଲିକୋଟ ବ୍ଲକ ଓ ପୋଡିଶୀ ଜିଲା ପୁରୀ ଜିଲାର କୃଷ୍ଣପ୍ରସାଦ ବ୍ଲକର ଲୋକମାନେ ଏହି ଷ୍ଟେସନ ଉପରେ ନିର୍ଭରଶୀଳ ହୋଇଥାନ୍ତି । ଏଠାରେ ମୌଳିକ ସୁବିଧା ଯଥା ପ୍ଲାଟଫର୍ମର ଉନ୍ନତି, ଶୌଚାଳୟ ଏପରି ଅନେକ ପ୍ରସଙ୍ଗର ସମସ୍ୟା ରହିଛି । ଅନ୍ୟ ପକ୍ଷରେ ଛତ୍ରପୁର ବଡ ରେଳ ଷ୍ଟେସନ ୬ ଅଗଷ୍ଟ ୨୦୨୩ରୁ ଅମୃତ ଭାରତ ଷ୍ଟେସନରେ ସାମିଲ ହୋଇଛି ।

# ଓଷ୍ଟା ଆନୁକୂଲ୍ୟରେ ବ୍ଲକ ସ୍ତରୀୟ ଶିଶୁ ଉତ୍ସବ

ବାରିପଦା, (ସବ୍ୟୁ) : ଅଦ୍ୟ ବାରିପଦାର ବିଦ୍ୟାବିହାର ଉଚ୍ଚ ବିଦ୍ୟାଳୟ ପରିସରରେ ଓଡିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଙ୍ଘ (ଓଷ୍ଟା) ଆନୁକୂଲ୍ୟରେ ଶିଶୁ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ବ୍ଲକ ସମ୍ପାଦକ ପ୍ରଦୀପଚନ୍ଦ୍ର ମହାନ୍ତଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବକୁ ଜିଲ୍ଲା ସଭାପତି ଚିତ୍ତରଞ୍ଜନ ପଳତା ଉଦଘାଟନ କରିଥିଲେ। ବ୍ଲକର ସରକାରୀ ଓ ଅନୁଦାନପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରୁ ଶତାଧିକ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ତର୍କ, କଣ୍ଠ ସଙ୍ଗୀତ, ଚିତ୍ରାଙ୍କନ, କବିତା ଆବୃତ୍ତି, ଗଳ୍ପଲିଖନ, କବିତା ରଚନା, ଏକକ ନୃତ୍ୟ, ସାଧାରଣ ଜ୍ଞାନ ଓ କୁଇଜ୍ ପରି ଦଶଟି ବିଭାଗରେ ହୋଇ ଥିବା ପ୍ରତିଯୋଗିତାକୁ ବିଦ୍ୟାବିହାରର ସମସ୍ତ ଶିକ୍ଷକ କର୍ମଚାରୀଙ୍କ ସହିତ ଭାଗ ନେଇଥିବା ବିଦ୍ୟାଳୟର ଶିକ୍ଷକ ମାନେ ସହଯୋଗ କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ତଥା ବ୍ଲକ ଉପସଭାପତି ସୁରଥ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ଜିଲ୍ଲାସଭାପତି ଭାବେ ସନ୍ତୋଷ କୁମାର କାସ୍ତ ଯୋଗଦେଇ ଓଷ୍ଟାର ଛାତ୍ରାଭିମୁଖୀ କାର୍ଯ୍ୟକ୍ରମ ଯଥା ମେଧା ଅନ୍ୱେଷଣ, ଓ ପ୍ରତିଭା ଅନ୍ୱେଷଣକଥା ବର୍ଣ୍ଣନା କରିବାସହିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ମୋଟ ୧୦ଟି ପ୍ରତିଯୋଗିତାରେ ପ୍ରଥମସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀ ମାନେ ଆସନ୍ତା ୧୩ଓ ୧୪ତାରିଖରେ ବଡ଼ସାହି ବ୍ଲକର ଦୁର୍ଗାପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଶିଶୁ ଉତ୍ସବରେ ଅଂଶଗ୍ରହଣର ସୁଯୋଗ ପାଇବେ। ଶେଷରେ ବ୍ଲକ ଯୁଗ୍ମ ସମ୍ପାଦକ ସତ୍ୟବ୍ରତ ସିଂହ ଧନ୍ୟବାଦ ଅର୍ପଣ କରିବା ପରେ ସଭାପତି ସଭା ଶେଷ ଘୋଷଣା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଧାନଶିକ୍ଷକ ସୁଧୀର ସାହୁ, ଶିକ୍ଷକ ସରୋଜ ରାମ, ଜ୍ୟୋତିରଞ୍ଜନ ଗିରି ପ୍ରମୁଖ ଯୋଗ ଦେଇଥିଲେ ।

# କୁଳାଡ ସରସ୍ୱତୀ ଶିଶୁ ମନ୍ଦିରରେ ଜେଜେମା', ଜେଜେ ବାପା ସମ୍ମିଳନୀ

କୁଳାଡ଼, (ସବ୍ୟୁ): ଗଞ୍ଜାମ ଜିଲ୍ଲାର ଭଞ୍ଜନଗର ବ୍ଲକ ଅନ୍ତର୍ଗତ କୁଳାଡ଼ ଗ୍ରାମରେ ଅବସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ଠାରେ ଚଳିତ ବର୍ଷର ଜେଜେ ମା', ଜେଜେବାପାଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଭଞ୍ଜନଗର ସାବିତ୍ରୀ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧ୍ୟକ୍ଷା ଉଷାରାଣୀ ପାଢ଼ୀ ଯୋଗଦେଇ ଭଗବତ ପ୍ରାପ୍ତି ନିମନ୍ତେ ଧ୍ୟାନ ଦେବାକୁ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜଗତର



କଲ୍ୟାଣ ନିମନ୍ତେ ଆରୋଗ୍ୟ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ ମୋଟ ୨୨୩ ଜଣ ଜେଜେମାଆ, ଜେଜେବାପାଙ୍କ ସମେତ ସ୍ଥାନୀୟ ଶିଶୁ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା, ଉପଦେଷ୍ଟା ମଣ୍ଡଳୀ, ପ୍ରଧାନ ଆଚାର୍ଯ୍ୟ, ଆଚାର୍ଯ୍ୟ ଓ ଆମନ୍ତ୍ରିତ ଅତିଥିବୃନ୍ଦ ଯୋଗ ଦେଇଥିବା ବେଳେ, ରୋଟାରୀ କ୍ଲବ, ଆର୍ଯ୍ୟ ସମାଜ, ଏବଂ ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର କର୍ମକର୍ତ୍ତା ମାନେ ଏଥିରେ ସହଯୋଗ କରିଥିଲେ । ଉପସ୍ଥିତ ସମସ୍ତ ଅତିଥି ଓ ଜେଜେ ମାଆ, ବାପା ମାନଙ୍କୁ ଉପଢ଼ୌକନ ଓ ଶୀତବସ୍ତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।

## ତଥ୍ୟ ପ୍ରଦାନରେ ଅବହେଳା

# ୨୫ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ ହେଲେ ପିଆଇଓ

ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବାରିପଦା ରାସ୍ତା ଓ ଗୃହନିର୍ମାଣ ବିଭାଗ କାର୍ଯ୍ୟାଳୟର ଜନସୂଚନା ଅଧିକାରୀ ସୂଚନା ଅଧିକାର ଆଇନକୁ ଅବମାନନା କରିବା ସହ ତଥ୍ୟ ପ୍ରଦାନରେ ଅବହେଳା ଯୋଗୁଁ ରାଜ୍ୟ ସୂଚନା କମିଶନ ତାଙ୍କୁ ୨୫ହଜାର ଟଙ୍କା ଆର୍ଥିକ ଜରିମାନା ଦଣ୍ଡାଦେଶ ରାୟ ଶୁଣାଇଛନ୍ତି । ମୋରଡା ଅଞ୍ଚଳର ସୂଚନା ଅଧିକାର କର୍ମୀ ମହେଶ୍ୱର ମହାନ୍ତି ସୂଚନା ଅଧିକାର ଆଇନ ବଳରେ ୨୨ମଇ, ୨୦୨୩ରେ ବାରିପଦା ରାସ୍ତା ଓ ଗୃହ ନିର୍ମାଣ ବିଭାଗ କାର୍ଯ୍ୟାଳୟର ପିଆଇଓଙ୍କୁ ମୟୂରଭଞ୍ଜ ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବାସସ୍ଥାନର ନବୀକରଣ ଓ ମରାମତି ବାବଦକୁ ୨୦୧୮ ରୁ ୨୦୨୩ ଆର୍ଥିକ ବର୍ଷରେ ମଧ୍ୟରେ କେଉଁଥିରେ କେତେ ଟଙ୍କା ଖର୍ଚ୍ଚ କରାଯାଇଥିଲା ସେ ସମ୍ପର୍କରେ କେତେକ ଆବଶ୍ୟକ ତଥ୍ୟ ମାଗିଥିଲେ । ମାତ୍ର ପିଆଇଓ ରାଜେନ୍ଦ୍ର କିଷାନ ସଠିକ ସମୟରେ ତଥ୍ୟ ନଦେବାରୁ ମହେଶ୍ୱର ଉକ୍ତ କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ନିକଟରେ ୨୬ଜୁନ, ୨୦୨୩ରେ ପ୍ରଥମ ଅପିଲ କରିଥିଲେ । ହେଲେ ପ୍ରଥମ ଅପିଲ କର୍ତ୍ତୃପକ୍ଷଙ୍କ ଠାରୁ ନ୍ୟାୟ ନମିଳିବାରୁ ୨ଅଗଷ୍ଟ, ୨୦୨୩ରେ ସୂଚନା ଆୟୋଗଙ୍କ ନିକଟରେ ଫେରାଦ ହୋଇଥିଲେ । କମିଶନର ଏହି ୨ୟ ଅପିଲକୁ ୨୯୭୪/୨୩ରେ ପଞ୍ଜିକୃତ କରି ଏହାର ବିଚାର କରିଥିଲେ । ଫଳରେ କମିଶନଙ୍କ ନିର୍ଦ୍ଦେଶରେ ଆରଏଣ୍ଡବି ଡିଭିଜନ ବାରିପଦା କାର୍ଯ୍ୟାଳୟର ପ୍ରଥମ ଅପିଲ କର୍ତ୍ତୃପକ୍ଷ ଶୁଣାଣି ପାଇଁ ଉଭୟ ପକ୍ଷଙ୍କୁ ଡାକି ୧୮ ଅକ୍ଟୋବର, ୨୦୨୫ରେ ହାତାହାତି ତଥ୍ୟ ପ୍ରଦାନ କରିଥିଲେ । ତେବେ ସୂଚନା କମିଶନ ପ୍ରାଣବିନ୍ଦୁ ଆଚାର୍ଯ୍ୟ ଶୁଣାଣି କରି ଶେଷରେ ଚୂଡାନ୍ତ ରାୟ ଶୁଣାଇଛନ୍ତି। ଯେହେତୁ ପିଆଇଓ ତଥ୍ୟ ପ୍ରଦାନରେ ଅବହେଳା କରିଥିଲେ ତେଣୁ ତାଙ୍କୁ ୨୫ହଜାର ଟଙ୍କା ଆର୍ଥିକ ଜରିମାନାରେ ଦଣ୍ଡିତ ଦଣ୍ଡିତ କରିଛନ୍ତି । ଏହି ଅର୍ଥ ଚଳିତ ମାସ ଶେଷ ସୁଦ୍ଧା ସରକାରୀ ତହବିଲରେ ଜମା ନକଲେ ତାଙ୍କ ଦରମା ଟଙ୍କାରୁ କାଟି ଭରଣ କରିବାକୁ ମୟୂରଭଞ୍ଜ ଜିଲ୍ଲାପାଳଙ୍କୁ ଆଦେଶ ଦେଇଛନ୍ତି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ

ବୁଗୁଡା, (ସବ୍ୟୁ): ସ୍ଥାନୀୟ ସରସ୍ୱତୀଶିଶୁ ବିଦ୍ୟା ମନ୍ଦିର ପରିସରରେ ନାରୀ ଚେତନା ପାଇଁ ସପ୍ତ ଶକ୍ତି ସଙ୍ଗମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶିଶୁ ମନ୍ଦିର ମାତୃକମିଟି ସଭାନେତ୍ରୀ ମଧୁସ୍ମିତା ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥ୍ୟ ଭାବେ ସିଡିପିଓ ବବିତା କୁମାରୀ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ କାଉନସିଲର ସପ୍ନାରାଣୀ ଦାଶ ଯୋଗଦେଇ ସମାଜରେ ନାରୀ ଭିତରେ ଥିବା ସପ୍ତ ଶକ୍ତିକୁ ଉଜ୍ଜୀବିତ କଲେ ସମାଜରେ ଏକ ବୈପ୍ଳବିକ ପରିବର୍ତ୍ତନ ଆସି ପାରିବ ଏବଂ ଏଥି ପାଇଁ ମା'ମାନଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିବା ସହ ନାରୀ ସମାଜରେ କିର୍ତ୍ତୀ, କ୍ଷମା, ଧୃତି, ମେଧା, ସ୍ମୃତି, ବାକ ଓ ଶ୍ରୀ ଅଟେ ବୋଲି କହିଥିଲେ । ଏ ଅବସରରେ ବର୍ଷିୟାନ ମହିଳା ସତ୍ୟଭାମା ଦାଶ(୧୦୦) ଏବଂ ମହାଦେଈ ସାହୁ (୯୦)ଙ୍କୁ ଉପଢୌକନ ଓ ଶ୍ରୀଫଳ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ଏଥି ସହ ପିଠା ପ୍ରଦର୍ଶନୀ, ପୁରାଣ ପଠନ ଓ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା । ଅନ୍ୟପକ୍ଷରେ ଶିଶୁ ମନ୍ଦିର ଛାତ୍ରୀମାନେ ମହିୟସୀ ମହିଳାଙ୍କ ବେଶ ଧାରଣ କରି ସେମାନଙ୍କ ବାଣୀ ପ୍ରଚାର କରିବା ସାଙ୍ଗକୁ କନ୍ୟା ଅଲୋଡା ନୁହେଁ ସମ୍ପର୍କିତ ଏକ ନାଟକ ପରିବେଷଣ କରିଥିଲେ । କାର୍ଯ୍ୟକ୍ରମକୁ ଗୁରୁମା ସୁମତି ମିଶ୍ର, ମମତା କୁମାରୀ ସାହୁ, ଝିଲ୍ଲୀ କୁମାରୀ ଦାଶ ଓ ପ୍ରତିମା ସାହୁ ପ୍ରମୁଖ ପରିଚାଳନା କରିଥିବା ବେଳେ ଅନ୍ୟ ସେବାବ୍ରତୀମାନେ ଏଥିରେ ସକ୍ରିୟ ସହଯୋଗ କରିଥିଲେ । ଶେଷରେ ବି.କରଡ଼ାବାଡ଼ି ସ୍ୱାସ୍ଥ୍ୟକର୍ମୀ ସୁନତି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

# ହାଇୱା ଧକ୍କାରେ ସ୍କୁଟି ଚାଳକ ମୃତ

ଆସିକା, (ସବ୍ୟୁ): ଆସିକା କବିସୂର୍ଯ୍ୟନଗର ମୁଖ୍ୟ ରାସ୍ତାର କଇଁଫୁଲିଆ ଛକ ଏକ ହାଇବା ବେପରୁଆ ଭାବେ ଆସି ସ୍କୁଟିକୁ ଧକ୍କା ଦେବା ଫଳରେ ସ୍କୁଟି ଚାଳକର ମୃତ୍ୟୁ ହୋଇଛି । ହାଇୱା ଧକ୍କାରେ ଯୁବକ ମକୁନ୍ଦପୁର ଗ୍ରାମର ଶିବ ବିଶ୍ୱାଳ (୨୪) ଗୁରୁତର ହୋଇ ପ୍ରଥମେ ଆସିକା ଉପଖଣ୍ଡ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ସ୍ଥାନାନ୍ତର ବେଳେ ରାସ୍ତାରେ ମୃତ୍ୟୁ ହୋଇଛି । ଶିବ ବିଶ୍ୱାଳ ସ୍କୁଟି ଓଡ଼ି-୦୭ଏବି ୩୧୩୪ରେ ନିଜ ଗାଁରୁ କଲେଜ ଛକ ଯିବା ସମୟରେ ବିପରୀତ ଦିଗରୁ ଆସିକା ଅଭିମୁଖେ ଯାଉଥିବା ଏକ ହାଇୱା ଓଡ଼ି୩୨ଜି ୯୨୯୧ କଇଁଫୁଲିଆ ଛକରେ ସ୍କୁଟିକୁ ଧକ୍କା ଦେଇଥିଲା । ଘଟଣା ସ୍ଥଳରେ ଯୁବକ ଜଣକ ଗୁରୁତର ହୋଇଥିଲେ । ଗୁରୁତର ଯୁବକଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଆସିକା ମେଡିକାଲରେ ଭର୍ତ୍ତି କରିଥିଲେ । ପ୍ରାଥମିକ ଚିକିତ୍ସା ପରେ ଗୁରୁତର ଯୁବକ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ମୃତକଙ୍କ ମା' ସୁଷମା ବିଶ୍ୱାଳର ଅଭିଯୋଗ ପ୍ରକାରେ ପୋଲିସ ଏକ ମାମଲା ୭୦୬ ରୁଜୁ କରି ଘଟଣାର ତଦନ୍ତ କରୁଛି ।

# ପୋଷ୍ଟ ଅଫିସ ଓ ସମବାୟ ବ୍ୟାଙ୍କରୁ ତାଲା ଭାଙ୍ଗି ଚୋରି ଉଦ୍ୟମ

ଆସିକା, (ସବ୍ୟୁ): ଆସିକା ଥାନା ଅନ୍ତର୍ଗତ ନୂଆଗାଁ ସ୍ଥିତ ଚିନିଶିଳ୍ପ ସମ୍ମୁଖରେ ଥିବା ପୋଷ୍ଟ ଅଫିସ ଓ ସମବାୟ ବ୍ୟାଙ୍କରୁ ତାଲା ଭାଙ୍ଗି ଲୁଟ ପାଇଁ ଉଦ୍ୟମ କରି ବିଫଳ ହୋଇଥିବା ଜଣାପଡିଛି । ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି ଗୋଟିଏ ବ୍ୟକ୍ତି ହାତରେ ବେଟେରୀ ଚାଳିତ କଟର ନେଇ ବ୍ୟାଙ୍କ ଓ ପୋଷ୍ଟ ଅଫିସର ତାଲା କାଟିବା ସହିତ କବାଟକୁ ଲାତ ମାରି ଭାଙ୍ଗିଛି । ଚୋରି କରିବାକୁ ଆସି ପ୍ରଥମେ ସମବାୟ ବ୍ୟାଙ୍କର କେମେରାକୁ ଅନ୍ୟପଟେ ବୁଲାଇ ଦେଇ ବ୍ୟାଙ୍କର ତାଲା ଭାଙ୍ଗି ଟଙ୍କା ପଇସା ନମିଳିବାରୁ ପୁଣି ପାଶ୍ୱର୍ରେ ଥିବା ଡାକଘରର ତାଲା ଭାଙ୍ଗି ଅଫିସ ଭିତରେ ପଶି ଗ୍ରାହକ ମାନଙ୍କ ପାର୍ସଲର କଭରକୁ କାଟି ଦେଇ କରିଥିବାବେଳେ କାଗଜପତ୍ର ଗୁଡିକୁ ଫୋପାଡ଼ି ଥିବା ଦେଖିବାକୁ ମିଳିଛି । ନୂଆଗାଁ ପୋଷ୍ଟ ମାଷ୍ଟର ଓ ଆସିକା ସମବାୟ ବ୍ୟାଙ୍କ ପକ୍ଷରୁ ମଧ୍ୟ ଶାଖା ପରିଚାଳକ ଘଟଣା ସ୍ଥଳରେ ପହଞ୍ଚି ଚୋରି ଉଦ୍ୟମ ଦେଖିବା ପରେ ଆସିକା ଥାନା ଅଧିକରୀଙ୍କୁ ଅଭିଯୋଗ ଦେଇଛନ୍ତି । ଅଭିଯୋଗ ପରେ ପୋଲିସ ଏକ ମାମଲା ୭୦୮ ରୁଜୁ କରି ବା ସହିତ ଆସିକା ଥାନା ଅଧିକାରୀ କୃଳମଣି ସେଠୀ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଛନ୍ତି ।

# ୧୦ରୁ ଲେଟ୍ କଟ କ୍ଲବ ପକ୍ଷରୁ ସର୍ବଭାରତୀୟ ଟି-ଟ୍ୱେଣ୍ଟି କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବାରିପଦା, (ସବ୍ୟୁ) : ସ୍ଥାନୀୟ କନଭେଣ୍ଟ ସ୍କୁଲ ଛକ ନିକଟସ୍ଥ ଲେଟ କଟ କ୍ଲବ ଆନୁକୂଲ୍ୟରେ ୩୧ତମ ସର୍ବଭାରତୀୟ ଟି-ଟ୍ୱେଣ୍ଟି ଡ଼ିଉଜ ବଲ କ୍ରିକେଟ ଟୁର୍ଣ୍ଣାମେ ଚଳିତ ମାସ ୧୦ ତାରିଖରୁ ଆରମ୍ଭ ହେବାକୁ ଯାଉଅଛି। ଏହି ଅବସରରେ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଆୟୋଜନ କମିଟିର ସଭାପତି ଗିରିଶ ଚନ୍ଦ୍ର ଦାସ, କାର୍ଯ୍ୟକାରୀ ସଭାପତି ଲଲାଟେନ୍ଦୁ ବେହେରା, ସାଧାରଣ ସମ୍ପାଦକ ଦୀପକ କୁମାର ଦାଶ, ଗଣମାଧ୍ୟମ ସଂଯୋଜକ ସୋମନାଥ ସିଂହ, ସହ ସମ୍ପାଦକ ଲକ୍ଷ୍ମୀଧର ନାୟକ, ବରିଷ୍ଠ ସଦସ୍ୟ ବିଜୟ କୁମାର ରାୟ, ନରୋତ୍ତମ ମହାନ୍ତ ପ୍ରମୁଖ ଉପସ୍ଥିତ ରହି ଟୁର୍ଣ୍ଣାମେଣ୍ଟ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଲବିନ୍ଦର ସିଂହ, ଅଜୟ ସିଂହ, ବିନୟ ଷଡ଼ଙ୍ଗୀ, ଦିବ୍ୟ ଲୋଚନ ଦାସ, ଗୌରବ ମହାନ୍ତି, ସୁବ୍ରତ ଲେଙ୍କା, ସମରଜିତ ଗୋସ୍ୱାମୀ, ମାନସ ମହାନ୍ତ, ରୋହିତ ଜେନା, ଦିପାନ ମାଇତି ଓ ଶାନ୍ତନୁ କର ଉପସ୍ଥିତ ଥିଲେ। ୫ଦିନ ଧରି ଅନୁଷ୍ଠିତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଖଡ଼କପୁରର ସେର୍ସା, କୋଲକାତାର ଏଲ ଆର ଏସ ଏକାଡେମୀ, ଆନ୍ଧ୍ରପ୍ରଦେଶର ଇଷ୍ଟ କୋଷ୍ଟ ରେଲୱେ, ରାଞ୍ଚିର ସେର୍ସା, ଝାଡ଼ଖଣ୍ଡର ଟାଟା ଲିଓ, ଆନ୍ଧ୍ରପ୍ରଦେଶର ରାଜମୁନ୍ଦ୍ରି ୱରିୟର୍ସ, ସମ୍ବଲପୁରର




ଏମଏମସିସି, ଭୁବନେଶ୍ୱରର ଟିସିସି, ରାଉରକେଲାର ଆରସିଏ ଓ ବାରିପଦାର ଡିଆରକେ ସମେତ ମୋଟ ୧୦ଟି ଦଳ ଅଂଶଗ୍ରହଣ କରିଛନ୍ତି। ପ୍ରତ୍ୟେକ ଦିନ ସକାଳ ୯ଟା ରୁ ଖେଳ ଆରମ୍ଭ ହେବା ସହ ୨ଟି ମ୍ୟାଚ ଖେଳାଯିବ ତଥା ୧୪ତାରିଖ ଦିନ ୧୨ଟା ବେଳେ ଫାଇନାଲ ମ୍ୟାଚ ଖେଳାଯିବ। ପ୍ରଥମ ଦିନର ୧ମ ମ୍ୟାଚ୍ ଡିଆରକେ ଓ ଟାଟା ଲେଓ ଏବଂ ୨ୟ ମ୍ୟାଚ ରାଞ୍ଚି ଓ ରାଉରକେଲା ମଧ୍ୟରେ ଖେଳାଯିବ। ପୁରସ୍କାର ସ୍ୱରୂପ ଚମ୍ପିୟାନ ଦଳକୁ ୧ ଲକ୍ଷ ଓ ଟ୍ରଫି ଏବଂ ରନର୍ସ ଅପ ଦଳକୁ ୭୦ହଜାର ଓ ଟ୍ରଫି ପ୍ରଦାନ କରାଯିବ। ବହୁ ସଂଖ୍ୟାରେ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିବାକୁ ଟୁର୍ଣ୍ଣାମେଣ୍ଟର ସଭାପତି ଗିରିଶ ଚନ୍ଦ୍ର ଦାସ ଅନୁରୋଧ କରିଛନ୍ତି।

# ଗୋବରାରେ ବିଜେପିର ମିଶ୍ରଣ ପର୍ବ

ଭଞ୍ଜନଗର, (ସବ୍ୟୁ): ଗୋବରା ଠାରେ ବିଜେପିର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ସୋରଡ଼ା ନିର୍ବାଚନ ମଣ୍ଡଳୀ ପକ୍ଷରୁ, ବିଧାୟକ ନୀଳମଣି ବିଷୋୟୀଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଆୟୋଜିତ ହୋଇଥିଲା । ଏଥିରେ ବେଲଗୁଣ୍ଠା ବ୍ଲକର ୮ ଟି ପଞ୍ଚାୟତର ବହୁ ପୂର୍ବତନ ସରପଞ୍ଚ, ବର୍ତ୍ତମାନର ସରପଞ୍ଚ, ୱାର୍ଡ ସଭ୍ୟ, ବରିଷ୍ଠ ରାଜନେତା ଏବଂ ପ୍ରାୟ ୮୦୦ ରୁ ଉର୍ଦ୍ଧ୍ୱ ସମର୍ଥକ ବିଜେଡ଼ି ଦଳ ତ୍ୟାଗକରି, ବିଜେପିରେ ସାମିଲ୍ ହୋଇଥିଲେ । ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ବିଷୋୟୀ ପୌରହିତ୍ୟ କରିଥିବା ବେଳେ, ବରିଷ୍ଠ ବିଜେପି ନେତା ତଥା ନେଟଙ୍ଗା ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହଲ୍ଲାଦ ଲେଙ୍କା ସଂଯୋଜନା କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଦଳର ରଞ୍ଜନ କୁମାର ରାଉତ, ପିତବାସ ସାହୁ, ଚିନ୍ତାମଣି ସ୍ୱାଇଁ, ଚିନ୍ତାମଣି ଦାସଙ୍କ ସମେତ ବହୁ ବରିଷ୍ଠ ବିଜେପି ନେତା, କର୍ମୀ ଏବଂ ସମର୍ଥକ ପ୍ରମୁଖ ଯୋଗ ଦେଇଥିଲେ ।

# ରେଳଧାରଣାରୁ ମୃତଦେହ ଜବତ

ବ୍ରହ୍ମପୁର, (ସବ୍ୟୁ): ସରକାରୀ ରେଳବାଇ ପୋଲିସ ସୋମବାର ସକାଳେ ଖୋଡାସିଂ ଜୀବନ ବୀମା ମୁଖ୍ୟ କାର୍ଯ୍ୟାଳୟ ପଛପଟ ରେଳଧରଣାରୁ ଜଣେ ଯୁବକଙ୍କ ମୃତଦେହ ଜବତ କରିଥିଲା । ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ଆନୁମାନିକ ୩୫ ରୁ ୪୦ ବର୍ଷ ହେବ ବୋଲି ପୋଲିସ କହିଛି । ମୃତଦେହ ପଞ୍ଚନାମା ବେଳେ ଟ୍ରେନ ଲାଇନ ଅତିକ୍ରମ ବେଳେ ଅସାବଧାନତା ଯୋଗୁଁ ଟ୍ରେନ ଧକ୍କାରେ ଯୁବକଙ୍କ ମୃତ୍ୟୁ ଘଟିଥିବା ପୋଲିସ ଅନୁମାନ କରୁଛି । ମୃତଦେହ ବ୍ୟବଚ୍ଛେଦ ପରେ ପରିଚୟ ଜାଣିବା ପାଇଁ ପୋଲିସ ତାହାକୁ ସଂରକ୍ଷିତ ରଖିଛି । ସେହିପରି ମୃତକଙ୍କ ସମ୍ପର୍କରେ ଅଧିକ ତଥ୍ୟ ହାସଲ ପାଇଁ ସମସ୍ତ ଥାନାକୁ ଏନେଇ ମେସେଜ ପଠାଯାଇଛି ବୋଲି ପୋଲିସ କହିଛି । ପ୍ରକାଶ ଯେ, ରେଳଧରଣାରେ ଏକ ମୃତଦେହ ପଡିଥିବା ଖବର ପାଇବା ପରେ ପୋଲିସ ସେଠାରେ ପହଞ୍ଚିଥିଲା । ପରିଚୟ ଜାଣିବା ପାଇଁ ପୋଲିସ ସ୍ଥାନୀୟ ଲୋକଙ୍କୁ ମୃତକଙ୍କ ବିଷୟରେ ପଚରା ଉଚରା କରିଥିଲା । ଶେଷରେ ମୃତଦେହ ଜବତ କରି ଏମକେସିଜି ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା ।

# ମୃତ୍ୟୁ ସହ ସଂଘର୍ଷ କରି ଶେଷରେ ଆଖି ବୁଜିଲେ ଛାତ୍ରୀ

ରାଜଗାଙ୍ଗପୁର,(ସବ୍ୟୁ): ଗତ ୫/୧୨/୨୫ ମଧ୍ୟ ରାତ୍ରରେ ଲାଞ୍ଜିବେର୍ଣା ଅଞ୍ଚଳର ଜଣେ ନାବାଳିକା କଲେଜ ଛାତ୍ରୀ ନିଜ ଦେହରେ ପେଟ୍ରୋଲ ଢ଼ାଳି ଆତ୍ମହତ୍ୟା ଉଦ୍ୟମ କରି ରାଉରକେଲା ଆଇ ଜି ଏଚ ରେ ଚିକିତ୍ସାଧୀନ ଅବସ୍ଥାରେ ତିନି ଦିନ ସଂଘର୍ଷ ପରେ ସୋମବାର ଭୋରରେ ଆଖି ବୁଜି ଦେଇଥିଲେ । ଛାତ୍ରୀ ଜଣକ ରାଜଗାଙ୍ଗପୁର ସରବତୀ ଦେବୀ ମହାବିଦ୍ୟାଳୟ ରେ ୩ ଛାତ୍ରୀ ଥିଲେ ବୋଲି ଜଣା ଯାଇଛି । ଉକ୍ତ ଛାତ୍ରୀକୁ ଦେଖିବା ପାଇଁ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ମନ୍ତ୍ରୀ ଲାଞ୍ଜିବେର୍ନା ଆସି ଦେଖିବା ସହ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଥିବା ଜଣା ଯାଇଛି । ଉକ୍ତ ଘଟଣା ରେ ଲାଞ୍ଜିବେର୍ଣା ଫାଣ୍ଡି ଅଧିକାରୀ ପ୍ରୀତି ରଂଜନ ପରିଡା ତଦନ୍ତ କରି ରାଜଗାଙ୍ଗପୁର ରେ ରହୁଥିବା ନୀଲେଶ ସାହୁ ଙ୍କୁ ଗିରଫ କରିଥିବା ଜଣା ଯାଇଛି । ସୋମବାର ଛାତ୍ରୀଙ୍କ ମରଶରୀରକୁ ବ୍ୟବଚ୍ଛେଦ ପାଇଁ ପ୍ରଶାସନିକ ବ୍ୟବସ୍ଥା କରିବା ବେଳେ ଗ୍ରାମ ବାସୀଙ୍କ ତରଫରୁ ପ୍ରଶାସନକୁ ୫୦ ଲକ୍ଷ ଟଙ୍କା ଏବଂ ଜଣକୁ ସରକାରୀ ଚାକିରୀ ଦେବା ପାଇଁ ଦାବୀ କରି ଧାରଣାରେ ବସିଥିଲେ ଏବଂ ଏହାର ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା ଜାରି ରହିଥିବା ଜଣା ଯାଇଛି।

# ବଲାଙ୍ଗିର ଜିଲ୍ଲା କର୍ମଚାରୀ ମହାସଂଘର ନୁଆଁଖାଇ ଭାବର ଭେଟ କାର୍ଯ୍ୟକ୍ରମ



ବଲାଙ୍ଗିର,(ସବ୍ୟୁ): ପଶ୍ଚିମ ଓଡ଼ିଶାର ଗଣ ପର୍ବ ନୁଆଁଖାଇ । ନୁଆଁଖାଇ ପର୍ବ ଭାଦ୍ରବ ମାସରୁ ଶେଷ ହୋଇଥିଲେ ହେଁ ପରବର୍ତ୍ତି ସମୟରେ ଭେଟଘାଟ କାର୍ଯ୍ୟକ୍ରମ ବର୍ଷ ତମାମ୍ ଲାଗି ରହିଥାଏ । ଏହି କ୍ରମରେ ସାମାଜିକ ଅନୁଷ୍ଠାନ ବିଙ୍ଗ ହ୍ୟୁମାନ ଫାଉଣ୍ଡେସନ ଏବଂ ବଲାଙ୍ଗିର ଜିଲ୍ଲା ମେଡିକାଲ କର୍ମଚାରୀ ସଂଘ ତରଫରୁ ଓଡିଶା ସରକାରଙ୍କ ଭାଷା, ସାହିତ୍ୟ ଏବଂ ସଂସ୍କୃତି ବିଭାଗର ସହଯୋଗରେ ଜିଲ୍ଲାରେ କାର୍ଯ୍ୟରତ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ମାନଙ୍କୁ ନେଇ ସ୍ଥାନୀୟ ସୋଲାର ପ୍ଲାଣ୍ଟ ଠାରେ ନୂଆଖାଇ ଭେଟଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଙ୍ଗ ହ୍ୟୁମାନର ପ୍ରତିଷ୍ଠାତା ତଥା କର୍ମଚାରୀ ସଂଘର ସଭାପତି ସୋମନାଥ ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭାରେ କୁନୁଆଁ ଭାବରେ ପୌରଧକ୍ଷା ଲିକା ସାହୁ, ବରିଷ୍ଠ ନେତା ଗୋପାଳଜୀ ପାଣିଗ୍ରାହୀ, କେମିଷ୍ଟ ଏବଂ ଡ୍ରଗିଷ୍ଟ ଏସୋସିଏସନର ସଭାପତି ଲୋଟସ ଷଡ଼ଙ୍ଗୀ, ଅନୁଷ୍ଠାନର ସମ୍ପାଦକ ଗୋବିନ୍ଦ ଶତପଥି, ସମଲେଇ ମନ୍ଦିର ଆଳତି କମିଟିର ବିକାଶ ସା, ସ୍ମାଇଲ ଫର ଅଲର ସଂଜୀବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ନଟରାଜ କଳାପରିଷଦ ସହ ବହୁ କଳାକାରମାନେ ଯୋଗଦେଇ କଳା ପ୍ରଦର୍ଶନ କରିଥିବା ବେଳେ, କର୍ମଚାରୀ ସଙ୍ଘର ସମ୍ପାଦକ ସୁନୀଲ ମିଶ୍ର ଧନ୍ୟବାଦ ଦେଇଥିଲେ ।

# ବାଲି ଚୋରା ଚାଲାଣ ବେଳେ ହାଇୱା ଜବତ

ଅମ୍ବାଭୋନା,(ସବ୍ୟୁ): ସରକାରଙ୍କ କଠୋର ନିର୍ଦ୍ଦେଶ ସତ୍ତ୍ୱେ ମଧ ଅଞ୍ଚଳରେ ବେଆଇନ ବାଲି ଚାଲାଣ ବନ୍ଦ ହେବାର ନାମ ନେଉନାହିଁ। ଏପରି ପରିସ୍ଥିତି ମଧ୍ୟରେ ଅମ୍ବାଭୋନାରେ ତହସିଲ ପ୍ରଶାସନ ପକ୍ଷରୁ ଏକ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ସୋମବାର ଦିନ ପ୍ରାୟ ୧୧ଟା ସମୟରେ ଭୁକ୍ତାରୁ ଭଟଲିକୁ ଅବୈଧ ଭାବେ ବାଲି ବୋଝେଇ ଯାଉଥିବା ହାଇୱା ଗାଡ଼ିକୁ ଅମ୍ବାଭୋନା କେଦାରନାଥ ମନ୍ଦିର ସମ୍ମୁଖରେ ଜବତ କରାଯାଇଛି।

ସୂଚନା ଥାଉ କି ଚାଲୁଥିବା ଯାଞ୍ଚ ସମୟରେ ତହସିଲଦାର ରଘୁନାଥ ପାଣିଗ୍ରାହୀଙ୍କ ନେତୃତ୍ୱରେ ଏକ ସିଜି ୧୩ ଡି ୨୧୫୧ ହାଇୱା ଟ୍ରକକୁ ଅଟକାଯାଇଥିଲା। ଯାଞ୍ଚ ବେଳେ ଗାଡ଼ିଟିରେ ଆବଶ୍ୟକ ଅନୁମତିପତ୍ର ନଥାଇ ବାଲି ପରିବହନ ହେଉଥିବା ସ୍ପଷ୍ଟ ହୋଇଥିଲା। ପରେ ତହସିଲ ପକ୍ଷରୁ ଗାଡ଼ିଟିକୁ ଜବତ କରାଯାଇ ଅମ୍ବାଭୋନା ପୋଲିସ ଥାନାରେ ଜିମା ଦିଆଯାଇଛି। ଏହି ଘଟଣା ପରେ ବେଆଇନ ବାଲି ଚୋରା ଚାଲାଣକାରୀମାନଙ୍କ ମଧ୍ୟରେ ଚାଞ୍ଚଲ୍ୟ ସୃଷ୍ଟି ହୋଇଥିବା ବେଳେ, ସ୍ଥାନୀୟ ଲୋକେ ପ୍ରଶାସନଙ୍କ ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି। ଆଗାମୀ ଦିନରେ ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ଆଶା କରାଯାଉଛି।

# ପୋଢ଼ ମରା ପର୍ବ ଉଦ୍‌ଯାପିତ



ଜୟପାଟଣା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ଚିର୍କା ଗ୍ରାମଠାରେ, ପୌଷ ପୂର୍ଣ୍ଣମା ରେ ହେବାକୁଥିବା ମା ଧରଣୀ ଦେବୀଙ୍କ ଟୋକୀପର୍ବକୁ ନେଇ ଚିର୍କା ଗ୍ରାମ ଚଳଚଞ୍ଚଳ ହୋଇ ଉଠିଛି। ଏହି ମହାପର୍ବ ପାଳନପୁର୍ବରୁ ପାରମ୍ପାରିକ ମତେ ହେବାକୁଥିବା ପୋଢ଼ମରା ପର୍ବ ରବିବାର ଦିନ ବିଧି ମତେ ସମ୍ପନ୍ନ ହୋଇଯାଇଛି। ପାଟ ଗୁରୁମେ, ଦିଶାରୀ, ଗ୍ରାମଜାନି, ଭୋର ସକାଳୁ ବିଭିନ୍ନ ଦେବ ଦେବୀ ଙ୍କ ପୀଠମାନଙ୍କରେ ପୂଜାପାଠ କରିସାରିବା ପରେ ଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଆଦିବାସୀ ପ୍ରଥା ଅନୁଯାୟୀ ମୁଦ୍ରା ଧରିଆଙ୍କ ଘରେ ପୂଜାପାଠ କରାଯାଇ ଏକ ବିରାଟ ପଟୁଆର ମଧ୍ୟରେ ପୋଢ଼କୁ ଦେବିପୀଠକୁ ନିଆଯାଇ ଦେବୀଙ୍କ ନିକଟରେ ସମର୍ପଣ କରିଦିଆଯାଇଥିଲା। ଏହି ପର୍ବରେ ଅଂଚଳର ବହୁଜନସାଧାରଣଙ୍କ ସମାଗମ ରହିଥିବାବେଳେ ଦୋକାନ ବଜାର ମାନଙ୍କରେ ପ୍ରବଳ ଭିଡ଼ ଲାଗିରହିଥିଲା।

ମା ଧରଣୀ ଦେବୀ ଙ୍କ ପୋଢ଼ ମରା ପର୍ବରେ ଜନସାଧାରଣ ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ଓ ପର୍ବର ଆନନ୍ଦ ଉପଭୋଗ କରିଥିବାଯୋଗୁ ଟୋକି ମରା ପର୍ବ କମିଟିର ସଭାପତି ଓ ସଦସ୍ୟ ମାନେ ସନ୍ତୋଷ ବ୍ୟକ୍ତ କରିଛନ୍ତି।

### କନ୍ଧମାଳ ବିଧାନସଭାସ୍ତରୀୟ ସାଂସଦ ଖେଳ ମହୋତ୍ସବ ଉଦ୍‌ଯାପିତ

# କୁନି କଳାକାରଙ୍କ ସହ ନାଚିଲେ କନ୍ଧମାଳ ସାଂସଦ



କନ୍ଧମାଳ,(ସବ୍ୟୁ) : ଜୀବନ ଜଞ୍ଜାଳରେ ଜିତି ଆଗକୁ ବଢିବାକୁ ହେଲେ ଏହି ଖେଳ ଆମକୁ ଧୈର୍ଯ୍ୟ ଓ ସାହସ ଶିଖାଇଥାଏ, ଯଦ୍ୱାରା ଆମେ ଜୀବନ ଚଲାପଥରେ ଧୈର୍ଯ୍ୟହରା ନହୋଇ ଆଗକୁ ବଢିବାର ପ୍ରେରଣା ପାଇଥାଉ ବୋଲି କନ୍ଧମାଳ କଲେଜ ଖେଳପଡିଆ ଠାରେ ଆୟୋଜିତ ବିଧାନସଭା ସ୍ତରୀୟ ସାଂସଦ ଖେଳ ମହୋତ୍ସବର ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ଯୋଗଦେଇ କନ୍ଧମାଳ ଲୋକସଭା ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ନିଜ ବକ୍ତବ୍ୟରେ କହିଥିଲେ । ସେ ଆହୁରି ମଧ କହିଥିଲେ ଯେ ଆଦିବାସୀ ଅଧୁଷିତ ଏହି ଅଂଚଳର କୃଷି ଓ ମତ୍ସ୍ୟ ଚାଷର ବିକାଶ ପାଇଁ ଖଡ଼ଙ୍ଗ ବ୍ୟାରେଜ ସମ୍ପର୍କରେ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ସଂସଦରେ ପ୍ରସ୍ତାବ ରଖିଛନ୍ତି ।

ସେହିପରି ଉଦଯାପନୀ କ୍ରୀଡା ସଭାରେ ସମ୍ମାନିତ ଅତିଥି ଭାବରେ ବୌଦ୍ଧ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଏପିଡି ବୌଦ୍ଧ ଚାର୍ଲସ ନାଏକ, ବିଡ଼ିଓ କନ୍ଧମାଳ ସାମୀ ଜୟଶ୍ରୀ ରେଡି, ସାମ୍ବାଦିକ ଦିବ୍ୟଶଙ୍କର ରାଉତ, କନ୍ଧମାଳ ସାଂସଦଙ୍କ କନ୍ଧମାଳ ବ୍ଲକ ପ୍ରତିନିଧି ଦୀପକ ବାରିକ, ଟିଏସି ମେମ୍ବର ନବୀନ ମହାପାତ୍ର ଯୋଗ ଦେଇଥିଲେ । ବିଭିନ୍ନ କ୍ରୀଡା ପ୍ରତିଯୋଗୀତାରେ ଅଂଶ ଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଖେଳାଳୀ ଓ ଦଳ ମାନଙ୍କୁ ମୁଖ୍ୟଅତିଥି ଓ ଅତିଥିମାନେ ପୁରସ୍କୃତ କରିଥିଲେ । କନ୍ଧମାଳ ବ୍ଲକ ସାଂସଦ ପ୍ରତିନିଧି ଦୀପକ ବାରିକ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଓ ବିଡ଼ିଓ ସାମୀ ଜୟଶ୍ରୀ ରେଡି ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଅଂଚଳର କ୍ରୀଡା ପ୍ରତିଭାଧାରୀ ମାନଙ୍କ ବିକାଶ ନିମନ୍ତେ ଏହି ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ଦୁଇ କୋଟି ଟଙ୍କା ଓ ପଲସାଗୋରା ଠାରେ ପ୍ରସ୍ତାବିତ ଖେଳ ଷ୍ଟାଡିଅମ ପାଇଁ ୫କୋଟି ଟଙ୍କା ଯୋଗାଇଦେବା ପାଇଁ ମଞ୍ଚରେ ଘୋଷଣା କରିଥିଲେ । ଉତ୍ସବରେ ଆଦିବାସୀ ନୃତ୍ୟ ପରିବେଷଣ କରୁଥିବା କୁନିକୁନି କଳାକାରଙ୍କ ସହ ସାଂସଦଙ୍କ ନୃତ୍ୟ ସମଗ୍ର ପରିବେଶକୁ ବେସ ଉତ୍ସବ ମୁଖର ଓ ଆକର୍ଷଣୀୟ କରିଥିଲା ।

କାର୍ଯ୍ୟକ୍ରମକୁ ଖେଳଶିକ୍ଷକ ଆଦିନାଥ ଦାଶ ପରଚାଳନା କରିଥିବା ବେଳେ ବିଭିନ୍ନ ବିଦ୍ୟାଳର ଖେଳ ଶିକ୍ଷକମାନେ ସହଯୋଗ କରିଥିଲେ । ସାଂସଦ ପ୍ରତିନିଧି ଦୀପକ ବାରିକ ଓ ବ୍ଲକ ପ୍ରଶାସନର ମିଳିତ ସହଯୋଗରେ ଆୟୋଜିତ ଏହି ଖେଳ ମହୋତ୍ସବରେ ଗ୍ରାମ ପଂଚାୟତ ଉନ୍ନୟନ ଅଧିକାରୀ ଜ୍ଞାନ ରଞ୍ଜନ ପ୍ରଧାନ, ପିଇଓ ଜୟଦେବ ପ୍ରଧାନ, ଜ୍ଞାନ ରଞ୍ଜନ ମିଶ୍ର, ଭୁଲେଶ୍ୱର ନାଗ, ସମେତ ବ୍ଲକର ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସହଯୋଗ କରିଥିଲେ ।

## ଟ୍ରାକ୍ଟର ଧକ୍କାରେ ଯୁବକଙ୍କ ମୃତ୍ୟୁ, ଜଣେ ଗୁରୁତର

କୋକସରା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ ମୋଟେର ଫାଣ୍ଡି ଅଧୀନରେ ଥିବା ମୋଟେର ଧାନ ମଣ୍ଡି ନିକଟରେ ସୋମବାର ସନ୍ଧ୍ୟାରେ ଟ୍ରାକ୍ଟର ଧକ୍କାରେ ଜଣେ ଯୁବକଙ୍କ ଘଟଣାସ୍ଥଳରେ ଶୋଚନୀୟ ମୃତ୍ୟୁ ହୋଇଛି। ମୃତ ଯୁବକ ହେଲେ ଖୁଟୁଲୁଗୁଡା ଗ୍ରାମର ରାମେଶ୍ୱର ଦଳପତି (୪୦) ଓ ଗୁରୁତର ହେଲେ ରିତେଶ ବନ୍ଦୀଛୋଡ। ଦୁଇଜଣ କୌଣସି କାମରେ ବାଇକରେ ଖୁଟୁଲୁଗୁଡାରୁ ମୋଟେର ପଟେ ଆସୁଥିବା ସମୟରେ ଟ୍ରାକ୍ଟର ଧକ୍କା ଦେଇଥିଲା। ଖବର ପାଇ ମୋଟେର ଫାଣ୍ଡି ଅଧିକାରୀ ମନଧର ମାଝୀ ଓ ପୋଲିସ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ତେବେ ଖବର ଲେଖାଯିବା ପର୍ଯ୍ୟନ୍ତ ଶବ ରାସ୍ତା ଉପରେ ପଡି ରହିଛି, ପରିବାର ଲୋକେ ଟ୍ରାକ୍ଟର ଡ୍ରାଇଭରକୁ ଗିରଫ ଦାବି କରିବା ସହ ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିବା ସୂଚନା ମିଳିଛି।

## ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ଦ୍ୱାରସ୍ଥ ହେଲେ ଶ୍ରମିକ

ସମ୍ବଲପୁର,(ସବ୍ୟୁ): ପଶ୍ଚିମ ଓଡିଶାର ଅଧିଷ୍ଠାତ୍ରୀ ଦେବୀ ମାଁ ସମଲେଶ୍ୱରୀ ମନ୍ଦିରରେ କାର୍ଯ୍ୟରତ ଶ୍ରମିକ ମାନେ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଫେରାଦ ହୋଇଛନ୍ତି । ସମଲେଇ ପ୍ରକଳ୍ପରେ ମନ୍ଦିର ଚତୁଃପାର୍ଶ୍ୱ ସୌନ୍ଦର୍ଯ୍ୟକରଣ କରାଯାଇଛି । ଏହାର ରକ୍ଷଣାବେକ୍ଷଣ ପାଇଁ ଏକ ଘରୋଇ ସଂସ୍ଥାକୁ ଦାୟିତ୍ୱ ଦିଆଯାଇଛି । ମନ୍ଦିରର ସଫେଇ ଓ ସୁରକ୍ଷା ଆଦି କାମରେ ସଂସ୍ଥା ପକ୍ଷରୁ ବହୁ ପୁରୁଷ ଏବଂ ମହିଳା ଶ୍ରମିକଙ୍କୁ ନିୟୋଜିତ କରାଯାଇଛି । ତେବେ ସଠିକ୍ ସମୟରେ ଦରମା ପ୍ରଦାନ, ବର୍ଦ୍ଧିତ ଦରମାର ଏରିୟର ମିଳୁନଥିବା ବେଳେ ଶ୍ରମିକ ଅସନ୍ତୋଷ ଦେଖାଯାଇଛି । ଏନେଇ ଶ୍ରମିକ ମାନେ ଜିଲ୍ଲା ପ୍ରଶାସନ ଓ ସଂପୃକ୍ତ ସଂସ୍ଥା ନିକଟରେ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି । ଅଭିଯୋଗ ସତ୍ତ୍ୱେ କୌଣସି ସୁଫଳ ନମିଳିବାରୁ କାର୍ଯ୍ୟରତ ପ୍ରାୟ ୩୦୦ରୁ ଅଧିକ ଶ୍ରମିକ ଜିଲ୍ଲା ଯୁଗ୍ମ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ଦ୍ୱାରସ୍ତ ହୋଇ ନ୍ୟାୟ ଦାବି କରିଛନ୍ତି । ଆଗାମୀ ଦିନରେ ସମସ୍ୟାର ସମାଧାନ ନହେଲେ କାର୍ଯ୍ୟବନ୍ଦ ସହ ଆନ୍ଦୋଳନ କରିବାକୁ ବାଧ୍ୟ ହେବେ ବୋଲି ଚେତାବନୀ ଦେଇଛନ୍ତି ।

## ଟ୍ରଲର ହିଟ ଆଣ୍ଡ ରନ, ୨ ଗାଡି ଓ ବାଇକକୁ ପିଟିଲା ୩ ଗୁରୁତର, ଡ୍ରାଇଭର ଅଟକ

କୋକସରା,(ସବ୍ୟୁ): ୨୬ ନମ୍ବର ଜାତୀୟ ରାଜପଥ କୋକସରା ଥାନା ଅନ୍ତର୍ଗତ ଚିଲିଗୁଡା ବସଷ୍ଟାଣ୍ଡ ବୁଲାଣିରେ ସୋମବାର ମଧ୍ୟାହ୍ନରେ ଏକ ଟ୍ରଲର୍ ଦ୍ରୁତ ଗତିରେ ଆସି ହିଟ୍ ଏଣ୍ଡ ରନ୍ କରିବା ଫଳରେ ୩ଟି ଗାଡି କ୍ଷତିଗ୍ରସ୍ତ ହେବା ସହ ୩ ଜଣ ଲୋକ ଆହତ ହୋଇଛନ୍ତି । ଭବାନୀପାଟଣା ପଟୁ ଜୟପୁର ଯାଉଥିବା ବେକାବୁ ଟ୍ରଲର ନମ୍ବର ଏନ ଏଲ୦୧ ଏଜି ୮୮୭୭ ରାସ୍ତା କଡରେ ଥିବା ଏକ ବୋଲେରୋ, ଟ୍ରାକ୍ଟର, ବାଇକ ସମେତ ଲୋକଙ୍କ ଉପରେ ମାଡି ଯିବାରୁ ୩ ଜଣ ବ୍ୟକ୍ତି ଗୁରୁତର ହୋଇ ପଡ଼ିଥିଲେ। ଗ୍ରାମବାସୀ ମାନେ ଡ୍ରାଇଭରକୁ କାବୁ କରିବା ସହ ଗୁରୁତରଙ୍କୁ କୋକସରା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରେ ଘଟଣାସ୍ଥଳରେ କୋକସରା ପୋଲିସ ପହଞ୍ଚି ଡ୍ରାଇଭରକୁ ନେଇ ଥାନାରେ ଅଟକ ରଖିଥିବା ବେଳେ ଗୁରୁତର ୩ ଜଣ ହେଲେ ଚିଲିଗୁଡା ଗ୍ରାମର ପ୍ରଶାନ୍ତ ସିଂ, ଭୋଳା ଶଙ୍କର ନାଏକ ଓ ଶଙ୍କର ନିଆଲ। ପ୍ରାଥମିକ ଚିକିତ୍ସା ପରେ ଗୁରୁତର ପ୍ରଶାନ୍ତ ସିଂଙ୍କ ଅବସ୍ଥା ଜଟିଳ ଥିବାରୁ ତାଙ୍କୁ ଜିଲ୍ଲା ମୁଖ୍ୟାଳୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । କୋକସରା ପୋଲିସ ଟ୍ରଲରକୁ ଜବତ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି।

### ନର୍ଲା ନବୋଦୟ ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀ ସଂଗଠନ

# ସଭାପତି ହେଲେ ଲକ୍ଷ୍ମୀନାରାୟଣ ପଣ୍ଡା

ନର୍ଲା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ନର୍ଲା ସ୍ଥିତ ଜବାହାର ନବୋଦୟ ବିଦ୍ୟାଳୟ ପରିସରରେ ରବିବାର ପୁରାତନ ଛାତ୍ର ସଂଗଠନର ନିର୍ବାଚନ ହେବା ସହ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। ଏହି ବିଦ୍ୟାଳୟରେ କଳାହାଣ୍ଡିର କୋଣ ଅନୁକୋଣରୁ ଆସି ୩୩ଟି ବ୍ୟାଚ୍ ର ୨୩୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ପାସ୍ ହୋଇ ଜିଲ୍ଲା ଓ ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସ୍ଥରରେ ଚାକିରୀ କରିବା ସହ ଚାଷ, ଖେଳ, ବିଜନେସ୍, ସେବା, ରାଜନିତୀ ଓ ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିଷ୍ଠିତ କରିପାରିଛନ୍ତି। ଚଳିତ ବର୍ଷ ପୁରାତନ ଛାତ୍ର ସଂଗଠନର କାର୍ଯ୍ୟକାଳ ୨ବର୍ଷ ପୁରଣ ହେବାରୁ ନୂତନ ୧୫ଜଣିଆ କାର୍ଯ୍ୟକାରିଣୀ କମିଟି ନିର୍ବାଚନ ଓ ଗଠନ ହୋଇଥିଲା। ସର୍ବସମ୍ମତି କ୍ରମେ ଦ୍ୱିତୀୟ ବ୍ୟାଚ୍‌ର ପୁରାତନ ଛାତ୍ର ଇଂ. ଲକ୍ଷ୍ମୀନାରାୟଣ ପଣ୍ଡାଙ୍କୁ ସଭାପତି ଭାବରେ ଚୟନ କରାଯାଇଛି । ସେ ଜିଲ୍ଲାର ଜଣେ ଜଣାଶୁଣା ସମାଜସେବୀ ଏବଂ ଯୁବ ସଂଗଠକ ଭାବରେ ପରିଚିତ । ବିମଳ ଦୀପ ଉପସଭାପତି, ଭବାନୀ ଶଙ୍କର ପଣ୍ଡା ସାଧାରଣ ସମ୍ପାଦକ, ଭବତୋଷ କୁମାର କର ଯୁଗ୍ମ ସମ୍ପାଦକ, ସଞ୍ଜୟ କୁମାର ରଣା କୋଷାଧ୍ୟକ୍ଷ, ସରୋଜ ନାଏକ ଯୁଗ୍ମ କୋଷାଧ୍ୟକ୍ଷ ଭାବରେ ଚୟନ ହୋଇଥିଲେ। ଏହି ନିର୍ବାଚନକୁ ମହେଶ କୁମାର ଭାଟି ଓ ଓମ୍ ପ୍ରକାଶ ବାଗ ଇଲେକ୍ସନ କମିଶନ ଭାବରେ ପରିଚାଳନା କରିଥିଲେ। ପରେ ପୁର୍ବତନ ଛାତ୍ର ଓ ବର୍ତ୍ତମାନ ଛାତ୍ରଙ୍କ ମଧ୍ୟରେ ଭଲିବଲ ମ୍ୟାଚ୍ ହୋଇଥିଲା । ବିଦ୍ୟାଳୟର ଅଧ୍ୟକ୍ଷ ଶ୍ରୀ ଚିନ୍ତାମଣି ଦିବ୍ୱେଦୀ, ଚଳିତ ସଭାପତି ଗୋଲକ ବିହାରୀ ଭୋଇ , ନିର୍ବାଚିତ ସଭାପତି ଲକ୍ଷ୍ମୀନାରାୟଣ ପଣ୍ଡା, ଚଳିତ ସାଧାରଣ ସମ୍ପାଦକ ପ୍ରଦୀପ ବଳିୟାର ସିଂ, ନିର୍ବାଚିତ ସମ୍ପାଦକ ଭବାନୀ ଶଙ୍କର ପଣ୍ଡା ପ୍ରମୁଖ ଦୀପ ପ୍ରଜ୍ୱଳିତ କରି ସଭା ଆରମ୍ଭ କରିଥିଲେ। ୧୪ ନଂ ବ୍ୟାଚ୍ ର ଏହି ବର୍ଷ ସିଲଭର ଜୁବୁଲି ମନେଇବା ସହ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କୁ ପୁରସ୍କୃତ କରିଥିଲେ। ପରେ ପୁର୍ବତନ ଓ ବର୍ତ୍ତମାନ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା । କାର୍ତ୍ତିକ ସୁନା, ସରୋଜ ନାଏକ, ଜଗମୋହନ ପାଢ଼ୀ ମଞ୍ଚ ପରିଚାଳନା କରିବା ସହ ସହଯୋଗ କରିଥିଲେ।

# ସାମାଜିକ ଅନୁଷ୍ଠାନ ହସ୍ତେରୁଆର ବନ୍ଧୁମିଳନ

ବୋରିଗୁମ୍ମା, (ସବ୍ୟୁ): ଅବସାଦକୁ ଯିଏ ଚୁଟକିରେ ଦୂର କରିପାରେ କ୍ଳାନ୍ତ ମନରେ ଭରିପାରେ, ଫୁର୍ତ୍ତି ବ୍ୟସ୍ତ ବହୁଳ ଜୀବନରେ ଟିକିଏ ହସ ଦେଇପାରେ ସେ ହେଉଛି ସାମାଜିକ ଅନୁଷ୍ଠାନ ହସ୍ତେରୁଆ। ଯିଏ ଦୀର୍ଘ ୬ ବର୍ଷ ଧରି ସାମାଜିକ ଗଣମାଧ୍ୟମରେ ଲୋକଙ୍କୁ ହସାଇ ହସାଇ ବେଦମ କରୁଛି। ଏହି ଅନୁଷ୍ଠାନ ୨୦୧୯ ମସିହାରେ ଗଠନ ହୋଇଥିଲା। ଆଜକୁ ଏହି ଗ୍ରୁପ ରେ ଦେଶ ତଥା ଦେଶ ବାହାରୁ ଏକ ଲକ୍ଷ କୋଡିଏ ହଜାର ସଦସ୍ୟ ଯୋଡ଼ି ହୋଇ ସାରିଛନ୍ତି। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ହସ୍ତେରୁଆ ଗ୍ରୁପ ର ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୋରିଗୁମ୍ମା ସ୍ଥିତ ଦୋରା କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ରାମନାଥ ତ୍ରିପାଠୀ କହିଛନ୍ତି ଚଳିତ ବର୍ଷ ବନ୍ଧୁ ମିଳନରେ ଯୋଗ ଦେବାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ସଦସ୍ୟ ଯୋଗ ଦେଇଥିଲେ। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ପର୍ଶୁରାମ ମାଝୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ମନୋଜ ଆଚାର୍ଯ୍ୟ, ଗୌତମ ସାମନ୍ତରାୟ, ସୁବାଷ ରାଉତ, ଏମ ମାଙ୍ଗମା, ଧୀରେନ ପଟନାୟକ, ବିଜୟ ଚୌଧୁରୀ ଏବଂ ଜଗଦୀଶ ତ୍ରିପାଠୀ ଯୋଗ ଦେଇଥିଲେ।

ହସ୍ତେରୁଆ ସମ୍ମାନ ରେ ସମ୍ମାନିତ ହୋଇଥିଲେ ସୂର୍ଯ୍ୟ ନାରାୟଣ ଆଚାରୀ, ଈଶ୍ୱର ସରାଫ, ନିହାରୀକା ସୁନିଧି ଜେନା ଏବଂ ବୈଷ୍ଣବ ବୀ ବେହେରା। କାର୍ଯ୍ୟକ୍ରମରେ ପୂର୍ଣ୍ଣ ସହଯୋଗ କରିଥିଲେ ଗ୍ରୁପ ପ୍ରତିଷ୍ଠାତା ରାମନାଥ ତ୍ରିପାଠୀ, ବ୍ରିଷ୍ଣୁ ପ୍ରସାଦ ଖାଡଙ୍ଗା, ପେଣ୍ଡରା ପ୍ରସାଦ ମିଶ୍ର, ପଙ୍କଜ କୁମାର ପାତ୍ର, ସନ୍ତୋଷ ନାୟକ, ସବିତା ପଟନାୟକ ଏବଂ ଶୁଭ୍ରା ପିଙ୍କି ଶତପଥୀ। ବୋରିଗୁମ୍ମାରୁ ଉମା ମହେଶ୍ୱର ରାଓ, ରଜତ ପଣ୍ଡା, ଏନ ପିମ୍ପସ କୁମାର, ଏ ନାଗେଶ୍ୱର ରାଓ ଏବଂ ବାପି ପାଣିଗ୍ରାହୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ନାଚ ଗୀତ ସାଙ୍ଗକୁ ମଞ୍ଚରେ ରାମନାଥ ତ୍ରିପାଠୀ ହସାଇ ହସାଇ ବେଦମ କରିଥିଲେ।

# ବୁଧବାରରୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ଦୁଲୁକିବ ପଦ୍ମପୁର



ପଦ୍ମପୁର,(ସବ୍ୟୁ): ପଦ୍ମପୁର ଉପଖଣ୍ଡ ସ୍ଥାନୀୟ ଟାଉନ କ୍ଲବ ତରଫରୁ ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ କଳା ଓ ସଂସ୍କୃତି ର ମହାମିଳନର ମଞ୍ଚ ଅନୁଷ୍ଠିତ ହେବାକୁ ଯାଉଛି। ତେବେ କମିଟି ତରଫରୁ ଆୟୋଜିତ ହେଉଥିବା ପଦ୍ମପୁର ଲୋକ ମହୋତ୍ସବର ବିଭିନ୍ନ ପର୍ଯ୍ୟାୟ ଥିବା ବେଳେ ଆସନ୍ତା ବୁଧବାରରୁ ଆନୁଷ୍ଠାନିକ ଭାବରେ ମଞ୍ଚ କାର୍ଯ୍ୟକ୍ରମ ଆରମ୍ଭ ହେବ। ଏହା ପୂର୍ବରୁ ପ୍ରତିବର୍ଷ ଭଳି ମଙ୍ଗଳବାର କମିଟି ପକ୍ଷରୁ ଏକ ବିରାଟ ସାଂସ୍କୃତିକ ଶୋଭାଯାତ୍ରା ଆୟୋଜିତ ହେବ। ଏ ନେଇ ସୋମବାର ଆୟୋଜକ କମିଟି ତରଫରୁ ସ୍ଥାନୀୟ ଅଶୋକ ପଡିଆ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସୂଚନା ଦିଆଯାଇଥିଲା। ତେବେ ସାଂସ୍କୃତିକ ଶୋଭାଯାତ୍ରା ରେ ରାଜ୍ୟ ତଥା ରାଜ୍ୟ ବାହାରୁ ପ୍ରାୟ ୨୨ ଗୋଟି ଦଳ ଏବଂ ଝାଙ୍କି ଅଂଶଗ୍ରହଣ କରୁଥିବା ବେଳେ ମଞ୍ଚରେ ହେବାକୁ ଥିବା ସାଂସ୍କୃତିକ ସନ୍ଧ୍ୟା ର ପର୍ବ ରେ ରାଜ୍ୟ ବାହାରୁ ତିନୋଟି ଦଳ ରାଜ୍ୟର ବିଭିନ୍ନ ଜିଲ୍ଲା ମାନଙ୍କରୁ ପ୍ରାୟ ଏଗାର ଗୋଟି ଏବଂ ଆମ ଅଞ୍ଚଳର କଳା ସଂସ୍କୃତିକୁ ଦର୍ଶାଉ ଥିବା ପ୍ରାୟ ପାଞ୍ଚଟି ଦଳ ସାମିଲ ହେବାର କାର୍ଯ୍ୟକ୍ରମ ରହିଥିବା ବେଳେ କମିଟି ତରଫରୁ ସମ୍ବଲପୁରୀ ବାନ୍ଧ କଳା ର ପ୍ରଚାର ପ୍ରସାର ଏବଂ ଚଳଣିକୁ ନେଇ ଏକ ଫ୍ୟାସନ ଶୋ ସମ୍ବଲପୁରୀ ପିନ୍ଧନ ଉଢନର ମଧ କାର୍ଯ୍ୟକ୍ରମ ରହିଛି। ତେବେ କାର୍ଯ୍ୟକ୍ରମରେ ସମସ୍ତ ଅଞ୍ଚଳ ବାସୀଙ୍କୁ ନିଜର ଯୋଗଦାନ ସହ ଆୟୋଜନକୁ ସଫଳ କରିବା ପାଇଁ କମିଟି ତରଫରୁ ସଭାପତି ପ୍ରିତେଶ କୁମାର ବହିଦାର ସାମ୍ବାଦିକ ସମ୍ମିଳନୀରେ ନିବେଦନ କରିଥିଲେ। ସମ୍ମିଳନୀରେ ଲୋକ ମହୋତ୍ସବର ଆବାହକ ଅଶୋକ କୁମାର ମିଶ୍ର, ଉପସଭାପତି ନରେଶ ସୁନ୍ଦର ସାହୁ, ସରୋଜ ମିଶ୍ର, ବିକାଶ କୁମାର ବହିଦାର, ନରୋତ୍ତମ ପଧାନ, ନିରୋଜ ସିନ୍ହା, ଅମିତ ଗର୍ଗ, ଶୁଭମ ପଟ୍ଟନାୟକ, ଦିନେଶ ବାରିକ, ଆଇନଜୀବୀ ସୋମେଶ ଚନ୍ଦ୍ର ମହାନ୍ତି, ସୁରଜ ସୁନା, ଅନିଲ ଗୁର୍ଲ୍ଲା ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ ।

# ମହମ୍ମଦ ଅସଲମ ଥିଲେ ଜଣେ ନିର୍ଭୀକ ଓ ପରୋପକାରୀ ସାମ୍ବାଦିକ




ଭବାନୀପାଟଣା,(ସବ୍ୟୁ): ଯୁବ ସାମ୍ବାଦିକ ମହମ୍ମଦ ଅସଲମ୍‌ଙ୍କ ଚତୁର୍ଥ ସ୍ମୃତି ସମାରୋହ ସ୍ଥାନୀୟ ଅମଲା ଭବନ ଠାରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ଯୁବ ସାମ୍ବାଦିକ ମହମ୍ମଦ ଅସଲମ୍‌ଙ୍କ ଫଟୋଚିତ୍ରରେ ପୁଷ୍ପ ଅର୍ପଣ ଏବଂ ଦୀପ ଜାଳିବା ପରେ ମୌଲାନା ଇର୍ଫାନ୍ ଶାନ୍ତି ପ୍ରାର୍ଥନା ଏବଂ କଣ୍ଠଶିଳ୍ପୀ ଜଗନ୍ନାଥ ତ୍ରିପାଠୀ ଭଜନ ପରିବେଷଣ କରିଥିଲେ। ପରେ ସ୍ମୃତିସଭା ଆରମ୍ଭ ହେଇଥିଲା। ମହମ୍ମଦ ଅସଲମ ସ୍ମୃତି କମିଟି ତରଫରୁ ଆୟୋଜିତ ଶ୍ରଦ୍ଧାଞ୍ଜଳୀ ସଭାରେ ମୁଖ୍ୟ ଅତିଥି ଭାବରେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ଡଃ ନିବେଦିତା ନାଥ ଯୋଗଦେଇ ସାମ୍ବାଦିକ ମାନେ ଲୋକଙ୍କ ଶାଣିତ ସ୍ୱର ହୁଅନ୍ତୁ ବୋଲି ମତ ଦେଇଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରବାନ, ବରିଷ୍ଠ ସାମ୍ବାଦିକ ଭକ୍ତ ତ୍ରିପାଠୀ, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଓ ଓଟିଭି ର ସହ ସମ୍ପାଦକ ଅମରେଶ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ ।

ସ୍ୱର୍ଗତ ସାମ୍ବାଦିକ ମହମ୍ମଦ ଅସଲମ୍ ଦୀର୍ଘ ଏକ ଦଶନ୍ଧି ଧରି ସାମ୍ବାଦିକତା କ୍ଷେତ୍ରରେ ନିଜର ପରିପକ୍ୱତା ଓ ଦକ୍ଷତା ପାଇଁ ଅନେକ ଗରିବ ଓ ନିଷ୍ପେସିତ ଲୋକଙ୍କ ସମସ୍ୟା ଓ ଦୁଃଖକୁ ଖବର ମାଧ୍ୟମରେ ପରିବେଷଣ କରି ସରକାରଙ୍କୁ ସମାଧାନ କରିବା ପାଇଁ ଚାପ ସୃଷ୍ଟି କରୁଥିଲେ। ଧାଡ଼ିରେ ଥିବା ଶେଷ ବ୍ୟକ୍ତି ପାଇଁ ଲଢେଇ କରିବା ସହ ନିଚ୍ଛକ ସତ୍ୟକୁ ଲୋକଙ୍କ ସମ୍ମୁଖରେ ଆଣିବା ହିଁ ତାଙ୍କୁ ଭିନ୍ନ ଏକ ପରିଚୟ ଦେଇଥିଲା । ତାଙ୍କ ଅବର୍ତମାନରେ ତାଙ୍କ ଚତୁର୍ଥ ଶ୍ରଦ୍ଧାଞ୍ଜଳିସଭାରେ ଅନେକ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କର ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ମହମ୍ମଦ ଅସଲମ୍ ସ୍ମୃତି କମିଟି ପକ୍ଷରୁ ମହମ୍ମଦ ଅସଲମ୍ ସାମ୍ବାଦିକ ସମ୍ମାନ ଶତରୂପା ସାମନ୍ତରାୟଙ୍କୁ ପ୍ରଦାନ କରଯାଇଥିବା ବେଳେ ସମାଜସେବା କ୍ଷେତ୍ରରେ ମୋହିତ କୁମାର ସା ଏବଂ ମେଧାବୀ ସମ୍ମାନ ଭାବରେ ପ୍ରଗତି କଲେଜର ଛାତ୍ର ସ୍ୱାଗତ ବିଶ୍ୱାଳଙ୍କୁ ସମ୍ମାନିତ କରାଯାଇଥିଲା । ସେହିପରି ଚଳିତ ବର୍ଷ ଆନ୍ତଃ ମହାବିଦ୍ୟାଳୟ ସ୍ତରୀୟ ବକ୍ତୃତା ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା। କମିଟି ଅଧକ୍ଷ ବିଜୟ ସାହୁଙ୍କ ଅଧକ୍ଷତାରେ ହୋଇଥିବା ଏହି ସ୍ମୃତି ସଭାକୁ ବରିଷ୍ଠ ସାମ୍ବାଦିକ ସତ୍ୟନାରାୟଣ ମହାପାତ୍ର ଓ ଯୁବ ନେତା ଅବିନାଶ ଠାକୁର ମଞ୍ଚ ପରିଚାଳନା କରିଥିବା ବେଳେ ନୟନ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

କାର୍ଯ୍ୟକ୍ରମକୁ ସ୍ମୃତି କମିଟି ସମ୍ପାଦକ ଅଜିତ ସିଂ, ସାମ୍ବାଦିକ ବିକାଶ ଷଡ଼ଙ୍ଗୀ, ଶୁଭମ ରୋହିଲା, ଦୁଃଖିଶ୍ୟାମ ପ୍ରଧାନ, ମନମୋହନ ପ୍ରଧାନ, ମହମ୍ମଦ ଅଲ୍ଲୀ, ତାପସ ମହାନ୍ତି, ଅମରେଶ ପାଢ଼ୀ, ଅମିୟ ସାହୁ, ଇଙ୍ଗିତ ପଣ୍ଡା, ଅଂଶୁମାନ ପାତ୍ର, ଉମେଶ ଦୁରିଆ, ସୁଶୀଲ ବାଗ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ୍, ଗୋଲାମୁଣ୍ଡା ବ୍ଲକ ଅଧକ୍ଷା ବିନ୍ଦୁ ମହାନନ୍ଦଙ୍କ ସହ କମିଟି ସଦସ୍ୟ ନରେଶ ଚୌଧୁରୀ, ରାଜେଶ ଦୀପ, ଦିବ୍ୟ ମହାପାତ୍ର, ପଙ୍କଜ ମହାରଣା ଓ ଟିଁନି କ୍ରିଷ୍ଣା ଅଚାରୀ ପ୍ରମୁଖ ସହଯୋଗ କରିଥିଲେ।

## ଅଭିଯୋଗର ଶୁଣାଣି କଲେ ଜିଲ୍ଲାପାଳ



କଲମପୁର,(ସବ୍ୟୁ): କଲମପୁର ସ୍ଥିତ ସଭାଗୃହରେ ସୋମବାର କଳାହାଣ୍ଡି ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଅଧିନସ୍ଥ ସମସ୍ତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବିଡ଼ିଓ ବିଜୟ କୁମାର ମାଣ୍ଡଙ୍ଗୀଙ୍କ ତତ୍ତ୍ୱବଧାନରେ ଅନୁଷ୍ଠିତ ଶିବିରରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶ ,ଧର୍ମଗଡ ଉପଜିଲ୍ଲାପାଳ ପ୍ରେକ୍ଷା ଅଗ୍ରୱାଲ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢ଼ୀ, ଏସ ଡି ପି ଓ ଡୋଳାମଣି ଭୋଇ,ଉପାଧକ୍ଷ ଚିନ୍ତାମଣି ବେହେରା ପ୍ରମୁଖଙ୍କ ଉପସ୍ଥିତରେ ମୋଟ ୭୩ ଟି ଅଭିଯୋଗ ପଡିଥିଲା। ସାମ୍ବାଦିକ ରବୀନ୍ଦ୍ର ମିଶ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଫେଜ୍ ବିଦ୍ୟୁତ୍ ସଂଯୋଗିକରଣକୁ ନେଇ ଅଭିଯୋଗ ଆଣିଥିବାବେଳେ ତୁରନ୍ତ ଏହାର ସମାଧାନ ପାଇଁ ବିଦ୍ୟୁତ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଯୁକ୍ତ ୨ ଏବଂ ଯୁକ୍ତ ୩ ମହାବିଦ୍ୟାଳୟ ଛାତ୍ରଛାତ୍ରୀ ମାନେ ରାସ୍ତା, ବାଡ ନିର୍ମାଣ ସହିତ ରାସ୍ତାରେ ଅସାମାଜିକ ଯୁବକଙ୍କ ଆଡ୍ଡାକୁ ନେଇ ଅଭିଯୋଗ କରିଥିଲେ। ଏନେଇ ଜିଲ୍ଲାପାଳ ପୋଲିସ ଅଧିକାରୀଙ୍କୁ ପେଟ୍ରୋଲିଂ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଜଣେ ଚାଷୀଙ୍କ ଧାନ ବିକ୍ରି ପାଇଁ ପଞ୍ଜୀକରଣ ହୋଇଥିଲେ ହେଁ ଟୋକନ ଆସୁନାହିଁ। ଜମିର କିସମ କୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଇନାହିଁ । ଫଳରେ ଆମ ପରିବାର ରେ ଧାନ ବିକ୍ରି ତଥା ସରକାରଙ୍କ ଧାର୍ଯ୍ୟ ମୂଲ୍ୟ ପ୍ରାପ୍ତିରୁ ବଞ୍ଚିତ ହେଉଚୁ ବୋଲି ଅଭିଯୋଗ ଆଣିଛନ୍ତି ଚାଷୀ। ତେବେ ଟୋକନ ଆସିବା ନେଇ ରାଜ୍ୟ ସ୍ତରର ହୋଇଥିବାବେଳେ ଆମେ ବିଭାଗୀୟ ଅଧିକାରୀ ସହିତ ଯୋଗାଯୋଗ କରିବୁ ବୋଲି ଜିଲ୍ଲାପାଳ କହିଛନ୍ତି।

# କଟନି ଛଟନିକୁ ଚାଷୀଙ୍କ ବିରୋଧ, ମଣ୍ଡିରେ ପଡିରହିଛି ଧାନ

ସମ୍ବଲପୁର,(ସବ୍ୟୁ): ଚାଉଁରପୁର ମଣ୍ଡିରେ ପଡି ରହିଛି କ୍ୱିଣ୍ଟାଲ କ୍ୱିଣ୍ଟାଲ ଧାନ । ନିଜର କଷ୍ଟ ଉପାର୍ଜିତ ଫସଲକୁ ଶୀତ କାକରରେ ଜଗି ବସିଛି ଚାଷୀ । ମୁଣ୍ଡର ଝାଳ ତୁଣ୍ଡରେ ମାରି ବର୍ଷସାରା କଷ୍ଟ କରି ଧାନ ସଂଗ୍ରହ କରିଥିଲା । ଚଳିତ ବର୍ଷ ଭଲ ଧାନ ହୋଇଥିବା ବେଳେ ହାତ ଉଧାରି ସବୁ ଶୁଝିଦେବ ବୋଲି ଆଶା ଥିଲା । ମାତ୍ର ଦାଉ ସାଉଛି ମିଲର୍ସ । ଏଫଏକ୍ୟୁ ମାନର ଧାନ ଆଳରେ କଟନି ଛଟନି କରୁଛି । ପ୍ରଶାସନ ସବୁ ଜାଣି ସୁଦ୍ଧା ନୀରବ ରହୁଛି । ଏଭଳିସ୍ଥଳେ ଚାଷୀ କାହା ଆଗରେ ଗୁହାରୀ କରିବ । ଲୁହ ଲହୁକୁ ଏକାକାର କରି ଉପାର୍ଜନ କରିଥିବା ଫସଲକୁ ବିକ୍ରି ନକରି ମଣ୍ଡିରେ ଧାନ ଗାଡି ଥୋଇ ପ୍ରତିବାଦ କରିଛି । ଏଫ୍ଏକ୍ୟୁ ମାନର ଧାନ ସତ୍ତ୍ୱେ କଟନି ଛଟନି କାହାଁକି ବୋଲି ପ୍ରଶ୍ନ କରୁଛି । ଖାଲି ଏହି ମଣ୍ଡି ନୁହେଁ ସମ୍ବଲପୁର ଜିଲ୍ଲାରେ ଏହି ଅବ୍ୟବସ୍ଥା ଦେଖିବାକୁ ମିଳିଛି । ପ୍ରାୟ ୧ମାସ ବିଳମ୍ବରେ ଧାନ କିଣା ପ୍ରକିୟା ଆରମ୍ଭ ହୋଇଛି । ମିଲର୍ସଙ୍କ ମନମାନି ଯୋଗୁଁ ଧାନ କିଣାରେ ବିଶୃଙ୍ଖଳା ଦେଖା ଦେଇଛି ।



ଧାନମଣ୍ଡି ଖୋଲିବା ସତ୍ତ୍ୱେ ପ୍ରଥମେ ମିଲର୍ସ ମାନେ ଧାନ ଉଠାଇବାକୁ ଆସିନଥିଲେ । ଗତ ଡିସେମ୍ବର ୧ତାରିଖରେ ଅସନ୍ତୋଷ ଚାଷୀ ମାନେ ୫୩ ନମ୍ବର ଜାତୀୟ ରାଜପଥର ସିନ୍ଧୁରପଙ୍କ ବାଇପାସ୍ ଛକରେ ଧାନ ଗାଡି ଥୋଇ ଅର୍ଥନୈତିକ ଅବରୋଧ କରିଥିଲେ । ଏହାପରେ ପ୍ରଶାସନର ନିଦ ଭାଙ୍ଗିଥିଲା । ମିଲର୍ସ ଓ ପ୍ରଶାସନର ମଧୁଚନ୍ଦ୍ରିକାରେ ଧାନ କିଣା ଆରମ୍ଭ ହୋଇଛି । କୌଣସି ଚାଷୀଙ୍କ ଠାରୁ କଟନି ଛଟନି ହେବ ନାହିଁ ବୋଲି ସରକାର କହୁଥିବା ବେଳେ ସମ୍ବଲପୁର ଜିଲ୍ଲାରେ ତାହାର ଓଲଟା ଦେଖିବାକୁ ମିଳୁଛି । ଧାନର ଉପଯୁକ୍ତ ମୂଲ୍ୟ ନମିଳିଲେ ଚାଷୀ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛି ।

ସମ୍ବଲପୁର ଜିଲ୍ଲା ଚାଉଁରପୁର ସେବା ସମବାୟ ସମିତି ଲିଃରେ ୨ଟି ମଣ୍ଡିର ମୋଟ ୮୭୭ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକରଣ କରିଛନ୍ତି । ଚାଉଁରପୁର ମାର୍କେଟ ୟାର୍ଡରେ ଝରାପାଲି, ଚାଉଁରପୁର, ବରହାକାନୀ, ପୋତାପାଲି, ମୁଣ୍ଡୋଘାଟ, ଝାଙ୍କରପାଲି ଓ ଜାମପାଲି ଏବଂ ସେନାପାଲି ମଣ୍ଡିରେ ଟିହିଁକିପାଲି, ସେନାପାଲି, ବହ୍ମପୁରା, ବଗବିରା ଓ ବଡସିଂହାରୀ ଗ୍ରାମ ରହିଛି । ଏହି ଅଞ୍ଚଳର ଖରିଫ ଧାନ କିଣାବିକା ପାଇଁ ୧୨ଟି ମିଲର୍ସଙ୍କୁ ସାମିଲ କରାଯାଇଛି । ତେବେ ୩ଟି ରାଇସ୍ ମିଲ ଏପର୍ଯ୍ୟନ୍ତ ଧାନ କିଣାବିକା କରିନଥିବା ଜଣାପଡିଛି । ଅନ୍ୟପଟେ ବାକି ମିଲର୍ସମାନେ ଏଫ୍ଏକ୍ୟୁ ମାନର ଧାନ ଯାଞ୍ଚ ଆଳରେ କଟନି ଛଟନି କରୁଥିବା ଅଭିଯୋଗ ହେଉଛି । ୧୭ପ୍ରତିଶତରୁ କମ୍ ଆଦ୍ରତା ଥିଲେ ସୁଦ୍ଧା କ୍ୱିଣ୍ଟାଲ ପିଛା ୪ରୁ ୬କିଗ୍ରା ଧାନ କଟା ଯାଉଛି । ଏହାକୁ ନେଇ ଚାଉଁରପୁର ମଣ୍ଡିରେ ଅସନ୍ତୋଷ ଦେଖାଯାଇଛି ବୋଲି ସ୍ଥାନୀୟ ଚାଷୀ ଗଣେଷ ମହୋତ୍ତମ କହିଛନ୍ତି । ପ୍ରାୟ ୨୦ଜଣ ଚାଷୀ ଟୋକନ ପାଇଥିଲେ ସୁଦ୍ଧା ନିଜ କଟନି ଛଟନିକୁ ବିରୋଧ କରି ମଣ୍ଡିରେ ଧାନ ଗାଡି ଥୋଇ ଏହାକୁ ବିରୋଧ କରିଛନ୍ତି । କଟନି ଛଟନି ହେଲେ ଧାନ ବିକ୍ରି କରିବେ ନାହିଁ ବୋଲି ଅଡି ବସିଛନ୍ତି । ପ୍ରଶାସନିକ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚିନଥିବା ଜଣାପଡିଛି । ତେବେ ପୂର୍ବରୁ ଉଠିଥିବା ବହୁ ଚାଷୀଙ୍କ ଏଫ୍ଏକ୍ୟୁ ମାନର ଧାନ ହୋଇଥିବା ବେଳେ କ୍ରୟ କମିଟି ଓ ମିଲର୍ସ କେଉଁ ମୂଲ୍ୟ ଦେଇ ସେହି ଧାନକୁ କ୍ରୟ କଲେ ତାହା ତଦନ୍ତ ସାପେକ୍ଷ ଅଟେ । ଏ ସମ୍ପର୍କରେ ସମ୍ବଲପୁର ଜିଲ୍ଲା କୃଷକ ସୁରକ୍ଷା ସଙ୍ଗଠନର ସମ୍ପାଦକ ଦେବେନ୍ଦ୍ର ପ୍ରଧାନଙ୍କୁ ପଚାରିବାରୁ ଧାନ କିଣାବିକା ଅବ୍ୟବସ୍ଥାକୁ ନେଇ ଚାଷୀ ମାନେ ଖୁବ୍ ଶୀଘ୍ର ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଥିଲେ ।

## କ୍ରୀଡ଼ାବିତ ସୌରଭ ପୁଟେଲଙ୍କୁ ସମ୍ବର୍ଦ୍ଧନା



ବଲାଙ୍ଗିର,(ସବ୍ୟୁ): ୩୦ ନଭେମ୍ବରରୁ ଡ଼ିସେମ୍ବର ୫ ତାରିଖ ପର୍ଯ୍ୟନ୍ତ ଦିଲ୍ଲୀରେ ଆୟୋଜିତ ଜାତୀୟ ସ୍କୁଲ ପ୍ରତିଯୋଗିତାରେ ବଲାଙ୍ଗିର ମାଟିର ସନ୍ତାନ ସୌରଭ ପୁଟେଲ ୫୦ମିଟର ବ୍ରେଷ୍ଟ ଷ୍ଟୋକ ସ୍ୱର୍ଣ୍ଣ ପଦକ ଏବଂ ୨୦୦ ମିଟର ବ୍ରେଷ୍ଟ ଷ୍ଟୋକରେ ବ୍ରୋଞ୍ଜ ପଦକ ହାସଲ କରି ଓଡିଶା ପାଇଁ ଗୌରବ ଆଣିଥିଲେ । ସେ ବଲାଙ୍ଗିରରେ ପହଂଚିବା ପରେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଗୌରବ ଶିବାଜି ଇଶଲୱର, ଜାତୀୟ ସ୍ତର ବିଜେତା ସୌରଭଙ୍କୁ ଫୁଲ ତୋଡ଼ା ଏବଂ ଉତ୍ତରୀୟ ଦେଇ ଶୁଭେଚ୍ଛା ଜଣାଇଥିଲେ ଏବଂ ବଲାଙ୍ଗିର ଅତିରିକ୍ତ ଜିଲ୍ଲାପାଳ ଡଃ ବିଜୟାନନ୍ଦ ସେଠୀ ମଧ ଶୁଭେଚ୍ଛା ଜଣାଇଥିଲେ । ଓଡିଶା ରାଜ୍ୟ ସନ୍ତରଣ ସଂଘ ଉପ ସଭାପତି ସୁମିତ ରଞ୍ଜନ ପୁରୋହିତ ମଧ ଶୁଭେଚ୍ଛା ଜଣାଇଥିଲେ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସତ୍ୟ ପ୍ରକାଶ ମିଂଜ, କ୍ରୀଡ଼ା ଛାତ୍ରାବାସ ଅଧିକାରୀ ପରାସର ବାଗ ବଲାଙ୍ଗିର ସନ୍ତରଣ ସଂଘ ସଦସ୍ୟ ସୁକାନ୍ତ ସେଠ, ସନ୍ତରଣ କୋଚ ନରେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ ।

### ପ୍ରଧାନଶିକ୍ଷୟିତ୍ରୀଙ୍କୁ ବଦଳି

## ଖବର ସଂଗ୍ରହ ବେଳେ ଗଣମାଧ୍ୟମଙ୍କ ପ୍ରଧାନ ଶିକ୍ଷୟିତ୍ରୀଙ୍କ ଦୁର୍ବ୍ୟବହାର ମହଙ୍ଗା ପଡିଲା

କେସିଙ୍ଗା,(ସବ୍ୟୁ) କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍ ଏ ସି ଅନ୍ତର୍ଗତ ୧୨ ନମ୍ବର୍ ୱାର୍ଡ ଠାରେ ରହିଥିବା ପ୍ରାଥମିକ ମିକ ବିଦ୍ୟାଳୟକୁ ଖବର ସଂଗ୍ରହ ପାଇଁ ଗତ ଚାରିଦିନ ତଳେ ୩ ଜଣ ସାମ୍ବାଦିକ ମାନେ ସ୍କୁଲକୁ ଯାଇଥିଲେ। ପ୍ରଧାନ ଶିକ୍ଷୟତ୍ରୀ ସବିତା ରଥଙ୍କୁ ବିଭିନ୍ନ ପ୍ରଶ୍ନ ପଚାରିବାରୁ ପ୍ରଧାନ ଶିକ୍ଷୟିତ୍ରୀ ଦୁବ୍ୟବାର କରିବା ସହ ନାଲି ଆଖି ଦେଖାଇବା ସହ ସାମ୍ବାଦିକଙ୍କ କେମେରାକୁ ଛଡେଇ ନେବା ପ୍ରୟାସ କରିଥିଲେ । ଏନେଇ ପ୍ରଧାନ ଶିକ୍ଷୟତ୍ରୀଙ୍କ ନାମରେ ବିଇଓଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତି କରି କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ୪ଜଣଙ୍କୁ ତଦନ୍ତ ପାଇଁ ଉକ୍ତ ସ୍କୁଲକୁ ପଠାଇ ଥିଲେ। ଉକ୍ତ ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବା ଶୌଚାଳୟକୁ ନିଜେ ବ୍ୟବହାର କରିବା ସହ ତାଲା ମାରି ରଖୁଛନ୍ତି। ଶିକ୍ଷୟତ୍ରୀ

**ସମୟର ପ୍ରଭାବ**

ଛାତ୍ର ଛାତ୍ରୀଙ୍କ ଦ୍ୱାରା ସ୍କୁଲ ପରିବେଶ ଓ ଶ୍ରେଣୀ ଗୃହକୁ ଝାଡୁ ମରାଉ ଥିବା ଅଭିଯୋଗ , ମଧାହ୍ନ ଭୋଜନରେ ଛାତ୍ରୀ ଛାତ୍ରଙ୍କୁ ଅଣ୍ଡା ଦୁଇଟା ଦେବା ବଦଳରେ ଫାଲେ ଲେଖାଏ ଦେବା ଇତ୍ୟାଦି ବିଷୟରେ ଅଭିଭାବକ ମାନେ ବି ଇ ଓ ଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଏ ସଂକ୍ରାନ୍ତରେ ଗତ ୬ ତାରିଖରେ ସମୟରେ ଖବର ପ୍ରକାଶ ପାଇଥିଲା। ସମସ୍ତ ଘଟଣା ସତ୍ୟାସତ୍ୟ ଜଣା ପଡିଲା ପରେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟଙ୍କ ଚିଠି ନ.୩୦୮୭/୮.୧୨.୨୫ ଆଦେଶ ପ୍ରକାରେ କେସିଙ୍ଗା ବ୍ଲକର କିକିଆ ଗ୍ରାମ ପଞ୍ଚାୟତ ଅଧିନସ୍ଥ ଡୁମେରମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନ କରାଯାଇଛି। ଏନେଇ କେସିଙ୍ଗା ଗୋଷ୍ଠୀ ଶିକ୍ଷା ଅଧିକାରୀ ଆନନ୍ଦ କୁମାର ବେହେରାଙ୍କୁ ପଚାରିବାରୁ ସେହି ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଡୁମେର ମୁଣ୍ଡା ପ୍ରାଥମିକ ବିଦ୍ୟାଳୟକୁ ଡେପୁଟେସନରେ ପଠା ଯାଇଛି ବୋଲି ପ୍ରକାଶ କରିଥିଲେ ।

## ସପ୍ତମ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା



ସମ୍ବଲପୁର,(ସବ୍ୟୁ): ଧନୁପାଲି ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଠାରେ ପ୍ରଜ୍ଞାନ ମିଶନ କଟକ ପକ୍ଷରୁ ୭ମ ଜିଲ୍ଲାସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ପ୍ରଧାନ ଆଚାର୍ଯ୍ୟ ବିଭୁପ୍ରସାଦ ମହାପାତ୍ର ପ୍ରଦୀପ ପ୍ରଜ୍ୱଳନ କରି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ । ଜିଲ୍ଲା ସଂଯୋଜକ ଡ. ଦୁଶାସନ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା । ସହକାରୀ ପ୍ରଫେସର ନବକୁମାର ପଣ୍ଡା, ବଳଭଦ୍ର କର୍ଣ୍ଣ ଓ ଅଧ୍ୟାପିକା ଦେବସ୍ମିତା ନାୟକବିଚାରକ ଦାୟିତ୍ୱ ତୁଲାଇଥିଲେ । ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡ. ଦେବେନ୍ଦ୍ର ପଣ୍ଡା ଅତିଥି ଭାବେ ଯୋଗ ଦେଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ । ଶେଷରେ ରାଧା ଗୁରୁମା ଧନ୍ୟବାଦ ଅର୍ପଣ କରିଥିଲେ ।

## ନନ୍ଦ ଗାଁ ମଣ୍ଡିରେ ଚାଷୀ ସମାବେଶ

ଧର୍ମଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଧର୍ମଗଡ ବ୍ଲକ ନନ୍ଦ ଗାଁ ଧାନ ମଣ୍ଡିରେ ଚାଷୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ନନ୍ଦ ଗାଁ ସେବା ସମବାୟର ସଭାପତି ଖଗେଶ୍ୱର ବଣିଆଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବରେ ନନ୍ଦ ଗାଁ ସରପଞ୍ଚ ପ୍ରତିନିଧି ଭବାନୀ ଶଙ୍କର ବଣିଆ , ପୂର୍ବତନ ସରପଞ୍ଚ କିଶୋର ବଣିଆ, ସମିତି ସଭ୍ୟ ଭୁବନେଶ୍ୱର ଶବର, ପେକ୍ସ ନିର୍ବାହୀ ଅଧିକାରୀ ମୋନୋଜ ବଣିଆ, ପେକ୍ସ ଡାଇରେକ୍ଟର ସଞ୍ଜୟ କୁମାର ପଟେଲ, ଗଣେଶ ରାମ ଶବର, ଆରଏମସି କର୍ମଚାରୀ ଅନ୍ତର୍ଯ୍ୟାମୀ ଖଡିକାର, ଚାଷୀ ପ୍ରତିନିଧି ରାଘବାନନ୍ଦ ନାଏକ, ସମେତ ଅନେକ ଚାଷୀ ଉପସ୍ଥିତ ରହି ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ । ଏଥିରେ ନନ୍ଦ ଗାଁ, ମଝେନପଦର, ବିରାମାଲ, ବଡ଼ଫୁର୍ଲା, ମାଲପଡା, ଭାଲଢ଼ୋଲା, ଲଛିପୁର, ଗାଁ ର ଚାଷୀ ଉପସ୍ଥିତ ଥିଲେ। ମଣ୍ଡିରେ ବିଗତ ଦିନ ମାନଙ୍କ ରେ ହୋଇଥିବା ଅରାଜକତା ପୁନର୍ବାର କରାଇଦେବୁ ନାହିଁ ଉଚିତ ଚାଷୀଙ୍କ ଧାନ ପ୍ରଥମେ ବିକ୍ରୟ କରାଯିବ ବୋଲି ଯୁବ ନେତା ଭବାନୀ ବଣିଆ ବକ୍ତ୍ୟବ୍ୟ ରଖିଥିଲେ। ଜିଲ୍ଲାରେ ମଣ୍ଡି ଉଦଘାଟନ ହୋଇ ୧୦ ଦିନ ହୋଇଥିଲେ ମଧ ମାତ୍ର ୨ ଜଣ ଚାଷୀଙ୍କ ଧାନ ଉଠିଛି। ପ୍ରାୟ ଚାଷୀ ଧାନ ଅମଳ କରି ମାସେ ରୁ ଦେଢ଼ ମାସ ହେବ ନିଜ ଖଳାରେ ଗଛିତ ରଖି ଶୀତ କାକର ରେ ଜଗୁ ଛନ୍ତି ବୋଲି ଚାଷୀଙ୍କ ମଧରେ କ୍ଷୋଭ ପ୍ରକାଶ ପାଇଛି।

## ‘୧୫ ଦିନ ମଧ୍ୟରେ ଚାଷୀଙ୍କ ଦାବି ପୂରା ନହେଲେ ଅଧା ନବରଙ୍ଗପୁର ବନ୍ଦ’

ନବରଙ୍ଗପୁର,(ସବ୍ୟୁ) :ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକ କୃଷକ ମହାସଂଘ ପକ୍ଷରୁ ବିଭିନ୍ନ ଦାବି ନେଇ ଶକ୍ତି ପଦର୍ଶନ କରିଛନ୍ତି। ସକାଳୁ ସ୍ଥାନୀୟ ଧନୁଯାତ୍ରା ପଡ଼ିଆରେ ସ୍ଥାନୀୟ ଚାଷୀଙ୍କ ନେତୃତ୍ୱରେ ଝରିଗାଁ ବ୍ଲକର ଶହଶହ ଚାଷୀ ଏକତ୍ରିତ ହୋଇଥିଲେ। ପରେ ଝରିଗାଁ ବ୍ଲକର ସମସ୍ତ ଚାଷୀ ଏକ ବିରାଟ ଶୋଭାଯାତ୍ରା କରି ଝରିଗାଁ ବ୍ଲକ କାର୍ଯ୍ୟାଳୟ ପହଞ୍ଚି ଏକ ପ୍ରତିବାଦ ସଭା କରିଥିଲେ। ତମ୍ଭୁଦାସ ପନକାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ପୂର୍ବତନ ସାଂସଦ ପ୍ରଦୀପ ମାଝୀ ଉପସ୍ଥିତ ରହି ସରକାରଙ୍କୁ କଡା ଚେତାବନୀ ଦେଇଥିଲେ।

ଏସିଆ ମହାଦେଶରେ ନବରଙ୍ଗପୁର ଜିଲ୍ଲାରେ ଅଧିକ ମକା ଚାଷ ହେଉଥିବା ବେଳେ ମକା ଚାଷୀ ଉଚିତ ମୂଲ୍ୟରେ ମକା ବିକ୍ରି କରିପାରୁନଥିବା କହିଥିଲେ। ଚଳିତ ବର୍ଷ ମକା ଦର ହ୍ରାସ ପାଇଥିବା ବେଳେ ଚାଷୀ ମାନେ ଅଭାବୀ ବିକ୍ରିର ଶିକାର ହେଉଛନ୍ତି। ୧୫ ଦିନ ମଧ୍ୟରେ ଚାଷୀଙ୍କ ମକା ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ ସରକାର ବ୍ୟବସ୍ଥା ନକଲେ ୨୦ ତାରିଖ ଦିନ ଅଧା ନବରଙ୍ଗପୁର ଜିଲ୍ଲା ବନ୍ଦ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ବିଶେଷ କରି ଜିଲ୍ଲାର ଝରିଗାଁ ବ୍ଲକ ସହ ରାଇଘର ଏବଂ ଉମରକୋଟ ବ୍ଲକର ଚାଷୀ ମାନଙ୍କୁ ନେଇ ଆନ୍ଦୋଳନ କରାଯିବ ବୋଲି କହିଥିଲେ।

ସେହିପରି ୧୫ ଦିନ ପର୍ଯ୍ୟନ୍ତ ଏହି ୩ଟି ବ୍ଲକର ଚାଷୀ ମାନଙ୍କୁ କମ୍ ଦରରେ ମକା ବିକ୍ରି ନକରିବା ପାଇଁ ଅନୁରୋଧ କରିଥିଲେ। ପରେ ୭ ଦଫା ଦାବି ନେଇ ଝରିଗାଁ କୃଷକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଝରିଗାଁ ବିଡ଼ିଓ ମଧୁସୂଦନ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଝରିଗାଁ ତହସିଲ କାର୍ଯ୍ୟାଳୟରେ ଝରିଗାଁ ତହସିଲଦାର ସୁମନ୍ତ ପାତ୍ରଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ମକା ମଣ୍ଡିର ବ୍ୟବସ୍ଥା କରାଯିବା ସହିତ ଉପଯୁକ୍ତ ବଜାର ଦରରେ କ୍ରୟ କରାଯାଉ, ଧାନମଣ୍ଡିରେ ପ୍ରତି ଏକରକୁ ୧୩ କ୍ୱିଣ୍ଟାଲ ବଦଳରେ ୨୦ କ୍ୱିଣ୍ଟାଲ କରାଯାଉ, ଉଠା ଜଳସେଚନ ଆବେଦନକୁ ତୁରନ୍ତ କାର୍ଯ୍ୟକାରୀ କରାଯାଉ, କୃଷି ଉପଯୋଗୀ ଟ୍ରାକ୍ଟର ଟିକସ ଫ୍ରି କରାଯାଉ, ଜଙ୍ଗଲ ଅଧିକାର ପଟ୍ଟା ଜମିରେ ଖତ ସାର ବ୍ୟବସ୍ଥା କରାଯାଉ, ଧାନ ଓ ମକାର ଏମ୍ଏସ୍ପି ମୂଲ୍ୟ ଠିକ ଦରରେ କିଣାଯାଉ ଏବଂ କମ ଦରରେ କିଣୁଥିବା ଲୋକଙ୍କ ଉପରେ ପଦକ୍ଷେପ ନିଆଯାଉ, ବଳକା ମକା ଓ ଧାନ ସୁବିଧା ଅନୁସାରେ ବାହାର ରାଜ୍ୟରେ ବିକୟ କରିବାକୁ ଅନୁମତି ଦିଆଯାଉ। ଝରିଗାଁ ଲ୍ୟାମ୍ପକୁ ଖତ ସାରର ହୋଲସେଲ ଲାଇସେନ୍ସ ଦିଆଯାଉ ବୋଲି ଉଲ୍ଲେଖ ରହିଥିଲା।

## ଭିସୁଟ୍‌ରେ ବୃତ୍ତିଗତ ପ୍ରାଥମିକ ଚିକିତ୍ସା କର୍ମଶାଳା



ସମ୍ବଲପୁର,(ସବ୍ୟୁ): ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍) ଠାରେ ଭାରତୀୟ ରେଡକ୍ରସ ସୋସାଇଟି ଓଡିଶା ଶାଖା ପକ୍ଷରୁ ବୃତ୍ତିଗତ ପ୍ରାଥମିକ ଚିକିତ୍ସା କର୍ମଶାଳା ଉଦ୍ଯାପିତ ହୋଇଯାଇଛି । ବିଶ୍ୱବିଦ୍ୟାଳୟ ପରିସର ଇ-ଲର୍ଣ୍ଣିଂ ସେଣ୍ଟର ଠାରେ ମୋଟ ୮ଦିନ ଧରି କାର୍ଯ୍ୟକ୍ରମରେ ଅଧୁନା ସମାଜରେ ବିଭିନ୍ନ ଆକସ୍ମିକ ଦୁର୍ଘଟଣା ସମୟରେ ପୀଡିତ ବ୍ୟକ୍ତିଙ୍କୁ କିଭଳି ପ୍ରାଥମିକ ସହାୟତା ଦିଆଯାଇ ପାରିବ ସେ ସମ୍ପର୍କରେ ବିସ୍ତୃତ ଶିକ୍ଷାଦାନ ଦିଆଯାଇଥିଲା । ସିପିଆର, ସର୍ପାଘାତ, ପାଣିରେ ବୁଡିଯିବା, ସଡକ ଦୁର୍ଘଟଣା, ଅଗ୍ନି ଜନିତ ଦୁର୍ଘଟଣା ଆଦି ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଛି । ଡ. ଶର୍ମିଳା ଗଡନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ରେଡକ୍ରସ ସୋସାଇଟିର ଡ. ବିକାଶ କୁମାର ପ୍ରସାଦ, ସୁମନ୍ତ କୁମାର ଦ୍ୱିବେଦୀ, ଲୀଳାପୂର୍ଣ୍ଣ୍ୟତୀର୍ଥ ସ୍ୱାଇଁ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ । ମୋଟ ୩୦ଜଣ ଶିକ୍ଷକ ଓ କର୍ମଚାରୀଙ୍କୁ ତାଲିମ ଦିଆଯାଇଥିଲା ।

## ଜୁନାଗଡ଼ ସାମ୍ବାଦିକ ସଂଘର କର୍ମକର୍ତ୍ତା ନିର୍ବାଚନ

## ସନ୍ତୋଷ ସଭାପତି, ହିମାଂଶୁ ସମ୍ପାଦକ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସହର ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଜିଲ୍ଲାର ଅଗ୍ରଣୀ ସଂଘ ଜୁନାଗଡ଼ ସାମ୍ବାଦିକ ସଂଘର କର୍ମକର୍ତା ନିର୍ବାଚନ ହୋଇଥିଲା । ସଂଘର ସଭାପତି ଖଗେଶ୍ୱର ଧଙ୍ଗଡାମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ବିଭିନ୍ନ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା । ଆଗାମୀ ଦିନରେ ଦୁର୍ନୀତି, ଭ୍ରଷ୍ଟାଚାରକୁ ନିଜ କଲମମୁନରେ ମୁଳୋତ୍ପାଟନ କରିବା ସହ ଗରିବ ଜନସାଧାରଣଙ୍କ ସ୍ୱର ହୋଇ ସରକାର ପାଖରେ ଦାବୀ ଉପସ୍ଥାପନ କରିବା ପାଇଁ ସଂଘ ପକ୍ଷରୁ ନିଷ୍ପତ୍ତି ହୋଇଥିଲା । ପରେ ସଂଘର କର୍ମକର୍ତା ନିର୍ବାଚନ ହୋଇଥିଲା । ଏଥିରେ ସନ୍ତୋଷ ସିଂହଦେଓ ସଭାପତି ଭାବେ ନିର୍ବାଚିତ



ହୋଇଥିଲେ । ସେହିଭଳି ଉପସଭାପତି ଭାବେ ସୁନ୍ଦର ମୋହନ ଛତ୍ରୀଆ ଓ ଅଂଶୁମାନ ଯୋଶୀ, ସାଧାରଣ ସମ୍ପାଦକ ଭାବେ ହିମାଂଶୁ ଶେଖର ବରାଡ଼, ସହ ସମ୍ପାଦକ ସୁନିଲ ସିଂ ,କୋଷାଧକ୍ଷ ରଜନୀକାନ୍ତ ମିଶ୍ର ପ୍ରମୁଖ ନିର୍ବାଚିତ ହୋଇଥିଲେ ।

ସେହିପରି ମୁଖ୍ୟ ପରାମର୍ଶଦାତା ଭାବେ ବରିଷ୍ଠ ସାମ୍ବାଦିକ ନରେନ୍ଦ୍ର ଖିତି, ଖଗେଶ୍ୱର ଧଙ୍ଗଡାମାଝୀ ,ଚମ୍ପକ ଅଗ୍ରୱାଲ, ପ୍ରମୁଖ ରହିଛନ୍ତି । ସାମ୍ବାଦିକ ଦୁର୍ଗାପ୍ରସାଦ ନାଏକ, ରାଜୁ ଅଗ୍ରୱାଲ , ସଂଯୋଗ କୁଣ୍ଡୁ, ଦୀପ୍ତି ରଞ୍ଜନ ପାଢ଼ୀ ଓ କୃଷ୍ଣଚନ୍ଦ୍ର ଲହଜଳ ପ୍ରମୁଖ ସଂଘର ସଦସ୍ୟତା ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ସାମ୍ବାଦିକ ରବି ଶଙ୍କର ସୁନାନୀ, କୁମାର ମଣି ଦୁର୍ଗା, ଆଶିଷ ଗୋଏଲ ,ବ୍ୟୋମକେଶ ପୁରୋହିତ,ଭୋକରଧନ ଧଙ୍ଗଡାମାଝୀ, ବିଭୁ ପାଢ଼ୀ, ରୋହିତ ବାଗ ପ୍ରମୁଖ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

### ଖୋଲୁଛି ନିଲମ୍ବିତ ଡ଼ିଏସଆରଙ୍କ ଜମି କାଳେଙ୍କାରୀ

# ବିଟିଏମ ଜମି ବିକ୍ରିରେ ଜମି ମାଫିଆ ସହ ସାମିଲ ଥିଲେ

ଝାରସୁଗୁଡ଼ା, (ସବ୍ୟୁ): ଜିଲ୍ଲା ନିବନ୍ଧକ ବିକାଶ (ଡ଼ିଏସଆର) କୁଜୁର ଙ୍କୁ ଗତ ୬ ତାରିଖରେ ରାଜସ୍ୱ ବିଭାଗ ନିଲମ୍ବନ କରିଛନ୍ତି । ଜମି ପଞ୍ଜିକରଣରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗରେ ତାଙ୍କୁ ନିଲମ୍ବନ କରା ଯାଇଥିବା କୁହା ଯାଇଥିବା କୁହା ଯାଇଛି। ତେବେ ଇତି ମଧରେ ଧୀରେ ଧୀରେ ତାଙ୍କର ବହୁ କଳା କାରନାମା ଲୋକ ଲୋଚନକୁ ଆସିବାରେ ଲାଗିଛି। ଡ଼ିଏସଆର ବିକାଶ କୁଜୁର୍ ବହୁ ଜମି ଜାଲିଆତିରେ ସଂପୃକ୍ତ ଥିବା ଅଭିଯୋଗ ହୋଇଛି। ସେଥି ମଧରେ ଝାରସୁଗୁଡ଼ା ଭାସ୍କର ସୂତାକଳ ( ବିଟିଏମ) ଜମି ଜାଲିଆତି ଅନ୍ୟତମ।

ରାଜ୍ୟ ସରକାରଙ୍କ ଟେକ୍ସଟାଇଲ ବିଭାଗ ଅଧିନରେ ଥିବା ବିଟିଏମ ର ଅଧକ୍ଷ ଖୋଦ୍ ଜିଲ୍ଲାପାଳ ରହିଛନ୍ତି । ହମିଦ ବେ-ବନ୍ଦୋବସ୍ତ ୧୯୬୯ ମସିହା ବେଳକୁ କିଣା ଯାଇଥିବା ଜମି କାଗଜପତ୍ର କୌଣସି କାରଣରୁ ରେ କମ୍ପାନୀ ନାଁରେ ଜମି ହୋଇ ପାରି ନଥିଲା । ମାତ୍ର ପଟ୍ଟାଧାରୀ ତାଲିକାରେ ଭାସ୍କର ସୂତାକଳ ନାମ ଦଖଲ ରେ ଥିବା ଉଲ୍ଲେଖ ରହିଛି। ମାତ୍ର ଜମି ମାଫିଆଙ୍କୁ ସହଯୋଗ କରିବା ପାଇଁ ଜିଲ୍ଲାପାଳଙ୍କ ବିନା ଅନୁମତିରେ ଜଣେ ଜନଜାତିଙ୍କ ନାମରେ ୯୦ ଡିସିମିଲ ଜମି ପଞ୍ଜି କରଣ କରାଇ ଦେଇଥିଲେ। ଏହି ଆଧାରରେ ପରେ ସେହି ବ୍ୟକ୍ତିଙ୍କ ନାମରେ ଜମି ପଟ୍ଟା ମଧ ହୋଇ ଯାଇଥିଲା। ଡ଼ିଏସଆର ଏପରି କୌଣସି ଅନିୟମିତତା ହୋଇ ନଥିବା କହୁଥିବା ଦେଖା ଯାଇଥିଲା। ବିଟିଏମ୍ ଅଞ୍ଚଳ ଅଧିବାସୀଙ୍କ ଅଭିଯୋଗ କ୍ରମେ ଏହି ଅନିୟମିତତା ଅଭିଯୋଗର ଜିଲ୍ଲା ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଇଥିଲା । ତଦନ୍ତ ପରେ ଉପଜିଲ୍ଲାପାଳ ପଟ୍ଟାକୁ ଖାରଜ କରିବା ପାଇଁ ସୁପାରିଶ କରିବା ସହ ନିଜ ନାମରେ ପଟ୍ଟା ଆବେଦନ କରିବା ପାଇଁ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ। ଏହି ବହୁ କୋଟି ଜମି କାଳେଙ୍କାରି ରେ ଜମି ମାଫିଆଙ୍କ ସହ ଡ଼ିଏସଆର ବିକାଶ ସଂପୃକ୍ତ ଥିବା ଜଣା ପଡିଥିଲା। ନିଲମ୍ବିତ ଡ଼ିଏସଆରଙ୍କ ବିରୁଦ୍ଧରେ ଏପରି ଅନେକ ଅଭିଯୋଗ ରହିଥିବା ଜଣା ପଡ଼ିଛି। ଜିଲ୍ଲା ଅନୁସୂଚିତ ଜାତି ଓ ଜନଜାତି ମିଳିତ କ୍ରିୟାନୁଷ୍ଠାନ କମିଟି ଡ଼ିଏସଆରଙ୍କ ନିଲମ୍ବନକୁ ବେଆଇନ ବୋଲି କହିଛନ୍ତି। କମିଟି ପକ୍ଷରୁ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କୁଜୁର ଜଣେ ଆଦିବାସି ଅଧିକାରୀ ହୋଇ ଥିବାରୁ ସରକାର ତାଙ୍କୁ ନିଲମ୍ବନ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି । କମିଟି ପକ୍ଷରୁ ଅଭିଯୋଗ କରା ଯାଇଛି ଯେ ବହୁ ପୁର୍ବରୁ ବହୁ ଅଭିଯୋଗ ଥାଇ ଅତିରିକ୍ତ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ ଙ୍କ ବିରୋଧ ରେ କୌଣସି କାର୍ଯ୍ୟାନୁଷ୍ଠନ ନିଆ ଯାଉ ନାହିଁ । ସାମ୍ବାଦିକ ସମ୍ମିଳନୀରେ କମିଟି ଉପ ସଭାପତି ପଦ୍ମ ଲୋଚନ ବୁଦୁଲା, ଭାସ୍କର ଗର୍ଡିଆ, ଲିଙ୍ଗରାଜ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ସମ୍ମିଳନୀଟି ଜମି ମାଫିଆ ଓ ନିଲମ୍ବିତ ଡ଼ିଏସଆରଙ୍କ ଦ୍ୱାରା ପ୍ରାୟୋଜିତ କରା ଯାଇଥିବା ନେଇ ମଧ୍ୟ ସହରରେ ଚର୍ଚ୍ଚା ଚାଲିଛି।

## ବଡଫଟାମୁଣ୍ଡା ବିଦ୍ୟାଳୟରେ ସିକିଲ ସେଲ ପରୀକ୍ଷା

ଡୁଙ୍ଗୁରିପାଲି,(ସବ୍ୟୁ): ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ବଡ଼ଫଟାମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ମାଗଣା ସିକିଲସେଲ ପରୀକ୍ଷା ପାଇଁ ବିଦ୍ୟାଳୟରେ ୪୧ ଜଣ ଛାତ୍ରଛାତ୍ରୀଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ନସିଂ ଅଧିକାରୀ ଆରତୀ ମିଶ୍ର ମହିଳା ସ୍ୱାସ୍ଥ୍ୟକର୍ମୀ ଜ୍ୟୋସ୍ନାମୟୀ ଭୋଇ, ଆଶାକର୍ମୀ ଗୀତାଞ୍ଜଳି ଦିଶ୍ରୀ ଯୋଗ ଦେଇଥିବା ବେଳେ ପ୍ରଧାନଶିକ୍ଷକ ଶିବପ୍ରସାଦ ରଣା, ସହକାରୀ ଶିକ୍ଷକ ଚକ୍ରଧର ବାରିକ, ଦିବ୍ୟରଞ୍ଜନ ମିଶ୍ର, ମୃତ୍ୟୁଞ୍ଜୟ ଉଦୁରକୁଲିଆ, ଶଙ୍କର ଗଡତ୍ୟା ପ୍ରମୁଖ ସହଯୋଗ କରିଥିଲେ।

**AFFIDAVIT**

I, TRIBIKRAMA PANDIA, a/a-60 years old, S/O: Late BASUDEV PANDIA, R/o SONEPUR, GOKARNESWARPADA, Po/Ps/: SONEPUR, DIST/ SUBARNAPUR, PIN – 767017, Odisha, declare by this affidavit No. 4026, dtd 05.12.2025 that now onwards I shall be known as **TRIBIKRAM PANDIA** for all future purposes.

## ଅର୍ଜ୍ଜୁନ ବିଷାଦଯୋଗଃ–

## (ସଞ୍ଜୟ ଉବାଚ )

**ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।**
**ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ॥ ୩୧ ॥**
ହେ କୃଷ୍ଣ ! ଆହବେ (ରଣେ) ସ୍ୱଜନଂ ହତ୍ୱା ଶ୍ରେୟଃ
(ମଙ୍ଗଳଂ) ନ ଚ ପଶ୍ୟାମି, (ଅହଂ)
ବିଜୟଂ ନ କାଙ୍‌କ୍ଷେ, ରାଜ୍ୟଂ ଚ
ସୁଖାନି ଚ ନ କାଙ୍‌କ୍ଷେ ॥ ୩୧ ॥

# 'ବନ୍ଦେ ଉତ୍କଳ ଜନନୀ'ର ସ୍ରଷ୍ଟା କାନ୍ତକବି

ଓଡ଼ିଶାର ଜଣେ କ୍ରାନ୍ତିଦର୍ଶୀ ଜାତୀୟ କବି, କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ପବିତ୍ର ୧୩୮ତମ ଜୟନ୍ତୀ ଡିସେମ୍ବର ୯ ତାରିଖ ୨୦୨୫ ମସିହାରେ । ତାଙ୍କ ରଚିତ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତଟି ପ୍ରାୟ ପାଞ୍ଚ ବର୍ଷ ପୂର୍ବେ ୨୦୨୦ ଜୁନ୍ ୭ ତାରିଖର ସ୍ୱତନ୍ତ୍ର ମନ୍ତ୍ରିମଣ୍ଡଳ ବୈଠକରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'ରାଜ୍ୟ ସଙ୍ଗୀତ' ଭାବେ ଏହାକୁ ସ୍ୱୀକୃତି ଦେଇଥିଲେ । ଏହି ସ୍ୱୀକୃତି ବିଳମ୍ବରେ ହୋଇଥିଲା । ରାଜ୍ୟର ଉଚ୍ଚ ନ୍ୟାୟାଳୟରେ ଜଣେ କେହି ଏ ସଂକ୍ରାନ୍ତରେ ମାମଲା ରୁଜୁ କରିଥିଲେ । 'ଉତ୍କଳ ସମ୍ମିଳନୀ', ଅନ୍ୟାନ୍ୟ ସଙ୍ଗଠନ ଓ ପରିବାରର ଲୋକେ ଏଥିପାଇଁ ବାରମ୍ବାର ଚାପ ମଧ୍ୟ ପକାଇ ଆସୁଥିଲେ । ଏହି ସଙ୍ଗୀତଟି ରାଜ୍ୟ ସଙ୍ଗୀତର ମାନ୍ୟତା ପାଇବା ପୂର୍ବରୁ କୋଭିଡ୍ ଯୋଦ୍ଧାମାନଙ୍କୁ ଯେପରି ପ୍ରେରଣା ଦେଇଆସୁଥିଲା ଏବଂ ସାରା ବିଶ୍ୱରେ ଓଡ଼ିଆମାନେ ଏକ ସମୟରେ ସମବେତ କଣ୍ଠରେ ଗାନ କରି ଯେଉଁ ଏକତା ପ୍ରଦର୍ଶନ କରିଥିଲେ, ତାହା ମଧ୍ୟ ଅଭୂତପୂର୍ବ ଘଟଣା ଥିଲା । ଏହି ସଙ୍ଗୀତ ଗାନ କରାଯିବା ବେଳେ ଯେଉଁ ଉନ୍ମାଦନା ପରିଲକ୍ଷିତ ହୋଇଥାଏ, ତାହା ଅନ୍ୟ କୌଣସି ସଙ୍ଗୀତରେ ହେଉଥିବା ପରି ମନେ ହୁଏ ନାହିଁ । 'ଉତ୍କଳ ସମ୍ମିଳନୀ'ର ପ୍ରାରମ୍ଭିକ ସଙ୍ଗୀତ ଭାବେ ଏହା ଗାନ କରାଯାଇଥିଲା ୧୯୧୨ରେ । ସମଗ୍ର ଓଡ଼ିଶାର ଭୌଗଳିକ, ଐତିହାସିକ ଓ ସାମାଜିକ ଚିତ୍ରକୁ ଯେଉଁ ଭାବ ଓ ଭାଷାରେ ବର୍ଣ୍ଣନା କରାଯାଇଛି, ଯେକୌଣସି ବ୍ୟକ୍ତି ଏହି ସଙ୍ଗୀତର ପ୍ରଶଂସା କରିବ ହିଁ କରିବ । ଯେକୌଣସି ଓଡ଼ିଆ ଏହି ସଙ୍ଗୀତ ଗାନ କରାଯିବା ସମୟରେ ସତେ ଯେପରି ଗର୍ବ ଅନୁଭବ କରିଥା'ନ୍ତି ।

୧୯୧୨ ମସିହାରେ ବାଲେଶ୍ୱରଠାରେ ଉତ୍କଳ ସମ୍ମିଳନୀର ସ୍ୱତନ୍ତ୍ର ଅଧିବେଶନରେ ଏହି ସଙ୍ଗୀତ ବୋଲାଯିବା ପରେ ଉଭୟ ଉତ୍କଳ ଗୌରବ ମଧୁସୂଦନ ଦାସ ଓ ଉତ୍କଳମଣି ଗୋପବନ୍ଧୁ ଦାସ ଅଭିଭୂତ ହୋଇଯାଇଥିଲେ ଏବଂ 'ଉତ୍କଳ ସମ୍ମିଳନୀ'ର ଏହି ସଙ୍ଗୀତଟିକୁ ପ୍ରାରମ୍ଭିକ ସଙ୍ଗୀତ ଭାବେ ବୋଲାଯିବା ଲାଗି ନିଷ୍ପତ୍ତି ନେଇଥିଲେ । ଅବଶ୍ୟ ୧୯୧୨ ମସିହାର କିଛି ବର୍ଷ ପୂର୍ବରୁ ପୁରୀଠାରେ ଉତ୍କଳ ସମ୍ମିଳନୀର ଏକ ଅଧିବେଶନରେ ଅନ୍ୟାନ୍ୟ ଜତୀୟ ସଙ୍ଗୀତ ସହ 'ବନ୍ଦେ ଉତ୍କଳ ଜନନୀ' ବୋଲା ଯାଇଥିଲା ବୋଲି ଗବେଷକମାନେ ପ୍ରକାଶ କରିଛନ୍ତି । ଅନେକ ଜୀତୟ ସଙ୍ଗୀତ ଓଡ଼ିଆରେ ଥିଲା, ମାତ୍ର ସମଗ୍ର ଓଡ଼ିଶାର ଓ ଓଡ଼ିଆ ଜାତିର ବୈଶିଷ୍ଟ୍ୟ ଏପରି ଭାବ ଓ ଭାଷାରେ ଲେଖାଯାଇଛି ଯେ ଏହି ମନୋଜ୍ଞ ସଙ୍ଗୀତ ବ୍ୟତିରେକେ ଅନ୍ୟ କୌଣସି ସଙ୍ଗୀତକୁ ରାଜ୍ୟ ସଙ୍ଗୀତ କରାଯିବା କଥା ଚିନ୍ତା କରାଯାଇ ପାରିଲା ନାହିଁ । କରୋନା ମହାମାରୀ ସମୟରେ ଯେଉଁ କରୋନା ଯୋଦ୍ଧାମାନେ କରୋନା କବଳରୁ ଲୋକଙ୍କୁ ଉଦ୍ଧାର କରିଥିଲେ, ସେମାନଙ୍କ ପାଇଁ ତତ୍କାଳୀନ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ସମଗ୍ର ବିଶ୍ୱରେ ଓଡ଼ିଆମାନେ ମେ' ୩୦ ତାରିଖ (୨୦୨୦) ଅପରାହ୍ନ ୫ଟାରେ ଦଣ୍ଡାୟମାନ ହୋଇ ଯେତେବେଳେ ଏକ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ' ଗାନ କରିଥିଲେ ଆଉ ସର୍ବତ୍ର ଯେଉଁ ଉନ୍ମାଦନା ଓ ଭାବାବେଗ ସୃଷ୍ଟି ହୋଇ କରୋନା ଯୋଦ୍ଧାମାନଙ୍କୁ ଆଗେଇ ଯିବାକୁ ଉତ୍ସାହିତ କରିଥିଲା, ବାସ୍ତବିକ ତାହା ଅବର୍ଣ୍ଣନୀୟ ।

ଗତ ୨୦୧୬ ମେ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାଲେଶ୍ୱର ଗସ୍ତରେ ପ୍ରଥମ ଥର ପାଇଁ ଆସି ସେଠାରେ ଏକ ବିଶାଳ ଜନସମାବେଶରେ ଉଦ୍‌ବୋଧନ ଦେଇଥିବା ବେଳେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାରୁ ବିଶିଷ୍ଟ କବି ଭାବେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ନାମୋଲ୍ଲେଖ ମଧ୍ୟ କରିଥିଲେ । ମାତ୍ର ଯେଉଁ ସଙ୍ଗୀତଟି ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ହେବା ପୂର୍ବରୁ ଓ ପରେ ଓଡ଼ିଶା ରାଜ୍ୟର ଏକ ଅଦ୍ୱିତୀୟ ସଙ୍ଗୀତ ବା ବନ୍ଦନା ଭାବେ ଉନ୍ମାଦନା ସୃଷ୍ଟି କରିପାରିଥିଲା, ସେହି ସଙ୍ଗୀତ ବିରୋଧରେ କହିବାକୁ କିଛି ସ୍ୱାର୍ଥପର ବ୍ୟକ୍ତି ଉଦ୍ୟମ ଆରମ୍ଭ କରିଥିଲେ ମଧ୍ୟ ସେ ଉଦ୍ୟମ ସଫଳ ହୋଇପାରି ନଥିଲା ।

ଆମର ସମ୍ବିଧାନ ସଭାରେ ୧୯୫୦ ଜାନୁଆରୀ ୨୪ ତାରିଖରେ କବି ଗୁରୁ ରବୀନ୍ଦ୍ର ନାଥ ଠାକୁରଙ୍କର 'ଜନଗଣମନ ଅଧିନାୟକ' ଗୀତଟିକୁ ରାଷ୍ଟ୍ରୀୟ ସଙ୍ଗୀତ କରାଯିବାକୁ ସ୍ଥିର ହୋଇଥିଲା । ସେହିପରି ବଙ୍କିମଚନ୍ଦ୍ର ଚଟୋବାଧ୍ୟାୟଙ୍କ ରଚିତ 'ବନ୍ଦେ ମାତରମ' ସଙ୍ଗୀତଟିକୁ ରାଷ୍ଟ୍ରୀୟ ସଙ୍ଗୀତ କରାଯାଇ ନ ଥିଲେ ହେଁ ରାଷ୍ଟ୍ରୀୟ ଗାନର ସମାନ ମର୍ଯ୍ୟାଦା ପ୍ରଦାନ କରାଯାଇଥିଲା । ମାତ୍ର ରବୀନ୍ଦ୍ରନାଥ ଠାକୁରଙ୍କର ସେହି 'ଜନଗଣମନ ଅଧିନାୟକ' ସଙ୍ଗୀତଟି ୧୯୧୧ ମସିହା ଡିସେମ୍ବର ୨୭ ତାରିଖରେ କୋଲକାତାର ଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ସର୍ବସାଧାରଣଙ୍କ ଉପଲକ୍ଷେ ପ୍ରଥମେ ଗାନ କରାଯାଇଥିଲା । ଭାରତର ସ୍ୱାଧୀନତା ଆନ୍ଦୋଳନ ସମୟରେ କିନ୍ତୁ 'ବନ୍ଦେ ମାତରମ' ସଙ୍ଗୀତଟିକୁ ଜନସାଧାରଣଙ୍କ ଉପରେ ଖୁବ୍ ପ୍ରଭାବ ପକାଇ ପାରିଥିଲା । ୧୮୯୬ର କଂଗ୍ରେସ ଅଧିବେଶନରେ ମଧ୍ୟ ଏହା ପ୍ରଥମେ ବୋଲା ଯାଇଥିଲା । ବଙ୍କିମଚନ୍ଦ୍ର ଚଟୋପାଧ୍ୟାୟ ଏହି ସଙ୍ଗୀତଟିକୁ ୧୮୭୫ ନଭେମ୍ବର ୭ ତାରିଖରେ ରଚନା କରିଥିଲେ । ଭାରତ ସରକାର ଏହି ସଙ୍ଗୀତରେ ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ବର୍ଷ ସାରା ପାଳନ କରିବା ଲାଗି ନିଷ୍ପତ୍ତି ନେଇଥିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଲୋକସଭାରେ ଡିସେମ୍ବର ୮ (୨୦୨୫)ରେ ମଧ୍ୟ 'ବନ୍ଦେ ମାତରମ' ଉପରେ ଆଲୋଚନା କରାଯାଇଥିଲା ।

କାନ୍ତକବି ଲକ୍ଷ୍ମୀକାନ୍ତ କେବେ 'ବନ୍ଦେ ଉତ୍କଳ ଜନନୀ' ସଙ୍ଗୀତ ରଚନା କରିଥିଲେ, ତାହା ଗବେଷଣାସାପେକ୍ଷ । କାନ୍ତକବି ଲକ୍ଷ୍ମୀକାନ୍ତଙ୍କ ପତ୍ନୀ ଲବଙ୍ଗଲତା ଦେବୀ କିମ୍ବା ତାଙ୍କର ଦୁଇ ପୁତ୍ର ନିତ୍ୟାନନ୍ଦ ଓ ଗୌରଚନ୍ଦ୍ର ଆଉ ନାହାନ୍ତି । ତାଙ୍କର ଗ୍ରନ୍ଥାବଳୀ 'କାନ୍ତ ସାହିତ୍ୟ ମାଳା'ରେ ମଧ୍ୟ ଏହି ସଙ୍ଗୀତଟି କେବେ ରଚନା କରାଯାଇଥିଲା, ତାହାର ଉଲ୍ଲେଖ ନାହିଁ । କିନ୍ତୁ ଏହି ସଙ୍ଗୀତକୁ ଜାତୀୟ କବି ବାଞ୍ଛାନିଧି ମହାନ୍ତି ପୁରପଲ୍ଲୀରେ ହାର୍‌ମୋନିଅମ ବଜାଇ ଗାଉଥିଲେ । ଏ ସଙ୍ଗୀତର ଖୁବ୍ ପ୍ରଭାବ ସେତେବେଳେ ଅନୁଭୂତ ହୋଇଥିଲା । ଆଜି ୧୧୩ ବର୍ଷ ପରେ ରାଜ୍ୟ ସରକାର ଏହି ସଙ୍ଗୀତଟିକୁ ମଧ୍ୟ ବିଭିନ୍ନ ଉପାୟରେ ପାଳନ କରିପାରନ୍ତେ । ଓଡ଼ିଶା ନିଜ ରାଜ୍ୟର ଜନ୍ମ ଶତବାର୍ଷିକ ଉତ୍ସବ ମଧ୍ୟ ୨୦୩୬ରେ ପାଳନ କରିବ । ଗୋଟିଏ ଯୁଗଠାରୁ ବର୍ଷଟିଏ କମ୍ । ରାଜ୍ୟ ସରକାରଙ୍କ ସମେତ ରାଜ୍ୟବାସୀ ସ୍ୱତଃପ୍ରବୃତ୍ତ ଭାବରେ 'ବନ୍ଦେ ଉତ୍କଳ ଜନନୀ'ର ୧୧୩ ବର୍ଷ ପୂର୍ତ୍ତି ଉତ୍ସବ ପାଳନ କରିବା ପାଇଁ ତେଣୁ ନିବେଦନ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।

# ନିଖିଳ ଭାରତ ନାରୀ କବି ସମ୍ମିଳନୀରେ ପାଞ୍ଚଦିନ



**ବିଜୟଲକ୍ଷ୍ମୀ ପଟ୍ଟନାୟକ**

ଅଲ ଇଣ୍ଡିଆ ପୋଏଟେସ୍ କନଫେରେନ୍ସ (ନିଖିଳ ଭାରତ ନାରୀ କବି ସମ୍ମିଳନୀ)ରେ ଯୋଗ ଦେବା ପାଇଁ ଆମେ ଓଡିଶାରୁ ପନ୍ଦର ଜଣ ଲେଖିକା ଯାଇଥିଲୁ । ଶ୍ରଦ୍ଧେୟା ଡଃ. ବୀଣା ମିଶ୍ର, ସବିତା ବେହେରା, ତରୁଲତା ସାମଲ , ତରୁଣବାଳା ମହାପାତ୍ର, ଡ କମଳ କୁମାରୀ ଦାଶ , ସୁଷମା ଦାଶ, ମଞ୍ଜୁଳା ତ୍ରିପାଠୀ ଏବଂ ଆହୁରି କେତେଜଣ । କେତେ ଜଣ ଟ୍ରେନରେ, ଆଉ କେତେଜଣ ଫ୍ଲାଇଟରେ । ଭୁବନେଶ୍ୱରରୁ ଫ୍ଲାଇଟ ଡେରି ଥିଲା, ଫ୍ଲାଇଟ ୨.୪୦ରେ ଛାଡିଲା । ଭାଗ୍ୟକୁ ଅମୃତସର ଫ୍ଲାଇଟ ପାଇଗଲୁ ସେଇ ତା ୨୧୨।୨୩ରେ । ଏଠାରୁ ମୋ ପୁଅ ଝିଅ କହିଲେ ବହୁତ ଥଣ୍ଡା, ମା ଶୀତବସ୍ତ୍ର ନେଇକରି ଯାଅ । ଯାହା ଥିଲା ପାଖରେ ଭୁବନେଶ୍ୱର ପାଇଁ ଯଥେଷ୍ଟ । ମାସେ କି ଦୁଇମାସ ଏଠାରେ ଶୀତ ଅନୁଭୂତ ହୁଏ । ବେଳେବେଳେ ଆଦୌ ଶାଲ ବାହାର କରିବାକୁ ପଡେନି । ଯାହାହେଉ ସବୁ ଶୀତ ବସ୍ତ୍ର ଧରି ଗଲୁ । ଦିଲ୍ଲୀରେ ମଧ୍ୟ ବହୁତ ଶୀତ ବୋଲି କହୁଥିଲେ । କିନ୍ତୁ ୨୩ ଡିଗ୍ରୀ ଅଛି ବୋଲି ଫ୍ଲାଇଟରେ ଶୁଣିଲୁ । ଓହ୍ଲେଇଲା ପରେ ମଧ୍ୟ ଶୀତ ଅନୁଭୂତ ହେଲାନାହିଁ ସେପରି ।

ଅମୃତସରରେ ରାତି ୧୨ଟାରେ ପହଞ୍ଚିଲୁ । ଆମକୁ ସ୍ୱାଗତ କରିବାକୁ କେହି ନ ଥିଲେ କିମ୍ବା ଗାଡି କିଛି କନଫେରେନସ୍ ତରଫରୁ ନ ଥିଲା । ଗୋଟେ ଟ୍ୟାକ୍ସି ନେଇ ଗୁରୁ ଗୋବିନ୍ଦ ସିଂ ନିବାସ (ଯାହା ଆଗରୁ ସୂଚନା ଦିଆଯାଇଥିଲା) ସେଠାରେ ରହିଲୁ । କିନ୍ତୁ ତାହା ଏକ ହୋଟେଲ ଥିଲା । ଆମେ ଗୁରୁଦ୍ୱାର ବୋଲି ଭାବିଥିଲୁ । ପ୍ରକୃତରେ ପୋଏଟେସ୍ କନଫେରେନସ୍ ଅପେକ୍ଷା ସ୍ୱର୍ଣ୍ଣ ମନ୍ଦିର, ୱାଘା ବୋର୍ଡର ଓ ଜାଲିଆନାୱାଲାବାଗର କ୍ରୁର ହତ୍ୟାକାଣ୍ଡ ସ୍ଥାନ ଦେଖିବାର ଆକର୍ଷଣ ଆମ ପାଇଁ ମୁଖ୍ୟ ଥିଲା । ବାକି ସବୁ ଗୌଣ ।

ରାତିଟା ସେଠାରେ ରହି ତା ପରଦିନ ଭୋରରୁ ଆମେ ସ୍ୱର୍ଣ୍ଣମନ୍ଦିର ଦର୍ଶନ କରିବା ନିମନ୍ତେ ବାହାରିଲୁ । ହୋଟେଲ ସାମ୍ନାରେ ସ୍ୱର୍ଣ୍ଣ ମନ୍ଦିର ଥିଲା । ବିଶେଷ ଅସୁବିଧା ହେଲାନାହିଁ । ଶୀତ ଟିକେ ଅଧିକ ଥିଲା, କିନ୍ତୁ ଅସହ୍ୟ ନୁହେଁ । ପ୍ରଥମେ ଗୋଡହାତ ଧୋଇ ଆଗକୁ ଗଲୁ । ସ୍ୱର୍ଣ୍ଣ ମନ୍ଦିର ବାଳସୂର୍ଯ୍ୟ କିରଣରେ ଆଖି ଝଲସା ଆକର୍ଷଣୀୟ ରୂପରେ ଦଣ୍ଡାୟମାନ ହୋଇଥିଲା । ସାମ୍ନାରେ ବିରାଟ ସ୍ୱଚ୍ଛ ପୁଷ୍କରିଣୀ ଯାହାକୁ ସେମାନେ ଗଙ୍ଗା ବୋଲି ମାନୁଥିଲେ ଏବଂ ତା'ର ପବିତ୍ର ଜଳକୁ ବୋତଲରେ ପୂରାଇ ନେଉଥିଲେ ।

ସେ ପୁଷ୍କରିଣୀରେ ସ୍ୱର୍ଣ୍ଣ ମନ୍ଦିରର ପ୍ରତିଛବି ବାଳସୂର୍ଯ୍ୟ କିରଣରେ ଚିତ୍ତାକର୍ଷକ ଦିଶୁଥିଲା । ଗହଳି ଭିତରେ ଦୁଇଘଣ୍ଟା ପ୍ରାୟ ଠିଆ ହେଲା ପରେ ଭିଡ ଆଗକୁ ଚାଲିଲା । ଯିବା ପୂର୍ବରୁ ସେଠାରେ ବିକ୍ରି ହେଉଥିବା ୱାହେଗୁରୁଙ୍କର ଚିହ୍ନ ଥିବା ରୁମାଲ ମୁଣ୍ଡରେ ବାନ୍ଧିଥିଲୁ । ମୁଣ୍ଡ ଘୋଡ଼େଇବା ସେଠକାର ନିୟମ ଥିଲା । ମୁଣ୍ଡରେ ନ ଘୋଡେଇ କେହି ସ୍ୱର୍ଣ୍ଣମନ୍ଦିର ପ୍ରବେଶ କରି ପାରିବେ ନାହିଁ । ଆମେ ମହିଳାମାନଙ୍କ ଲାଇନରେ ଥିଲୁ । ମଝିରେ ମଝିରେ ପିଲା ଧରିଥିବା ମହିଳାମାନଙ୍କୁ ଆଗକୁ ପଠା ଯାଉଥିଲା ଭିଡଠେଲି । ଶିରିଡି ପରି ଏଠାରେ ବସିବାର କୌଣସି ସୁବିଧା ନଥିଲା । ଲକ୍ଷଲକ୍ଷ ଲୋକଙ୍କୁ ଲାଇନରେ ଦେଖି ପ୍ରଥମେ ଡରିଗଲି । ଭାବିଲି ଫେରିଆସିବି । ଦେଖି ପାରିବିନି । ମୋଠାରୁ ସମସ୍ତେ ଆମ ଗ୍ରୁପର ସାନ ଥିଲେ ଆଉ ପତଳା ଥିଲେ । ମୋର ଆଣ୍ଠୁ ବଥା ଯୋଗୁ ବେଶୀ ସମୟ ଠିଆ ହେଇ ପାରୁ ନ ଥିଲି । କିନ୍ତୁ ଦେଖିଲି ମୋଠାରୁ ଆହୁରି ବୟସ୍କ ଲୋକ ସେଠାରେ ଅଛନ୍ତି ଏବଂ ଚାରି ଛଅ ମାସର ଛୋଟ ଛୁଆଙ୍କୁ ଧରି ମାଆମାନେ ମଧ୍ୟ ଅଣନିଃଶ୍ୱାସୀ ହୋଇ ଲାଇନରେ ଠିଆ ହୋଇଛନ୍ତି । ଏତେ ଦୂର ଆସିଛି ଯେତେବେଳେ ଫେରିବାକୁ ମନ ବି ହେଉନି ଆଉ ଫେରିବାର ବାଟ ବି ନଥିଲା । ସେ ଯାହା ହେଉ ବେଶୀ ବାଟ ଯିବାକୁ ହେଲାନି । ଲାଇନରେ ଯାଇ ଲକ୍ଷ୍ୟସ୍ଥଳରେ ପହଞ୍ଚିଗଲୁ । ଧଳା ମାର୍ବଲରେ ପ୍ରତିଫଳିତ ହେଉଥିବା ପୂରା ମନ୍ଦିରଟି ଭିତରେ ଛାତ ସାରା ଓ ଦ୍ୱାର ଉପରେ ସୁବର୍ଣ୍ଣର ଛାଉଣୀ ହୋଇଥିଲା । ଶେଷରେ ଯେଉଁଠି ପହଞ୍ଚିଲୁ ସେଠାରେ କୌଣସି ମୂର୍ତ୍ତି ନ ଥିଲେ । ଗୁରୁଗ୍ରନ୍ଥ ସାହେବ ପାଟ ଚାଦରରେ ଘୋଡା ହୋଇ ପୂଜା ପାଉଛନ୍ତି । ଚାରିକୋଣିଆ ଷ୍ଟିଲ ବାଡା ଭିତରେ ଚାରି ପଟରେ ଚାରିଜଣ ବସିଛନ୍ତି ବ୍ରାହ୍ମଣଙ୍କ ପରି ଗୁରୁଗ୍ରନ୍ଥ ପାଠ କରୁଛନ୍ତି ।

> **ମନ୍ଦିରର ପରିଷ୍କାର ପରିଚ୍ଛନ୍ନତା, ଭିତରେ ଥିବା ମାଗଣା ଜୋତାଷ୍ଟାଣ୍ଡ, ପଇସା ମାଗି ହଇରାଣ ନ କରିବା, ଆବାଳବୃଦ୍ଧବନିତା ସମସ୍ତଙ୍କର ମାଥା ଟେକା ବହୁତ ଭଲ ଲାଗିଲା । ସବୁଠାରୁ ବେଶୀ ଭଲଲାଗିଲା ସହସ୍ର ସଂଖ୍ୟାରେ ଯୁବକଯୁବତୀଙ୍କର ମୁଣ୍ଡ ନୋଇଁ ପ୍ରଣାମ କରିବା ଏବଂ ଶାଳୀନତାର ସହ ପ୍ରବେଶ କରିବା । ମନ୍ଦିରର ଦ୍ୱାରଦେଶରୁ ସମସ୍ତେ ମୁଣ୍ଡନୁଆଁଇ ଆଗକୁ ଯାଉଥିଲେ । ଶୁଣିଲୁ ସାରାରାତି ମନ୍ଦିର ବନ୍ଦ ହୁଏନାହିଁ କି ବଜାର ବନ୍ଦ ହୁଏନାହିଁ । ତାହାହିଁ ଦେଖିଲୁ ମଧ୍ୟ ।**

ମନ୍ଦିର ପ୍ରବେଶ କରିବା ସମୟରେ ମଧ୍ୟ ଗୁରୁଗ୍ରନ୍ଥ ଦଳକୁଦଳ ଭକ୍ତ ପାଠ କରୁଥିଲେ ଏବଂ କୀର୍ତ୍ତନ କରୁଥିଲେ । ପିଲାଙ୍କୁ ଯେଉଁ ମାଆମାନେ ନେଇକରି ଯାଇଥିଲେ ସେଠାରେ (ମାଥା ଟେକା)ମୁଣ୍ଡ ଲଗାଇ ପ୍ରଣାମ କରାଉଥିଲେ । ସେଠାରେ ଆମ ପୁରୀ ମନ୍ଦିର ପରି କେହି ପଇସା ମାଗୁ ନ ଥିଲେ । ଆମେ ସେଠାରେ ପଇସା ପକେଇବାକୁ ଚାହିଁଲୁ, କିନ୍ତୁ କେବଳ ଗୋଟିଏ ସ୍ଥାନରେ ଦେଇ ପାରିଲୁ । ଅନ୍ୟ ଆଡେ ମନାକଲେ । ବାହାରକୁ ଆସିଲୁ ପ୍ରାୟ ଅଢେଇ ଘଣ୍ଟା ପରେ । ତା'ପରେ ସେ ବୃହତ୍ ପୁଷ୍କରିଣୀ ଚାରିପଟରେ ଲକ୍ଷ ଲକ୍ଷ ଲୋକ ଲାଇନରେ ଯାଉଥିବାର ଦେଖିଲୁ । ବାହାରିଲା ବେଳେ ଜଣେ ପ୍ରସାଦ ବାଣ୍ଟୁଥିଲେ । ହାତ ବଢେଇଲାରୁ ଦୁଇହାତ ପତେଇ ଭୋଗ ଧରିବାକୁ ସେ କହିଲେ । ହାଲୁଆ ଭୋଗ କଥା ଶୁଣିଥିଲି । ଗୁଆଘିଅର ବାସ୍ନାରେ ମହକିତ ହେଉଥିଲା ହାଲୁଆ ଭୋଗ । ବାହାରକୁ ଆସି ସେ ପୁଷ୍କରିଣୀର ଜଳ ସିଞ୍ଚନକରି ଫଟୋ ଉଠେଇ ମନ୍ଦିର ମଧ୍ୟରୁ ଫେରିଆସିଲୁ । ମନ୍ଦିରର ପରିଷ୍କାର ପରିଚ୍ଛନ୍ନତା, ଭିତରେ ଥିବା ମାଗଣା ଜୋତାଷ୍ଟାଣ୍ଡ, ପଇସା ମାଗି ହଇରାଣ ନ କରିବା, ଆବାଳବୃଦ୍ଧବନିତା ସମସ୍ତଙ୍କର ମାଥା ଟେକା ବହୁତ ଭଲ ଲାଗିଲା । ସବୁଠାରୁ ବେଶୀ ଭଲଲାଗିଲା ସହସ୍ର ସଂଖ୍ୟାରେ ଯୁବକଯୁବତୀଙ୍କର ମୁଣ୍ଡ ନୋଇଁ ପ୍ରଣାମ କରିବା ଏବଂ ଶାଳୀନତାର ସହ ପ୍ରବେଶ କରିବା । ମନ୍ଦିରର ଦ୍ୱାରଦେଶରୁ ସମସ୍ତେ ମୁଣ୍ଡନୁଆଁଇ ଆଗକୁ ଯାଉଥିଲେ । ଶୁଣିଲୁ ସାରାରାତି ମନ୍ଦିର ବନ୍ଦ ହୁଏନାହିଁ କି ବଜାର ବନ୍ଦ ହୁଏନାହିଁ । ତାହାହିଁ ଦେଖିଲୁ ମଧ୍ୟ ।

ମନ୍ଦିର ମଧ୍ୟରେ ବେଢା ଭିତରେ ଚାରି କୋଣରେ ଚାରୋଟି ବହୁ ପୁରାତନ ବରକୋଳି ବୃକ୍ଷ ପୂଜା ପାଉଥିବାର ଦେଖିଲୁ । ଆଶ୍ଚର୍ଯ୍ୟ ଲାଗିଲା ଯେ ଏତେ ପୁରୁଣା ବରକୋଳି ବୃକ୍ଷ ପୂଜା କରିବାର କାରଣ କ'ଣ ? ଉତ୍ତର ପାଇଲିନି । ହୁଏତ କିଏ ଜାଣିଥିବେ । କିନ୍ତୁ ମୋର କ୍ଷୁଦ୍ର ବୁଦ୍ଧିରେ ବିଚାରକଲି ଯେ ଆମ ଓଡ଼ିଶାରେ ସବୁ ପୂଜାପର୍ବରେ ବରକୋଳି ପତ୍ର ଓ ଦୁବ ଲାଗେ । କାରଣ ଏ ଦୁଇଟି ଅମର । ଦୁବକୁ ପାଦରେ ଯେତେ ମାଡିଲେ ମଧ୍ୟ ତାହା ପୁଣି ଗଜୁରିଉଠେ । ବରକୋଳି ଗଛକୁ ଯେତେ ମୂଳରୁ କାଟିଦେଲେ ମଧ୍ୟ ପୁଣି ଗଜା ବାହାରେ । ସେହିପରି ବଂଶ ବୃଦ୍ଧି ପାଇଁ ଦୁବ ଓ ବରକୋଳି ପତ୍ର ଅପରିହାର୍ଯ୍ୟ ଆମ ପୂଜାପଦ୍ଧତିରେ । ସେମାନଙ୍କର ଔଷଧୀୟ ଗୁଣ ମଧ୍ୟ ଅନେକ । ଏପରିକି କ୍ୟାନ୍ସର ରୋଗ ପାଇଁ ଦୁବ ରସ ମଧ୍ୟ ଦିଆଯାଏ । ଖାଦ୍ୟ ଖାଇବାକୁ କୋଉଠିକୁ ଯିବୁ ଜାଣି ନ ଥିଲୁ । କୁଲ୍‌ଚା ସେଠାକାର ପ୍ରସିଦ୍ଧ ଖାଦ୍ୟ ବୋଲି ଶୁଣିଥିଲୁ । ଗୋଟେ ହାତଟଣା ରିକ୍ସାବାଲାକୁ ପଚାରିଲାରୁ ସେ ଆମକୁ କୁଲଚା ଲେନ୍‌କୁ ନେଇଗଲା । ସାଙ୍ଗରେ ଥିଲେ ବାନ୍ଧବୀ ତଥା ସାନଭଉଣୀ ତରୁଣବାଳା । ସତରେ ଏତେ ସୁସ୍ୱାଦୁ କୁଲଚା ମୁଁ ଆଗରୁ କେବେ ଖାଇ ନ ଥିଲି । ତା'ସହିତ ଚଣା ତରକାରୀ ଓ ମୂଳା-ପିଆଜ -ତେନ୍ତୁଳି ଚଟଣୀ । ପରିବା ଭିତରେ ମୂଳାର ବ୍ୟବହାର ସର୍ବାଧିକ । ବୋଧହୁଏ ମୂଳା ଦେହକୁ ଉଷୁମ କରିଦିଏ । ରୁମକୁ ଫେରି ଜିନିଷପତ୍ର ଧରି ସମସ୍ତେ ରହିବାକୁ ଥିବା ଗୁରୁ ଗୋବିନ୍ଦ ସିଂ ନିବାସକୁ ବାହାରିଲୁ ଅଟୋ ରିକ୍ସାଟିଏ ଧରି । ବାଟ ନ ପାଇ ଦୁଇଜଣ ପଗଡିବାଲା ବୟସ୍କ ଲୋକଙ୍କୁ ଗୋବିନ୍ଦ ସିଂ ନିବାସ କେଉଁଠି ବୋଲି ପଚାରିଲୁ । ସେମାନେ ପାଖକୁ ଉଠି ଆସି କହିଲେ ପହଲେ ଗୁରୁ ଗୋବିନ୍ଦ ସିଂ ଜୀ ବୋଲୋ । ବୁଝିଗଲୁ ଯେ ଆମେ ଠିକ୍ ସମ୍ମାନ ଦେଇ କହି ନ ଥିଲୁ ଯାହା ତାଙ୍କୁ ଖରାପ ଲାଗିଲା । ଧର୍ମ ଆମକୁ ସମ୍ମାନ, ଧୈର୍ଯ୍ୟ ଏବଂ ସହନଶୀଳତା ଶିଖାଏ, କୌଣସି ଭେଦଭାବ ନ ରଖି । କିନ୍ତୁ ସେମାନଙ୍କର ପିଲାଠାରୁ ବୁଢା ଯାଏଁ ସମସ୍ତେ ଲାଇନରେ ଠିଆ ହୋଇ 'ୱାହେ ଗୁରୁ' ଧ୍ୱନି କରୁଥିଲେ ଭକ୍ତି ଭାବରେ ।

### ୱାଘା ବୋର୍ଡର

ହୋଟେଲକୁ ଫେରି ସମସ୍ତେ ଯେଉଁଠି ଥିଲେ ସେଇଠିକୁ ଗୁରୁ ଅର୍ଜ୍ଜୁନ ସିଂ ନିବାସକୁ ଗଲ । ନିବାସ ମାନେ ହୋଟେଲ । ହାତରେ ସମୟ ଆଦୌ ନ ଥିଲା । ସାଙ୍ଗେ ସାଙ୍ଗେ ବାହାରିଗଲୁ ୱାଘା ବୋର୍ଡରକୁ ଗୋଟେ ଟ୍ୟାକ୍ସି କରି । ଜୀବନରେ ଏପରି ରୋମାଞ୍ଚଭରା ଦେଶପ୍ରେମ ଆଗରୁ ଏତେ ବର୍ଷ ବୟସ ଭିତରେ କେବେ ଅନୁଭବ କରି ନ ଥିଲି, ଯଦିଓ ମୁଁ ରକ୍ତତୀର୍ଥ ଇରମ, ଭଦ୍ରକ ମାଟିର ଝିଅ । ପିଲାଦିନରୁ ପ୍ରଭାତଫେରି ସ୍କୁଲରେ କଲାବେଳେ ଜାତୀୟ କବି ବାଞ୍ଛାନିଧି ମହାନ୍ତିଙ୍କ କବିତାଗୁଡିକ 'ଗାଅ ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ...' ଓ 'କହ କେଉଁ ଜାତି ଲଭିଛି ମୁକତି କରି ହୁରି ହାରି ଗୁହାରି' ଆଦି ଗାଇ ଗାଇ ବଡ ହେଇଛୁ । ବଡ ହେଲା ପରେ ଭଦ୍ରକର ବରପୁତ୍ର କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର 'ବନ୍ଦେ ଉତ୍କଳ ଜନନୀ' ରାଜ୍ୟ ସଙ୍ଗୀତକୁ ସହସ୍ର ବାର ବୋଲିଛୁଁ । ଟ୍ୟାକ୍ସିରୁ ଓହ୍ଲାଇ କିଛିବାଟ ଗଲାପରେ ୱାଘା ବୋର୍ଡରରେ ପ୍ରବେଶ କଲୁ । ଲାଇନରେ ଯାଇ ସିମେଣ୍ଟ ବେଞ୍ଚ ଗ୍ୟାଲେରୀରେ ଆସନ ଗ୍ରହଣ କଲୁ । କିଛି ସମୟ ମଧ୍ୟରେ ସବୁ ଆସନଗୁଡିକ ପୂର୍ଣ୍ଣ ହୋଇ ହଜାର ହଜାର ଲୋକ ବସିବାକୁ ଆଉ ଜାଗା ନ ଥିଲା । ଲକ୍ଷ ଲକ୍ଷ ଲୋକ ବିରାଟ ଗ୍ୟାଲେରୀରେ ଭର୍ତ୍ତି ହୋଇସାରିଥିଲେ । ମଝିରେ ବିରାଟ ଲୁହା ଗେଟ୍, ଆରପାଖରେ ପାକିସ୍ତାନ ପତାକା ଓ ଏ ପାଖରେ ଫର ଫର ହୋଇ ଉଡୁଥିଲା ଆମ ଜାତୀୟ ପତାକା ତ୍ରିରଙ୍ଗା । ଆଟାରୀ ସୀମାନ୍ତ ଦେଖିବାର ପ୍ରବଳ ଇଚ୍ଛା ସେଦିନ ଡିସେମ୍ବର ୨୩ ତାରିଖ (୨୦୨୩) ଅପରାହ୍ନରେ ପୂରଣ ହୋଇଥିଲା । ଅମୃତସରଠାରୁ ମାତ୍ର ୩୬ କିଲୋମିଟର ଦୂରତାରେ ଏହା ଥିଲା । ସେଠାରେ ଆମେ ଦିନ ୩ଟାରେ ପହଞ୍ଚି ଆସନ ଗ୍ରହଣକଲୁ । ମାର୍ଚ୍ଚଫାଷ୍ଟର ବିଜୟ ବାଜା ସହିତ 'ଯହିଁ ଡାଲ ଡାଲ ପର' ସଙ୍ଗୀତରୁ ଆରମ୍ଭ ହୋଇ ଦେଶାତ୍ମବୋଧକ ଅନେକ ସଙ୍ଗୀତ ତାଳେ ତାଳେ ଦର୍ଶକ ଗ୍ୟାଲେରୀ କମ୍ପି ଉଠିଲା । ବୀର ଯବାନମାନଙ୍କର ଭିଡିଓ ଦୁଇ ପାଖରେ ଲାଗିଥିଲା। ଅସଲ ରୋମାଞ୍ଚଭରା ସମୟ ଥିଲା ଯେତେବେଳେ ଭାରତୀୟ ମିଲିଟାରୀ ଅଫିସରମାନଙ୍କ ଆଗରେ ମାର୍ଚ୍ଚ କରି ଲିଡ୍ କରୁଥିଲେ ଆମ ଦେଶର ବୀରାଙ୍ଗନାମାନେ । ପାକିସ୍ତାନ ପକ୍ଷରୁ କେବଳ ଗୋଟେ ସାନ ଝିଅ ଧଳା ଡ୍ରେସ୍ ପିନ୍ଧି ପତାକା ଧରି ଗେଟ୍ ପାଖରେ ନାଚୁଥିଲା । ତା'ପରେ ସୁସଜ୍ଜିତ ଯବାନମାନେ ଶୃଙ୍ଖଳିତ ଭାବରେ ପ୍ୟାରେଡ କରି କରି ବାଦ୍ୟର ତାଳେ ତାଳେ ଗେଟ୍ ଆଡକୁ ଯାଉଥିଲେ...

**(କ୍ରମଶଃ)**

**ମୋ: ୮୮୯୫୨୭୪୭୯୪**

# ଖାଦ୍ୟ ଅପମିଶ୍ରଣ ଓ ଏହାର ନିରାକରଣ



**ରାକେଶ ପଣ୍ଡା**

ଜୀବନର ମୌଳିକ ଆବଶ୍ୟକତା ହେଉଛି ଖାଦ୍ୟ । ଯାହାକି ସମଗ୍ର ଶରୀରର ରକ୍ଷଣାବେକ୍ଷଣ ପାଇଁ ଗୁରୁତ୍ୱପୂର୍ଣ୍ଣ ଅଟେ ଛ ମନୁଷ୍ୟର ଦୈନନ୍ଦିନ ଆବଶ୍ୟକତା ମଧ୍ୟରେ ଏହା ଏକ ପ୍ରମୁଖ ସହାୟକର ଭୂମିକା ଗ୍ରହଣ କରିଥାଏ । ଜଣେ ବ୍ୟକ୍ତି କଠିନ ପରିଶ୍ରମ କରେ ଏବଂ ନିଜର ଭୋକ ମେଣ୍ଟାଇବା ପାଇଁ ପର୍ଯ୍ୟାପ୍ତ ଖାଦ୍ୟ କିଣିବାକୁ ରୋଜଗାର କରିଥାଏ । ଶୁଦ୍ଧ, ସତେଜ ଏବଂ ସୁସ୍ଥ ଖାଦ୍ୟ ଲୋକଙ୍କ ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଜରୁରୀ । ତେବେ, ଏଠାରେ ପ୍ରଶ୍ନ ହେଉଛି ଦୈନନ୍ଦିନ ଆମେ ଗ୍ରହଣ କରୁଥିବା ଖାଦ୍ୟ କେତେ ସତେଜ, ସ୍ୱାସ୍ଥ୍ୟକର ଏବଂ ସୁରକ୍ଷିତ ଅଟେ ? ସାଧାରଣତଃ, ଅଧିକାଂଶ ଭାରତୀୟଙ୍କର ଖାଦ୍ୟ ଖାଇବାରେ କୌଣସି ବାଛ-ବିଚାର ତଥା ଖାଦ୍ୟପଦାର୍ଥକୁ ନେଇ ସେପରି କିଛି ନିର୍ଦ୍ଦିଷ୍ଟ ତାଲିକା ଓ ଅଭ୍ୟାସଗତ ଯୋଜନା ନଥାଏ । କେଉଁ ସମୟରେ, କି ପ୍ରକାରର ଖାଦ୍ୟ ଖାଇବା ଉଚିତ, କେତେ ପରିମାଣର ଖାଇବା ଉଚିତ, ଖାଦ୍ୟପଦାର୍ଥ କେଉଁ ପରିବେଶ ଓ ଉପାଦାନ ଦ୍ୱାରା ପ୍ରସ୍ତୁତ ହୋଇଛି, ତାହା ଆମେ କେବେ ବି ଜାଣିବାକୁ ଚେଷ୍ଟା କରୁ ନାହୁଁ । ଯେତେବେଳେ ଯାହା ଉପଲବ୍ଧି ହେଲା, ତାହାକୁ ସହଜରେ ଗ୍ରହଣ କରି ନେଇଥାଉଁ । ଏପରିକି, ଖାଦ୍ୟର ଗୁଣବତ୍ତାକୁ ନପରଖି, ଖୁବ କମ୍ ଟଙ୍କାରେ ଖାଦ୍ୟ ପଦାର୍ଥ କିମ୍ବା ଏହାର ଉପାଦାନ ବଜାରରେ ମିଳିଲେ ତାହା ନିମ୍ନ ମାନର ହେଲେ ମଧ୍ୟ ଆମେ ସେସବୁକୁ ପସନ୍ଦ କରୁ ଏବଂ ଜାଣିଶୁଣି ବ୍ୟବହାର କରିଥାଉଁ ! ଖାଦ୍ୟ ପଦାର୍ଥରେ ହେଉଥିବା କୌଣସି ଅପମିଶ୍ରଣକୁ ଆମେ ଏତେ ଗୁରୁତ୍ୱ ଦେଉନା ଯାହାକି ବର୍ତ୍ତମାନ ପ୍ରତିଟି ବ୍ୟକ୍ତିର ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରୁଥିବା ଏକ ଗୁରୁତର ସମସ୍ୟା ଅଟେ ।

ତେବେ, ଖାଦ୍ୟ ଅପମିଶ୍ରଣ ହେଉଛି, ଅବ୍ୟବହୃତ, ଅଦରକାରୀ କିମ୍ବା ଅନାବଶ୍ୟକ ପଦାର୍ଥର ଯୋଗ ଅବା ମିଶ୍ରଣର ଏକ କାର୍ଯ୍ୟ ଯାହାକି ଖାଦ୍ୟ ପଦାର୍ଥର ପ୍ରକୃତି ଓ ଗୁଣକୁ ନଷ୍ଟ କରିବାର ଏକ ପ୍ରକ୍ରିୟା ଅଟେ । ଏହି କାର୍ଯ୍ୟ ଅସାମାଜିକ ବ୍ୟକ୍ତି ତଥା ଲାଭଖୋର ବ୍ୟବସାୟୀଙ୍କ ଦ୍ୱାରା କରାଯାଇଥାଏ । ବେଳେବେଳେ, ପରୋକ୍ଷଭାବରେ ଗ୍ରାହକମାନେ ମଧ୍ୟ ବ୍ୟବସାୟୀମାନଙ୍କ ପାଇଁ ଅପମିଶ୍ରିତ ଖାଦ୍ୟ ଯୋଗାଇବା ପାଇଁ ପରିସ୍ଥିତି ସୃଷ୍ଟି କରିଥାନ୍ତି । ଯେହେତୁ, ସେମାନେ କମ୍ ମୂଲ୍ୟରେ ଅଧିକ ପରିମାଣର ଖାଦ୍ୟ ସାମଗ୍ରୀ ପାଇବାକୁ ପସନ୍ଦ କରନ୍ତି, ବ୍ୟବସାୟୀ ଏବଂ ଯୋଗାଣକାରୀମାନେ ଅପମିଶ୍ରଣର ଉପାୟ ଅବଲମ୍ବନ କରିଥାନ୍ତି- ଯେଉଁ ପଦାର୍ଥର ତାଲିକା ଆମର ଦୈନନ୍ଦିନ ଖାଦ୍ୟ ସାମଗ୍ରୀଠାରୁ ଆରମ୍ଭ କରି ଏହା ଆମ ଜୀବନ ରକ୍ଷାକାରୀ ଔଷଧ ପର୍ଯ୍ୟନ୍ତ ମଧ୍ୟ ଲମ୍ବିଛି । କ୍ଷୀରରେ ଜଳ ଏବଂ ୟୁରିଆ ଇତ୍ୟାଦି ରାସାୟନିକ ଦ୍ରବ୍ୟର ମିଶ୍ରଣ, ଧନିଆ ପାଉଡରରେ ଶୁଖିଲା ଗାଈ ଗୋବରର ମିଶ୍ରଣ, ଲାଲ୍ ଲଙ୍କା ପାଉଡରରେ ଇଟା ଗୁଣ୍ଡ, ବିଲାତି ସସ୍‌ରେ ପଚରା କଖାରୁ, ରନ୍ଧନ ତେଲ ଓ ବଟରରେ ପାରାଫିନ୍ ମହମର ମିଶ୍ରଣ ତଥା ଏହିପରି ପ୍ରତ୍ୟକ ଖାଦ୍ୟଦ୍ରବ୍ୟ ବିଭିନ୍ନ ଉପାୟରେ ଅପମିଶ୍ରିତ ହେଉଛି । ବ୍ୟବହୃତ ମିନେରାଲ୍ ପାଣି ବୋତଲଗୁଡିକରେ ନଳକୂପ ଜଳ ଭର୍ତ୍ତି କରି ପୁନଃ ବ୍ୟବହାର କରାଯାଉଛି ଏବଂ ଅଧିକାଂଶ ମୃଦୁ ପାନୀୟ ମଧ୍ୟ ସେହିପରି ଅସ୍ୱାସ୍ଥ୍ୟକର ଅଟେ । ଗ୍ରାହକମାନଙ୍କର ଅଳସୁଆମିର ସୁଯୋଗ ନେଇ, ଅନେକ ଛୋଟ, ବଡ଼ ରେଷ୍ଟୁରାଣ୍ଟ ଏବଂ ହୋଟେଲରେ ଥିବା ବଳକା ଓ ପୁରୁଣା ଖାଦ୍ୟଗୁଡିକ ତାଜା ଖାଦ୍ୟ ସହିତ ମିଶ୍ରିତ ହୋଇ ସେମାନଙ୍କୁ ପରିବେଷଣ କରାଯାଉଛି । ରାସ୍ତାକଡରେ ବିଶେଷ କରି ବସ ଷ୍ଟାଣ୍ଡ ଓ ରେଳ ଷ୍ଟେସନ ନିକଟରେ ଏକ ପରିତ୍ୟକ୍ତ ଓ ଅପରିଷ୍କାର ପରିବେଶ ମଧ୍ୟରେ ମାଳମାଳ ହୋଇ ଖୋଲିଥିବା ଜଳଖିଆ ତଥା ଫାଷ୍ଟଫୁଡ ଦୋକାନ ମାନଙ୍କରେ ପ୍ରସ୍ତୁତ ଓ ପରସା ଯାଉଥିବା ନିମ୍ନ ମାନର ଖାଦ୍ୟ ପଦାର୍ଥ ମନୁଷ୍ୟ ଶରୀର ପାଇଁ ଏକ ପ୍ରକାରର ବିଷ ସଦୃଶ ଅଟେ । ଏପରିକି ପନିପରିବା, ଫଳ ଏବଂ ବିଭିନ୍ନ ଖାଦ୍ୟ ଶସ୍ୟଗୁଡିକର ଆକାର ଓ ଓଜନ ବଢାଇବା ପାଇଁ ସେଥିରେ କେମିକାଲ୍ ଯୁକ୍ତ ଇଞ୍ଜେକ୍ସନ ଦିଆଯାଉଛି ଯାହାକୁ ଗ୍ରହଣ କରିବା ଦ୍ୱାରା ଉଚ୍ଚ ରକ୍ତଚାପ, ହୃଦରୋଗ ଏବଂ ଆକସ୍ମିକ ମୃତ୍ୟୁ ହେବାର ଅନେକ ସମ୍ଭାବନା ରହିଥାଏ । ଏହାଛଡା, ଅପମିଶ୍ରିତ, ଅପରିଷ୍କାର ଏବଂ ଅସୁରକ୍ଷିତ ଖାଦ୍ୟ ଆଜମା, ଅଲସର, ଖାଦ୍ୟ ବିଷାକ୍ତତା, ପକ୍ଷାଘାତ, କର୍କଟ, ମାନସିକ ବିକୃତି ଇତ୍ୟାଦି ଗୁରୁତର ସ୍ୱାସ୍ଥ୍ୟଗତ ବ୍ୟାଧି ମଧ୍ୟ ସୃଷ୍ଟି କରିଥାଏ ।

> **ଖାଦ୍ୟ ପ୍ରଦୂଷଣ ଉପରେ ଯାଞ୍ଚ କରିବାକୁ ଥିବା ନିୟମ ଯଥେଷ୍ଟ ନୁହେଁ । ଖାଦ୍ୟସାମଗ୍ରୀକୁ ନିୟମିତ ଯାଞ୍ଚ କରିବା ଏବଂ ନିର୍ଦ୍ଦିଷ୍ଟ ତ୍ୱରିତ ପ୍ରକ୍ରିୟା ମାଧ୍ୟମରେ ଏହାର ପରୀକ୍ଷା ସୁନିଶ୍ଚିତ କରିବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିସହ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବକ, ଦଣ୍ଡ ବିଧାନ ବ୍ୟବସ୍ଥାକୁ ଅଧିକ କଠୋର ଏବଂ ଗ୍ରାହକଙ୍କୁ ଅଧିକ ସଶକ୍ତ କରାଯିବା ଉଚିତ ।**

ବଡ ଆଶ୍ଚର୍ଯ୍ୟର ବିଷୟ, ମଣିଷ ଆଜି ମଣିଷ ସଭ୍ୟତାକୁ ଲୋପ କରିବା ପାଇଁ ଦିନ ରାତି ନକରାତ୍ମକଚିନ୍ତା ଓ ନିରନ୍ତର ଅପମିଶ୍ରଣ କାର୍ଯ୍ୟ ଜାରି ରଖିଛି । କମ୍ ସମୟ ମଧ୍ୟରେ, ସାମାନ୍ୟ କିଛି ଅର୍ଥ ରୋଜଗାର ଓ ବ୍ୟବସାୟିକ ଲାଭ କରିବାକୁ ଯାଇ ସେ ଅନ୍ୟ ସମସ୍ତ ମଣିଷଙ୍କର ଜୀବନକୁ ବାଜିରେ ଲଗାଇବାକୁ ପସନ୍ଦ କରୁଛି । ଯାହାକି ଉଦ୍ଦେଶ୍ୟମୂଳକ ଏବଂ ସମଗ୍ର ମାନବଜାତି ବିରୁଦ୍ଧରେ ଏକ ମାରାତ୍ମକ ଅପରାଧ ଅଟେ । ଏହି ଅପରାଧକୁ ମୁକାବିଲା କରିବା ପାଇଁ ଯଦିଓ ଭାରତ ସରକାରଙ୍କ ଦ୍ୱାରା ଭିନ୍ନ ନିୟମ ପ୍ରଣୟନ ହୋଇଛି, କିନ୍ତୁ ଅନ୍ୟାନ୍ୟ ସାମାଜିକ ନିୟମ ପରି, ଏହି ନିୟମ ମଧ୍ୟ କ୍ୱଚିତ କାର୍ଯ୍ୟକାରୀ କରାଯାଇଥାଏ । ତେଣୁ, ଖାଦ୍ୟ ପ୍ରଦୂଷଣ ଉପରେ ଯାଞ୍ଚ କରିବାକୁ ଥିବା ନିୟମ ଯଥେଷ୍ଟ ନୁହେଁ । ଖାଦ୍ୟସାମଗ୍ରୀକୁ ନିୟମିତ ଯାଞ୍ଚ କରିବା ଏବଂ ନିର୍ଦ୍ଦିଷ୍ଟ ତ୍ୱରିତ ପ୍ରକ୍ରିୟା ମାଧ୍ୟମରେ ଏହାର ପରୀକ୍ଷା ସୁନିଶ୍ଚିତ କରିବା ବର୍ତ୍ତମାନ ସମୟରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏଥିସହ, ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ପୂର୍ବକ, ଦଣ୍ଡ ବିଧାନ ବ୍ୟବସ୍ଥାକୁ ଅଧିକ କଠୋର ଏବଂ ଗ୍ରାହକଙ୍କୁ ଅଧିକ ସଶକ୍ତ କରାଯିବା ଉଚିତ । ସାଧାରଣ ଲୋକମାନେ ଦୋକାନ, ଷ୍ଟୋର ଏବଂ ମଲରୁ ଉତ୍ପାଦ କିଣିବାବେଳେ ସରକାରଙ୍କ ଦ୍ୱାରା ସ୍ଥିରୀକୃତ ବିଭିନ୍ନ ଷ୍ଟାଣ୍ଡାର୍ଡ ମାର୍କ, ପ୍ୟାକିଂ ତାରିଖ ଏବଂ ସମାପ୍ତ ତାରିଖ ଇତ୍ୟାଦି କିପରି ଯାଞ୍ଚ କରିବେ ଏବଂ ଯଦି କୌଣସି ନିର୍ଦ୍ଦିଷ୍ଟ ଷ୍ଟାଣ୍ଡାର୍ଡ ମାର୍କ ନାହିଁ, ତେବେ ସେମାନେ ଏହିପରି ଦ୍ରବ୍ୟ କିଣିବାଠାରୁ ସମ୍ପୂର୍ଣ୍ଣ ଦୂରେଇ ରହିବା ନିମନ୍ତେ ତଥା ଖାଦ୍ୟ ଅପମିଶ୍ରଣର ବର୍ତ୍ତମାନ ଓ ଭବିଷ୍ୟତର ଭୟାବହତା ସମ୍ବନ୍ଧରେ ସରକାର ବହୁ ସଂଖ୍ୟାରେ ଓ ନିରନ୍ତର ଜନସଚେତନତା ସୃଷ୍ଟି କରିବା ଉଚିତ । ଫଳରେ ଗ୍ରାହକମାନଙ୍କର ମାନସିକତାରେ ଭୟ ଓ ପରିବର୍ତ୍ତନ ଆଣିବା ସହ ସେମାନଙ୍କୁ ଶିକ୍ଷିତ କରିବା ଏବଂ ବ୍ୟବସାୟୀମାନଙ୍କଠାରୁ ଖାଦ୍ୟ ପଦାର୍ଥ କିଣିବାବେଳେ ଅତି ସତର୍କ ରହିବାକୁ ହେବ ।

**ବନ୍ଦାଲୋ, ଟାଙ୍ଗୀ, କଟକ- ୭୫୪୦୨୨**
**ମୋ: ୯୩୩୭୮୯୭୬୫୦**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## କଂଗ୍ରେସ...

ନେଇ ତଦନ୍ତ ଆରମ୍ଭ କରିଥିଲେ। ପଣ୍ଡିତ ଜବାହର ଲାଲ ନେହରୁଙ୍କୁ ଗୋଟେ ଚିଠି ମଧ୍ୟ ଏହି ସନ୍ଦର୍ଭରେ ସୁଭାଷ ଚନ୍ଦ୍ର ବୋଷ ଲେଖିଥିଲେ। ଏଥିରେ ସେ କହିଥିଲେ ଯେ ନେହରୁ ବନ୍ଦେ ମାତରମର ବ୍ୟାକଗ୍ରାଉଣ୍ଡ ପଢ଼ିଛନ୍ତି ଓ ଭାବୁଛନ୍ତି ଏହା ମୁସଲିମଙ୍କୁ ଉତ୍ତେଜିତ କରିପାରେ। କଂଗ୍ରେସ ଦଳ ବନ୍ଦେ ମାତରମକୁ ଅପମାନିତ କରିଥିଲା ଓ ମୁସଲିମ୍ ଲିଗ୍ ଆଗରେ ଆତ୍ମ ସମର୍ପଣ କରିଥିଲା। ଏବେ ବି କଂଗ୍ରେସ ଏହା ଧାରା ଜାରି ରଖିଛି। ଆମେ ଯେତେବେଳେ ବନ୍ଦେ ମାତରମ ଜୟଧ୍ୱନି ଦେଉ ସେତେବେଳେ ଏହି ମାଟି ଆମ ମା' ଓ ମୁଁ ଏହି ମାଟିର ପୁଅ ବୋଲି ମନେ ପକାଇ ଦେଇଥାଏ। ଏହି ଗୀତ ଭଳି ସମାନ କୌଣସି ଗୀତ ବିଶ୍ୱରେ ନାହିଁ। ଇଂରେଜମାନେ ମଧ୍ୟ ବନ୍ଦେ ମାତରମ ଉପରେ ନିଷିଦ୍ଧାଦେଶ ଜାରି କରିଥିଲେ। ତେବେ ଏହି ନାରା ବ୍ରିଟିଶଙ୍କ ବିରୋଧରେ ଲୋକଙ୍କୁ ଏକାଠି କରିପାରିଥିଲା। ଏହା ଏକ ରାଜନୈତିକ ସ୍ୱାଧୀନତା ମନ୍ତ୍ର ଥିଲା। ଭାରତକୁ ଔପନିବେଶିକତାରୁ ମୁକ୍ତ କରିବା ପାଇଁ ଆହ୍ୱାନ ଥିଲା। ପଶ୍ଚିମବଙ୍ଗର ବିଭାଜନ ବେଳେ ବନ୍ଦେ ମାତରମ ଗୋଟେ ପଥର ଭାବେ ଛିଡା ହୋଇଥିଲା। ଏହା ଏପରି ଏକ ମନ୍ତ୍ର ଯେ ଯାହା ଶକ୍ତି, ପ୍ରେରଣା ଓ ବଳିଦାନର ମାର୍ଗକୁ ଦର୍ଶାଏ। ସ୍ୱାଧୀନତା ସଂଗ୍ରାମ ବେଳେ ବନ୍ଦେ ମାତରମ ମନ୍ତ୍ର ଦ୍ୱାରା ଦେଶକୁ ଶକ୍ତି ଓ ପ୍ରେରଣା ମିଳିଥିଲା।

ତେବେ ପ୍ରଧାନମନ୍ତ୍ରୀଙ୍କ ଭାଷଣକୁ କଂଗ୍ରେସ ସାଂସଦ ପ୍ରିୟଙ୍କା ଗାନ୍ଧି ଜବାବ ଦେଇଥିଲେ ଯେ ଏହା ସାମ୍ପ୍ରଦାୟିକବାଦୀଙ୍କ ଦ୍ୱାରା ଏକ ସୁଚିନ୍ତିତ ଯୋଜନା। ବିଜେପି ବାରମ୍ବାର ଜବାହର ଲାଲ ନେହରୁଙ୍କ ଉପରେ ଆକ୍ରମଣ କରୁଛି। ସ୍ୱାଧୀନତା ସଂଗ୍ରାମୀଙ୍କ ବିରୋଧରେ ଏହା ହେଉଛି ଏକ ନୂଆ ଅଭିଯୋଗ। ୧୯୩୭ରେ ସୁଭାଷ ବୋଷ ଯେଉଁ ଚିଠି ଲେଖିଥିଲେ ସେଥିମଧ୍ୟରୁ କିଛି ଧାଡ଼ିକୁ ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିନାହାନ୍ତି। ସାମ୍ପ୍ରଦାୟିକ ଶକ୍ତି ଦ୍ୱାରା ଏହାକୁ ପ୍ରସ୍ତୁତ କରାଯାଇଛି। ବର୍ତ୍ତମାନ ଏଭଳି ଏକ ସ୍ଥିତି ଯେ ପ୍ରଧାନମନ୍ତ୍ରୀ ଚାହୁଁଛନ୍ତି ତାଙ୍କର ଭୂମିକାକୁ ଧାର୍ଯ୍ୟ କରିବେ। ଦ୍ୱିତୀୟତଃ ସ୍ୱାଧୀନତା ସଂଗ୍ରାମ ଓ ଦେଶପାଇଁ ବଳିଦାନ ଦେଇଥିବା ବ୍ୟକ୍ତିଙ୍କ ଉପରେ ନୂଆ ଅଭିଯୋଗ ଆଣିବେ। ଲୋକଙ୍କ ଦୃଷ୍ଟିକୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରାଯାଉଛି। ବନ୍ଦେ ମାତରମ ଏବେବି ବଞ୍ଚିଛି ଓ ଦେଶରେ ଗାନ କରାଯାଉଛି। ଏହା ଉପରେ ଆଜି ବିତର୍କ ମଧ୍ୟ କରାଯାଉଛି। ନେହରୁଙ୍କୁ ସମାଲୋଚନା ମଧ୍ୟ କରାଯାଉଛି। ନେହରୁ ଯଦି ଇସ୍ରୋ କରିନଥାନ୍ତେ ଆଜି ମଙ୍ଗଳ ଯାନ ହୋଇନଥାନ୍ତା, ଡିଆରଡିଓ ନଥିଲେ ତେଜସ ସମ୍ଭବ ହୋଇନଥାନ୍ତା, ଏମ୍ସ ହୋଇନଥିଲେ ଆମେ କୋଭିଡକୁ ମୁକାବିଲା କରିପାରିଥାନ୍ତେ କି? ନେତାଜୀ ସୁଭାଷ ବୋଷ ଲେଖିଥିବା ଚିଠିକୁ ପ୍ରିୟଙ୍କା ମଧ୍ୟ ଉପସ୍ଥାପନ କରିଛନ୍ତି। ଏହାର ୩ ଦିନ ପରେ ନେହରୁ ସୁଭାଷ ବୋଷଙ୍କ ଚିଠିର ଜବାବ ଦେଇଥିଲେ। ଏହାର କିଛି ଅଂଶକୁ ପ୍ରଧାନମନ୍ତ୍ରୀ ନିଜ ଭାଷଣରେ ଉପସ୍ଥାପନ କରିଥିଲେ। ଏଥିରେ ନେହରୁ ଲେଖିଥିଲେ ଯେ ବନ୍ଦେ ମାତରମକୁ ନେଇ ଦେଖାଦେଇଥିବା ବଡ ବିବାଦକୁ ଅଣଦେଖା କରାଯାଇପାରେ ନାହିଁ। କିଛି ସାମ୍ପ୍ରଦାୟିକ ଶକ୍ତି ଏହା ପଛରେ ଅଛନ୍ତି। ସେମାନେ ଯେମିତି ସଫଳ ନ ହେବେ ତାକୁ ନିଶ୍ଚିତ କରିବାକୁ ପଡିବ। ନିଷ୍ପତ୍ତି ନେଇଛି ଯେ ଅକ୍ଟୋବର ୨୫ରେ କୋଲକାତା ଯିବି। ଡକ୍ଟର ଟାଗୋର ଓ ଅନ୍ୟମାନଙ୍କୁ ଭେଟିବାର ସମୟ ପାଇବି। ଏହାର ଦିନକ ପରେ ଟାଗୋର ମଧ୍ୟ ଏକ ଚିଠି ନେହରୁଙ୍କୁ ଲେଖିଥିଲେ। ସେ ଉଲ୍ଲେଖ କରିଥିଲେ ଯେ ପୂର୍ବରୁ ଯେଉଁ ଦୁଇ ପାରା ଗାନ କରାଯାଇଥିଲା ତା'ର ମହତ୍ୱ ବେଶି ଅଧିକ। ଭିତର ବାକି ଅଂଶକୁ ଏଥିରୁ ଅଲଗା କରିଦେଲେ ତାଙ୍କର କୌଣସି ଆପତ୍ତି ନାହିଁ। ସ୍ୱାଧୀନତା ପରେ ୧୯୫୦ରେ ଡ. ରାଜେନ୍ଦ୍ର ପ୍ରସାଦ ସମ୍ବିଧାନ ସମିତିରେ ଯେତେ।।ବେଳେ ବନ୍ଦେ ମାତରମକୁ ରାଷ୍ଟ୍ରୀୟ ଗୀତ ଘୋଷଣା କଲେ ସେତେବେଳେ ଅଧିକାଂଶ ମହାପୁରୁଷ ସହ ବିଆର ଆମ୍ବେଦକର ଓ ଶାସକ ଦଳର ଆଦର୍ଶ ଶ୍ୟାମପ୍ରସାଦ ମୁଖାର୍ଜୀ ମଧ୍ୟ ଉପସ୍ଥିତ ଥିଲେ। ସେମାନେ କେହି ଆପତ୍ତି ଉଠାଇ ନଥିଲେ ବୋଲି ପ୍ରିୟଙ୍କା କହିଥିଲେ।

## ବଜେଟ୍...

ଦଳ ନେତା କେତେଦିନ ଆସିଛନ୍ତି, କେତେ ସମୟ ବିତାଇଛନ୍ତି ଖାଲି ଏକ୍ସରେ ପୋଷ୍ଟ କରିଦେଲେ ବିକାଶ ହେବନାହିଁ ବୋଲି ମୁଖ୍ୟମନ୍ତ୍ରୀ କହି ଏଭଳି କଟାକ୍ଷ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୧୭୪୪୦ କୋଟି ଟଙ୍କା ଅତିରିକ୍ତ ବ୍ୟୟ ମଧ୍ୟରୁ ୧୨୭୧୬ କୋଟି ଟଙ୍କା କାର୍ଯ୍ୟକ୍ରମ ବ୍ୟୟ ବାବଦରେ ଖର୍ଚ୍ଚ ହେବ। ଏହା ସରକାରଙ୍କ ଭିଜନ ଓ ଆନ୍ତରିକତାକୁ ପ୍ରକାଶ କରୁଛି। ଆମ ପାଇଁ ବଜେଟ୍ କେବଳ ଆୟ ବ୍ୟୟର ହିସାବ ନୁହେଁ। ଆମ ସରକାର ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ବିଶ୍ୱାସ କରେ। ଏଥିପାଇଁ ଦୂର ଦୃଷ୍ଟିର ଆବଶ୍ୟକତା ରହିଛି। ଆମର ଲକ୍ଷ୍ୟ ହେଉଛି ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶ ଗଠନ। ଗତ ବଜେଟ୍‌ରେ ପୁଞ୍ଜି ଖର୍ଚ୍ଚ ବାବଦକୁ ୬୫ ହଜାର ୧୨ କୋଟି ଟଙ୍କାର ପୁଞ୍ଜି ବ୍ୟୟବରାଦ ରହିଛି। ଏହା ଓଡ଼ିଶାର ସାମଗ୍ରିକ, ରାଜ୍ୟ ଘରୋଇ ଉତ୍ପାଦର ୬.୧୧%। ପୂର୍ବ ସରକାର ବର୍ଷକର ଭିତ୍ତିଭୂମି ବାବଦରେ ଯେତେ ଖର୍ଚ୍ଚ କରିଛନ୍ତି ଆମ ସରକାର ସେତିକି ଖର୍ଚ୍ଚ କରୁଛି। କଂଗ୍ରେସ ଶାସିତ ରାଜ୍ୟ ହିମାଚଳ ପ୍ରଦେଶରେ ପାଇଖାନା ସିଟ୍ ପିଛା ଟିକସ ଲଗାଇବାକୁ ଯୋଜନା କରିଥିଲେ। ଆମ ସରକାର ରାଜ୍ୟର ଅର୍ଥନୈତିକ ପରିଚାଳନା ଅତ୍ୟନ୍ତ ଦକ୍ଷତାର ସହ କରୁଛନ୍ତି। ଆମ ସରକାରର ଅର୍ଥନୈତିକ ପରିଚାଳନା ଦେଶର ସବୁ ରାଜ୍ୟ ଅପେକ୍ଷା ସର୍ବୋତ୍ତମ। ମହାଲେଖାକାରଙ୍କ ତଥ୍ୟ ଅନୁଯାୟୀ ରାଜସ୍ୱ ବଳକା ୧.୩% ସ୍ଥିତି ବଜାୟ ରଖିଥିବାବେଳେ ଋଣ ଭାର ଜିଏସ୍‌ଡିପିର ୧୧.୯% ରହିଛି। ସୁଧ ଦେୟ ଓ ରାଜସ୍ୱ ଆୟର ଅନୁପାତ ୨.୨% ରହିଛଇ। ମୁଣ୍ଡପିଛା ଋଣ ଭାର ୨୬୯୭୮ ଟଙ୍କା ଅଛି ଯାହା ଅନ୍ୟ ରାଜ୍ୟ ତୁଳନାରେ ଯଥେଷ୍ଟ କମ୍। ରାଜ୍ୟର ଅର୍ଥନୈତିକ ବିକାଶ ପାଇଁ ସରକାର ଦୁଇଟି ରଣକୌଶଳକୁ ଆପଣାଇଛନ୍ତି। ଉଭୟ ଲକ୍ଷ୍ୟକୁ ହାସଲ କରିବାରେ ସମର୍ଥ ହୋଇଛୁ। ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ଭଲ ରଖିବା ପାଇଁ ଆମେ ଜନକଲ୍ୟାଣକାରୀ ଯୋଜନାରେ କୌଣସି ପ୍ରକାର ସାଲିସ କରୁନାହୁଁ। ଅନ୍ୟ ରାଜ୍ୟପରି ବେପରୁଆ ଭାବେ ଖର୍ଚ୍ଚ କରି ରାଜ୍ୟର ଆର୍ଥିକ ସ୍ୱାସ୍ଥ୍ୟକୁ ଆଇସିୟୁରେ ରଖିନାହୁଁ। କାରଣ ଆମପାଇଁ ବିକାଶର ସଂଜ୍ଞା ହେଉଛି ନିରନ୍ତର। ସାଧାରଣ ଲୋକ ବିଶେଷ ଭାବେ କୃଷକ, ମହିଳା, ଛାତ୍ରଛାତ୍ରୀଙ୍କ ପାଇଁ ଆମ ସରକାରର ପ୍ରତିବଦ୍ଧତା ରହିଛି। କୃଷକମାନେ ଆମ ପାଇଁ ଚାଷୀ ନୁହଁନ୍ତି, ଅନ୍ନଦାତା। ଧାନ ସଂଗ୍ରହକୁ ସୁବ୍ୟବସ୍ଥିତ ଢ଼ଙ୍ଗରେ କରିବା ପାଇଁ ୨୦୦୦ କୋଟିର ରିଭଲଭିଂ ପାଣ୍ଠି ସହ ଅତିରିକ୍ତ ୩ ହଜାର କୋଟି ଟଙ୍କା ଓ ପିଡିଏସ୍ ରିହାତି ବାବଦରେ ଅତିରିକ୍ତ ୧୩୨୫ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଚାଷୀମାନଙ୍କ ଠାରୁ ଏହାଦ୍ୱାରା ୧୦ ନିୟୁତ ଟନ୍ ଧାନ କିଣାଯାଇପାରିବ। ସମୃଦ୍ଧ ଓଡ଼ିଶା ସୁଭଦ୍ରା ଯୋଜନା ଭଳି କାର୍ଯ୍ୟକ୍ରମ ଯୋଗୁ ପ୍ରତି ପରିବାରର ପ୍ରାୟ ବାର୍ଷିକ ଆୟ ୫୮ ହଜାର କୋଟି ଅଧିକ ହୋଇପାରିଛି। ଗାନ୍ଧି କହିଥିଲେ ଭାରତର ଆତ୍ମା ଗାଁରେ ବାସକରେ। ତେଣୁ ଗ୍ରାମର ଉନ୍ନତି ବିନା ଓଡ଼ିଶାର ବିକାଶ ସମ୍ଭବ ନୁହେଁ। ପୂର୍ବ ସରକାର ଏହାକୁ ହୃଦୟଙ୍ଗମ କରିପାରିନଥିଲେ। ଆମ ସରକାର ଆସିବାପରେ ୩୭ ହଜାରରୁ ଅଧିକ ସରକାରୀ ପଦବୀ ପୂରଣ କରାଯାଇଛି। ଡବଲ ଇଞ୍ଜିନ ସରକାର ଦ୍ରୁତଗତିରେ ପ୍ରକଳ୍ପ ଅନୁମୋଦନ, ବୃହତ ଆର୍ଥିକ ସହାୟତା, କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସୁଗମ ସମନ୍ୱୟ ସୁନିଶ୍ଚିତ କରି ଓଡ଼ିଶା ପାଇଁ ଅଦ୍ଭୁତପୂର୍ବ ପ୍ରଗତିକୁ ଉନ୍ମୁକ୍ତ କରିଛି। ୨୦୩୬ ସୁଦ୍ଧା ଆମ ରାଜ୍ୟ ଦେଶର ସର୍ବଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ଦେବାକୁ ଆମେ ଲକ୍ଷ୍ୟ ରଖିଛୁ। ମୁଁ ପ୍ରତିଶ୍ରୁତି ଦେବାକୁ ଚାହେଁ ଯେ ସଭ୍ୟମାନେ ଦେଇଥିବା ପରାମର୍ଶ ଓ ଗଠନମୂଳକ ପରାମର୍ଶକୁ ସରକାର ସହୃଦୟତାର ସହ ବିଚାର କରି ପଦକ୍ଷେପ ନେବେ।

## ମାଲକାନଗିରି...

କରିଥିବା ଜଣା ପଡ଼ିଛି। ବର୍ତ୍ତମାନ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିବା ବେଙ୍ଗଲୀ ସଂପ୍ରଦାୟର ହଜାର ହଜାର ସଂଖ୍ୟକ ଲୋକେ ସୋମବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଘେରାଉ କରି ଆଦିବାସୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଥିଲେ। ବର୍ତ୍ତମାନ ଆଦିବାସୀ ସଂଘ ଏବଂ ବେଙ୍ଗଲୀ ସଂପ୍ରଦାୟ ମଧ୍ୟ ଜିଲ୍ଲାରେ ଏକ ପ୍ରକାର ଗୋଷ୍ଠୀ ସଘର୍ଷ ଉତ୍ପନ୍ନ ହେବାକୁ ଯାଉଛି। ବର୍ତ୍ତମାନ ଘଟଣା ନ ବ୍ୟାପିବା ପାଇଁ ଇଣ୍ଟରନେଟ ସେବାକୁ ବାତିଲ୍ କରାଯାଇଛି।

ମାଲକାନଗିରି ଜିଲ୍ଲାର କୋରକୁଣ୍ଡା ବ୍ଲକ ସ୍ଥିତ ଡୁଡାମେଟଲା ଗ୍ରାମ ପୋଟେରୁ ନଦୀରେ ଜଣେ ମହିଳାଙ୍କ ମୁଣ୍ଡ ନଥିବା ମୃତଦେହ ଗତ ୪ ଦିନ ତଳେ ଉଦ୍ଧାର ହୋଇଥିଲା। ସେହି ଘଟଣାକୁ ନେଇ ରିଖେଲଗୁଡ଼ା ଓ ଏମଭି-୨୬ଗ୍ରାମ ଦୁଇ ଗାଁ ମଧ୍ୟରେ ଉତ୍ତେଜନା ଲାଗି ରହିଛି। ହତ୍ୟା କିଏ କରିଛି ତାହା ଅସ୍ପଷ୍ଟ ଥିବା ବେଳେ ଏମଭି -୨୬ ନମ୍ବର ଗ୍ରାମର କୌଣସି ବ୍ୟକ୍ତି ଏହି ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ଥିବା ନେଇ ସନ୍ଦେହ କରିବା ସହ ନିଖୋଜ ଥିବା ମୁଣ୍ଡକୁ ତୁରନ୍ତ ଉଦ୍ଧାର କରିବା ସହିତ ମୁଖ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରିବାକୁ ରାଖେଲଗୁଡ଼ା ଗ୍ରାମବାସୀଙ୍କ ସମେତ ଆଦିବାସୀ ସଂଘ ପୋଲିସ ନିକଟରେ ଦାବି କରିଥିଲେ। ଦୀର୍ଘ ୪ ଦିନ ହେବ କୌଣସି ସୁଫଳ ନ ମିଳିବାରୁ ଏହାକୁ ନେଇ ଏମଭି-୨୬ ଏବଂ ରାଖାଲଗୁଡା ଗ୍ରାମ ଓ ଆଦିବାସୀ ସଘଂ ମଧ୍ୟରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଗତ ୪ ଦିନ ପୂର୍ବେ ରାଖାଲଗୁଡ଼ା ଗ୍ରାମର ଲାକେ ପଡ଼ିଆମୀ (୫୧) ନାମକ ଜଣେ ଆଦିବାସୀ ମହିଳା ନିଖୋଜ ଥିଲା ବେଳେ ଡୁଡୁମେଟଲା ଗ୍ରାମ ନିକଟସ୍ଥ ନଦୀରୁ ମୁଣ୍ଡବିହୀନ ଅବସ୍ଥାରେ ଶବ ମିଳିଥିଲା। ଦୀର୍ଘ ତିନି ଦିନ ହେବ ମହିଳାଙ୍କ ମୁଣ୍ଡ ନ ମିଳିବାରୁ ସେହି ନିଖୋଜ ମହିଳା ସନ୍ଦେହରେ ଏହାକୁ ନେଇ ଦୁଇ ଗାଁ ମଧ୍ୟରେ ରବିବାର ଅପରାହ୍ନ ପ୍ରାୟ ୨ ଟା ସମୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ରାଖେଲଗୁଡା ଗ୍ରାମବାସୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ହଜାର ହଜାର ଆଦିବାସୀ ସମ୍ପ୍ରଦାୟର ଲୋକମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ଏମଭି -୨୬ ଗ୍ରାମରେ ପହଁଞ୍ଚି ଗ୍ରାମରେ ବସବାସ କରୁଥିବା ବହୁ ଲୋକଙ୍କ ଘର ଓ ଆସବାବ ପତ୍ର ଭାଙ୍ଗିବା ସହିତ କେତେକ ଘରେ ନିଆଁ ଲଗାଇଥିବା ଜଣାପଡ଼ିଛି। ଏହା ସହିତ ଘରର ଆସବାବପତ୍ର, ଗାଡି ଭଙ୍ଗାରୁଜା କରିବା ସହିତ ଲୁଟପାଟ ହୋଇଥିବା ବେଙ୍ଗଲୀ ମାନେ ଅଭିଯୋଗ କରିଛନ୍ତି। ତେବେ ଆଦିବାସୀଙ୍କ ଆକ୍ରମଣରୁ ସୁରକ୍ଷା ପାଇଁ ଜିଲ୍ଲାପାଳ ଏବଂ ଏସପିଙ୍କୁ ସୂଚନା ଦିଆଯାଇଥିଲା। ଉତ୍ତେଜନାକୁ ନିୟନ୍ତ୍ରଣ ପାଇଁ ପୋଲିସ ସହିତ ବିଏସଏଫକୁ ମୁତୟନ କରାଯାଇଥିଲେ ମଧ୍ୟ ଆଦିବାସୀମାନେ ଏ ସବୁ ଭୃକ୍ଷେପ କରିନଥିଲେ। ପ୍ରାଣ ରକ୍ଷା ଲାଗି ବେଙ୍ଗଲୀ ଗାଁ ରେ ପୁରୁଷ ଶୂନ୍ୟ ହୋଇ ପଡ଼ିଥିଲା। କେବଳ ଘରେ ମହିଳାମାନେ କୌଣସି ପ୍ରକାର ରହିଥିବା କୁହାଯାଉଛି। ଘଟଣାକୁ ନିୟନ୍ତ୍ରଣ କରିବା ପାଇଁ ଗତକାଲି ଜିଲ୍ଲାପାଳ ସୋମେଶ ଉପାଧ୍ୟାୟ, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ବିନୋଦ ପାଟିଲ, ଉପଜିଲ୍ଲାପାଳଙ୍କ ସମେତ ଜିଲ୍ଲାର ବହୁ ପୋଲିସ, ପ୍ରଶାସନନିକ ଅଧିକାରୀ ଏମଭି -୨୬ ଗ୍ରାମର ପହଁଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ଗାଁର ଭଙ୍ଗାରୁଜା ଓ ଅଗ୍ନିକାଣ୍ଡ ଦେଖି ଫେରିଥିଲେ। ଗ୍ରାମରେ ହୋଇଥିବା ଗ୍ରାମବାସୀଙ୍କର କ୍ଷୟକ୍ଷତିକୁ ଆକଳନ କରାଯିବା ପରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲ୍ଲାପାଳ ଗ୍ରାମବାସୀଙ୍କୁ ବୁଝାଇ କହିଛନ୍ତି। ବର୍ତ୍ତମାନ ଏମଭି -୨୬ ଗ୍ରାମ ସମତେ ଗ୍ରାମର ଚତୁର୍ପାଶ୍ୱରେ ବହୁ ପରିମାଣର ବିଏସଏଫ ଯବାନ, ଶତାଧିକ ପୋଲିସ ଅଧିକାରୀ ଓ ପୁଲିସ ଫୋର୍ସ ମୁତୟନ କରାଯାଇଛି। ତଥାପି ଆଦିବାସୀ ସଂପ୍ରଦାୟ ଲୋକମାନେ ପୁନଶ୍ଚ କିଛି ଘରକୁ ଅଗ୍ନି ସଂଯୋଗ କରୁଥିବା ଜଣାପଡିଛ। ସ୍ଥିତି ଉତ୍ତେଜନା ପୂର୍ଣ୍ଣ ରହିଛି। ପ୍ରକାଶ ଥାଉ କି ହତ୍ୟା କରି ନଦୀରେ ଫୋପାଡି ଦିଆଯାଇଥିବା ଆଦିବାସୀ ମହିଳାଙ୍କ ଜମିକୁ ଭାଗ ଚାଷ ବେଙ୍ଗଲୀ ଲୋକ କରି ଆସୁଥିବା ବେଳେ ଏହି ଜମି ବିବାଦରୁ ଦଙ୍ଗା ପରିସ୍ଥିତି ସୃଷ୍ଟି ହୋଇ ଥିବା କୁହାଯାଉଛି। ଘଟଣାର ଗମ୍ଭୀରତାକୁ ନେଇ ଡ଼ିଜିପି ଯାଗେଶ ବାହାଦୁର ଖୁରାନିଆ ମାଲକାନଗିରିରେ ପହଞ୍ଚି ସ୍ଥିତି ଉପରେ ସମୀକ୍ଷା କରୁଥିବା ଜଣାପଡ଼ିଛି।

## ଇଣ୍ଡିଗୋ...

ଆଗତ ଏକ ମାମଲାର ତୁରନ୍ତ ଶୁଣାଣି ପାଇଁ ସୁପ୍ରିମ୍ କୋର୍ଟ ମନା କରିଦେଇଛନ୍ତି। କୋର୍ଟ କହିଛନ୍ତି ଯେ ଆମେ ଏୟାର ଲାଇନ୍ ଚଳାଇ ପାରିବୁ ନାହିଁ।

ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଇଜାଲସରେ ଏକ ଜନସ୍ୱାର୍ଥ ସମ୍ବଳିତ ମାମଲା ଆଗତ କରାଯାଇଥିଲା। ଏଥିରେ ସୁପ୍ରିମ୍‌କୋର୍ଟର ତୁରନ୍ତ ହସ୍ତକ୍ଷେପ ଲୋଡାଯାଇଥିଲା। ମାତ୍ର ସୁପ୍ରିମ୍‌କୋର୍ଟ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିବା ସହ ସରକାର ବର୍ତ୍ତମାନ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି ବୋଲି କହିଛନ୍ତି। ଯଦି ପରିସ୍ଥିତି ସେହିପରି ରହିଥାନ୍ତା ତେବେ ଭିନ୍ନ କଥା। ଲକ୍ଷ ଲକ୍ଷ ଲୋକ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି କିନ୍ତୁ ମାମଲାକୁ ସରକାର ପରିଚାଳନା କରୁଛନ୍ତି। ସରକାର ସଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ଅପରପକ୍ଷରେ ଦିଲ୍ଲୀ ହାଇକୋର୍ଟ ଏ ସଂକ୍ରାନ୍ତରେ ଆଗତ ଏକ ପିଆଇଏଲ୍‌ର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ଇଣ୍ଡିଗୋ ଏୟାର ଲାଇନ୍ସ ନିୟମର ଉଲ୍ଲଂଘନ କରୁଛି। ବ୍ୟାପକ ଭାବେ ଟିକେଟ ବାତିଲ ହେଉଛି। ଯାତ୍ରୀମାନଙ୍କ ଅଧିକାର କ୍ଷୁର୍ଣ୍ଣ ହେଉଛି। ୬ ତାରିଖରେ ଆବେଦନକାରୀଙ୍କ ଓକିଲ ମୁଖ୍ୟ ବିଚାରପତି ସୂର୍ଯ୍ୟକାନ୍ତଙ୍କ ବାସଭବନକୁ ଯାଇ ଏହି ମାମଲାର ତୁରନ୍ତ ଶୁଣାଣି ପାଇଁ ଅନୁରୋଧ କରିଥିଲେ। ଆଇନଜୀବୀ ନରେନ୍ଦ୍ର ମିଶ୍ର କହିଛନ୍ତି ଯେ ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଆମର ଆବେଦନକୁ ସମୀକ୍ଷା କରିଛନ୍ତି। ତାଙ୍କ କର୍ମଚାରୀଙ୍କୁ ଏହି ମାମଲାର ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଜି...

ମାତ୍ର ୧୨,୦୦୦ ଟିକେଟ୍ ବିକ୍ରି କରାଯାଉଛି। ଏହାକୁ ନେଇ ଚାପା ଅସନ୍ତୋଷ ପ୍ରକାଶ ପାଇଥିଲା। ତଥାପି ଅନ୍ତର୍ଜାତୀୟ ମ୍ୟାଚକୁ ନେଇ କ୍ରିକେଟପ୍ରେମୀ ଉଲ୍ଲସିତ ଅଛନ୍ତି। ଉଭୟ ଦଳର ଖେଳାଳି ଆଗପଛ ହୋଇ ଅଭ୍ୟାସ କରିଥିଲେ। ଅଭ୍ୟାସ ସେସନରେ ଦେଖିବା ପାଇଁ ସାଧାରଣ ଦର୍ଶକ ଲାଗି ୭,୬,୩ ଏବଂ ୧ ନମ୍ବର ଗ୍ୟାଲେରୀ ଖୋଲାଯାଇଥିଲା। ସଞ୍ଜ ନଇଁବା ସହ ଦର୍ଶକଙ୍କ ସଂଖ୍ୟା ଧିରେ ଧିରେ ବଢ଼ିଥିଲା। ପାଖା ପାଖି ୧୫,୦୦୦ ଦର୍ଶକ ଭାରତ ଓ ଦ.ଆଫ୍ରିକା ଦଳର ଅଭ୍ୟାସ ସେସନ ଦେଖିଛନ୍ତି। ଷ୍ଟାଡିୟମ ତଥା ଖେଳାଳି ସୁରକ୍ଷା ବ୍ୟବସ୍ଥାରେ ୭୦ ପ୍ଲାଟୁନ ମୁତୟନ ହୋଇଛନ୍ତି। ଷ୍ଟାଡିୟମର ଚତୁଦିଗକୁ ସିସି ଟିଭି ଜଗିଛି।

# ମେସର୍ସ ବୈତରଣୀ ଆଇରନ ଓର ଖଣି ଜନଶୁଣାଣି

କେନ୍ଦୁଝର,(ଜିପ୍ର):କେନ୍ଦୁଝର ଜିଲ୍ଲା, ବଡ଼ବିଲ ତହସିଲ ଅନ୍ତର୍ଗତ ଇଙ୍ଗାଣୀ ଝରଣ ଡଡୁଆଁ ଗ୍ରାମରେ ଥିବା ମେସର୍ସ ବୈତରଣୀ ଆଇରନ ଓର ଖଣିଜନଶୁଣାଣି ସଫଳ ହୋଇଛି। ବୈତରଣୀ ସଂରକ୍ଷିତ ଜଙ୍ଗଲରେ ୬୫.୩୯୭ ହେକ୍ଟର ଅଞ୍ଚଳରେ ବୈତରଣୀ ଲୁହା ଖଣି ଲିଜ ଅଞ୍ଚଳରେ ଲୁହା ଖଣିର ଉତ୍ପାଦନ କ୍ଷମତା ୦.୫୭୧୬ ଏମଟିପିଏରୁ ୪.୯୯ ଏମଟିପିଏକୁ ସମ୍ପ୍ରସାରଣ କରିବା ନିମନ୍ତେ ରାଜ୍ୟ ପରିବେଶ ପ୍ରଭାବ ମୂଲ୍ୟାଙ୍କନ କର୍ତ୍ତୃପକ୍ଷ ଓଡ଼ିଶା ଦାରା ପରିବେଶୀୟ ମଞ୍ଜୁରୀ ନିମନ୍ତେ ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି। ତେବେ ସର୍ବସମ୍ମତିକ୍ରମେ ଖଣି ସପକ୍ଷରେ ଯାଇଥିଲା ଏହି ପରିବେଶୀୟ ଜନଶୁଣାଣି। ପରିବେଶୀୟ ମଞ୍ଜୁରୀ ଅନୁମୋଦନ ନିମନ୍ତେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡିଶା ଏବଂ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ବଡବିଲ ତହସିଲ ଡଡୁଆଁ ମୌଜାରେ ରାଦ୍ଧୀର ଏହି ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ରାଜ ପ୍ରଧାନଙ୍କ ଅଧକ୍ଷତାରେ ନିୟନ୍ତ୍ରଣ ବୋର୍ଡର କେନ୍ଦୁଝର ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ଶୁଣାଣିକୁ ପରିଚାଳନା ପ୍ରଶାସ କରିଥଲେ। ଏହି ଜନଶୁଣାଣିରେ ଶାସନିକ ପଦାକାରୀ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ବଡବିଲ ତହସିଲଦାର ରାକେଶ ପଣ୍ଡା ଓ ପୋଲିସ ଅଧିକାରୀ ଉପସ୍ଥିତ ରହିଥିଲେ। ପ୍ରଥମେ ଖଣି କମ୍ପାନୀ ପ୍ରତିନିଧ ପ୍ରଣବ ପ୍ରଣବ କୁମାର ମହାନ୍ତିଙ୍କ ପକ୍ଷରୁ ବୈତରଣୀ ଆଇରନ ଓର ଖଣି ସମ୍ବନ୍ଧ ସମ୍ବନ୍ଧରେ ସାର କରାଯାଇଥିଲ ପାଇଥିଲା। ଏହାପରେ ଲୌହ ସାରାଂଶ ଉପସ୍ଥାପନ ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ଗ୍ରାମବାସୀ ଜନ ତନ ଶୁଣାଣିରେ ନିଜର ମତାମତ ବ୍ୟକ୍ତ କରିଥିଲେ। ଯାହାକୁ ଲିପିବଦ୍ଧ କରାଯିକରାଯିବା ସହ ଭିଡିଓ ରେକର୍ଡିଂ କରାଯାଇଥିଲା। । ଖଣି ଦ୍ୱାରା ପ୍ରଭାବିତ ହେବାକୁ ଥିବା ବିରିକଳା, କଣ୍ଡରା, ଅସେଇକ ଚମକପୁର, ଦେଓଝର ପଞ୍ଚାୟତର ଶତାଧିକ ପୁରୁଷ ଓ ମହିଳା ଉପସ୍ଥିତ ରହିଥିଲେ। ପାରିପାର୍ଶିକ ଉନ୍ନତି, ପାନୀୟ ଜଳ, ଗମନାଗମନ, ନିଯୁକ୍ତି ପୁକ୍ତି ଶିକ୍ଷା ଓ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଖଣି କମ୍ପାନୀ ପନିବାନ ହେବାକୁ ଆଖପାଖ ସ୍ଥାନୀୟ ଗ୍ରାମବାସୀ ମତ ଉପସ୍ଥାପନ କରିଥିଲେ। ଖଣି ଜନଶୁଣାଣିକୁ ୩୧ ଜଣ ସମ୍ପୂର୍ଣ୍ଣ ସପକ୍ଷରେ ମତ ପ୍ରଦାନ କରିଥିବା ବେଳେ ୨୦ ରୁ ଉର୍ଦ୍ଧ୍ୱ ଜଣ ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ତେବେ ଲୋକଙ୍କ ଦାବିକୁ ସମ୍ମାନ ଜଣାଇ ସେସବୁକୁ ଯଥା ସମ୍ଭବ ପୂରଣ କରିବା ପାଇଁ ଖଣି କମ୍ପାନୀ ପ୍ରତିନିଧିଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା।

# ବିଷ୍ଣୁପୁର ସରପଞ୍ଚଙ୍କୁ ବିଜେପିର ସମ୍ବର୍ଦ୍ଧନା

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ବ୍ଲକର ବିଷ୍ଣୁପୁର ସରପଞ୍ଚ ଅମୂଲ୍ୟ କୁମାର ନାୟକ ବିଜେପିରେ ଯୋଗଦାନ କରିଥିବାରୁ ତାଙ୍କୁ ସଂପୃକ୍ତ ପଞ୍ଚାୟତ ବିଜେପି ସଙ୍ଗଠନ ପକ୍ଷରୁ ଦଳୀୟ ସମ୍ବର୍ଦ୍ଧନା ରବିବାର ପ୍ରଦାନ କରାଯାଇଛି। ଦଳର ପଞ୍ଚାୟତ ସଭାପତି ରାମଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ କାର୍ଯ୍ୟାଳୟ ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଦଳର ବରିଷ୍ଠ ନେତା ପୂର୍ଣ୍ଣଚନ୍ଦ୍ର ଖିଲାର, ବିଦ୍ୟାଧର ସେଠୀ, ରବିନ୍ଦ୍ର ପଣ୍ଡା, ସୁରେଶ ସାମଲ, ପ୍ରଫୁଲ୍ଲ ବରାଳ, ଜୟକୃଷ୍ଣ ନାୟକ, ସୁବାସ ଭୋଇ, ରାଜେନ୍ଦ୍ର ଲେଙ୍କା, ଅତୂଲ୍ୟ ସାମଲ ପ୍ରମୁଖ ସରପଞ୍ଚ ଶ୍ରୀ ନାୟକଙ୍କୁ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ଅର୍ପଣ କରି ସମ୍ବର୍ଦ୍ଧିତ କରିଥିଲେ।

# ରାଇକମା ଆଶ୍ରମ ବିଦ୍ୟାଳୟରେ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ଅଧୀନ ରାଇକମା ଆଶ୍ରମ ବିଦ୍ୟାଳୟ ପରିସରରେ ରାଣୀ ଲକ୍ଷ୍ମୀବାଈ ଆତ୍ମରକ୍ଷା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ପ୍ରଧାନଶିକ୍ଷକ ରଜତ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ରଘୁନାଥ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅତୁଲ କୁମାର ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଖଡିକାପଦା ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ମାନସ କୁମାର ପରିଡା, ଅଁଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷିକା ଭାର୍ଗବୀ ମହାନ୍ତ ଏବଂ ପ୍ରଶିକ୍ଷିକା ଭାବେ ଦିପାଞ୍ଜଳି ଦାସ ଯୋଗଦାନ କରି ଉପସ୍ଥିତ ଛାତ୍ରୀମାନଙ୍କୁ ଆତ୍ମ ରକ୍ଷା କୌଶଳର ଆବଶ୍ୟକତା ସମ୍ପର୍କରେ ଜଣାଇଥିଲେ।

**AFFIDAVIT**

I JAHANGIR SAHA S/O MALIK SAHA AT-CHANARPUR, PO/PS-BALIKUDA, JAGATSINGHPUR-754107, ODISHA DECLARE BY THIS AFFIDAVIT NO- 46098, DATE- 06.12.2025, THAT NOW ONWORDS, I SHALL BE KNOWN AS **JAHANGIR SHA** FOR ALL PURPOSES.

**AFFIDAVIT**

I MALIK SAHA/ MALLIK SAHA S/O AKRAM SHA AT-CHANARPUR, PO/PS-BALIKUDA, JAGATSINGHPUR-754107, ODISHA DECLARE BY THIS AFFIDAVIT NO- 46099, DATE- 06.12.2025, THAT NOW ONWORDS, I SHALL BE KNOWN AS **MALIK SHA** FOR ALL PURPOSES.

**OFFICE OF THE DIVISIONAL FOREST OFFICER : ATHMALLIK (KL) DIVISION**

AT- Haridanali, PO/PS-Athmallik, Dist.-Angul, Pin-759125
Email - dfo.k1.alk@gmail.com. Mob No.8280342716
Order No. 169 / Date. 06.12.2025

MM-346

**NOTICE INVITING TENDER**

**Bid Identification No. DFO (KL) ALK-01 (online) 2025-26**

1. The Divisional Forest Officer, Athmallik (KL) Division, Odisha on behalf of Governor of Odisha, invites percentage rate in Single cover system in ONLINE MODE only, for the work Construction of Forest Guard Quarter of Athmallik KL Range under Athmallik (KL) Division for the year 2025-26.
2. Nature of Work : Building Works
3. Class of Contractor : 'C or D' Class
4. Estimated Cost : 13,00,000/-
5. Completion Period : 3 Calendar Months
6. Availability of Bid Documents : 09.12.2025 (11.00 AM) to 21.12.2025 (05.00 PM)
7. Last Date for Receipt of Bids : 21.12.2025 up to 05.00 PM
8. Opening of Bids : 22.12.2025 at 11:30 AM

Further details can be seen from the e-Procurement portal www.tendersodisha.gov.in. The Addendum/ Corrigendum/Cancellation of tender, if any, will be hosted on the website only.

Sd/- Divisional Forest Officer
Athmallik (KL) Division

OIPR : 08155/11/0002/2526

**CERTIFICATE COURSE 'SAMARTH' CBSAE DEVELOPMENT PROJECT, OUAT, BHUBANESWAR**

OMBADC

**ADMISSION NOTICE**

CAD-2636 No.: 506/CBSAE, Dt: 08.12.2025

Odisha University of Agriculture & Technology (OUAT) is offering Certificate Course 'SAMARTH' (Six months) on skill based courses on Agriculture & allied sectors under CBSAE Development project funded by OMBADC, Govt. of Odisha, for the rural youths of seven (07) mineral bearing districts viz. Dhenkanal, Deogarh, Jajpur, Mayurbhanj, Sundargarh, Keonjhar and Jharsuguda.

Rural youths native to above seven districts; within the age group of 15 to 45 years as on date of the advertisement and having passed High School Certificate Examination (10th)/ Equivalent Examination may apply for this Certificate Course.

The details of the application form, procedure for submission of application and guidelines are available on OUAT website www.ouat.ac.in. The last date of submission of application is Dt. 26/12/2025

Sd/- DEE-cum-PI, CBSAE Development Project
OUAT, Bhubaneswar

OIPR : 01543/11/0004/2526 Email Id : cbsaecourse@gmail.com

**OFFICE OF THE NOTIFIED AREA COUNCIL : KESINGA**

C-1725 No. 3259 /NAC(K) Dated

**1st corrigendum Notice to Tender Call Notice No. 3147 dated 28.11.2025**

Bid shall be received through registered post and speed post upto 5.00 P.M. on dtd 16.12.2025 and the same will be opened on 17.12.2025 at 11.00 A.M. instead of 15.12.2025.

All other terms and conditions will remain unaltered.

Sd/- Executive Officer
N.A.C., Kesinga

OIPR : 13109/11/0045/2526

**କଟକ ଉନ୍ନୟନ କର୍ତ୍ତୃପକ୍ଷ**

CDA

ଅରୁଣୋଦୟ ଭବନ, ଲିଙ୍କ୍ ରୋଡ୍, କଟକ-୧୨

CAD- 2615

**ସୂଚନା**

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ଅଭିନବ ବିଡାନାସୀ, କଟକ (ମର୍କତ ନଗର) ସେକ୍ଟର-୧୩ରେ ପ୍ଲଟ ନଂ-13-2F/564ଟିକୁ ଶ୍ରୀମତୀ ସ୍ୱର୍ଣ୍ଣଲତା ଦାଶ, ସ୍ୱାମୀ- ଶ୍ୟାମ ସୁନ୍ଦର ଦାଶ, ସା-କୁଳସାହି, ଅରଗା, ପୋ- ପୁରଣ ଓଡ ପଡା, ଥା-ରଘୁନାଥପୁର, ଜିଲ୍ଲା- ଜଗତସିଂହପୁରଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରାହୀ ଶ୍ରୀମତୀ ସ୍ୱର୍ଣ୍ଣଲତା ଦାଶ ଉକ୍ତ ପ୍ଲଟଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀ ଚିର ରଞ୍ଜନ ମଲ୍ଲିକ୍, ପିତା-ଚୈତନ୍ୟ ମଲ୍ଲିକ, ସା-ତୁଳସୀପୁର, ପୋ- ଗଡା ପୋଖରୀ, ଥା- ବଡମ୍ବା, ଜିଲ୍ଲା-କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ କଟକ ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଉକ୍ତ ପ୍ଲଟ ର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି କିମ୍ବା ଆପତ୍ତି ଥାଏ ତାହା ହେଲେ ଏହି ନୋଟିସ୍ ପ୍ରକାଶନରପନ୍ଦର (15) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ପ୍ଲଟର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯିବ।

ସ୍ୱା/- ଭାରପ୍ରାପ୍ତ ଅଧିକାରୀ (ଇଷ୍ଟେଟ)

OIPR : 13037/11/0409/2526

**ENHANCING CLIMATE RESILIENCE OF INDIA'S COASTAL COMMUNITIES (ECRICC)**

MM-

Mangrove Forest Division (Wildlife) Rajnagar,
Dist- Kendrapara, Odisha, India-754225
ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟ, ଲୁଣାଜଙ୍ଗଲ ବନଖଣ୍ଡ (ବନ୍ୟପ୍ରାଣୀ) ରାଜନଗର, ଜିଲ୍ଲା- କେନ୍ଦ୍ରାପଡା
Tel: 06729 -242460, Control Room: 06729 -242463, E-mail: dforajnagar1990@gmail.com

**EXPRESSION OF INTEREST FOR ENGAGEMENT OF ONE FACILITATING NGO(FNGO) AT ( MAHANADI MOUTH LANDSCAPE-MAHAKALAPADA BLOCK, KENDRAPARA DISTRICT ) UNDER ENHANCING CLIMATE RESILIENCE OF INDIA'S COASTAL COMMUNITIES (ECRICC) PROJECT**

Expression of interest in prescribed format are invited from the interested organization for engagement as Facilitating NGO for the above said project. The FNGO will be based in the Mahanadi Mouth Landscape- Mahakalapada Block, Kendrapara District. The initial period of engagement will be 1 (one) year with renewable in nature upon satisfactory performance.The detail ToRs, eligibility criteria, Application Form etc. are available at www.kendrapara.odisha.gov.in & www.ecricc.org from 08.12.2025 to till 29.12.2025 (5.30 PM).

The signed copy of the Expression of Interest in specified format with supportings are to reach the O/o Divisional Forest Officer, Mangrove Forest Division (Wildlife), Rajnagar, Kendrapara latest by 5.30 PM of 29.12.2025 through Speed Post only. No other mode of communication will be entertained. The incomplete or applications received after due date and time will summarily be rejected and not to be considered for further processing.

The undersigned reserves the right to accept or reject any or all applications or to postpone the selection process without assigning any reason thereof.

Sd/- Divisional Forest Officer
MFD(WL), Rajnagar-cum-Nodal Officer
ECRICC Project, Kendrapara

OIPR : 08053/11/0042/2526

**GOVERNMENT OF ODISHA : OFFICE OF THE DEPUTY DIRECTOR, GEOLOGY, GROUND WATER DEVELOPMENT DIVISION, BOLANGIR**

Jyotinagar, Laltikra, P.O: Rajendra College, Dist.- Bolangir, PIN -767002
Letter No - 992 Date : 04.12.2025 e-mail : srgeologistbolangir@gmail.com

A-1067

**NATIONAL COMPETITIVE BIDDING THROUGH e-Procurement**
**Identification N0.03/GWDBLGR/ CHHATA/ARUA 2025-26 of 2025-26 Dt. 08-12-25**

**e-Procurement Notice**

01. Name of the Work : 05 nos. Work.
02. Type of Bid. : Single System
03. Estimated Cost : Rs. 07.77 Lakh to 18.21 Lakhs
04. Period of Completion : 01 Calendar Month
05. Date & Time of availability of bid document in the portal : From 11.00 AM of dt.08.12.2025 to 5.00 PM of 18.12.2025
06. Last date / time of receipt of bids in the portal : 5.00 PM of 18.12.2025.
07. Date & Time of opening of technical bids : At 11.30 AM of 19.12.2025.
08. Name and Address of the Officer Inviting Bid : Deputy Director, Geology, Ground Water Development Division, Jyotinagar, Laltikra, P.O.- Rajendra College 767002, Bolangir Dist- Bolangir

Further details can be seen from the web site www.tendersodisha.gov.in

Sd/- Deputy Director, Geology,
G.W.D. Division, Bolangir

OIPR : 32471/11/0009/2526

**OFFICE OF THE MUNICIPAL COUNCIL, TITILAGARH**
(Deptt of Housing & Urban Development, Govt, of Odisha)
At/Po. Ps. Titilagarh, Dist-Balangir-767033, e-mail:titilagarhmunicipality@gmail.com,

Letter No. 3600 Date. 6/12//2025

C-1716

**QUOTATION CALL NOTICE**

Sealed Quotations are invited from the intending supplier/ Dealers for supply, fitting and fixing of CC Camera inside the Maharaj sagar, Titilagarh Municipality with following materials as detailed below in the prescribed Proforma. The Quotation should reach to the undersigned by 18.12.2025 UPTO 12.00 Noon, and the same will be opened on the same day at 12.30 P.M. The quotationers or his authorized representative may attend at the time of opening if any. The Photo Copy of GST number, PAN Card and Company Price List including any Discount, Dealer certificate thereof along with the quotation should be attached with the quotation. The applicant should attach Rs 4000.00 in Demand Draft in favor of Executive Officer, Titilagarh Municipality or in cash receipt of Titilagarh Municipality as (non refundable )paper cost.. The same will be attached with the quotation, otherwise the same will be rejected.

| Sl. No. | Description | Unit | Quantity | Rate / Unit | Amount |
|---|---|---|---|---|---|
| 01 | HD Bullet Camera (4MP 60 mtr) (1/2.7" 4 MP PS CMOS image censor (0.9407) centi metre max.4 MP (2688 x 1520) @-25/30 fps /(2560 x 1440)@1 -25/30sfps) insta stream, H265,H264,H264b,MJPEG IR range of 60 mtr, warm light range 60 mtr ,2.7 mm" 13.5 mm motorized lence | Nos. | 1 | | |
| 02 | 32 channels 4k NVR (Up to 32 channel IP Camera Input AI Disabled: 2-channel 16mp @30fps, AI enabled: 1 -channel 16mp @30fps H.265, H.264, MJPEG AI disabled, 254mbps incoming, AI enebled; 160 mbps incoming support sata up to 16tb each, 3usb 1 hdmi, 1 vga simultaneous video output) | Nos. | 1 | | |
| 03 | SEAGATE 8TB SURBILIANCE HARDDISK (surveillance 24x7 read speed 9w write speed 9w rotational 7200 rpm cache 256mb) | Nos. | 1 | | |
| 04 | SECUREYE MEDIA CONVERTER (1-port gigabit Ethernet, 10/100/1000mbps) | Nos. | 1 | | |
| 05 | 4PORT POE SWITCH FULL GIGA (4*10/100/1000 base - T Ethernet) | Nos. | 1 | | |
| 04 | 22 INCH LED MONITER of (SI mark ( Dell / HP / Asus) (HD monitor 1 hdmi 1 vga 60Hz/1620/1050) | Nos. | 1 | | |
| 05 | CCTV POLL STAND | Nos. | 1 | | |
| 06 | SECUREYE 4G ROUTER (3G/4G standard -fdd-lte,tdd-lte,wcdma) | Nos. | 1 | | |
| 07 | FIBER CABLE | Mtr. | 70 | | |
| 08 | OUTDOR POE BOX (WATER PROOF) | Nos. | 1 | | |
| 09 | CAT6 LAN CABLE (Cp plus / frontec / D link) | Mtr. | 70 | | |
| 10 | RJ45 CONNECTOR (Cp plus / frontec / D link) | Nos. | 1 | | |
| 11 | NVR RACK 4U | Nos. | 01 | | |
| 12 | DIGISOL POE INJECTOR | Nos. | 01 | | |
| 13 | ELECTRIC BOARD (3 SOCKET) | Nos. | 01 | | |
| 14 | ELECTRIC WIRED 2.5mm sqmm | Nos. | 20 mtr. | | |

The undersigned reserves the right to accept or reject any or all the Quotations without assigning reason thereof.

OIPR : 13095/11/0037/2526 Sd/- Executive Officer, Titilagarh Municipality

C-1678

**Office of The General Manager Drainage, WATCO, Cuttack**

At-Mahanadivihar, PO-Nayabazar, Cuttack-753004
email: Pedrainagectc@gmail.com

**NATIONAL COMPETITIVE BIDDING THROUGH e-PROCUREMENT**

**Invitation for Bids (IFB) No: GM-WATCO-Drainage-02/2025-26 dtd: 02.12.2025**

The General Manager, Drainage, WATCO, Cuttack on behalf of Governor of Odisha invites percentage rate bid in single cover system in online mode from eligible contractors for the works mentioned below :

1. No. of Works : 1 No Works
2. Nature of work : Construction of Building
3. Class of Contractor : 'C' & 'D'
4. Paper Cost : Rs 4000.00 + GST @18%
5. Date & Time of Availability of Bid Document in the Portal : 11:00 hours of dt. 11.12.2025 to 17:00 hours of dt. 22.12.2025.
6. Date and time of opening of Bid : Dt. 23.12.2025 at 11:00 hours
7. Name and address of the Officer Inviting Bid : The General Manager, Drainage, WATCO, Cuttack, Odisha. At: Mahanadi Vihar, PO: Nayabazar, Cuttack - 753004, email: pedrainagectc@gmail.com

Further details can be seen from the website www.tendersodisha.gov.in

All amendments, time extension, clarifications etc. will be uploaded in the website only. Bidders should regularly visit the above website to keep themselves updated.

General Manager
Drainage, WATCO, Cuttack

OIPR : 13170/11/0047/2526

**ଜିଲ୍ଲା ପ୍ରତିନିଧିଙ୍କ ନାମ ଓ ଟେଲିଫୋନ୍‌ନମ୍ବର**

ଅନୁଗୁଳ -ଦ୍ୱାରିକା ପ୍ରସାଦ ନନ୍ଦ-୯୪୩୭୭୩୧୦୪୦, ବଲାଙ୍ଗିର-ସତ୍ୟ ସୁନ୍ଦର ଭଞ୍ଜ-୯୪୩୭୧୫୦୬୩୨, ବାଲେଶ୍ୱର-ରଞ୍ଜନ ବାଗ୍-୯୪୩୭୨୬୪୩୩୬, ବରଗଡ଼-ରବିନାରାୟଣ ପଣ୍ଡା-୯୪୩୭୧୫୮୩୯୮, କଟକ-ପ୍ରଫୁଲ୍ଲ ମହାନ୍ତି-୯୪୩୯୦୬୨୯୭୮, ଦେବଗଡ଼-ପ୍ରଣବ କିଶୋର ଗୁରୁ-୯୪୩୭୨୦୯୫୯୪, ଗଜପତି-ଗରୁଡ଼ଧ୍ୱଜ ଚୌଧୁରୀ-୯୪୩୭୧୩୫୩୦୭, ଗଞ୍ଜାମ- ଉଦୟନାଥ ପାଣିଗ୍ରାହୀ-୯୮୬୧୦୩୭୧୦୪, ଜଗତ୍‌ସିଂହପୁର-ସୁବ୍ରତ କୁମାର ନାୟକ-୯୯୩୭୬୨୦୦୯୮, ଯାଜପୁର-ହାରାଧନ ବାନାର୍ଜୀ-୯୪୩୯୨୫୪୧୫୮, ଝାରସୁଗୁଡ଼ା-ଜୀବନ ମହାନ୍ତି-୯୪୩୭୦୫୭୩୮୮, କଳାହାଣ୍ଡି-ଶାନ୍ତନୁ ବେହେରା-୯୪୩୭୧୫୪୩୮୩, କେନ୍ଦ୍ରାପଡ଼ା-ରବୀନ୍ଦ୍ର କୁମାର ଦାସ-୯୪୩୭୧୮୩୩୭୪, ଖୋର୍ଦ୍ଧା-ଲଳିତ ମୋହନ ମହାପାତ୍ର-୯୮୫୩୦୭୧୩୧୩, କୋରାପୁଟ-କେ.ଶ୍ରୀନିବାସ ରାଓ-୯୪୩୯୫୬୬୭୨୨, ମାଲକାନଗିରି-କେଶବ ନାଏକ-୯୪୩୭୭୭୯୪୪୭, ମୟୂରଭଞ୍ଜ-ସୌମ୍ୟରଞ୍ଜନ ପଟ୍ଟନାୟକ-୯୪୩୯୮୮୯୧୨୯, ନବରଙ୍ଗପୁର-କେ. ସାକିଲ ଦୋରା-୯୪୩୮୩୧୪୦୪୩, ନୟାଗଡ଼-ନିଶିକାନ୍ତ ରଥ-୯୪୩୭୨୮୭୧୯୯, ନୂଆପଡ଼ା-ସୁରେନ୍ଦ୍ର ତିଓ୍ୱାରୀ-୯୯୩୭୩୨୪୦୫୫, ଫୁଲବାଣୀ-ସନ୍ତୋଷ ମିଶ୍ର-୯୪୩୯୩୫୭୬୮୦, ସୁନ୍ଦରଗଡ଼-ଦେବବ୍ରତ ପଟ୍ଟନାୟକ-୯୪୩୭୦୮୨୭୭୭, ରାୟଗଡ଼ା- ରବୀନ୍ଦ୍ର ପାଟଖଣ୍ଡାଳ- ୯୪୩୭୭୯୦୯୪୯, ପୁରୀ - ବିଶ୍ୱଜିତ୍ ପଟ୍ଟନାୟକ- ୯୪୩୭୨୮୦୭୪୪, ବୌଦ୍ଧ-ରଘୁନାଥ ଷଡଙ୍ଗୀ-୯୪୩୭୨୯୮୯୭୪, ଭଦ୍ରକ-ପ୍ରିୟଦର୍ଶନ ବୋଇତି-୯୪୩୭୨୬୫୫୦୧, ଢ଼େଙ୍କାନାଳ-ସନ୍ତୋଷ ଶତପଥୀ-୮୮୯୫୬୫୧୨୨୮।

# ଯୁବ ସାମ୍ବାଦିକ ରମାକାନ୍ତ ମହାନନ୍ଦଙ୍କ ପରଲୋକ

ସମ୍ବଲପୁର/ରେଢାଖୋଲ, (ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଢାଖୋଲର ଯୁବ ସାମ୍ବାଦିକ ତଥା ସଙ୍ଗଠକ ରମାକାନ୍ତ ମହାନନ୍ଦ(୪୬)ଙ୍କ ସୋମବାର ଅକାଳ ବିୟୋଗ ଘଟିଛି। ସେ ନାକଟିଦେଉଳ ବ୍ଲକକୁ ଖବର ସଂଗ୍ରହ କରିବାକୁ ନିଜ ବାଇକ୍ ଯୋଗେ ଯାଉଥିବା ବେଳେ ଜାତୀୟ ରାଜପଥର ଚମ୍ପାଳି ନାଳର ପୋଲରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ପ୍ରଥମେ ନାକଟିଦେଉଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ରେଢାଖୋଲ ଉପଖଣ୍ଡ ସରକାରୀ ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ବୁର୍ଲା ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ବୁର୍ଲା ଭିମସାରରୁ ମରଶରୀର ରେଢାଖୋଲ ନେବା ବାଟରେ ତାଙ୍କୁ ସ୍ଥାନୀୟ ସାମ୍ବାଦିକ ଓ ବିଭିନ୍ନ ବର୍ଗର ନାଗରିକ ମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।



ସାମ୍ବାଦିକ ମହାନନ୍ଦ ତାଙ୍କ ପତ୍ନୀ, ୨ ପୁତ୍ରକୁ ଛାଡି ଯାଇଛନ୍ତି। ଏହି ଦୁଃଖଦ ଖବର ପାଇବା ପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକବାର୍ତ୍ତାରେ କହିଛନ୍ତି ଯେ, ସ୍ୱର୍ଗତ ମହାନନ୍ଦ ଜଣେ ଦକ୍ଷ, ସାହାସୀ ଏବଂ ନିଷ୍ଠାପର ସାମ୍ବାଦିକ ଥିଲେ। ସାମ୍ବାଦିକତା କ୍ଷେତ୍ରରେ ତାଙ୍କ ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଗଭୀର ଶୋକ ପ୍ରକାଶ କରି ଶୋକସନ୍ତପ୍ତ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେହିପରି ପୂର୍ବତନ ମନ୍ତ୍ରୀ ଇଂ. ରୋହିତ ପୂଜାରୀ ବୁର୍ଲା ବଡ ମେଡିକାଲରେ ପହଞ୍ଚି ସ୍ୱର୍ଗତ ମହାନନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଘଟଣାରେ ସେ ମର୍ମାହତ ଓ ଦୁଃଖିତ ବୋଲି କହି ଶୋକ ସନ୍ତପ ପରିବାରକୁ ସମବେଦନା ଜଣାଇଛନ୍ତି। ରେଢାଖୋଲ ଏନ୍ଏସି ଅଧ୍ୟକ୍ଷ ଶିବରାମ ସାହୁ ପ୍ରମୁଖ ସ୍ୱର୍ଗତ ମହାନନ୍ଦଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହା ସହିତ ଦେବେନ୍ଦ୍ର ମହାପାତ୍ର, ଗୋବିନ୍ଦ ଅଗ୍ରୱାଲା, ସୁଦର୍ଶନ ସାହୁ ଓ ପ୍ରଦୀପ ପ୍ରଧାନ ପ୍ରମୁଖ ଘରକୁ ଯାଇ ଶୋକସନ୍ତପ୍ତ ପରିବାରକୁ ସାନ୍ତ୍ୱନା ଦିଆଯାଇଥିଲା।

## ଏଏମ୍ /ଏନ୍ଏସ୍ ଇଣ୍ଡିଆ ପକ୍ଷରୁ

# ଓଡ଼ିଶାର ବିଭିନ୍ନ ସ୍ଥାନରେ ଜାତୀୟ ପ୍ରଦୂଷଣ ନିବାରଣ ଦିବସ

ଭୁବନେଶ୍ୱର, (ସବ୍ୟୁ): ଆର୍ସେଲରମିତ୍ତଲନିପ୍ପନ ଷ୍ଟିଲ ଇଣ୍ଡିଆ (ଏଏମ୍ /ଏନ୍ଏସ୍ ଇଣ୍ଡିଆ) ଏହାର ପାରାଦ୍ୱୀପ ଏବଂ ଡାବୁନା ପ୍ଲାଣ୍ଟରେ ସଚେତନତା ଅଧିବେଶନ ଏବଂ ବୃକ୍ଷରୋପଣ କାର୍ଯ୍ୟକ୍ରମ ସହିତ ଜାତୀୟ ପ୍ରଦୂଷଣ ନିବାରଣ ଦିବସ ପାଳନ କରିଛି, ଯାହା ସ୍ଥାୟୀତ୍ୱ ଏବଂ ପରିବେଶ ସୁରକ୍ଷା ପ୍ରତି ଏହାର ପ୍ରତିବଦ୍ଧତାକୁ ପୁନଃପ୍ରତିପାଦିତ କରୁଛି। ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟରେ ଆୟୋଜିତ କାର୍ଯ୍ୟକ୍ରମରେ ପାରାଦ୍ୱୀପ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ଏସପିସିବି)ର ଆଞ୍ଚଳିକ ଅଧିକାରୀ ପୁଷ୍କର ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବାବେଳେ ପାରାଦ୍ୱୀପ ଏସପିସିବିର ପରିବେଶ ଇଞ୍ଜିନିୟର ଦିବ୍ୟଲୋଚନ ମହାପାତ୍ର ଏବଂ ଏଏମ୍ /ଏନ୍ଏସ୍ ଇଣ୍ଡିଆର ଅଧିକାରୀମାନଙ୍କ ସମେତ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ, ସ୍ଲରି ପାଇପ ଲାଇନ ଓ ଏଏମ୍ / ଏନ୍ଏସ୍ ପୋର୍ଟ୍ସର ମୁଖ୍ୟ ସି.ଏଚ. ହରିପ୍ରସାଦ, ପାରାଦ୍ୱୀପ କ୍ୟାପଟିଭ୍ ପାୱାର ପ୍ଲାଣ୍ଟର ମୁଖ୍ୟ ରାଜଶ୍ରୀ



ସିହ୍ନା, ଓଡିଶାପରିବେଶ ବିଭାଗର ମୁଖ୍ୟ ଶୁଭେନ୍ଦୁ କୁମାର ଦାଶ, ପାରାଦ୍ୱୀପପେଲେଟ୍ ପ୍ଲାଣ୍ଟପରିବେଶ ବିଭାଗର ପ୍ରବନ୍ଧକଶ୍ରୀ ଦେବଦତ୍ତ ଦାସ ଉପସ୍ଥିତ ଥିଲେ। ଏହି ଅବସରରେ ୧୦୦ରୁ ଊର୍ଦ୍ଧ କର୍ମଚାରୀ ଏବଂ ଅଂଶୀଦାରମାନେ ମଧ୍ୟ ଯୋଗ ଦେଇଥିଲେ।

ଏହି ଅବସରରେ, ପୁଷ୍କର ଚନ୍ଦ୍ର ବେହେରା, ଭବିଷ୍ୟତ ପିଢ଼ିକୁ ସୁରକ୍ଷା ଦେବା ପାଇଁ ପ୍ରଦୂଷଣ ନିବାରଣର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଦିବ୍ୟଲୋଚନ ମହାପାତ୍ର ଏହି ଦିବସ ପାଳନର ଗୁରୁତ୍ୱ ଉପରେ ନିଜର ମନ୍ତବ୍ୟ ରଖିଥିଲେ। ସି.ଏଚ୍. ହରିପ୍ରସାଦ ଏଏମ୍ /ଏନ୍ଏସ୍ଇଣ୍ଡିଆ ଦ୍ୱାରା ପ୍ରଦୂଷଣ ହ୍ରାସ କରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଉପରେ ଆଲୋକପାତ କରିଥିବାବେଳେ ରାଜଶ୍ରୀ ସିହ୍ନାପାୱାର ପ୍ଲାଣ୍ଟରେ ନିର୍ଗମନ ହ୍ରାସ କରିବା ପାଇଁ ନିଆଯାଇଥିବା ପ୍ରମୁଖ ପଦକ୍ଷେପଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିଲେ। ଶୁଭେନ୍ଦୁ କୁମାର ଦାଶ, ଭୋପାଳ ଗ୍ୟାସ୍ ଟ୍ରାଜେଡିରୁ ମିଳିଥିବା ଶିକ୍ଷା ଉପରେ ଆଲୋଚନା କରିବା ସହିତ ମାନବ ସଭ୍ୟତାକୁ ସୁରକ୍ଷା ଦେବା ପାଇଁ ପ୍ରଦୂଷଣ ହ୍ରାସ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମ ପ୍ଲାଣ୍ଟ ପରିସରରେ ଏକ ବୃକ୍ଷରୋପଣ ଅଭିଯାନ ସହିତ ଶେଷ ହୋଇଥିଲା।

ଡାବୁନା ବେନିଫିସିଏସନ୍ ପ୍ଲାଣ୍ଟରେ ସ୍ଥାୟୀତ୍ୱ ଏବଂ କର୍ମକ୍ଷେତ୍ର ଉତ୍କର୍ଷତା ଉପରେ ଧ୍ୟାନ ଦେଇ ଏକ ସଚେତନତା ଅଧିବେଶନ ମଧ୍ୟ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମ ସମୟରେ, କର୍ମଚାରୀ ଏବଂ ସହଯୋଗୀକର୍ମଚାରୀମାନଙ୍କୁ ବର୍ଜ୍ୟବସ୍ତୁ ସୃଷ୍ଟି ହ୍ରାସ କରିବା, ଜଳ ଏବଂ ବିଦ୍ୟୁତ ସଂରକ୍ଷଣ କରିବା, ବାୟୁ ଏବଂ ଜଳ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ପଦକ୍ଷେପ କାର୍ଯ୍ୟକାରୀ କରିବା ଏବଂ କାର୍ଯ୍ୟ କ୍ଷେତ୍ରରେ ହାଉସକିପିଙ୍ଗରେଉଚ୍ଚ ମାନଦଣ୍ଡ ବଜାୟ ରଖିବାରେ ସେମାନଙ୍କର ପ୍ରଶଂସନୀୟ ପ୍ରୟାସ ପାଇଁ ସମ୍ମାନିତ କରାଯାଇଥିଲା। ଅଧିବେଶନରେ କର୍ମଚାରୀ ଏବଂ ସହଯୋଗୀକର୍ମଚାରୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଦୀର୍ଘକାଳୀନ ପରିବେଶଗତ ଦାୟିତ୍ୱ ସମ୍ପାଦନକୁ ସୁନିଶ୍ଚିତ କରିବା ପାଇଁ ସ୍ଥାୟୀ ଅଭ୍ୟାସ ଗ୍ରହଣ କରିବାର ଆବଶ୍ୟକତା ଉପରେ ମଧ୍ୟ ଗୁରୁତ୍ୱାରୋପ କରାଯାଇଥିଲା।

## ୨୦୩୦ ସୁଦ୍ଧା ଭାରତର ଜୈବ ଅର୍ଥନୀତି ୩୦୦ ବିଲିୟନ୍ ଡଲାରରେ ପହଞ୍ଚିବ : ବିଶେଷଜ୍ଞ

ଭୁବନେଶ୍ୱର, (ସବ୍ୟୁ): ଭାରତର ଜୈବ ଅର୍ଥନୀତି ଯେଉଁଥିରେ କି ଜୈବ ପ୍ରଯୁକ୍ତିବିଦ୍ୟା, ଔଷଧ ଏବଂ କୃଷି ଅନ୍ତର୍ଭୁକ୍ତ ୨୦୩୦ ସୁଦ୍ଧା ବୃଦ୍ଧି ପାଇ ୩୦୦ ବିଲିୟନ୍ ଡଲାରରେ ପହଂଚିବା ଆକଳନ କରାଯାଉଛି ବୋଲି କହିଛନ୍ତି ବାୟୋଟେକ୍ ରିସର୍ଚ୍ଚ ସୋସାଇଟି, ଇଣ୍ଡିଆ (ବିଆରଏସ୍ଆଇ)ର ଅଧ୍ୟକ୍ଷ ପ୍ରଫେସର ସୁଧୀର କୁମାର ସୋପୋରୀ। ସରକାର ଜାତୀୟ ସ୍ତରରେ ବାୟୋ ଫାର୍ମା ମିଶନ ଆରମ୍ଭ କରିଥିବା ବେଳେ ବାୟୋ ଏଆଇ ହବ୍, ବାୟୋ ଏଗ୍ରିକଲ୍‌ଚର ଏବଂ ବାୟୋ ଏନର୍ଜି ଭଳି କାର୍ଯ୍ୟକ୍ରମ ମଧ୍ୟ ହାତକୁ ନେଇଛନ୍ତି ବୋଲି ସୋମବାର ପ୍ରଫେସର ସୋପୋରୀ ସୂଚନା ଦେଇଛନ୍ତି। ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱବିଦ୍ୟାଳୟରେ ଆରମ୍ଭ ହୋଇଥିବା 'ବାୟୋଟେକ୍ନୋଲଜି ଫର୍ ସଷ୍ଟେନେବଲ ଡେଭେଲପ୍‌ମେଂଟ ଆଣ୍ଡ ସର୍କୁଲାର ଇକୋନମୀ' ଶୀର୍ଷକ ୩-ଦିନିଆ ଆନ୍ତର୍ଜାତିକ ସମ୍ମିଳନୀରେ ବକ୍ତବ୍ୟ ଦେବା ଅବସରରେ ପ୍ରଫେସର ସୋପୋରୀ ଏହା କହିଛନ୍ତି। ଜାତୀୟ ବାୟୋଫାର୍ମା ମିଶନ୍ ଏକ ଶିଳ୍ପ-ଶିକ୍ଷା ଭିତିକ ସହଭାଗିତା ମିଶନ ହୋଇଥିବା ବେଳେ ଦେଶରେ ଜୈବ ଔଷଧ ବିକାଶ ନେଇ କାର୍ଯ୍ୟ କରିବାର ଲକ୍ଷ୍ୟ ରଖିଛି। ଏହାର ଅଧିନରେ ସରକାର ଉଦ୍ୟୋଗୀକରଣ ଏବଂ ସ୍ୱଦେଶୀ ଉତ୍ପାଦନକୁ ପ୍ରୋତ୍ସାହନ ଦେବା ନିମନ୍ତେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ବୋଲି ପ୍ରଫେସର ସୋପୋରୀ କହିଛନ୍ତି। ସୋଆ ପରିଚାଳିତ ସେଂଟର ଫର୍ ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ରିସର୍ଚ୍ଚ (ସିଆଇବିଆର୍) ଏବଂ ବିଆରଏସ୍ଆଇର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସମ୍ମିଳନୀରେ ୨୮ ଟି ବିଭିନ୍ନ ଦେଶରୁ ୪୦ ଜଣ ବିଶିଷ୍ଟ ବୈଜ୍ଞାନିକ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀରେ ପ୍ରାୟ ୨୫୦ ବୈଜ୍ଞାନିକ, ଗବେଷକ ଓ ଛାତ୍ରଛାତ୍ରୀ ଭାଗ ନେଉଛନ୍ତି।

## ବିଦ୍ୟୁତ ବିଭାଗର ଉପକରଣ ଚୋରି ଘଟଣାରେ ଦୁଇ ଗିରଫ

ନାଉଗାଁ, (ସବ୍ୟୁ): ନାଉଗାଁ ବିଦ୍ୟୁତ ବିଭାଗର ଉପକରଣ ଓ ବେୟାର କଣ୍ଡକଫର ଚୋରି ଘଟଣାରେ ପୋଲିସ ଦୁଇ ଜଣଙ୍କୁ ଗିରଫ କରିଛି। ଗତ ୭ ତାରିଖରେ ନାଉଗାଁ ଟିପିସିଓଡିଏଲର ଅତିରିକ୍ତ ସେକ୍ସନ୍ ଇନଚାର୍ଜ ଶୁଭମ ମହାନ୍ତି ନାଉଗାଁ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। କୁଣ୍ଡେଶ୍ୱର ନିକଟସ୍ଥ ଟ୍ରାନ୍ସଫର୍ମର ଲାଇନ୍‌ରୁ ପ୍ରାୟ ୧.୪ କିଲୋମିଟର ୧୧ କେଭି ଏଚଟି ବେୟାର କଣ୍ଡକଫର (୧୩ଟି ସ୍ପାନ୍), କିଛି ଜରୁରୀ ଟ୍ରାନ୍ସଫର୍ମର ଅଂଶ ଓ ବୈଦୁତିକ ଉପକରଣ ଚୋରି ହୋଇଥିଲା। ନାଉଗାଁ ପୋଲିସ ମାମଲା ନମ୍ବର ୩୩୮/୨୫ଦାୟର କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଦୁଇ ଅଭିଯୁକ୍ତ କୁଣ୍ଡେଶ୍ୱର ଗ୍ରାମର ରମେଶ କାଣ୍ଡିଙ୍କ ପୁଅ ବିଶ୍ୱକର୍ମା କାଣ୍ଡି ଓ ଉକ୍ତ ଗ୍ରାମର ଜଣେ ନାବାଳକଙ୍କୁ ଗିରଫ କରିଛି। ଅଭିଯୁକ୍ତମାନଙ୍କ ଠାରୁ ଚୋରି ହୋଇଥିବା ବେୟାର କଣ୍ଡକଫର, କିଛି ବୈଦୁତିକ ସାମଗ୍ରୀ, ଚୋରିରେ ବ୍ୟବହୃତ ଉପକରଣ ସହିତ ନଗଦ ୪,୧୦୦ ଟଙ୍କା ଜବତ କରାଯାଇଛି। ଏସିଁପିଓ ଆଞ୍ଜିକ୍ୟ ମାଣେ କହିଛନ୍ତି ଯେ ଘଟଣାର ଅନ୍ୟାନ୍ୟ ଦିଗ ନେଇ ତଦନ୍ତ ଜାରି ରହିଛି ଓ ଚୋରି ରାକେଟରେ ଲିପ୍ତ ଥିବା ଅନ୍ୟ ଲୋକଙ୍କୁ ମଧ୍ୟ ଚିହ୍ନଟ କରିବା ପ୍ରୟାସ ଚାଲିଛି।

## ନଦୀରୁ ମୃତଦେହ ଉଦ୍ଧାର

ରଘୁନାଥପୁର ,(ସବ୍ୟୁ) :ରଘୁନାଥପୁର ବ୍ଲକ ଛପଡ଼ା ପଞ୍ଚାୟତ ଜଇପୁର ନିକଟସ୍ଥ ମହାନଦୀରୁ ଜଣେ ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର କରାଯାଇଛି। ସେ ହେଲେ ସ୍ଥାନୀୟ ଜଇପୁର ଗ୍ରାମର ଦୁର୍ଯ୍ୟୋଧନ ଦାସଙ୍କ ପୁଅ ଦିଲୀପ କୁମାର ଦାସ (୫୭)। ସବୁଦିନ ମଧ୍ୟାହ୍ନରେ ସେ ନଦୀକୁ ଗାଧେଇବାକୁ ଗଲାବେଳେ ନଦୀ ଆରପାରିରେ ଥିବା ପଠାକୁ ଯାଇ ଛେଳି ପାଇଁ ଲଟାପତ୍ର କାଟି ଆଣିଥାନ୍ତି। ସୋମବାର ମଧ୍ୟାହ୍ନରେ ଏକ କାଟେଣି ଧରି ସାଇକେଲରେ ଘରୁ ବାହାରି ଯାଇଥିଲେ। ଦିଲୀପଙ୍କ ଆସିବା ବିଳମ୍ବ ହେବାରୁ ପରିବାର ଲୋକେ ଖୋଜାଖୋଜି କରି ନଦୀକୂଳରେ ତାଙ୍କର ସାଇକେଲ ଓ ଚପଲ ଥିବାର ଦେଖିବାକୁ ପାଇଥିଲେ। ପଠାକୁ ଯାଇ ଖୋଜାଖୋଜି କରି ଦିଲୀପଙ୍କୁ ନପାଇବାରୁ ସ୍ଥାନୀୟ ଲୋକଙ୍କ ସନ୍ଦେହ ବଢିଥିଲା।

# ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୧୦ ରୁ

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଅଧୀନରେ କାର୍ଯ୍ୟରତ ରାଜ୍ୟ ଔଷଧୀୟ ଉଦ୍ଭିଦ ପରିଷଦ, ଓଡ଼ିଶା ଦ୍ୱାରା ୧୮ତମ ରାଜ୍ୟସ୍ତରୀୟ କଳିଙ୍ଗ ହର୍ବାଲ ମେଳା ୧୦ରୁ ୧୬ ଡିସେମ୍ବର ୨୦୨୫ ପର୍ଯ୍ୟନ୍ତ ଇଡ଼କୋ ପ୍ରଦର୍ଶନୀ ପଡିଆ, ୟୁନିଟ-୩, ଭୁବନେଶ୍ୱର ଠାରେ ଆୟୋଜିତ ହେଉଛି। ୨୦୦୮ ମସିହାରୁ ଆରମ୍ଭ ହୋଇଥିବା ଏହି ମେଳା ବନ ସୁରକ୍ଷା ସମିତି ସଦସ୍ୟ, ଚାଷୀ, ବୈଦ୍ୟ, ଔଷଧ ଉଦ୍ଭିଦ ସଂଗ୍ରାହକ, ବ୍ୟବସାୟୀ, ଗବେଷକ, ଛାତ୍ରଛାତ୍ରୀ, ବନ ଅଧିକାରୀ, ଏନଜିଓ, ଏସ.ଏଚ.ଡି ଓ ଜନସାଧାରଣଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବରେ ପରିଚିତ।

ଚଳିତ ବର୍ଷ ମେଳାରେ ୧୩୦ଟି ଷ୍ଟଲ୍ ଖୋଲାଯିବ ଓ ଓଡ଼ିଶା ଓ ଅନ୍ୟ ରାଜ୍ୟରୁ ମୋଟ ୨୬୦ରୁ ଅଧିକ ଅଂଶଗ୍ରହଣକାରୀ ଯୋଗଦେବେ। ଏଥି ସହିତ ରାଇରଙ୍ଗପୁର, କେନ୍ଦୁଝର ଓ ମାଲକାନଗିରି ରେ ଚଳିତ ବର୍ଷ କ୍ଷେତ୍ରୀୟ କଳିଙ୍ଗ ହର୍ବାଲ ମେଳା ମଧ୍ୟ ଆୟୋଜିତ ହେବ, ଯାହା ସ୍ଥାନୀୟ ଡିଏଫଓ ମାନଙ୍କ ଦ୍ୱାରା ପରିଚାଳିତ ହେବ। ମେଳାର ଉଦ୍‌ଘାଟନ ୧୦ ଡିସେମ୍ବର ୨୦୨୫ ସନ୍ଧ୍ୟା ୬ ଟାରେ ଆୟୋଜିତ ହେବ, ଯାହାର ଉଦ୍ଘାଟକ ଭାବେ ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଶ୍ରମ ବିଭାଗ, ଗଣେଶ ରାମ ସିଂ ଖୁଣ୍ଟିଆ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏହି ଉଦ୍ଘାଟନୀ ଉତ୍ସବରେ ଜଙ୍ଗଲ ଓ ପରିବେଶ, ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ସମେତ ସୁରେଶ ପନ୍ଥ, ମୁଖ୍ୟ ବନ ସଂରକ୍ଷକ ତଥା ବନ ବାହିନୀ ମୁଖ୍ୟ, ପ୍ରେମ କୁମାର ଝା ମୁଖ୍ୟ ବନ ସଂରକ୍ଷକ(ବନ୍ୟପ୍ରାଣୀ) ତଥା ମୁଖ୍ୟ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ, ଔଷଧୀୟ ଉଦ୍ଭିଦ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ କାର୍ଷିକ ଭି ଏବଂ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଯୋଗଦେବେ। ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଔଷଧୀୟ ଉଦ୍ଭିଦ କ୍ଷେତ୍ରର ମୁଖ୍ୟ ହିତାଧିକାରୀମାନଙ୍କ ମଧ୍ୟରେ ସମ୍ପର୍କ, ବ୍ୟବସାୟ, ଶିକ୍ଷା, ଓ ସଚେତନତା ବୃଦ୍ଧି କରିବା: ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନୀ, ସିଦ୍ଧ ଓ ହୋମିଓପାଥିର ପ୍ରଚାର କରିବା ଏବଂ ଦର୍ଶକମାନଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ ପରାମର୍ଶ ଓ ଚିକିତ୍ସା ସୁବିଧା ପ୍ରଦାନ। ମେଳା ସମୟରେ ବିଭିନ୍ନ ବିଶେଷ କାର୍ଯ୍ୟକ୍ରମ ଆୟୋଜିତ ହେବ ୧୧ ଡିସେମ୍ବର ପୂର୍ବାହ୍ନ ୧୧ ଟାରୁ ୨ଟା ପର୍ଯ୍ୟନ୍ତ ସରକାରୀ ହାଇସ୍କୁଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଔଷଧୀୟ ଉଦ୍ଭିଦ କୁଇଜ୍। ୧୨ ଡିସେମ୍ବର ମଧ୍ୟାହ୍ନ ୧୨ ଟାରୁ ୨ ଘଟିକା ରେ ନାରୀ ସମ୍ମିଳନୀ (ରୁଫଟପ୍ ପୋଷକ ବଗିଚା)। ୧୩ ଡିସେମ୍ବର ମଧ୍ୟାହ୍ନ ୧୨ ରୁ ୨ ଘଟିକା ସମୟରେ ଅଂଶଗ୍ରହଣକାରୀଙ୍କ ପାଇଁ ତର୍କ ପ୍ରତିଯୋଗିତା। ୧୪ ଡିସେମ୍ବର ପୂର୍ବାହ୍ନ ୧୦ ରୁ ୨ ଘଟିକା ମଧ୍ୟରେ ଔଷଧୀୟ ଉଦ୍ଭିଦ ଚାଷୀ ସମ୍ମିଳନୀ। ୧୫ ଡିସେମ୍ବର ପୂର୍ବାହ୍ନ ୧୧ ରୁ ୨ ଘଟିକା - ପାରମ୍ପରିକ ଚିକିତ୍ସକ କର୍ମଶାଳା ଆୟୋଜନର କାର୍ଯ୍ୟକ୍ରମ ରହିଛି।

### ବରୁଣେଇ ପାଇକ ସ୍ମାରକୀସ୍ଥଳରେ ସପ୍ତମ ପ୍ରତିଷ୍ଠା ଦିବସ

# ୧୮ ମାସ ମଧ୍ୟରେ ଶେଷ ହେବ ସ୍ମାରକୀ

ଖୋର୍ଦ୍ଧା, (ସବ୍ୟୁ): ବରୁଣେଇ ପାହାଡ଼ ପାଦଦେଶରେ ଯେଉଁ ଠାରେ ରାଷ୍ଟ୍ରପତି ରାମନାଥ କୋବିନ୍ଦ ୨୦୧୯ ଡ଼ିସେମ୍ବର ୮ ତାରିଖରେ



ପାଇକ ସ୍ମାରକୀର ଶିଳାନ୍ୟାସ କରିଥିଲେ ସେଠାରେ ସେହି ସ୍ମୃତିକୁ ମନେ ପକାଇ ସପ୍ତମ ପ୍ରତିଷ୍ଠା ଦିବସ ଆଜି କଳିଙ୍ଗ ପାଇକ ସଂଗଠନ ପକ୍ଷରୁ ସଭାପତି ଭୀମସେନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ସାଧାରଣ ସଂପାଦକ କୃଷ୍ଣଚନ୍ଦ୍ର ହରିଚନ୍ଦନ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ ସହିତ ବିଭିନ୍ନ ଅଂଚଳରୁ ଆସିଥିବା ବିଶିଷ୍ଟ ବ୍ୟକ୍ତି ଓ ଦଳବେହେରାମାନଙ୍କୁ ସ୍ୱାଗତ କରିଥିଲେ। କଳିଙ୍ଗ ପାଇକ ସଂଗଠନର ମୁଖ୍ୟ ସଂଚାଳକ ଇଂ. ଶିଶିର କୁମାର ନାୟକ ବରୁଣେଇ ପାଇକ ସ୍ମାରକୀ ସ୍ଥଳରେ ନିର୍ମାଣ କାର୍ଯ୍ୟରେ କିଭଳି ପ୍ରତିବନ୍ଧକ ସୃଷ୍ଟି ହୋଇଥିଲା ତାହା ବର୍ଣ୍ଣନା କରିବା ସହିତ ସମ୍ପ୍ରତି ·ଲିଥିବା ନିର୍ମାଣ କାର୍ଯ୍ୟ ୧୮ ମାସ ମଧ୍ୟରେ ଶେଷ ହେବ ବୋଲି କହିଥିଲେ। ପୁଣି ଆଉ ଏକ ପ୍ରକଳ୍ପ କରାଯାଇ ପାହାଡ଼ର ଶୀର୍ଷରେ ବକ୍ସି ଜଗବନ୍ଧୁଙ୍କର ଏକ ସୁଉଚ୍ଚ ପ୍ରତିମୂର୍ତି ତଥା ଗଡ଼ର ବିକାଶ ହେବ ବୋଲି ପ୍ରକାଶ କରିଥିଲେ। ସତ୍ୟବାଦୀ ବଳିଆରସିଂହ "ବରୁଣେଇ ପାହାଡ଼ ସ୍ମାରକୀ-ଆରମ୍ଭରୁ ଏଯାବତ" ଶୀର୍ଷକ ଏକ ପ୍ରବନ୍ଧ ପାଠ କରିଥିଲେ। ରାମଚଣ୍ଡୀ ଦଳବେହେରା ମୃତ୍ୟୁଞ୍ଜୟ ଛୋଟରାୟ ବାଲିହୁଙ୍କା, ଦଳବେହେରା ଅଜୟ କୁମାର ମାନଧାତା, କୁମାର ଖାଡିଆ ଦଳବେହେରା, ସଦାଶିବ ମଙ୍ଗରାଜ, ଡୁମୁଡୁମା ଦଳବେହେରା ଅବଦୁଲ କାଲାମ ଆଜାଦ, ଆଡ଼ଭୋକେଟ ବିଜୟ କୁମାର ସାମନ୍ତସିଂହାର ପ୍ରମୁଖ ସଂକ୍ଷିପ୍ତ ବକ୍ତବ୍ୟ ଦେଇ ପାଇକ ସ୍ମାରକୀ ସ୍ଥଳ ଭବିଷ୍ୟତରେ ଏକ ଆକର୍ଷଣୀୟ କେନ୍ଦ୍ର ରୂପେ ଭାରତ ମାନଚିତ୍ରରେ ସ୍ଥାନ ପାଇବ ବୋଲି ଆଶା ପୋଷଣ କରିଥିଲେ। କୃଷ୍ଣଚନ୍ଦ୍ର ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# କାମୁଡି ଆଙ୍ଗୁଠି ଛିଣ୍ଡାଇ ଦେବା ଅଭିଯୋଗ : ଜଣେ ଗିରଫ

ବାରଙ୍ଗ , (ସବ୍ୟୁ): ଘର ଆଗରେ ଥିଆ ହୋଇଥିବା କାରରେ ଜଣେ ବ୍ୟକ୍ତି ଜବରଦସ୍ତ ପଶି ଶୋଇଥିଲେ। ବାହାରିବାକୁ କହିବାରୁ ଅସଦାଚରଣ କରିବା ସହ ଆଙ୍ଗୁଠି କାମୁଡି ଛିଣ୍ଡାଇ ଦେଇଥିଲେ। ଏହି ଘଟଣାରେ ପୋଲିସ ଉକ୍ତ ବ୍ୟକ୍ତିଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ବ୍ୟକ୍ତି ଜଣଙ୍କଯାଜପୁରର ବିଦ୍ୟାଧର ବିଶାଳ(୪୩)। ରବିବାର ରାତି ପ୍ରାୟ ସାଢ଼େ ୯ ଟାରେ ରଘୁନାଥପୁର ଅଞ୍ଚଳରେ ପାଇପ ମିସ୍ତ୍ରୀ ଭାବେ କାମକରୁଥିବା ଯାଜପୁରର ବିଦ୍ୟାଧର ବିଶାଳ ଯାଦବ ରାଉତଙ୍କ ରଘୁନାଥପୁର ଗ୍ରାମ ସ୍ଥିତ ଘର ବାହାରେ ପାର୍କିଂ ହୋଇଥିବା ଏକ କାର ଭିତରେ ଜବରଦସ୍ତ ପଶି ଶୋଇଥିଲେ। କାରର ମାଲିକାଣୀ କଲ୍ୟାଣୀ ଜେନା ଏହା ଜାଣିପାରି ବିଦ୍ୟାଧରଙ୍କୁ କାରରୁ ବାହାରକୁ ଆସିବାକୁ କହିବାରୁ ସେ ଦୁର୍ବ୍ୟବହାର କରିଥିଲେ। ଏହାପରେ ରଘୁନାଥପୁର ଗ୍ରାମର ଯାଦବଙ୍କ ଭାଇ ମାଧବ ଚନ୍ଦ୍ର ରାଉତଙ୍କୁ ସହାୟତା ମାଗିବା ସହ ସାଙ୍ଗରେ ଗାଡି ପାଖକୁ ଡାକି ଆଣିଥିଲେ। ମାଧବ ଗାଡି ଭିତରୁ ବାହାରିବାକୁ ବିଦ୍ୟାଧରଙ୍କୁ କହିବା ପରେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ତାଙ୍କ ଡାହାଣ ହାତର ବୁଢ଼ା ଆଙ୍ଗୁଠିକୁ କାମୁଡ଼ି ଛିଣ୍ଡାଇ ଦେଇଥିଲା। ଏହାପରେ ପରିବାର ଲୋକ ମାଧବଙ୍କୁ ଚିକିତ୍ସା ପାଇଁ କଟକର ଏକ ଘରୋଇ ଡାକ୍ତରଖାନାକୁ ନେଇଥିଲେ ବୋଲି ଯାଦବ ନନ୍ଦନକାନନ ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି। ପୋଲିସ ଅଭିଯୋଗ ଆଧାରରେ କେଶ ନଂ ୪୫୯/୨୫ରେ ଏକ ମାମଲା ରୁଜୁ କରି ବିଦ୍ୟାଧର ବିଶାଳଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି।

# ସୋଆରେ ବିଶ୍ୱ ମୃତ୍ତିକା ଦିବସ ପାଳିତ

ଭୁବନେଶ୍ୱର, (ସବ୍ୟୁ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ ସାଇନସେସ୍ (ଆଇଏଏସ୍) ର ମୃତ୍ତିକା ବିଭାଗ ପକ୍ଷରୁ ଶୁକ୍ରବାର ଦିନ ବିଶ୍ୱ ମୃତ୍ତିକା ଦିବସ ପାଳିତ ହୋଇଯାଇଛି। ସୁସ୍ଥ ମାଟି ହିଁ ସୁସ୍ଥ ସହରର ଭିତିଭୂମି ଓ ସୁସ୍ଥ ଜୀବନର ଆଧାର। ଅସ୍ୱାସ୍ଥ୍ୟକର ମାଟି ପ୍ରତ୍ୟକ୍ଷ ଅବା ପରୋକ୍ଷରେ ଆମ ଜୀବନକୁ ପ୍ରଭାବିତ କରେ ବୋଲି ବିଶ୍ୱ ମୃତ୍ତିକା ଦିବସରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ କୃଷି ବିଜ୍ଞାନୀ ତଥା ମୁଖ୍ୟମନ୍ତ୍ରୀ ମକା ମିଶନର ସ୍ୱତନ୍ତ୍ର ସଦସ୍ୟ ଡ. ରାଜେଶ ଦାସ ଯୋଗ ଦେଇ ମାଟି ଅସୁସ୍ଥ ହେବାର କାରଣ ଓ ଜୀବନ ଉପରେ ଏହାର ପ୍ରଭାବ ସଂପର୍କରେ ଆଲୋକପାତ କରିଥିଲେ।

ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ଅଧ୍ୟକ୍ଷତା କରିବା ସହ ଏହି ଦିବସ ଛାତ୍ରଛାତ୍ରୀମାନେ ପାଳନ କରି ଏହାର ଗୁରୁତ୍ୱ ଉପଲବ୍ଧି କରିବା ଜରୁରୀ ବୋଲି କହିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ସୋଆ ଛାତ୍ରମଙ୍ଗଳ ଡିନ୍ ପ୍ରଫେସର ଜ୍ୟୋତି ରଂଜନ ଦାସ ଏବଂ



ପେସ ଫାଉଣ୍ଡେସନର ପ୍ରତିଷ୍ଠାତା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସମ୍ବିତ ତ୍ରିପାଠୀ ଯୋଗ ଦେଇଥିଲେ। ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ ଉତ୍ସବର ଆଭିମୁଖ୍ୟ ସଂପର୍କରେ ବର୍ଣ୍ଣନା କରିଥିଲେ। ମୃତ୍ତିକା ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ପ୍ରଫେସର ଗୌରହରି ସାନ୍ତ୍ରା ସ୍ୱାଗତ ଭାଷଣ ଦେଇଥିବାବେଳେ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ର ଧନ୍ୟବାଦ ଦେଇଥିଲେ। ପ୍ରଫେସର ପ୍ରଭାତ କୁମାର ଷଡଙ୍ଗୀ ଓ ଡ. ଈପ୍ସିତା ପଟ୍ଟନାୟକ ମଂଚ ସଂଯୋଜନା କରିଥିଲେ। ଏହି ଅବସରରେ ଏକ ବୈଜ୍ଞାନିକ ମୁଖପତ୍ର ସମେତ ପ୍ରଫେସର ଅନ୍ତର୍ଯ୍ୟାମୀ ମିଶ୍ରଙ୍କ ଲିଖିତ ନମୁନା ମାଟି ସଂଗ୍ରହ ଏବଂ ମୃତ୍ତିକା ବିଜ୍ଞାନ ବିଭାଗ ଦ୍ୱାରା ପ୍ରକାଶିତ ଫସଲରେ ସମନ୍ୱିତ ଖାଦ୍ୟ ସାର ପରିଚାଳନା ପୁସ୍ତିକା ଉନ୍ମୋଚିତ ହୋଇଥିଲା।

ରାଜ୍ୟରୁ ୫୦ରୁ ଉର୍ଦ୍ଧ୍ୱ ଚାଷୀ ଏଥିରେ ଯୋଗ ଦେଇଥିଲେ ଏବଂ ସେମାନଙ୍କୁ ସଏଲ୍ ହେଲଥ୍ କାର୍ଡ ବଂଟନ କରାଯାଇଥିଲା। ସାଂସ୍କୃତିକ ଶାଖା କ୍ରିଆଟିଭୋ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି ଅବସରରେ ପ୍ରଫେସର ଆଶିଷ ଦାସ, ପ୍ରଫେସର ପି କେ ଦାସ, ଡ. ପ୍ରକାଶ ରଂଜନ ବେହେରା, ଡ. ସମନ୍ୱିତା ମହାନ୍ତି, ଡ. ଭୁବନାନନ୍ଦ ଅଧିକାରୀ, ମାନସ ଦାସ, ବିକାଶ ରଂଜନ ରଥ, ଶୁଭ୍ରାଂଶୁ, ବିଶ୍ୱଜିତ ମିଶ୍ର ପ୍ରମୁଖ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏକ କ୍ଷୁଦ୍ର ନାଟିକା ମଧ୍ୟ ପ୍ରସ୍ତୁତ ମଧ୍ୟ କରାଯାଇଥିଲା। ବିଭିନ୍ନ ପ୍ରକାର ଆଲୋଚନା ବୈଜ୍ଞାନିକ ଆଲୋଚନା ଚକ୍ର ମଧ୍ୟ ଅନୁଷ୍ଠିତ କରାଯାଇଥିଲା।

## ଗାଡ଼ି ଧକ୍କାରେ ଯୁବକ ମୃତ

ବଳଙ୍ଗା ,(ସବ୍ୟୁ): ସୋମବାର ସନ୍ଧ୍ୟାରେ ବଳଙ୍ଗା - ନିମାପଡା ରାସ୍ତାର ସାଇ ଶାନ୍ତୋଷି ହସ୍ପିଟାଲ ସାମ୍ନାରେ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ ଚାଳକର ମୃତ୍ୟୁ ଘଟିଛି। ମୃତ ଯୁବକ ଜଣଙ୍କ ବ୍ରହ୍ମଗିରି ଥାନା ଅଂଚଳର କହ୍ନେଇ ଦାଶ ବୋଲି ଜଣା ପଡିଛି। ସେ ନିମାପଡା ଥାନା ଅନ୍ତର୍ଗତ ଉହାଙ୍ଗ ଗ୍ରାମରେ ମାମୁଁ ଘରେ ରହୁଥିଲେ। ସେ ଆଜି ଦିନରେ ତାଙ୍କ ବୋଉକୁ ନିଜ ଗାଁ ବ୍ରହ୍ମଗିରି ଅଞ୍ଚଳରେ ଛାଡ଼ି ସଂନ୍ଧ୍ୟାରେ ଫେରୁଥିଲେ। ସାଇ ସନ୍ତୋଶୀ ହସ୍ପିଟାଲ ସାମ୍ନାରେ ନିମାପଡା ରୁ ବଳଙ୍ଗା ଅଭିମୁଖେ ଯାଉଥିବା ଏକ ଅଜଣା ଗାଡ଼ି ଧକ୍କା ଦେଇଥିଲା। ଫଳରେ କହ୍ନେଇ ୧୦ଫୁଟ ପର୍ଯ୍ୟନ୍ତ ଛିଟିକି ପଡ଼ିଥିଲା ବେଳେ ତାଙ୍କ ହାତ ଓ ଗୋଡ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଖବର ପାଇ ବଳଙ୍ଗା ପୋଲିସ ଘଟଣା ସ୍ଥଳରେ ପହଁଚି ଗୁରୁତର ଅବସ୍ଥାରେ ଉଦ୍ଧାର କରି ନିମାପଡା ଗୋଷ୍ଠୀ ସାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର କହ୍ନେଇଙ୍କୁ ମୃତ ଘୋଷଣା କରିଥିଲେ।

# ବିଏମ୍‌ପିଏସ୍ ତକ୍ଷ୍ୟଶିଳାର ବାର୍ଷିକ ଉତ୍ସବ

ଭୁବନେଶ୍ୱର, (ସବ୍ୟୁ): ଭୁବନେଶ୍ୱର ମଡେଲ୍ ପବ୍ଲିକ୍ ସ୍କୁଲ୍, ଏହାର ବାର୍ଷିକ ଦିବସ-ତ୍ୱିଶା ୨୦୨୫ ପାଳନ କରିଛି। ଏହି କାର୍ଯ୍ୟକ୍ରମ ୫ ଏବଂ ୬ ଡିସେମ୍ବର ୨୦୨୫ ଦୁଇ ଦିନ ପାଇଁ ସ୍କୁଲ୍ ପରିସରରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ମୁଖ୍ୟ ଅତିଥି ଭାବରେ ଭାରତୀୟ ଚଳଚ୍ଚିତ୍ର ପ୍ରଯୋଜକ ଏବଂ ଜାତୀୟ ପୁରସ୍କାର ବିଜେତା ଅନୁପମ ପଟ୍ଟନାୟକଙ୍କ ଉପସ୍ଥିତି ଦିନର ମହିମାକୁ ଆହୁରି ମଜବୁତ କରିଥିଲା। କାର୍ଯ୍ୟକ୍ରମଟି ସ୍କୁଲ ଗୀତ, ଜ୍ୟୋତି କଳଶ ସହିତ ଆରମ୍ଭ ହୋଇଥିଲା। ପ୍ରଥମ ଦିନର ସାଂସ୍କୃତିକ ଉତ୍ସବ ଏକ ଉତ୍ସବମୁଖୀ ପ୍ରତିଭା ଦ୍ୱାରା ପରିପୂର୍ଣ୍ଣ ହୋଇଥିଲା ଯାହା ଏକ ଉତ୍ସବମୁଖୀ ପରିବେଶ ସୃଷ୍ଟି କରିଥିଲା। ସ୍କୁଲ ସଂଗୀତ, ତା'ପରେ ଇଂରାଜୀ ନାଟକ - ଦି ସାଉଣ୍ଡ ଅଫ୍ ମ୍ୟୁଜିକ୍ ଏବଂ ହିନ୍ଦୀ ନାଟକ - ତେନାଲି ରମଣ ପରିବେଷଣ କରାଯାଇଥିଲା। ଦଶାବତାର - ଓଡ଼ିଶୀ ନୃତ୍ୟ, ଚାରି - ରାଜସ୍ଥାନୀ ଲୋକନୃତ୍ୟ ଏବଂ ପ୍ଲାନେଟ୍ ସେକର୍ସ ଭଳି ଚମତ୍କାର ଏବଂ ଶକ୍ତିଶାଳୀ ପ୍ରଦର୍ଶନକୁ ଦର୍ଶକମାନେ ଘଡ଼ଘଡ଼ି କରତାଳିରେ ସ୍ୱାଗତ କରିଥିଲେ। ଦ୍ୱିତୀୟ ଦିନର କାର୍ଯ୍ୟକ୍ରମର ମୁଖ୍ୟ



ଆକର୍ଷଣ ଥିଲା ଶରଣମ୍ କେଶବମ୍ - ଅର୍ଦ୍ଧ ଶାସ୍ତ୍ରୀୟ ନୃତ୍ୟ, ଛଉ ପାଠ, ମାଉଣ୍ଟେନ୍ ମ୍ୟାଜିକ୍ - ପାହାଡି ନୃତ୍ୟ, ଇଂରାଜୀ ନାଟକ - ଲାୟନ୍ କିଙ୍ଗ, ତାଳ ତରଙ୍ଗ - ତାଳର ତରଙ୍ଗ, ଏବଂ ହିନ୍ଦୀ-ଓଡ଼ିଆ ଦ୍ୱିଭାଷୀ ନାଟକ ତପୋଇ - କଥା କଳିଙ୍ଗ କି ପରି କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ଏହି ଅବସରରେ ଭାଷଣ ଦେଇ, ମୁଖ୍ୟ ଅତିଥି ଛାତ୍ରଛାତ୍ରୀମାନଙ୍କୁ ଆଶୀର୍ବାଦ କରିବା ସହ ଶିକ୍ଷା କ୍ଷେତ୍ରରେ ସ୍କୁଲର ନିରନ୍ତର ସଫଳତା ଉପରେ ଆଲୋକପାତ କଲେ। ଏହି ଅବସରରେ ଭାଷଣ ଦେଇ, ସ୍କୁଲର ଅଧ୍ୟକ୍ଷ ଅତିଥିମାନଙ୍କୁ ସେମାନଙ୍କର ବ୍ୟସ୍ତବହୁଳ କାର୍ଯ୍ୟସୂଚୀରୁ ସମୟ ବାହାର କରି ଉତ୍ସବର ଅଂଶ ହେବା ପାଇଁ କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ଶିକ୍ଷାଗତ ଏବଂ ସହ-ପାଠ୍ୟକ୍ରମ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀମାନଙ୍କର ଉଲ୍ଲେଖନୀୟ ସଫଳତା ଉପରେ ଏକ ସଂକ୍ଷିପ୍ତ ରିପୋର୍ଟ ଉପସ୍ଥାପନ କରିଥିଲେ ଯାହା ସ୍କୁଲକୁ ଗୌରବ ଆଣିଛି। ଏହି ଅବସରରେ ବହୁ ଅଭିଭାବକ ଯୋଗଦାନ କରିଥିଲେ।

# ପାକିସ୍ତାନର ବାହାବଲପୁରରେ ଜୈଶ ଓ ଲସ୍କର ଆତଙ୍କବାଦୀଙ୍କ ମେଳି

ଇସଲାମବାଦ : ଜୈଶ-ଇ-ମହମ୍ମଦ ଭାରତରେ ବଡ଼ଧରଣର ଆତ୍ମଘାତୀ ହମଲା ପାଇଁ ମସୁଧା କରିଛି । ଲାଲକିଲ୍ଲା କାର ବିସ୍ଫୋରଣ ପରେ ପୁଣି ଭାରତରେ ବିସ୍ଫୋରଣ କରିବା ଲକ୍ଷ୍ୟରେ ରହିଛି ଜୈଶ । ଏଥିପାଇଁ ସଂଗଠନ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଉଥିବା ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା । ପାକିସ୍ତାନରେ ସକ୍ରିୟ ଦୁଇ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତାଏବା ଓ ଜୈଶ-ଇ-ମହମ୍ମଦର ସଦସ୍ୟମାନଙ୍କ ବଡ଼ ମେଳି । ପାକିସ୍ତାନର ବାହାବଲପୁର ଠାରେ ଦୁଇ ଆତଙ୍କବାଦୀ ସଂଗଠନର ଶତାଧିକ ସଦସ୍ୟ ଏକାଠି ବୈଠକ କରୁବାର ଫଟୋ ସାମ୍ନାକୁ ଆସିଛି ।

ଅପରେସନ ସିନ୍ଦୂର ବେଳେ ଭାରତୀୟ ସେନାର ଏୟାର ଷ୍ଟ୍ରାଇକରେ ବାହାବଲପୁର ଠାରେ ଥିବା ଜୈଶ ମୁଖ୍ୟାଳୟ ଛିନଛତ୍ର ହୋଇ ଯାଇଥିଲା । ସେହି ସ୍ଥାନରେ ହିଁ ଜୈଶ ଓ ଲସ୍କର ସଦସ୍ୟମାନଙ୍କ



ମିଟିଂ ହୋଇଛି । ଲସ୍କରର ଉପ ମୁଖ୍ୟ ସୈଫୁଲ୍ଲା କସୁରୀ ଜୈଶର କମାଣ୍ଡରମାନଙ୍କ ସହ ଆଲୋଚନା କରୁଥିବା ସାମ୍ନାକୁ ଆସିଥିବା ଫଟୋରେ ଦେଖିବାକୁ ମିଳୁଛି । ଏହି ଫଟୋ ହିଁ ଭାରତୀୟ ଗୁଇନ୍ଦା ସଂସ୍ଥା ଦେଉଥିବା ତଥ୍ୟକୁ ମଧ୍ୟ ସତ ପ୍ରମାଣିତ କରିଛି ।

ଦୁଇ କୁଖ୍ୟାତ ଆତଙ୍କବାଦୀ ସଂଗଠନ ଏବେ ମିଳିତ ଭାବେ ପାକିସ୍ତାନର ଛତ୍ରଛାୟା ତଳେ ସକ୍ରିୟ ଥିବା କଥା ଏହି ଫଟୋ ପୁଣି ପ୍ରମାଣିତ କରିଛି । ଦୁଇ ସଂଗଠନର ଶତାଧିକ ସଦସ୍ୟ ବାହାବଲପୁରରେ ବୈଠକ କରି ନିଜର ପରବର୍ତ୍ତୀ ରଣନୀତିକୁ ଚୂଡ଼ାନ୍ତ କରିଥିବା ମଧ୍ୟ କୁହାଯାଉଛି । ଭାରତ ବିରୋଧୀ କୌଣସି ବଡ଼ଧରଣର ପଦକ୍ଷେପ ନେବାକୁ ବାହାବଲପୁରରେ ସେମାନେ ବୈଠକ କରିଥିବା ଆଶଙ୍କା କରାଯାଉଛି ।

ଗୁଇନ୍ଦା ସୂତ୍ରରେ କୁହାଯାଇଛି ଯେ ଅପରେସନ ସିନ୍ଦୂର ବେଳେ ବାହାବଲପୁର ବ୍ୟତୀତ ପାକିସ୍ତାନ ଅଧିକୃତ କଶ୍ମୀରର ରାୱାଲକୋଟରେ ଥିବା ଆତଙ୍କୀ ଲଞ୍ଚ ପ୍ୟାଡଗୁଡ଼ିକ ଧ୍ୱଂସ ହୋଇଥିଲାଛ ଏହାକୁ ସଂଗଠନ ପକ୍ଷରୁ ପୁଣି ତିଆରି କରାଯାଇଛି । ଏହି ଲଞ୍ଚ ପ୍ୟାଡଗୁଡ଼ିକ ତିଆରି ହେବା ପରେ ସମ୍ଭବତଃ ବାହାବଲପୁରରେ ବୈଠକ ହୋଇଛି । ଲଞ୍ଚ ପ୍ୟାଡଗୁଡ଼ିକ ଜରିଆରେ କେମିତି ଆତଙ୍କବାଦୀମାନଙ୍କୁ ଭାରତକୁ ପଠାଯିବ, ସେ ବିଷୟରେ ଆଲୋଚନା ପାଇଁ ଜୈଶ ଓ ଲସ୍କରର ସଦସ୍ୟମାନେ ମେଳି କରିଥିବା ଜାତୀୟ ଗଣମାଧ୍ୟମଗୁଡ଼ିକ ଖବର ପ୍ରକାଶ କରିଛନ୍ତି ।

ଗତ ମାସରେ ରିପୋର୍ଟ ପ୍ରକାଶ ପାଇଥିଲା ଯେ ଜୈଶ-ଇ-ମହମ୍ମଦ ଭାରତରେ ବଡ଼ଧରଣର ଆତ୍ମଘାତୀ ହମଲା ପାଇଁ ମସୁଧା କରିଛି । ଲାଲକିଲ୍ଲା କାର ବିସ୍ଫୋରଣ ପରେ ପୁଣି ଭାରତରେ ବିସ୍ଫୋରଣ କରିବା ଲକ୍ଷ୍ୟରେ ରହିଛି ଜୈଶ । ଏଥିପାଇଁ ସଂଗଠନ ପକ୍ଷରୁ ପାଣ୍ଠି ସଂଗ୍ରହ କରାଯାଉଥିବା ମଧ୍ୟ ରିପୋର୍ଟ ପ୍ରକାଶ ପାଇଥିଲା ।

## ୪୦୮ ପୃଷ୍ଠାର ପୁସ୍ତକ, ଦାମ୍ ୧୫କୋଟି

ପାଟଣା : ବହିର ମୂଲ୍ୟ ୧୫କୋଟି । ଆଶ୍ଚର୍ଯ୍ୟ ହେଉଥିବେ ନିଶ୍ଚୟ । ହେଲେ ଏହା ସତ । ଏଥର ପାଟନା ପୁସ୍ତକ ମେଳାରେ ଏହି ପୁସ୍ତକ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା, ଯାହାର ନାମ ରହିଛି 'ମୈଁ' । ରବିବାର ଆୟୋଜିତ ମେଳାର ସବୁଠାରୁ ବଡ଼ ଆକର୍ଷଣ ପାଲଟିଥିଲା ଏହି ବହି । ଦାବି କରାଯାଉଛି ଯେ, ଏହା ବିଶ୍ୱର ସବୁଠାରୁ ମହଙ୍ଗା ପୁସ୍ତକ । ଦାମ୍ ସହିତ ଏହାର ଲେଖା ପ୍ରକ୍ରିୟା ମଧ୍ୟ ଲୋକଙ୍କ କୌତୁହଳକୁ ବୃଦ୍ଧି କରିଛି ।



ଲେଖକ ରନେଶ୍ୱରଙ୍କ କହିବା ମୁତାବକ, ସେ ବ୍ରହ୍ମମୁହୂର୍ତ୍ତ ସମୟରେ ମାତ୍ର ୩ ଘଣ୍ଟା ୨୪ମିନିଟରେ ଏହି ୪୦୮ ପୃଷ୍ଠାର ପୁସ୍ତକଟି ଲେଖିଥିଲେ । ୨୦୦୬ ମସିହା ସେପ୍ଟେମ୍ବର ୬-୭ ତାରିଖର ବ୍ରହ୍ମମୁହୂର୍ତ୍ତରେ ସେ ଏହି ବହିଟି ଲେଖିଥିଲେ । ଲେଖିବା ସମୟରେ, ସେ ବ୍ରହ୍ମଲୋକ ଯାତ୍ରା ଏବଂ ଆଧ୍ୟାତ୍ମିକ ଜାଗରଣ ଅନୁଭବ କରିଥିଲେ, ଯାହାକୁ ସେ ଶବ୍ଦରେ ପ୍ରକାଶ କରିଥିଲେ । ପୁସ୍ତକଟିରେ ମୋଟ ୪୩ଟି ଅଧ୍ୟାୟ ଅଛି ଏବଂ ଏହା ମଣିଷର 'ବିଶ୍ୱାସ କରିବାଠାରୁ ଜାଣିବା' ପର୍ଯ୍ୟନ୍ତ ଯାତ୍ରା ଉପରେ କେନ୍ଦ୍ରିତ ବୋଲି ଦାବି କରିଛନ୍ତି ଲେଖକ ।

ପୁସ୍ତକ ଉନ୍ମୋଚନ ସମୟରେ, ଲେଖକ ଏହାକୁ ପ୍ରଦର୍ଶନ କରିଥିଲେ ସତ, କିନ୍ତୁ କାହାକୁ ଏହାର ପୃଷ୍ଠା ଓଲଟାଇବାକୁ ଦେଇ ନଥିଲେ । ଏହା ଉପସ୍ଥିତ ଲୋକେ ଏବଂ ସାହିତ୍ୟ ପ୍ରେମୀଙ୍କ ମଧ୍ୟରେ ଅନେକ ଆଲୋଚନା ଆରମ୍ଭ କରିଦେଇଥିଲା । ଲୋକମାନେ ଜାଣିବାକୁ ଚାହୁଁଥିଲେ ଯେ, ୧୫କୋଟି ଟଙ୍କା ମୂଲ୍ୟର ଏହି ପୁସ୍ତକରେ କ'ଣ ଲେଖାଯାଇଛି ଯାହା ଏହାକୁ ଏତେ ଅନନ୍ୟ କରିଛି । କିନ୍ତୁ ଲେଖକ କାହାକୁ ଦେଖିବାକୁ ଦେଇ ନଥିଲେ ।

ପୁସ୍ତକର ଲେଖକ ରନେଶ୍ୱର କହିଛନ୍ତି ଯେ, ଏହି ପୁସ୍ତକ ତାଙ୍କର ଆଧ୍ୟାତ୍ମିକ ଅଭିଜ୍ଞତା, ଧ୍ୟାନର ଅବସ୍ଥା ଏବଂ ରାସଲୀଳାର କଥିତ ପ୍ରତ୍ୟକ୍ଷ ଅଭିଜ୍ଞତା ଉପରେ ଆଧାରିତ । ଏହି ପୁସ୍ତକ ଦୁଃଖର ଅନ୍ତ ଏବଂ ଈଶ୍ୱର ଦର୍ଶନର ପଥ ବ୍ୟାଖ୍ୟା କରେ ।

## ସୌର କୃଷି ପମ୍ପ ସ୍ଥାପନ କରି ବିଶ୍ୱ ରେକର୍ଡ

ମୁମ୍ବାଇ : ମହାରାଷ୍ଟ୍ର ଷ୍ଟେଟ ଇଲେକଟ୍ରିସିଟି ଡିଷ୍ଟ୍ରିବ୍ୟୁଶନ କମ୍ପାନୀ ଲିମିଟେଡ (ଏମଏସଇଡିସିଏଲ) ସଫଳତାର ସହ କେବଳ ୩୦ ଦିନରେ ୪୫,୯୧୧ଟି ଅଫ୍-ଗ୍ରିଡ ସୋଲାର ଆଗ୍ରିକଲଚରାଲ (ସୌର କୃଷି) ପମ୍ପ ସ୍ଥାପନ କରି ଗିନିସ ୱାର୍ଲ୍ଡ ରେକର୍ଡ ହାସଲ କରିଛି । ଏହା ମହାରାଷ୍ଟ୍ରକୁ ଭାରତରେ ଦ୍ରୁତତମ-ନିୟୋଜିତ ସୌର କୃଷି ରାଜ୍ୟ ଓ ବିଶ୍ୱ ସ୍ତରରେ ଚୀନ୍ ପରେ ୨ୟ ଦେଶ ଭାବେ ଅବସ୍ଥାପିତ କରିଛି । ଏମଏସଇଡିସିଏଲର ପରିଚାଳନାଗତ ଉତ୍କର୍ଷତା ଓ କୃଷକ-କୈନ୍ଦ୍ରିତ ମଡେଲ ଏହି ଐତିହାସିକ ସଫଳତା ହାସଲ କରିବା ପାଇଁ ଗୁରୁତ୍ୱପୂର୍ଣ୍ଣ ଥିଲା । ଏଭଳି ପଦକ୍ଷେପଗୁଡିକ ମାଧ୍ୟମରେ ଏମଏସଇଡିସିଏଲ ସୌର ଜଳସେଚନ ବ୍ୟବସ୍ଥା ସ୍ଥାପନ କରିବା ପାଇଁ ଏକ ବିସ୍ତୃତ ଓ ପ୍ରତିକୃତିଯୋଗ୍ୟ ମଡେଲ ସ୍ଥାପନ କରିଛି, ଯାହା ମଜବୁତ ବ୍ୟବସ୍ଥା, ବାସ୍ତବ ସମୟର ତଦାରଖ ଓ କୃଷକ-ପ୍ରଥମ କାର୍ଯ୍ୟକାରିତା କିଭଳି ପରିବର୍ତ୍ତନଶୀଳ ପ୍ରଭାବଗୁଡିକୁ ପରିଚାଳନା କରିପାରିଥାଏ ତାହାକୁ



ପ୍ରଦର୍ଶିତ କରିଥାଏ । ବର୍ତ୍ତମାନ ସୁଦ୍ଧା ୭.୪ ଲକ୍ଷରୁ ଅଧିକ ସୋଲାର ପମ୍ପ ସ୍ଥାପନ କରାଯିବା ଓ ୧୦.୪୫ ଲକ୍ଷ ପମ୍ପର ଏକ ଲକ୍ଷ୍ୟ ସହିତ ଏମଏସଇଡିସିଏଲ ଭାରତର କୃଷି କ୍ଷେତ୍ରରେ ଅନ୍ୟତମ ସର୍ବବୃହତ ନବୀକରଣଯୋଗ୍ୟ ଶକ୍ତି ରୂପାନ୍ତରଣର ନେତୃତ୍ୱ ନେଉଛି, ଏହା ଏଭଳି ଏକ ମଡେଲ ସୃଷ୍ଟି କରିଛି ଯାହାକୁ ରାଜ୍ୟଗୁଡିକରେ ଓ ଆନ୍ତର୍ଜାତୀୟ ସ୍ତରରେ ନକଲ କରାଯାଇପାରିବ ।

ଏହି ଅବସରରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଶ୍ରୀ ଦେବେନ୍ଦ୍ର ଫଡ୍ନବିସ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ ଓ ତାଙ୍କ ପରିବର୍ତ୍ତନଶୀଳ ପିଏମ-କୁସୁମ ପଦକ୍ଷେପ ଅଧିନରେ, ମହାରାଷ୍ଟ୍ର ସ୍ୱଚ୍ଛ, କୃଷକ-କେନ୍ଦ୍ରିତ ଜଳସେଚନ ଦିଗରେ ଏହି ପରିବର୍ତ୍ତନକୁ ତ୍ୱରାନ୍ୱିତ କରିଛି । ଏକ ମାସରେ ଆମେ ରାଜ୍ୟରେ ୪୫,୯୧୧ରୁ ଅଧିକ ସୋଲାର ପମ୍ପ ସ୍ଥାପନ କରିଛୁ । ଏହି ସଫଳତା ଜଳସେଚନ ସୁରକ୍ଷା ନିଶ୍ଚିତ କରିଛି, ଉତ୍ପାଦକତା ଓ କୃଷକଙ୍କ ଆୟ ବୃଦ୍ଧି କରିଛି ଏବଂ ପାରମ୍ପରିକ ଶକ୍ତି ଉତ୍ସ ଉପରେ ନିର୍ଭରଶୀଳତାକୁ ହ୍ରାସ କରିଛି ।

## ଆତଙ୍କବାଦୀଙ୍କ ପାଇଁ ଲଞ୍ଚ ପ୍ୟାଡ୍ ନିର୍ମାଣ କରୁଛି ପାକିସ୍ତାନ

ନୂଆଦିଲ୍ଲୀ: ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀଙ୍କ ପାଇଁ ଲସ୍କର-ଏ-ତୈବା ଲଞ୍ଚ ପ୍ୟାଡ୍ ନିର୍ମାଣ କରୁଥିବା ଚିତ୍ର ସାମ୍ନାକୁ ଆସିଛି । ଭାରତୀୟ ସେନା ପୂର୍ବରୁ ଅପରେସନ ସିନ୍ଦୂରରେ ଏହି ଲଞ୍ଚ ପ୍ୟାଡଗୁଡ଼ିକୁ ନଷ୍ଟ କରିଥିଲା, କିନ୍ତୁ ଏବେ ଲସ୍କର ପୁଣି ଥରେ ଏଥିରେ ସାମିଲ ହୋଇଛି । ପାକିସ୍ତାନର ବାହାୱଲପୁରରେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଏକ ପ୍ରମୁଖ ବୈଠକ ଅନୁଷ୍ଠିତ ହୋଇଥିଲା ।

ଏମାନେ କୁକୁରର ଲାଞ୍ଜ ପରି, ଯାହାକୁ ଯେତେ ଥର ସିଧା କଲେ ବି ସବୁବେଳେ ବଙ୍କା ହୋଇ ରହେ । ପହଲଗାମ ଆକ୍ରମଣ ପରେ, ଭାରତ ପାକିସ୍ତାନ ବିରୁଦ୍ଧରେ ଅପରେସନ ସିନ୍ଦୁର ଆରମ୍ଭ କରିଥିଲା । ନଅଟି ଆତଙ୍କବାଦୀ ଆଡ୍ଡା ଉପରେ ଆକ୍ରମଣ କରିଥିଲା । ଆଶା କରାଯାଇଥିଲା ଯେ ପାକିସ୍ତାନ ଏକ ଶିକ୍ଷା ଶିଖିବ ଏବଂ ଆତଙ୍କବାଦ ପରିତ୍ୟାଗ କରିବ ଏବଂ ଶାନ୍ତିର ପଥକୁ ଫେରିବ । କିନ୍ତୁ ପାକିସ୍ତାନ ତା ଯାଗାରେ ଅଟଳ । ଲସ୍କର-ଏ-ତୈବା ପାକ୍ ଅଧିକୃତ କାଶ୍ମୀର (ପିଓକେ) ରେ ଏକ ବଡ଼ ଷଡ଼ଯନ୍ତ୍ରରେ ଲିପ୍ତ ଅଛି । ପିଓକେର ରାୱଲକୋଟରେ ଲସ୍କର-ଏ-ତୈବା ଜିହାଦୀଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ନିର୍ମାଣ



କରାଯାଉଛି ।

ଲଞ୍ଚ ପ୍ୟାଡ୍ ହେଉଛି ଏକ ଆତଙ୍କବାଦୀ ଭିତ୍ତିଭୂମି ଯାହାକୁ ଆତଙ୍କବାଦୀମାନେ ଏକତ୍ରିତ ହୋଇ ଭାରତରେ ଅନୁପ୍ରବେଶ କରିବା ପୂର୍ବରୁ ଶେଷ ପ୍ରସ୍ତୁତି ପାଇଁ ବ୍ୟବହାର କରନ୍ତି । ଏହାକୁ ଆତଙ୍କବାଦୀଙ୍କ ପାଇଁ ଶେଷ ରାସ୍ତା ଭାବରେ ବୁଝାଯାଇପାରେ । ଏହି ଲଞ୍ଚ ପ୍ୟାଡଗୁଡ଼ିକୁ ଭାରତୀୟ ସେନା ଅପରେସନ ସିନ୍ଦୂରରେ ଧ୍ୱଂସ କରିଦେଇଥିଲା । ତଥାପି, ଏବେ ପିଓକେରେ ଲସ୍କର-ଏ-ତୈବାର ଜଣେ ମୁଖପାତ୍ର ରାୱଲକୋଟରେ ଏକ ମର୍କଜ୍ ପ୍ରତିଷ୍ଠା କରିଥିବା ସ୍ୱୀକାର କରିଛନ୍ତି । ପ୍ରକୃତରେ, ଲସ୍କର-ଏ-ତୈବା ମର୍କଜ୍ ଆଡ଼ରେ ପିଓକେରେ ଆତଙ୍କବାଦୀ ଲଞ୍ଚ ପ୍ୟାଡ୍ ପ୍ରସ୍ତୁତ କରୁଛି । ରାୱଲକୋଟର ଖୋଗଲା ଅଞ୍ଚଳରେ ଏକ କୋଠା ନିର୍ମାଣ କରାଯାଉଛି, ଯେଉଁଠାରେ କୁହାଯାଉଛି ଯେ ଲସ୍କର-ଏ-ତୈବା ଏହାର ଆତଙ୍କବାଦୀଙ୍କ ପାଇଁ ଏକ ଲଞ୍ଚ ପ୍ୟାଡ୍ ଏବଂ ଆଶ୍ରୟସ୍ଥଳ ପ୍ରସ୍ତୁତ କରୁଛି । ପ୍ରକୃତରେ, ପିଓକେର ବିଭିନ୍ନ ଅଞ୍ଚଳରେ ଛୋଟ ଛୋଟ କେନ୍ଦ୍ର ସୃଷ୍ଟି କରି ଏହାର ଆତଙ୍କବାଦୀମାନଙ୍କୁ ଲୁଚାଇବା ଏବଂ ସୁରକ୍ଷିତ ରଖିବା ପାଇଁ ବ୍ୟବସ୍ଥା କରିବା ଲସ୍କରର ରଣନୀତି ।

ପାକିସ୍ତାନ ଅନ୍ତର୍ଜାତୀୟ ସ୍ତରରେ ଦାବି କରିପାରେ ଯେ ସେ ଆତଙ୍କବାଦ ପରିତ୍ୟାଗ କରିଛି । କିନ୍ତୁ ସତ୍ୟ ହେଉଛି ଯେ ସେଠାରେ ଆତଙ୍କବାଦୀ ସଂଗଠନଗୁଡ଼ିକ ବଢୁଛନ୍ତି ଏବଂ ସେମାନଙ୍କୁ ମୁକ୍ତ ସୁଯୋଗ ଦିଆଯାଉଛି । ଏହାର ଆହୁରି ପ୍ରମାଣ ପାକିସ୍ତାନରେ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଏକ ପ୍ରମୁଖ ବୈଠକ ହେବା ଦ୍ୱାରା ସାମ୍ନାକୁ ଆସିଛି । ଏହି ବୈଠକ ନଭେମ୍ବର ୬ ତାରିଖରେ ପାକିସ୍ତାନର ପଞ୍ଜାବର ବାହାୱଲପୁରରେ ହୋଇଥିଲା । ଲସ୍କରର ଉପମୁଖ୍ୟ ସୈଫୁଲ୍ଲା କସୁରୀଙ୍କୁ ବୈଠକରେ ଅନେକ ଜୈଶ କମାଣ୍ଡରଙ୍କ ସହ ବସିଥିବାର ଦେଖାଯାଇଥିଲା ।

## ସ୍ୱଦେଶ ଫ୍ଲାଗସିପ୍ ଷ୍ଟୋରରେ ଭାରତୀୟ କଳାକାର

ମୁମ୍ବାଇ: ରିଲାଏନ୍ସ ଫାଉଣ୍ଡେସନର ପ୍ରତିଷ୍ଠାତା ଓ ଅଧ୍ୟକ୍ଷା ନୀତା ଅମ୍ବାନୀ ମୁମ୍ବାଇର ଇରୋସରେ ସ୍ୱଦେଶ ଫ୍ଲାଗସିପ୍ ଷ୍ଟୋରରେ ଭାରତୀୟ କଳାକାର ଏବଂ କାରିଗରମାନଙ୍କୁ ସମ୍ମାନିତ କରିବା ପାଇଁ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଏହି ଅବସରରେ ସେ ସ୍ୱଦେଶର ଏକ ମୟୂର ନୀଳ ବନାରସୀ ଶାଢ଼ି ପିନ୍ଧିଥିଲେ, ଯେଉଁଥିରେ ସୁକ୍ଷ୍ମ ମୀନା କାରିଗରୀ ଏବଂ ପାରମ୍ପରିକ କଡୁଆ ବୁଣା ଶୈଳୀ ରହିଥିଲା । ଏହି ଅବସରରେ ମନୀଷ ମାଲହୋତ୍ରାଙ୍କ ଦ୍ୱାରା ଡିଜାଇନ୍ କରାଯାଇଥିବା ବ୍ଲାଉଜରେ ପୋଲକି ବର୍ଡର, ହାତରେ ଦେବୀଦେବତାଙ୍କ ଚିତ୍ର କରାଯାଇଥିବା ବଟନ୍ ଏବଂ ତାଙ୍କ ବ୍ୟକ୍ତିଗତ ସଂଗ୍ରହରୁ ଚୟନ କରାଯାଇଥିବା ଭିଣ୍ଟେଜ୍ ସ୍ୱାଇନେଲ୍ ଟାସେଲ୍ ଥିଲା । ୧୦୦ ବର୍ଷରୁ ଅଧିକ ପୁରୁଣା ଏଣ୍ଟିକ କୁନ୍ଦନ ପୋଲକି କାନଫୁଲ, ସ୍ୱଦେଶର ଏକ ହାତ ତିଆରି ଷ୍ଟଡେଡ୍ ପକ୍ଷୀ ମୁଦି ଏବଂ ତାଙ୍କ ମାଆଙ୍କଠାରୁ ଉତ୍ତରାଧିକାରରେ ପ୍ରାପ୍ତ ଏକ ଐତିହ୍ୟ ହାଥଫୁଲ ଦ୍ୱାରା ତାଙ୍କ ପରିପାଟୀକୁ ଆହୁରି ଅଧିକ ସମୃଦ୍ଧ କରିଥିଲା । ଏହି ହାଥଫୁଲ ପରିବାରର ଏକ ଅମୂଲ୍ୟ ଐତିହ୍ୟ ।

ନୀତା ଅମ୍ବାନୀ ବହୁ-ପିଢ଼ି ଧରି କଳା ସହିତ ଜଡିତ ହୋଇ ରହିଥିବା ସଫଳ ଓ ଶ୍ରେଷ୍ଠ ଜାତୀୟ ପୁରସ୍କାର-ବିଜେତା କାରିଗରମାନଙ୍କ ସହିତ ଯୋଗ ଦେଇଥିଲେ । ଏହି ଶ୍ରେଷ୍ଠ କାରିଗରମାନଙ୍କ ମଧ୍ୟରେ ରହିଥିଲେ ଟାଙ୍ଗାଇଲ ଏବଂ ଜାମଦାନୀ ବୁଣା ପାଇଁ ପ୍ରସିଦ୍ଧ ୨୦୨୧ ରେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ବୀରେନ ବସକ, ୨୦୧୯ ରେ ଶିଳ୍ପ ଗୁରୁ ପୁରସ୍କାର ଏବଂ ୨୦୧୧ରେ ଜାତୀୟ ପୁରସ୍କାରରେ ସମ୍ମାନିତ ତାଞ୍ଜୋର ଚିତ୍ରଶିଳ୍ପୀ ଭି. ପନ୍ନିରସେଲଭମ୍, ସପ୍ତମ ପିଢ଼ିର ମିନିଏଚର ଚିତ୍ରଶିଳ୍ପୀ ଏବଂ ୨୦୧୪ରେ ଜାତୀୟ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶମ୍ଭି ବନ୍ନୁ ଶର୍ମା, ପ୍ରସିଦ୍ଧ ପୈଠାନୀ ବସ୍ତ୍ର ଡିଜାଇନର ଓ ହସ୍ତତନ୍ତ ପୁନରୁଦ୍ଧାରକାରୀ ଘନଶ୍ୟାମ ସରୋଡ ଏବଂ ଓଡ଼ିଶା ଇକ୍କତ ବସ୍ତ୍ର ଶିଳ୍ପୀ ଓ ୨୦୨୪ରେ ଜାତୀୟ ପୁରସ୍କାର ବିଜୟିନୀ ଗୁଞ୍ଜନ ଜୈନ । ସ୍ୱଦେଶର ମାଷ୍ଟର୍ସ ପାଭିଲିୟନ ଭାରତର ପ୍ରସିଦ୍ଧ ଜାତୀୟ ପୁରସ୍କାର ବିଜେତା ମାଷ୍ଟର କାରିଗରମାନଙ୍କର ସର୍ବୋତ୍ତମ ସୃଷ୍ଟିକୁ ଏକତ୍ରିତ କରିଛି ଯାହା ମଧ୍ୟରୁ ପ୍ରତ୍ୟେକଟି ଅନେକ ପିଢ଼ିର ଦକ୍ଷତା, ନିଷ୍ଠା ଏବଂ ସୂକ୍ଷ୍ମ ହସ୍ତଶିଳ୍ପ ଦ୍ୱାରା ଆକୃତିପ୍ରାପ୍ତ ହୋଇଛି ।

## ୧୮୦୦ ଫ୍ଲାଇଟ ଚଳାଚଳ କଲା ଇଣ୍ଡିଗୋ

ନୂଆଦିଲ୍ଲୀ : ଫ୍ଲାଇଟ ଅଚଳାବସ୍ଥାକୁ ନେଇ ଇଣ୍ଡିଗୋ କମ୍ପାନି ପକ୍ଷରୁ ଏକ ଅପଡେଟ୍ ଜାରି କରାଯାଇଛି । କମ୍ପାନି ପକ୍ଷରୁ କୁହାଯାଇଛି ଯେ ଧୀରେ ଧୀରେ ବିମାନ ଚଳାଚଳ କ୍ଷେତ୍ରରେ ସ୍ୱାଭାବିକ ଅବସ୍ଥା ଫେରୁଛି । ସୋମବାର ପ୍ରାୟ ୧୮୦୨ଟି ଫ୍ଲାଇଟ ନିର୍ଦ୍ଧାରିତ ସମୟରେ ଚଳାଚଳ କରିଛି । ଏସବୁ ଫ୍ଲାଇଟ ମଧ୍ୟରୁ ୯୦% ଠିକ ସମୟରେ ଚଳାଚଳ କରିଛି । ତେବେ କମ୍ପାନି ସ୍ପଷ୍ଟ କରିଛି ଯେ ଚାପ ଏବଂ କର୍ମଚାରୀ ସମସ୍ୟା ଯୋଗୁଁ ୫୦୦ଟି ବିମାନ ବାତିଲ କରାଯାଇଛି । କମ୍ପାନୀ ଦାବି କରିଛି ଯେ ଗ୍ରାଉଣ୍ଡ ଷ୍ଟାଫ୍ ଠାରୁ ଆରମ୍ଭ କରି ବୈଷୟିକ ଦଳ ପର୍ଯ୍ୟନ୍ତ ସମସ୍ତ ବିଭାଗ ଯାତ୍ରୀଙ୍କ ଅସୁବିଧାକୁ କମ କରିବା ପାଇଁ ଅକ୍ଲାନ୍ତ ପରିଶ୍ରମ କରୁଛନ୍ତି । ଡିସେମ୍ବର ୧ ରୁ ୭ ମଧ୍ୟରେ ୫୮୬,୭୦୫ ଟି ବୁକିଂ ବାତିଲ କରାଯାଇଥିଲା ଏବଂ ମୋଟ ୫୬୯.୬୫ କୋଟି ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି ବୋଲି କମ୍ପାନି କହିଛି । ନଭେମ୍ବର ୨୧ ରୁ ୭ ଡିସେମ୍ବର ମଧ୍ୟରେ ମୋଟ ୯୫୫,୫୯୧ ଟି ପିଏନଆର ବାତିଲ କରାଯାଇଛି, ଯାହା ପାଇଁ ମୋଟ ୮୨୭ କୋଟି ଟଙ୍କା ଫେରସ୍ତ ପ୍ରଦାନ କରାଯାଇଛି । ଲଗେଜ୍ ସଙ୍କଟ ସମ୍ପର୍କରେ, ବିମାନ କମ୍ପାନୀ କହିଛି ଯେ ୯,୦୦୦ ଟି ବ୍ୟାଗେଜର ଅଧା, କିମ୍ବା ୪,୫୦୦ ଟି ଯାତ୍ରୀମାନଙ୍କୁ ପ୍ରଦାନ କରାଯାଇଛି ଏବଂ ଅବଶିଷ୍ଟ ବ୍ୟାଗେଜ୍ ଆଗାମୀ ୩୬ ଘଣ୍ଟା ମଧ୍ୟରେ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି ।



## ଗୋଆ ନାଇଟକ୍ଲବ ମାଲିକ ଫେରାର

ପାନାଜୀ : ଗୋଆର ଏକ ନାଇଟ୍ କ୍ଲବରେ ହୋଇଥିବା ଭୟଙ୍କର ଅଗ୍ନିକାଣ୍ଡ ସଂପର୍କରେ ଏକ ବଡ଼ ଖବର ଆସୁଛି । କ୍ଲବର ମାଲିକ ଲୁଥ୍ରା ଭାଇମାନେ ଦେଶଛାଡ଼ି ଫେରାର ହୋଇଯାଇଛନ୍ତି । ସୂଚନା ଅନୁସାରେ ସେମାନେ ଥାଇଲାଣ୍ଡର ଫୁକେଟକୁ ପଳାୟନ କରିଛନ୍ତି । କ୍ଲବ୍ର ଜେନେରାଲ ମ୍ୟାନେଜରଙ୍କ ସମେତ ଚାରି ଜଣ କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ଗିରଫ କରାଯାଇଛି । ଏହା ସହିତ ପୁଲିସ ଲୁଥ୍ରା ଭାଇ- ଗୌରବ ଓ ସୌରଭ ଲୁଥ୍ରାଙ୍କ ବିରୋଧରେ ଓ୍ୱାରେଣ୍ଟ ଓ ଲୁକଆଉଟ ସର୍କୁଲାର ଜାରି କରିଥିଲା । କିନ୍ତୁ ସେମାନେ ଇଣ୍ଡିଗୋ ବିମାନରେ ଥାଇଲାଣ୍ଡ ଫେରାର ହୋଇଯାଇଛନ୍ତି । ଗୋଆ ପୋଲିସ ସୂତ୍ର ଅନୁଯାୟୀ, ଅଗ୍ନିକାଣ୍ଡ ଘଟିବା ରାତିରେ ହିଁ ଗୌରବ ଓ ସୌରଭ ଲୁଥ୍ରା ମୁମ୍ବାଇରୁ ଥାଇଲ୍ୟାଣ୍ଡ ପଳାଇ ଯାଇଥିଲେ । ସେମାନେ ଇଣ୍ଡିଗୋ ବିମାନରେ ଫୁକେଟ୍ ଯାଇଥିଲେ । ଜଣେ ବରିଷ୍ଠ ପୁଲିସ ଅଧିକାରୀ କହିଛନ୍ତି, "ସୌରଭ ଏବଂ ଗୌରବ ଲୁଥ୍ରାଙ୍କୁ ଯଥାଶୀଘ୍ର ଗିରଫ କରିବା ପାଇଁ ଗୋଆ ପୁଲିସ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (CBI) ମାଧ୍ୟମରେ ଇଣ୍ଟରପୋଲ୍ ସହାୟତା ନେବାକୁ ପଦକ୍ଷେପ ନେଇଛି । ସୂଚନାଯୋଗ୍ୟ ଯେ, ଶନିବାର ରାତିରେ ଗୋଆର ଆରପୋରାରେ ଥିବା ନାଇଟକ୍ଲବ 'ବାର୍ଚ୍ ବାଇ ରୋମିଓ ଲେନ'ରେ ଏହି ଅଗ୍ନିକାଣ୍ଡ ଘଟିଥିଲା ।

## ଜାପାନରେ ୭.୬ ତୀବ୍ରତାର ଭୂମିକମ୍ପ, ସୁନାମୀ ଆଶଙ୍କା


ଟୋକିଓ: ସୋମବାର ରାତିରେ ଜାପାନରେ ଏକ ବଡ଼ ଧରଣର ଭୂମିକମ୍ପ ଆସିଛି । ରିକ୍ଟର ସ୍କେଲରେ ଏହି ଭୂମିକମ୍ପର ତୀବ୍ରତା ୭.୬ ଥିଲା । ଏହା ପରେ ପ୍ରଶାସନ ପକ୍ଷରୁ ସୁନାମୀ ସତର୍କତା ଜାରି କରାଯାଇଛି । ଜାପାନ ପାଣିପାଗ ସଂସ୍ଥା ଅନୁଯାୟୀ, ଭୂମିକମ୍ପର ତୀବ୍ରତା ରିକ୍ଟର ସ୍କେଲରେ ୭.୬ ମାପିଥିଲା । ଏହା ପରେ ଜାପାନର ଉତ୍ତର-ପୂର୍ବ ଉପକୂଳ ପାଇଁ ୩ ମିଟର ପର୍ଯ୍ୟନ୍ତ ସୁନାମି ଆସିପାରେ ବୋଲି ସତର୍କତା ଜାରି କରାଯାଇଛି । କର୍ତ୍ତୃପକ୍ଷ ଉପକୂଳବାସୀଙ୍କୁ ତୁରନ୍ତ ଉଚ୍ଚ ଭୂମିକୁ ସ୍ଥାନାନ୍ତର କରିବାକୁ ଅନୁରୋଧ କରିଛନ୍ତି । ହୋକ୍କାଇଡୋ, ଆଓମୋରି ଏବଂ ଇୱାଟେ ପ୍ରାନ୍ତ ପାଇଁ ଏହି ଚେତାବନୀ ଜାରି କରାଯାଇଛି, ଯେଉଁଠାରେ ବିପଦ ସର୍ବାଧିକ । ଭୂମିକମ୍ପର କେନ୍ଦ୍ରସ୍ଥଳ ସମୁଦ୍ରକୂଳ ବୋଲି ରିପୋର୍ଟ କରାଯାଇଛି, କିନ୍ତୁ ଭୂମିକମ୍ପ ଏତେ ଶକ୍ତିଶାଳୀ ଥିଲା ଯେ ଲୋକମାନେ ଘରୁ ବାହାରକୁ ଆସିପାରିବେ ।

ସୋମବାର ରାତି ପ୍ରାୟ ୧୧.୧୫ ସମୟ (ଭାରତୀୟ ସମୟ ସଂଧ୍ୟା ୭.୪୫) ରେ ଭୂମିକମ୍ପ ଅନୁଭୂତ ହୋଇଥିଲା । ବିଳମ୍ବିତ ରାତିରେ ଲୋକମାନେ ଶୋଇ ଥିବାବେଳେ ଏହି ଭୂମିକମ୍ପ ଆସିଥିବାରୁ ଲୋକମାନେ ଭୟଭୀତ ହୋଇପଡ଼ିଥିଲେ ।

ଜେଏମଏ କହିଛି ଯେ ସମୁଦ୍ର ଅଶାନ୍ତ ଅଛି ଓ ଖୁବଶୀଘ୍ର ସୁନାମୀ ଆସିପାରେ । ଉତ୍ତର ଏବଂ ପୂର୍ବ ଜାପାନର ବହୁ ସ୍ଥାନରେ ଏହି ଭୂମିକମ୍ପ ଅନୁଭୂତ ହୋଇଥିଲା । ଏଜେନ୍ସି ଲୋକମାନଙ୍କୁ ବେଳାଭୂମିରୁ ଦୂରେଇ ରହିବା ଏବଂ ସୁରକ୍ଷିତ ସ୍ଥାନରେ ଆଶ୍ରୟ ନେବାକୁ ନିବେଦନ କରିଛି ।

## ଭାରତ ସରକାରଙ୍କ ଏଆଇ ମିସନକୁ ଆମାଜନ୍‌ର ସମର୍ଥନ

ନୂଆଦିଲ୍ଲୀ: ଭାରତ ସରକାରଙ୍କ ଏଆଇ ମିଶନ ପ୍ରତି ସମର୍ଥନ ଜଣାଇ ଆମାଜନ ପକ୍ଷରୁ ୨୦୩୦ ସୁଦ୍ଧା ସବୁ ଭାରତୀୟଙ୍କ ପାଖରେ ଆର୍ଟିଫିସିଆଲ ଇଂଟେଲିଜେନ୍ସ (ଏଆଇ) ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି । କମ୍ପାନି ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ କରିବା ପଥରେ ରହିଛି ଯାହା ଫଳରେ ୧୫ ନିୟୁତରୁ ଅଧିକ କ୍ଷୁଦ୍ର ବ୍ୟବସାୟ ପାଖରେ ଏଆଇର ଲାଭ ପହଞ୍ଚିପାରିବ । ୨୦୩୦ ସୁଦ୍ଧା ୪ ନିୟୁତସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟର ସଚେତନତା ପହଂଚାଇବାକୁ ଆମାଜନପ୍ରତିବଦ୍ଧ ରହିଛି ।ଆମାଜନ ଇଣ୍ଡିଆର କଂଟ୍ରି ମ୍ୟାନେଜର ସମିର କୁମାର କହିଛନ୍ତି ଯେ, ଯୁଗ ଯୁଗ ଧରି ଲୋକମାନଙ୍କୁ ପଛୁଆରଖିଥିବା ଭାଷା, ସାକ୍ଷରତା ଓ ସୁବିଧାର ପ୍ରତିବନ୍ଧକକୁ ଦୂର କରି ଭାରତରେ ଶ୍ରେଷ୍ଠ ସମାନତା ଆଣିବାର ସମ୍ଭାବନାଏଆଇ ପାଖରେ ରହିଛି । ଯେତେବେଳେ ତୃତୀୟ ଶ୍ରେଣୀ ସହରରେ ଛୋଟ ବ୍ୟବସାୟୀ ଏଆଇକୁ ବ୍ୟବହାର କରିକିଛି ମିନିଟ୍‌ରେ ପ୍ରଫେସନାଲ ଉତ୍ପାଦ ଲିଷ୍ଟିଂ କରିବେ, କିମ୍ବା ସରକାରୀ ସ୍କୁଲର ଜଣେ ଛାତ୍ର ସେହି କୌଶଳ ଶିଖିବେ ଯାହା ସେମାନଙ୍କ ପାଇଁ ନୂଆ କ୍ୟାରିୟର ଖୋଲିବ କିମ୍ବା ଗ୍ରାହକମାନେ ଟାଇପ୍ ନ କରି ନିଜ ଭାଷାରେ ସର୍ଫିକରିପାରିବେ ସେତେବେଳେ ପ୍ରଯୁକ୍ତିର ଲାଭ ପ୍ରକୃତରେ ସମସ୍ତଙ୍କ ପାଖରେ ପହଂଚିବ । ଆମେ ବ୍ୟାପକ ଭାବେଏଆଇ ଭିତ୍ତିଭୂମି ଓ ଟୁଲ୍ ଗଠନ କରୁଛୁ କାରଣ ଆମର ବିଶ୍ୱାସ ରହିଛି ଯେ ପ୍ରତି ଭାରତୀୟ ଏହି ରୂପାନ୍ତରଣରୁ



ଉପକୃତ ହେବା ଉଚିତ ଏବଂ ଏହାକୁ ବାସ୍ତବତାରେ ପରିଣତ କରିବା ଲାଗି ସରକାରଙ୍କ ଏଆଇ ମିସନକୁ ସମର୍ଥନ କରୁଥିବାରୁ ଆମେ ଗର୍ବିତ ।"୨୦୨୩ରେ ଆମାଜନ ପକ୍ଷରୁ ସ୍ଥାନୀୟ କ୍ଲାଉଡ୍ ଓ ଏଆଇ ଭିତ୍ତିଭୂମିରେ ୧୨.୭ ବିଲିୟନ ଡଲାର ନିବେଶ ଘୋଷଣାକରାଯାଇଥିଲା । ଭାରତରେ ଏଡବ୍ଲ୍ୟୁଏସ୍ ବ୍ୟାପକ ଗ୍ରାହକ ରହିଛନ୍ତି ଯାହା ଉଭୟ ଘରୋଇ ଓ ସରକାରୀ କ୍ଲାଏଟଙ୍କୁସେବା ଯୋଗାଉଛି । ଏଜେଂଟିକ୍ ଏଆଇ ଭବିଷ୍ୟତ ପାଇଁ କମ୍ପାନି କୁଶଳୀ ଶ୍ରମିକ ଗଠନ କରୁଛି । ୨୦୧୭ ପରଠାରୁଏଡବ୍ଲ୍ୟୁଏସ୍ ଭାରତରେ ୬.୨ ନିୟୁତରୁ ଅଧିକ ଲୋକଙ୍କୁ କୁଶଳି କରିପାରିଛି ।କ୍ଷୁଦ୍ର ବ୍ୟବସାୟୀଙ୍କ ପାଇଁ ଆମାଜନ ବିକାଶ କରିଥିବା ଟୁଲ୍‌ରେ ବିକ୍ରେତା ଆସିଷ୍ଟାଂଟ୍, ପରବର୍ତ୍ତୀ ପିଢ଼ିର ସେଲର୍‌ସେଂଟ୍ରାଲ୍, ଲିଷ୍ଟିଂ ପାଇଁ ଜେନ୍‌ଏଆଇ, କ୍ରିଏଟିଭ୍ ଷ୍ଟୁଡିଓ ଓ ଭିଡିଓ ପ୍ରସ୍ତୁତି ଭଳି ସୁବିଧା ରହିଛି ।ଆମାଜନ ୨୦୩୦ ସୁଦ୍ଧା ୪ ନିୟୁତ ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଖରେ ଏଆଇ ସାକ୍ଷରତା ଓ କ୍ୟାରିୟରସଚେତନତା ପହଂଚାଇବାକୁ ଲକ୍ଷ୍ୟ ରଖିଛି । ଏଥିରେ ଏଆଇ ପାଠ୍ୟକ୍ରମ, ପ୍ରତ୍ୟକ୍ଷ ପରୀକ୍ଷାନିରୀକ୍ଷା, କ୍ୟାରିୟର ଟୁର ଓ ଶିକ୍ଷକ ତାଲିମ ଆଦିକୁ ସାମିଲ କରାଯାଇଛି ।

## କୁକୁର ଭୋକିବାରୁ ମହିଳାଙ୍କୁ ମାରିଦେଲେ, ୭ ବର୍ଷ ପରେ ଦୋଷୀ ସାବ୍ୟସ୍ତ

ନୂଆଦିଲ୍ଲୀ : ଭାରତୀୟ ବ୍ୟକ୍ତି ଜଣଙ୍କ ଜଣେ ଅଷ୍ଟ୍ରେଲୀୟ ମହିଳାଙ୍କୁ ଛୋଟିଆ କାରଣ ପାଇଁ ୨୦୧୮ ରେ ହତ୍ୟା କରିଥିଲେ । ୭ ବର୍ଷ ତଳେ ମହିଳାଙ୍କ ମୃତଦେହକୁ କ୍ୱିନସଲ୍ୟାଣ୍ଡ ସ୍ଥିତ ସମୁଦ୍ର କୂଳରୁ ଅଧା ପୋତା ହୋଇଥିବା ଅବସ୍ଥାରେ ମିଳିଥିଲା ।

ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଜଣେ ଭାରତୀୟ ବଂଶୋଦ୍ଭବ । ଅଷ୍ଟ୍ରେଲିଆର ଗୋଟିଏ କୋର୍ଟ ଏକଦା ନର୍ସ ଭାବେ କାମ କରୁଥିବା ବ୍ୟକ୍ତିଙ୍କୁ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ କରିଛନ୍ତି । ଏହି ଭାରତୀୟ ବ୍ୟକ୍ତି ଜଣଙ୍କ ଜଣେ ଅଷ୍ଟ୍ରେଲୀୟ ମହିଳାଙ୍କୁ ଛୋଟିଆ କାରଣ ପାଇଁ ୨୦୧୮ ରେ ହତ୍ୟା କରିଥିଲେ । ୭ ବର୍ଷ ତଳେ ମହିଳାଙ୍କ ମୃତଦେହକୁ କ୍ୱିନସଲ୍ୟାଣ୍ଡ ସ୍ଥିତ ସମୁଦ୍ର କୂଳରୁ ଅଧା ପୋତା ହୋଇଥିବା ଅବସ୍ଥାରେ ମିଳିଥିଲା ।

୨୦୧୮ ମସିହା ଅକ୍ଟୋବର ୨୨ରେ କାଇର୍ନସ ଠାରୁ ୪୦ କିମି ଦୂର ୱାଙ୍ଗେଟି ବିଚର ଗୋଟିଏ ପରିତ୍ୟକ୍ତ ସ୍ଥାନରୁ ଅଷ୍ଟ୍ରେଲୀୟ ମହିଳା ଟୋୟାହ କୋର୍ଡିଙ୍ଗଲେଙ୍କ ମୃତଦେହକୁ ଅଧା ପୋତା ହୋଇଥିବା ଅବସ୍ଥାରେ ଉଦ୍ଧାର କରାଯାଇଥିଲା । ଅଧିକାରୀଙ୍କ କହିବା କଥା ଭାରତୀୟ ବଂଶୋଦ୍ଭବ ରାଜୱିନ୍ଦର ସିଂହ ଘଟଣା ଦିନ ପତ୍ନୀଙ୍କ ସହ ଝଗଡ଼ା କରି ସମୁଦ୍ର କୂଳକୁ ଯାଇଥିଲେ । ଏହି ସମୟରେ ସେ ନିଜ ସହ କିଛି ଫଳ ଓ ରୋଷେଇ ଘରେ ବ୍ୟବହୃତ ଛୁରୀକୁ ନେଇଥିଲେ ।



ଫାର୍ମାସୀ ଭାବେ କାମ କରୁଥିବା କୋର୍ଡିଙ୍ଗଲେ ଠିକ ଏହି ସମୟରେ ନିଜ କୁକୁର ସହ ସମୁଦ୍ର କୂଳରେ ବୁଲୁଥିଲେ । ରାଜୱିନ୍ଦର ସେଠାରେ ପହଞ୍ଚିବା କ୍ଷଣି କୋର୍ଡିଙ୍ଗଲେଙ୍କ କୁକୁର ତାଙ୍କୁ ଭୋକିବାକୁ ଲାଗିଥିଲା । ଏଥିରେ ପତ୍ନୀଙ୍କ ସହ ଝଗଡ଼ା କରିଥିବା ଶ୍ରୀ ସିଂହ ପୂରା ରାଗି ଯାଇଥିଲେ । ଏହାକୁ ନେଇ ରାଜୱିନ୍ଦର ଓ କୋର୍ଡିଙ୍ଗଲେଙ୍କ ମଧ୍ୟରେ ପ୍ରବଳ ଯୁକ୍ତିତର୍କ ହୋଇଥିଲା ।

ଏହି ସମୟରେ ଶ୍ରୀ ସିଂହ ନିଜ ପାଖରେ ରଖିଥିବା ଛୁରୀ ଦ୍ୱାରା କୋର୍ଡିଙ୍ଗଲେଙ୍କୁ ଆକ୍ରମଣ କରିଥିଲେ । କୋର୍ଡିଙ୍ଗଲେ ଘଟଣା ସ୍ଥଳରେ ପ୍ରାଣ ହରାଇବାରୁ ତାଙ୍କୁ ସେହି ଠାରେ ହିଁ ଅଧା ଅଧୁରା ଭାବେ ପୋତି ଦେଇ ଶ୍ରୀ ସିଂହ ଫେରାର ହୋଇଯାଇଥିଲେ । ନିକଟସ୍ଥ ଗଛରେ ସେ କୋର୍ଡିଙ୍ଗଲେଙ୍କ କୁକୁରକୁ ବି ବାନ୍ଧି ଦେଇଥିଲେ ।

ଆଜି କାଇର୍ନସ ସୁପ୍ରିମକୋର୍ଟ ରାୟ ଶୁଣାଇବା ବେଳେ କୋର୍ଡିଙ୍ଗଲେଙ୍କ ବାପା ସେଠାରେ ଉପସ୍ଥିତ ରହିଥିଲେ । ସେ ପୂରା ରାଗି ଯାଇ ରାଜୱିନ୍ଦରଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିଥିଲେ । ତେବେ ଶ୍ରୀ ସିଂହ ପୂରା ଶାନ୍ତର ସହ ଛିଡ଼ା ହୋଇଥିଲେ ।

ହତ୍ୟାର ୨ ଦିନ ପରେ ଶ୍ରୀ ସିଂହ ଅଷ୍ଟ୍ରେଲିଆ ଛାଡ଼ି ଦେଇଥିଲେ । ନିଜର ଚାକିରି ସହ ପତ୍ନୀ ଓ ୩ ପିଲାଙ୍କ କଥା ଚିନ୍ତା ନ କରି ସେ ଭାରତ ଚାଲି ଆସିଥିଲେ । ପ୍ରାୟ ୪ ବର୍ଷ ଧରି ତାଙ୍କର କୌଣସି ଖୋଜ ଖବର ମିଳି ନଥିଲା । ଏପରି କି ସେ ପରିବାର ଲୋକଙ୍କ ସହ ମଧ୍ୟ ୪ ବର୍ଷ ହେଲା କୌଣସି ଯୋଗାଯୋଗ କରି ନଥିଲେ ।

ସେପଟେ ହତ୍ୟାକାଣ୍ଡର ୩ ସପ୍ତାହ ପରେ ହିଁ ପୁଲିସ୍ ଶ୍ରୀ ସିଂହଙ୍କ କାରର ଉପସ୍ଥିତି ଓ କୋର୍ଡିଙ୍ଗଲେଙ୍କ ମୋବାଇଲ ଫୋନ ଲୋକେସନକୁ ଯାଞ୍ଚ କରି ପୂରା ଘଟଣାର ମୂଳରେ ପହଞ୍ଚିଥିଲା । ଶ୍ରୀ ସିଂହଙ୍କୁ ପୁଲିସ୍ ମୁଖ୍ୟ ଅଭିଯୁକ୍ତ ଦର୍ଶାଇଥିଲାଛ ହେଲେ ତାଙ୍କର କୌଣସି ଖୋଜ ଖବର ମିଳି ନଥିଲା । ଏଥିପାଇଁ କ୍ୱିନସଲ୍ୟାଣ୍ଡ ପୁଲିସ୍ ୧ ମିଲିୟନ ଅଷ୍ଟ୍ରେଲୀୟ ଡଲାର ପୁରସ୍କାର ବାବଦରେ ଘୋଷଣା କରିଥିଲା ।

୨୦୨୨ ନଭେମ୍ବର ମାସରେ ଦିଲ୍ଲୀ ପୋଲିସର ସ୍ପେଶାଲ ସେଲ ପକ୍ଷରୁ ଶ୍ରୀ ସିଂହଙ୍କୁ ଦିଲ୍ଲୀର ଗୋଟିଏ ଗୁରୁଦ୍ୱାରରୁ ଗିରଫ କରାଯାଇଥିଲା । ୨୦୨୩ରେ ଭାରତ ପକ୍ଷରୁ ତା'କୁ ଅଷ୍ଟ୍ରେଲିଆକୁ ପ୍ରତ୍ୟର୍ପଣ କରାଯାଇଥିଲା । ୨୦୨୪ରୁ ଶୁଣାଣି ଆରମ୍ଭ ହୋଇଥିବା ବେଳେ ଆଜି ଶ୍ରୀ ସିଂହ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ଆସନ୍ତାକାଲି କୋର୍ଟ ତାଙ୍କୁ ଦଣ୍ଡବିଧାନ କରିବେ ।

# ବାରବାଟୀରେ ମହାଲଢ଼େଇ

କଟକ/ଭୁବନେଶ୍ୱର, ୮।୧୨ (ସବ୍ୟୁ): ପ୍ରତୀକ୍ଷାର ଅନ୍ତ ହେବାକୁଯାଉଛି । ଭାରତ ଓ ଦ.ଆଫ୍ରିକା ମଧ୍ୟରେ ୫ ମ୍ୟାଚରେ ବିଶିଷ୍ଟ ଟି-୨୦ ଶୃଙ୍ଖଳାର ପ୍ରଥମ ମ୍ୟାଚ ମଙ୍ଗଳବାର ବାରବାଟୀରେ ଖେଳାଯିବ । ଏହି ମ୍ୟାଚ ପାଇଁ ଉଭୟ ଦଳ ନିଜ ନିଜର ପ୍ରସ୍ତୁତି ଶେଷ କରିସାରିଛନ୍ତି । କେବଳ ଆହ୍ୱାନକୁ ଅପେକ୍ଷା ରହିଛି । ମଙ୍ଗଳବାର ୭.୧୫ରେ ମ୍ୟାଚ ଆରମ୍ଭ ହେବ । ଦର୍ଶକ ଏହି ମ୍ୟାଚର ସିଧା ପ୍ରସାର ଷ୍ଟାର ନେଟୱର୍କ ଓ ଜିଓ ହର୍ଟଷ୍ଟାରରେ ଦେଖିବାକୁ ପାଇବେ । ବାରବାଟୀ ଟି-୨୦କୁ ସଫଳ କରିବା ପାଇଁ ଓସିଏ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ହୋଇଛି । କଡ଼ା ସୁରକ୍ଷାବଳୟ ଭିତରେ ଉଭୟ ଦଳ ବାରବାଟୀ ଆସି ସ୍ଥିତି ପରଖିଛନ୍ତି । ଏହି ଷ୍ଟାଡିୟମରେ ଦ.ଆଫ୍ରିକା ଦଳ ଖେଳିଥିବା ଦୁଇଟିଯାକ ଟି-୨୦ରେ ଭାରତକୁ ଧରାଶାୟୀ କରିଥିଲା । ଏଦୃଷ୍ଟିରୁ ଦ.ଆଫ୍ରିକା ପାଇଁ ବାରବାଟୀ ଲକ୍କି ଭେନ୍ୟୁ । ଦ.ଆଫ୍ରିକା ବାରବାଟୀରେ ତୃତୀୟ ମ୍ୟାଚ ଖେଳିବାକୁ ଯାଉଛି । ତେଣୁ ଭାରତକୁ ଏହି ମ୍ୟାଚ ଜିତିବା ଏତେ ସହଜ ହେବ ନାହିଁ ।

ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ବିଶ୍ୱକପ୍ ପ୍ରସ୍ତୁତି ବାରବାଟୀରୁ ଆରମ୍ଭ କରିଛି । ଶୁଭମନ ଗିଲ ଓ ହାର୍ଦ୍ଦିକ ପାଣ୍ଡ୍ୟା ଫିଟ୍ ହୋଇ ଦଳକୁ ଫେରିଛନ୍ତି । ପିଚ ଦ୍ରୁତ ବୋଲରଙ୍କୁ ସୁହାଇବ ବୋଲି ଆଶା କରାଯାଉଛି । ଯଦି ଏହା ହୁଏ ତେବେ ୱାଶିଂଟନ ସୁନ୍ଦରଙ୍କ ସ୍ଥାନରେ ଶିବମ ଦୁବେଙ୍କୁ ସୁଯୋଗ ମିଳିବ । ଗିଲଙ୍କ ପ୍ରତ୍ୟାବର୍ତ୍ତନ ଯୋଗୁଁ ଓପନିଂ ସ୍ଲଟ୍ ଚୂଡାନ୍ତ ବୋଲି କୁହାଯାଉଛି । କାରଣ ଅଭିଶେକ ଶର୍ମାଙ୍କ ସହ ଗିଲ ଇନିଂସ ଓପନ କରିପାରନ୍ତି । ସୂର୍ଯ୍ୟ କୁମାର ଯାଦବ ଓ ତିଲକ ବର୍ମା ତୃତୀୟ ଓ ଚତୁର୍ଥ ସ୍ଥାନରେ ଖେଳିବେ । ଏମାନଙ୍କ ପଛକୁ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଓ ଶିବମ ଦୁବେ ପଡ଼ିଆକୁ ଓହ୍ଲାଇବେ । ଜିତେଶ ଶର୍ମା ୱିକେଟକିପର ଭାବେ ଏହି ମ୍ୟାଚ ଖେଳିପାରନ୍ତି । ତେବେ ଜିତେଶ କିମ୍ବା ସଞ୍ଜୁ ସାମସନଙ୍କୁ ଜଣେ ଚୂଡାନ୍ତ ଏକାଦଶରେ ଖେଳିବେ । ସେହିପରି ଅକ୍ଷର ପଟେଲ ଓ କୁଲଦୀପ ଯାଦବ ସ୍ପିନ ବିଭାଗ ସମ୍ଭାଳିବେ । ଯଶପ୍ରୀତ ଓ ଅଶୀଦୀପ ସିଂ ଦ୍ରୁତ ବୋଲିଂ ବିଭାଗ ସମ୍ଭାଳିବେ । ଏହି ମ୍ୟାଚର ଚୂଡାନ୍ତ ଏକାଦଶରେ ହର୍ସିତ ରାଣା ଓ ହର୍ସଦୀପ ସିଂଙ୍କ ମଧ୍ୟରେ କିଏ ସ୍ଥାନ ପାଇବ ସେ ନେଇ ଦ୍ୱନ୍ଦ୍ୱ ରହିବ ସେ ନେଇ ସ୍ଥାନ ପାଇଛି ।

## ବାରବାଟୀରେ ଭଲ ନାହିଁ ଭାରତର ରେକର୍ଡ

ବାରବାଟୀରେ ଭାରତ ଖେଳିଥିବା ଟି-୨୦ ମ୍ୟାଚରେ ପ୍ରଦର୍ଶନ ଆଦୌ ଭଲ ନାହିଁ । ପୂର୍ବରୁ ଖେଳାଯାଇଥିବା ୩ଟି ଅନ୍ତର୍ଜାତୀୟ ଟି-୨୦ରୁ ଭାରତ ଦୁଇଟି ହାରିଛି ଭାରତ ଗୋଟିଏ ଜିତିଛି । ୨୦୧୫ରେ ଦ.ଆଫ୍ରିକା ସହିତ ପ୍ରଥମ ଟି-୨୦ ମ୍ୟାଚ ଭାରତ ଖେଳିଥିଲା । ଏହି ମ୍ୟାଚରେ ଦ.ଆଫ୍ରିକା ୬ ୱିକେଟରେ ଜିତିଥିଲା । ସେହିଭଳି ୨୦୨୨ ଜୁନରେ ଖେଳାଯାଇଥିବା ଟି-୨୦ରେ ଦ.ଆଫ୍ରିକା ୪ ୱିକେଟରେ ଜିତିଥିଲା । ତେଣୁ ଭ୍ରମଣକାରୀ ଦଳ ବାରବାଟୀରେ ଦୁଇଥର ଭାରତକୁ ହରାଇ ସାରିଛି । ମୋଟ୍ ଉପରେ



ଫଟୋ -ନାରାୟଣ ସିହ୍ନା

## ବାରବାଟୀରେ ସୁପର ଫ୍ୟାନ

ବାରବାଟୀ ଟି-୨୦ ମ୍ୟାଚ ପାଇଁ ସଚିନ ତେନ୍ଦୁଲକରଙ୍କ ସୁପର ଫ୍ୟାନ ସୁଧୀର କୁମାର ଚୌଧୁରୀ ଏବଂ ମହେନ୍ଦ୍ର ସିଂ ଧୋନୀଙ୍କ ପ୍ରଶଂସକ ରାମ ବାବୁ ବାରବାଟୀ ଆସିଛନ୍ତି । ଉଭୟଙ୍କୁ ଭାରତୀୟ ଦଳର ଅଭ୍ୟାସ ସେସନରେ ଦେଖିବାକୁ ମିଳିଥିଲା । ହାତରେ ତ୍ରିରଙ୍ଗା ପତାକା ଧରି ଦୁହେଁ ଉପସ୍ଥିତ ଥିଲେ । ମଝିରେ ମଝିରେ ସୁଧୀରଙ୍କ ଶଙ୍ଖ ନାଦ ବାରବାଟୀର ମାହୋଲକୁ ସରଗରମ କରୁଥିଲା । କ୍ରିକେଟରୁ ସଚିନ ତେନ୍ଦୁଲକର ଓ ମହେନ୍ଦ୍ର ସିଂ ଧୋନୀ ଅବସର ନେଇସାରିଥିଲେ ମଧ୍ୟ ଉଭୟଙ୍କ ସୁପରଫ୍ୟାନ ଦୁଇ କ୍ରିକେଟ୍ କିମ୍ବଦନ୍ତୀଙ୍କୁ ଦର୍ଶକଙ୍କ ଗ୍ରହଣଙ୍କ ସ୍ମରଣୀୟ କରି ରଖିଛି । ଭାରତୀୟ ଦଳର ଅଭ୍ୟାସ ଦେଖିବାକୁ ଆସିଥିବା ବହୁ ପ୍ରଶଂସକ ଉଭୟ ରାମବାବୁ ଓ ସୁଧୀରଙ୍କ ସହ ସେଲଫି ନେଇଥିଲେ ।



# ୩ ଘଣ୍ଟା ଝାଳ ବୁହାଇଲେ ଖେଳାଳି

ଦିନକ ଆଗରୁ ବାରବାଟୀ ଲଢ଼େଇ ପାଇଁ ଭାରତ ଓ ଦ.ଆଫ୍ରିକା ଦଳର ଖେଳାଳି ଭୁବନେଶ୍ୱର ପହଞ୍ଚିଥିଲେ । ଉଭୟ ଦଳର ଖେଳାଳି ହୋଟେଲ ମେ ଫେୟାରରେ ରହିଛନ୍ତି । ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ ଭାରତୀୟ ଦଳ ପାଖା ପାଖି ସାଢ଼େ ୧୨ଟା ବେଳେ ବାରବାଟୀରେ ପହଞ୍ଚିଥିଲା । ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ଗଣମାଧ୍ୟମକୁ ସମ୍ବୋଧିତ କରିବା ପାଇଁ ପ୍ରେସ କନଫରେନ୍ସରେ ଯୋଗଦେଇଥିଲେ । ଅନ୍ୟ ଖେଳାଳିଙ୍କ ସହ ଅଫିସିଆଲ ଗ୍ରାଉଣ୍ଡକୁ ଯାଇଥିଲେ । ଗଣମାଧ୍ୟମ ସହ ଆଲୋଚନା ପରେ ଅଭ୍ୟାସ ସେସନକୁ ଯାଇଥିଲେ ସୂର୍ଯ୍ୟ କୁମାର । ଅପରାହ୍ଣ ୧.୩୦ରୁ ୪.୩୦ ପର୍ଯ୍ୟନ୍ତ ଭାରତୀୟ ଖେଳାଳି ୩ ଘଣ୍ଟା ଝାଳ ବୁହା ଅଭ୍ୟାସ କରିଥିଲେ । ବାରବାଟୀର ମ୍ୟାଚ ଖେଳାଯାଇଥିବା ପିଚର ପାଖରେ ଆଉ ଏକ ପିଚରେ ଭାରତୀୟ ଖେଳାଳି ବ୍ୟାଟିଂ ଓ ବୋଲିଂ ଅଭ୍ୟାସ କରିଥିଲେ । ଅଧିନାୟକ ସୂର୍ଯ୍ୟ କୁମାର ଯାଦବ, ସଞ୍ଜୁ ସାମସନ ଓ ଶୁଭମନ ଗିଲଙ୍କୁ ଓସିଏର ଖେଳାଳିମାନେ ନେଟ୍ସରେ ବୋଲିଂ କରିଥିଲେ । ଏହି ୩ ଖେଳାଳି ଅଧଘଣ୍ଟାରୁ ଅଧିକ ସମୟ ବ୍ୟାଟିଂ ଅଭ୍ୟାସ କରିଥିଲେ । ତେବେ ଏକ ଅଭ୍ୟାସ ସେସନରେ ଏକ ବ୍ୟତିକ୍ରମ ଦେଖିବାକୁ ମିଳିଥିଲା । ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟା ଅଭ୍ୟାସ କରିବାକୁ ଆସିନଥିଲେ । କିନ୍ତୁ ଶୁଭମନ ଗିଲ ଦୀର୍ଘ ସମୟ ଅଭ୍ୟାସ ସେସନରେ ଥିଲେ । ତେବେ ଆଗୁଆ ଭୁବନେଶ୍ୱର ଆସିଥିବା ହାର୍ଦ୍ଦିକ ପାଣ୍ଡ୍ୟା ଦିନକ ଆଗରୁ ବାରବାଟୀ ଗସ୍ତ କରି ଏକାକୀ ଅଭ୍ୟାସ କରିଥିଲେ । ପିଚକୁ ପରଖି ଥିଲେ । ଅଭ୍ୟାସ ସେସନରେ ସ୍ପିନର କୁଲଦୀପ ଯାଦବ, ଅକ୍ଷର ପଟେଲ, ୱାଶିଂଟନ ସୁନ୍ଦର, ଅର୍ଶଦୀପ ସିଂ, ଯଶପ୍ରୀତ ବୁମରା, ହର୍ସିତ ରାଣା, ବରୁଣ ଚକ୍ରବର୍ତ୍ତୀ ବୋଲିଂ ଅଭ୍ୟାସ କରିଥିଲେ ।

## ଅଭ୍ୟାସ ବେଳେ ମ୍ୟାଚର ଭ୍ରମ

କଟକରେ କ୍ରିକେଟର କ୍ରେଜ ଢ଼େର ଅଧିକ । ଏହା ଦେଖିବାକୁ ମିଳିଛି ଭାରତ-ଦ.ଆଫ୍ରିକା ମ୍ୟାଚର ଦିନକ ପୂର୍ବରୁ ଅଭ୍ୟାସ ସେସନରେ । ଯେତେବେଳେ ଭାରତୀୟ ଖେଳାଳି ଅଭ୍ୟାସ ଆରମ୍ଭ କଲେ ସେତେ ବେଳେ ଗ୍ୟାଲେରୀରେ ଦର୍ଶକଙ୍କ ସଂଖ୍ୟା ବଢ଼ିବାରେ ଲାଗିଲା । ୬,୭,୧ ଓ ୩ ନମ୍ବର ଗ୍ୟାଲେରୀକୁ ଦର୍ଶକଙ୍କ ପାଇଁ ଖୋଲି ଦିଆଯାଇଥିଲା । ମୁଖ୍ୟ ମ୍ୟାଚ ଦେଖିବା ପାଇଁ ଟିକେଟ ପାଇନଥିବା ହଜାର ହଜାର ଦର୍ଶକ ଭାରତୀୟ ଦଳର ଅଭ୍ୟାସ ସେସନରେ ନିଜ ପସନ୍ଦର ଖେଳାଳିଙ୍କୁ ଦେଖିବା ପାଇଁ ବାରବାଟୀ ଧାଇଁ ଆସିଥିଲେ । ୧୫,୦୦୦ରୁ ଊର୍ଦ୍ଧ୍ୱ ଦର୍ଶକ ୪ଟି ଗ୍ୟାଲେରୀରେ ଭାରତ ଓ ଦ.ଆଫ୍ରିକା ଖେଳାଳିଙ୍କ କ୍ରୀଡା ଅଭ୍ୟାସର ମଜା ନେଇଥିଲେ ।

# ବଦଳିବନି ଟିମ୍ କମ୍ବିନେସନ: ସୂର୍ଯ୍ୟ କୁମାର

ଭୁବନେଶ୍ୱର,୮।୧୨(ସବ୍ୟୁ): ଭାରତ-ଦ.ଆଫ୍ରିକା ଟି-୨୦ ଲଢ଼େଇ ପାଇଁ ବାରବାଟୀ ପ୍ରସ୍ତୁତ ଅଛି । ଆଉ କେଇ ଘଣ୍ଟାର ଅପେକ୍ଷା ପରେ ବାରବାଟୀ ମହାସମର ବିଗୁଲ ବାଜିବ । ତେବେ ମ୍ୟାଚ ପୂର୍ବରୁ ଦଳର ପ୍ରସ୍ତୁତି ସମ୍ପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି ସୂର୍ଯ୍ୟ କୁମାର ଯାଦବ । ଉପଅଧିନାୟକ ଶୁଭମନ ଗିଲ୍ ଶୃଙ୍ଖଳା ପୂର୍ବରୁ ଆହତ ଥିଲେ । ତେଣୁ ଟି-୨୦ରେ ଅଭିଶେଖ ଶର୍ମାଙ୍କ ସହ ସଞ୍ଜୁ ସାମସନ ଇନିଂସ ଓପନ କରିବେ ବୋଲି କୁହାଯାଉଥିଲା । ଏସମ୍ପର୍କରେ ଅଧିନାୟକ ସୂର୍ଯ୍ୟ କୁମାର ଯାଦବ ସାମ୍ବାଦିକ ସମ୍ମିଳନୀରେ ଖୋଲାଖୋଲି ଭାବେ ଉତ୍ତର ରଖିଛନ୍ତି । ସୂର୍ଯ୍ୟ କୁମାର କହିଛନ୍ତି ଦଳରେ ଶୁଭମନ ଅଛନ୍ତି । କିନ୍ତୁ ଖେଳିବ କି ନାହିଁ ତାହା ସମୟ କହିବ । ଶୁଭମନ ଜଣେ ଭଲ ଖେଳାଳି । ଦଳରେ ତାଙ୍କ ପ୍ରତ୍ୟାବର୍ତ୍ତନ ଟିମ୍ କମ୍ବିନେସନକୁ ମଜଭୁତ କରିବ । ସେ ଟପ ଅର୍ଡରରେ ସୁଯୋଗ ପାଇବାକୁ ହକଦାର । ସଞ୍ଜୁ ସାମସନଙ୍କ ପୂର୍ବରୁ ତାଙ୍କୁ ବ୍ୟାଟିଂ କରିବାକୁ ସୁଯୋଗ ମିଳୁଥିବାରୁ ସୂର୍ଯ୍ୟ ଏହାକୁ ଯଥାର୍ଥ ବୋଲି କହିଛନ୍ତି । ଅଷ୍ଟ୍ରେଲିଆ ବିପକ୍ଷ ଟି-୨୦ ଶୃଙ୍ଖଳାରୁ ସାମସନ ବାଦ ପଡ଼ିଥିଲେ ହେଁ ସେ ଟିମ୍ ମ୍ୟାନେଜମେଣ୍ଟର ଯୋଜନା ମଧ୍ୟରେ ରହିଥିବା ସୂର୍ଯ୍ୟ ସୂଚନା ଦେଇଛନ୍ତି । ଅଭିଶେଖ ଶର୍ମାଙ୍କ ଓପନିଂ ପାର୍ଟନର ଭାବେ ସାମସନଙ୍କ ସ୍ଥାନ ଚୂଡାନ୍ତ ଏକାଦଶରେ ସଶକ୍ତ ବୋଲି କୁହାଯାଉଛି । ଗତ ଏସିଆକପରେ ଶୁଭମନ ଗିଲ ଉପଅଧିନାୟକ ଥିବାରୁ ସାମସନଙ୍କୁ ଓପନିଂ ସ୍ଲଟ ଛାଡିବାକୁ ପଡିଥିଲା । ସଞ୍ଜୁଙ୍କ କଥା ବିଚାରକୁ ନେଲେ ସେ ଟି-୨୦ ଫର୍ମାଟକୁ ଆସିବା କ୍ଷଣି ତାଙ୍କୁ ଟପ ଅର୍ଡରରେ ବ୍ୟାଟିଂ କରିବାର ସୁଯୋଗ ମିଳିଥିଲା । ତେବେ କଥା ହେଉଛି ଯେ ଓପନିଂ ବ୍ୟତୀତ ମୁଁ ଭାବୁଛି ସମସ୍ତେ ସବୁ ସ୍ଥାନରେ ଖେଳିବା ଦରକାର । ଏଦୃଷ୍ଟିରୁ ଶୁଭମନ ଏଶୃଙ୍ଖଳାରେ ଓପନିଂ ସ୍ଥାନ ପାଇବାକୁ ହକଦାର ବୋଲି ସୂର୍ଯ୍ୟ କୁମାର କହିଛନ୍ତି । ପରୋକ୍ଷରେ ସେ ସୂଚନା ଦେଇଛନ୍ତି ବାରବାଟୀ ମ୍ୟାଚରେ ଅଭିଶେକ ଶର୍ମାଙ୍କ ସହ ଗିଲ ହିଁ ଇନିଂସ ଓପନ କରିପାରନ୍ତି ।



କାକର ସମସ୍ୟାକୁ ନେଇ ସୂର୍ଯ୍ୟ କୁମାରଙ୍କ ଉତ୍ତର ବେଶ ରୋଚକ ଥିଲା । କାକର କମ ପଡୁ କିମ୍ବା ବହୁତ ବେଶି । ଆମକୁ ମ୍ୟାଚ ଖେଳିବାକୁ ହେବ । ଦଳରେ ଢ଼େର ଅଭିଜ୍ଞ ଖେଳାଳି ଅଛନ୍ତି । ତେଣୁ କାକର ସମସ୍ୟାକୁ କିଭଳି ସାମ୍ନା କରାଯାଉ ସମସ୍ତଙ୍କୁ ଊଣା ଅଧିକେ ଜଣା ଅଛି । ଆମେ ମୈଦାନ ଛାଡିବୁ ନାହୁଁ । ଲଢ଼ିବାକୁ ଆସିଛୁ । ଟି-୨୦ ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ୧୦ଟି ଟି-୨୦ ମ୍ୟାଚ ଖେଳିବ । ଟି-୨୦ ବିଶ୍ୱକପ୍ ଆରମ୍ଭ ହେବାକୁ ଆଉ ଦୁଇ ମାସ ବାକି ଅଛି । ଏହା ପୂର୍ବରୁ ଭାରତ ଦ.ଆଫ୍ରିକା ବିପକ୍ଷ ୫ଟି ଓ ନ୍ୟୁଜିଲାଣ୍ଡ ବିପକ୍ଷରେ ୫ଟି ଏପରି ମୋଟ୍ ୧୦ଟି ମ୍ୟାଚ ଖେଳିବ । ଏହି ମ୍ୟାଚ ଗୁଡ଼ିକର ପ୍ରଦର୍ଶନ ଆଧାରରେ ବିଶ୍ୱକପ ପାଇଁ ଭାରତୀୟ ଦଳ ଚୟନ ହେବ । ତେବେ ମୁଁ ଯାହା ଭାବୁଛି ବିଶ୍ୱକପ ଦଳର ବିଶେଷ କିଛି ପରିବର୍ତ୍ତନ ହେବ ନାହିଁ । କାରଣ ବର୍ତ୍ତମାନ ଯେଉଁ ଦଳ ଖେଳୁଛି ସେଥିରେ ଢ଼େର ଅଭିଜ୍ଞ ଖେଳାଳି ଅଛନ୍ତି । ସାମାନ୍ୟ ପରିବର୍ତ୍ତନକୁ ଛାଡି ଦେଲେ ଦଳ ଏକ ପ୍ରକାର ଅପରିବର୍ତ୍ତିତ ରହିବା ଦରକାର ବୋଲି ସୂର୍ଯ୍ୟ କହିଛନ୍ତି ।

ସଞ୍ଜୁ ସାମସନ ଯେକୌଣସି ସ୍ଥାନରେ ବ୍ୟାଟିଂ କରିବାକୁ ପ୍ରସ୍ତୁତ ଅଛନ୍ତି । କେବଳ ଯେତିକି ନୁହେଁ, ପାଣ୍ଡ୍ୟା, ଦୁବେ ଅଲରାଉଣ୍ଡର ଦ୍ୱୟଙ୍କୁ ତୁଳନା କରିବା ଠିକ୍ ନୁହେଁ, ବାରବାଟୀରେ ବହୁ ପୂର୍ବରୁ ଘରୋଇ କ୍ରିକେଟ ଖେଳିବାର ଅନୁଭୂତି ରହିଛି । ସେହିଭଳି କୁହୁଡି ଉପରେ କାହାର ନିୟନ୍ତ୍ରଣ ନାହିଁ । ନିଜର ପ୍ରସ୍ତୁତି ନୁହେଁ ବୋଲି ସୂର୍ଯ୍ୟ କୁମାର କହିଛନ୍ତି ।

# ଡିଏମଏକ୍ସ ଲାଇଟିଂ ସିଷ୍ଟମ

ଭାରତରେ ଇଡେନଗାଡେନ ପରେ ଦ୍ୱିତୀୟ ଷ୍ଟାଡିୟମ ଭାବେ ବାରବାଟୀରେ ଡିଏମଏକ୍ସ ଲାଇଟିଂ ସିଷ୍ଟମ ଆରମ୍ଭ ହୋଇଛି । ଏହି ସିଷ୍ଟମ ଦ୍ୱାରା ସମସ୍ତ ୮ଟି ଫ୍ଲଡଲାଇଟ ଟାୱାରକୁ ଗୋଟିଏ ସଫ୍ଟୱାୟାର ସହିତ ଯୋଡି ଯାଇଛି । କଣ୍ଟ୍ରୋଲ ରୁମରୁ ଲାଇଟ୍ ଗୁଡିକ ବନ୍ଦ ଓ ଆରମ୍ଭ କରାଯିବା ଭଳି ବ୍ୟବସ୍ଥା ରହିବ । ଖେଳ ଆରମ୍ଭ ପୂର୍ବରୁ ମ୍ୟୁଜିକ ତାଳେ ତାଳେ ଲାଇଟ ଗୁଡିକ ଜଳିବ ଓ ଲିଭିବ । ଦର୍ଶକଙ୍କୁ ଲାଇଟରେ ବିଭିନ୍ନ ଲେଖା ପ୍ରଦର୍ଶନ କରାଯାଇ ମନୋରଞ୍ଜନ । ଯୋଗାଇବା ଭଳି ଯୋଜନା କରାଯାଇଛି । ଲାଇଟ୍ ଗୁଡିକ ପରୀକ୍ଷାମୂଳକ ଭାବେ ଡେମୋ କରାଯାଇଥିଲା ।

ମ୍ୟାଚ ପାଇଁ ଟ୍ରାଫିକ୍ କଟକଣା ଜାରି ହୋଇଛି । ମଙ୍ଗଳବାର ହେବାକୁ ଥିବା ଟି-୨୦ ମ୍ୟାଚ ପାଇଁ ସୋମବାର ଠାରୁ ଯାତାଯତରେ କଟକଣା ଲାଗୁ ଯାଇଛି । ଜନସାଧାରଣ ଓ କଟକଣା ପରୀକ୍ଷା ପାଇଁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦଆଯାଇଛି ।



# ନାଲିମାଟି ପିଚ୍‌ରେ ମ୍ୟାଚ

ଭାରତ-ଦ.ଆଫ୍ରିକା ମ୍ୟାଚ ପାଇଁ ବାରବାଟୀରେ ନାଲି ମାଟିର ପିଚ ପ୍ରସ୍ତୁତ କରିଛି ଓସିଏ । ପଡ଼ିଆର ମଧ୍ୟଭାଗରେ ମୋଟ୍ ୮ଟି ପିଚ ରହିଛି । ଏଥିରେ ୬ଟି କଳାମାଟିର ପିଚ ଓ ଦୁଇଟି ନାଳି ମାଟିର ପିଚ ରହିଛି । ସାଧାରଣତଃ ନାଳି ମାଟିର ପିଚରେ ବଲ ଭଲ ବାଉନ୍ସ ହୋଇଥାଏ । ତେଣୁ ବ୍ୟାଟରଙ୍କୁ ଖେଳିବା ପାଇଁ ସହାୟକ ହୋଇଥାଏ । ଦ୍ରୁତ ବୋଲର ମଧ୍ୟ ଭଲ ଫାଇଦା ପାଇଥାନ୍ତି । ଏଦୃଷ୍ଟିରୁ ଭାରତ-ଦ.ଆଫ୍ରିକା ମ୍ୟାଚ ହାଇସ୍କୋରିଂ ହେବ ବୋଲି ଆଶା କରାଯାଉଛି ।





# କାକର ସମସ୍ୟା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

ବିଗତ ମ୍ୟାଚ ଗୁଡିକରେ କାକର ସମସ୍ୟା ଦେଖିବାକୁ ମିଳିଛି । ଗତ ଦିନିକିଆ ଶୃଙ୍ଖଳାର ୩ଟି ଯାକ ମ୍ୟାଚ ରାଞ୍ଚି, ରାୟପୁର ଓ ବିଶାଖାପଟନମରେ ଖେଳାଯାଇଥିଲା । ଏହି ୩ଟି ଯାକ ମ୍ୟାଚରେ କାକର ସମସ୍ୟା ଉପୁଜି ଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଦଳ ପାଇଁ ଦ୍ୱିତୀୟରେ ବୋଲିଂ କରିବା ବଡ ଜଟିଳ ଥିଲା । ଅବଶ୍ୟ ଭାରତ ଏହି ଶୃଙ୍ଖଳା ଜିତି ସବୁ ଅସୁବିଧାକୁ ପଛରେ ପକାଇ ଦେଇଛି । ଏହାକୁ ଦୃଷ୍ଟିରେ ରଖି ବାରବାଟୀରେ ଉଭୟ ଦଳ ଟସ ଜିତିଲେ ପ୍ରଥମେ ବୋଲିଂ କରିବାକୁ ପସନ୍ଦ କରିବେ । ତେଣୁ ଉଭୟ ଦଳ ପାଇଁ ଟସ ଗୁରୁତ୍ୱପୂର୍ଣ୍ଣ ରହିବ । ଏତଦ ବ୍ୟତୀତ କାକର ସମସ୍ୟାକୁ ଏଡାଇବା ପାଇଁ ଓଡ଼ିଶା କ୍ରିକେଟ୍ ଆସୋସିଏସନ୍ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି । ମ୍ୟାଚ ପୂର୍ବରୁ ଘାସ ଉପରେ କେମିକାଲ ସ୍ପ୍ରେ କରାଯିବ । ଫଳରେ କାକର ଘାସରେ ଆଉ ଲାଗି ରହିବ ନାହିଁ । ବଲ ଓଦା ହେବାର ସମ୍ଭାବନା କମିଯିବ ।



# ଆଇସିସି ଟି୨୦ ବିଶ୍ୱକପ ପୂର୍ବରୁ ଓହରିଲା ଜିଓ ହଟଷ୍ଟାର

ନୂଆଦିଲ୍ଲୀ,୮।୧୨(ଏଜେନ୍ସି): ଆଇସିସି ଟି୨୦ ବିଶ୍ୱକପ ପୂର୍ବରୁ ଏହାର ମୁଖ୍ୟ ବ୍ରଡକାଷ୍ଟର ଜିଓ ହଟଷ୍ଟାର ପଛକୁ ହଟିଛି । ପ୍ରଚୁର କ୍ଷତି ହେଉଥିବାରୁ କମ୍ପାନୀ ଏହି ନିଷ୍ପତି ନେଇଛି । ଆଇସିସି ଏବେ ନୂତନ ବ୍ରଡକାଷ୍ଟର ସନ୍ଧାନରେ ରହିଛି । ସୋନୀ, ନେଟଫ୍ଲିକ୍ସ ଓ ଆମାଜନ ପ୍ରାଇମ ଭିଡିଓ ସହ ଆଇସିସି ଯୋଗାଯୋଗ କରିଥିବା ବେଳେ ସେମାନେ ରାଜି ହେଉ ନାହାନ୍ତି । ୨୦୨୩ରେ ଆଇସିସି ୪ ବର୍ଷ ପାଇଁ ଜିଓ ହଟଷ୍ଟାରକୁ ପ୍ରସାରଣ ରାଇଟ୍ସ ପ୍ରଦାନ କରିଥିଲଶ । ଏ ବାବାଦକୁ ଜିଓ ୨୫୦୦୦ କୋଟି ଦେବ ବୋଲି ଚୂଡାନ୍ତ ହୋଇଥିଲା । ତେବେ ଜିଓ ଏହି କ୍ରିକେଟ କଭରେଜରୁ ୧୨ ୩୧୯ କୋଟି ଟଙ୍କାର କ୍ଷତି ସହି ସାରିଛି । ଡ୍ରିମ ଇଲେଭେନ ପରି ଗେମିଂ ଆପ ବନ୍ଦ ହେବା ଯୋଗୁ ବିଜ୍ଞାପନ ରାଜସ୍ୱ ମଧ୍ୟ କମି ଯାଇଥିଲା । ସୋନୀ ଏସୀୟ କ୍ରିକେଟ ପରିଷଦ, ନ୍ୟୁଜିଲାଣ୍ଡ କ୍ରିକେଟ ଓ ଇଂଲଣ୍ଡ ବୋର୍ଡର ରାଇଟ୍ସ ହାସଲ କରିଥିଲେ ମଧ୍ୟ ଆଇସିସି ଚୁକ୍ତିରୁ ଦୂରେଇ ରହିଛି । ଆଇସିସି ଟି୨୦ ବିଶ୍ୱକପ ଫେବୃୟାରୀ ୮ରୁ ଆରମ୍ଭ ହେବ । ଏହାକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜିତ କରୁଛନ୍ତି ।

# ଟିକେଟ କଳାବଜାରୀ ଅଭିଯୋଗରେ ୪ ଗିରଫ

କଟକ ବାରବାଟୀ ଷ୍ଟାଡିୟମରେ ମଙ୍ଗଳବାର ଖେଳାଯିବାକୁ ଥିବା ଭାରତ-ଦକ୍ଷିଣ ଆଫ୍ରିକା ଟି-୨୦ ଅନ୍ତର୍ଜାତୀୟ କ୍ରିକେଟ୍ ମ୍ୟାଚ୍ ପାଇଁ ଟିକେଟ୍ କଳାବଜାରୀ ଅଭିଯୋଗରେ ଚାରି ଜଣଙ୍କୁ ଗିରଫ କରାଯାଇଛି । ବିଡାନାସୀ ଥାନା ଅଧିକାରୀମାନେ ଚଢ଼ା ଦରରେ ବିକ୍ରି ହେଉଥିବା ୧୨ଟି ଟିକେଟ୍ ଜବତ କରିଛନ୍ତି । ଯେତେବେଳେ କି ସହରର ଦରଘା ବଜାର ଥାନା ଅଞ୍ଚଳରୁ ୯ଟି ଟିକେଟ୍ ଜବତ କରାଯାଇଛି । ସୂତ୍ର ଅନୁଯାୟୀ ଗିରଫଦାରୀ ସମୟରେ ଉଦ୍ଧାର ହୋଇଥିବା ପ୍ରିଣ୍ଟେଡ୍ ଟିକେଟ୍ ସହିତ ମ୍ୟାଚ୍ ଏଣ୍ଟ୍ରି ପାସ୍ ମଧ୍ୟ ଜବତ କରାଯାଇଛି । ଘଟଣା ସମ୍ପର୍କରେ ଦୁଇଟି ଥାନାରେ ଚାରୋଟି ପୃଥକ ମାମଲା ରୁଜୁ କରାଯାଇଛି ବୋଲି ସେମାନେ କହିଛନ୍ତି । କଟକ ଡିସିପି ଖିଲାରୀ ଋଷିକେଶ ଜ୍ଞାନଦେଓ କହିଛନ୍ତି ଯେ ଟିକେଟ୍ କଳାବଜାରୀରେ ସମ୍ପୃକ୍ତ ଲୋକଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି ।

## ଜମିଲାଣି ବେପାର

ଭାରତ-ଦ.ଆଫ୍ରିକା ମ୍ୟାଚ ପାଇଁ ବାରବାଟୀ ନବବଧୂ ପରି ସଜେଇ ହୋଇଛି । ଦୂରଦୂରାନ୍ତରୁ ଆସିଥିବା ବହୁ ବ୍ୟବସାୟୀ ଷ୍ଟାଡିୟମରେ ଆଖପାଖରେ ନିଜର ପସରା ମେଲାଇ ଦେଇଛନ୍ତି । ଭାରତୀୟ ଦଳରେ ବିରାଟ କୋହଲି ଓ ରୋହିତ ଶର୍ମା ନାହାନ୍ତି । ତଥାପି ସେମାନଙ୍କ ଲକ୍କି ନମ୍ବର ଥିବା ଜର୍ସି ଢ଼େର ସଂଖ୍ୟାରେ ବିକ୍ରି ହେଉଛି । ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ମୁମ୍ବାଇ, କୋଲକାତା ଓ ବିଶାଖାପଟନମରୁ ଆସିଥିବା ବ୍ୟବସାୟୀମାନେ ଭାରତୀୟ ଦଳର ଜର୍ସିକୁ ଦେଢ଼ ଶହରୁ ୨୦୦ ଟଙ୍କାରେ ବିକ୍ରି କରୁଛନ୍ତି । ବହୁ ସଂଖ୍ୟାରେ ଦର୍ଶକ ଜର୍ସି କିଣିବା ପାଇଁ ଆଗ୍ରହ ଦେଖାଇଛନ୍ତି । ତେଣୁ ମ୍ୟାଚର ଦିନକ ଆଗରୁ ମ୍ୟାଚ ଦିନର ଭ୍ରମ ସୃଷ୍ଟି ହୋଇଛି ।

ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / ଶ୍ରଦ୍ଧାଞ୍ଜଳି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭାରତ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ ୭୯୭୮୫୩୩୧୨୪ / ଇମେଲ୍:classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ ୭୯୭୮୫୩୩୧୨୪ରେ ଯୋଗାଯୋଗ କରନ୍ତୁ ।

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra,ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି